# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୬/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 16/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 84 | ମୂଲ୍ୟ ₹୭/-


## ମହାକୁମ୍ଭ: ଗାଡ଼ି ଦୁର୍ଘଟଣାରେ ୧୪ ମୃତ

**ପ୍ରୟାଗରାଜ,୧୫।୨**

ବିଶ୍ୱର ସର୍ବବୃହତ୍ ମହାକୁମ୍ଭ ମେଳାକୁ ଆସୁଥିବା କିମ୍ବା ଫେରୁଥିବା ଶ୍ରଦ୍ଧାଳୁମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ରାତିରେ ପ୍ରୟାଗରାଜର ମେଜା ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଏକ ବୋଲେରୋ ଓ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କାହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗୁଜରାଟରେ ଅନ୍ୟ ଏକ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଛି। ମିଳିଥିବା ସୂଚନା ଅନୁସାରେ, ଛତିଶଗଡ଼ର କୋର୍ବା ଜିଲାରୁ ୧୦ ଜଣ ଶ୍ରଦ୍ଧାଳୁ ଏକ ବୋଲେରୋରେ କୁମ୍ଭମେଳାରେ ବୁଡ଼ ପକାଇବାକୁ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବୋଲେରୋର ସମସ୍ତ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ବସ୍‌ର କେତେଜଣ ଯାତ୍ରୀ ଆହତ ହୋଇଥିବା ଡିସିପି ବିବେକଚନ୍ଦ୍ର ଯାଦବ କହିଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଚାଇନା ଆଗୁଆ

# ରୋକି ହେଉନାହିଁ ବାଲ୍ୟବିବାହ

## ୬ବର୍ଷରେ ଅଧିକାର ହରାଇଛନ୍ତି ୮,୧୫୯ ନାବାଳିକା

**ରାଜ୍ୟରେ ବାଲ୍ୟବିବାହ ରୋକିବା ପାଇଁ ୨୦୦୬ରୁ ବାଲ୍ୟବିବାହ ନିରୋଧ ଆଇନ କାର୍ଯ୍ୟ କରୁଛି। ୧୮ବର୍ଷରୁ କମ୍ କିଶୋରୀ ଏବଂ ନାବାଳିକାଙ୍କ ବିବାହ ବେଆଇନ। ଏହା ମାଧ୍ୟମରେ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଉନ୍ନତ ଜୀବନଶୈଳୀ ଅଧିକାରକୁ ସୁନିଶ୍ଚିତ କରାଯାଇଛି। ତେଣୁ ବାଲ୍ୟବିବାହ ରୋକିବା ନିମନ୍ତେ ଦଣ୍ଡବ୍ୟବସ୍ଥା କରାଯିବା ସହ ସରକାରୀସ୍ତରରେ ଏବଂ ସାମାଜିକ ଅନୁଷ୍ଠାନ ଜରିଆରେ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ବାଲ୍ୟବିବାହ ବନ୍ଦ ହୋଇପାରୁ ନାହିଁ। ନାବାଳିକାଙ୍କ ଇଚ୍ଛା ବିରୋଧରେ ସେମାନଙ୍କ ଅଧିକାରକୁ କ୍ଷୁଣ୍ଣ କରି ବିବାହ ବନ୍ଧନରେ ବାନ୍ଧି ଦିଆଯାଉଛି। ଶନିବାର ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ତଥ୍ୟ ଅନୁସାରେ ଗତ ୬ବର୍ଷରେ ରାଜ୍ୟରେ ୮,୧୫୯ ବାଲ୍ୟବିବାହ ହୋଇଛି। ନବରଙ୍ଗପୁର ଜିଲାରେ ସର୍ବାଧିକ ୧,୩୪୭ ବୋଲି ତଥ୍ୟରୁ ଜଣାପଡ଼ିଛି। ଅସଚେତନତା, ପୁରୁଣା ମାନସିକତା ଏବଂ ଦୁର୍ବଳ ଆର୍ଥିକସ୍ଥିତି ବାଲ୍ୟବିବାହର ପ୍ରମୁଖ କାରଣ ବୋଲି ସାମାଜିକ କର୍ମୀ ମତପ୍ରକାଶ କରିଛନ୍ତି।**



**ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)**

ବିଧାନସଭାର ବଜେଟ ଅଧିବେଶନର ତୃତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ଲିଖିତ ସୂଚନା ଅନୁଯାୟୀ, ୨୦୧୯ରୁ ୨୦୨୫ ମଧ୍ୟରେ ମୋଟ ୮ ହଜାର ୧୫୯ ବାଲ୍ୟବିବାହ ହୋଇଛି। ସେଥିମଧ୍ୟରୁ ନବରଙ୍ଗପୁର ଜିଲାରେ ସର୍ବାଧିକ ୧,୩୪୭ ବାଲ୍ୟବିବାହ ହୋଇଛି। ଦ୍ୱିତୀୟ ସ୍ଥାନରେ ଗଞ୍ଜାମ ଜିଲା ରହିଥିବାବେଳେ, ଏଠାରେ ୯୬୬ ବାଲ୍ୟ ବିବାହ ହୋଇଛି। ସେହିପରି କୋରାପୁଟରେ ୬୩୬, ମୟୂରଭଞ୍ଜରେ ୫୯୪, ରାୟଗଡାରେ ୪୦୮, ବାଲେଶ୍ୱରରେ ୩୬୧, କେନ୍ଦୁଝରରେ ୩୨୮, ନୟାଗଡ଼ ଓ କନ୍ଧମାଳରେ ୩୦୮ ଲେଖାଏ, କଟକରେ ୧୫୪ ବାଲ୍ୟବିବାହ ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ଖୋର୍ଦ୍ଧା ଜିଲା ମଧ୍ୟ ଏହି ତାଲିକାରୁ ବାଦ୍ ପଡିନାହିଁ। ଏଠାରେ ଗତ ୬ବର୍ଷ ମଧ୍ୟରେ ୧୧୦ ବାଲ୍ୟବିବାହ ହୋଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ତେବେ ସରକାର ବାଲ୍ୟବିବାହକୁ ରୋକ ଲଗାଇବା ପାଇଁ ବ୍ଲକସ୍ତରରେ, ଅଙ୍ଗନୱାଡିରେ ସଚେତନତା କାର୍ଯ୍ୟକ୍ରମ ସହିତ ପ୍ରତି ୩ମାସରେ ବ୍ଲକ, ଗ୍ରାମପଞ୍ଚାୟତସ୍ତରରେ ସଚେତନତା ସଭା କରାଯାଉଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସିଡିପିଓ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ୱାର୍ଡେନ୍/ମାଟ୍ରନ ଅଫ୍ ରେସିଡେନ୍ସିଆଲ୍ ହଷ୍ଟେଲଗୁଡ଼ିକୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ସୂଚିତ କରାଯାଇଛି। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ/ଉଚ୍ଚଶିକ୍ଷା ☞ପୃଷ୍ଠା–୪

# ବନ୍ଦ ଘରୁ ବାପା, ଝିଅ, ନାତିଙ୍କ ମୃତଦେହ ଜବତ

## ମୃତ୍ୟୁର କାରଣ ଅସ୍ପଷ୍ଟ

**ଢେଙ୍କାନାଳ,୧୫।୨(ରତନ ନାୟକ)**

ଢେଙ୍କାନାଳ ଜିଲା ସଦର ଥାନା ଚାଉଳିଆ ଖମାର ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ବନ୍ଦ ଘରର ଦୁଇଟି ପ୍ରକୋଷ୍ଠରୁ ବାପା, ଝିଅ ଓ ନାତିଙ୍କ ମୃତଦେହ ଜବତ କରାଯାଇଛି। ବୁଧବାରଠାରୁ ୩ଜଣ ଯାକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଘର ଭିତରେ ଦୁର୍ଗନ୍ଧ ହେବାରୁ ଶନିବାର ଅପରାହ୍ନ ୨ଟା ପରେ ଘଟଣା ପଦାକୁ ଆସିଥିଲା। ଖବରପାଇ ସଦର ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଛି। ମୃତକମାନେ ହେଲେ ଗ୍ରାମର ଶଙ୍କର୍ଷଣ ଦାସ (୭୦), ଝିଅ ସୁବର୍ଣ୍ଣ ଦାସ(୪୦) ଓ ☞ପୃଷ୍ଠା–୪










**ମହାକୁମ୍ଭରେ ୭ ତମ୍ବୁ ଜଳିଗଲା**

ପ୍ରୟାଗରାଜ ମହାକୁମ୍ଭ ମେଳା ସ୍ଥଳରେ ଶନିବାର ପୁଣି ନିଆଁ ଲାଗି ୭ଟି ଟେଣ୍ଟ ଜଳିଯାଇଛି। ସେକ୍ଟର ୧୮ ଏବଂ ୧୯ ମଧ୍ୟଭାଗରେ ଏହି ନିଆଁ ଲାଗିଥିବାବେଳେ ଅଗ୍ନିଶମ ବିଭାଗ ଏହାକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ପୂର୍ବରୁ ୪ ଥର ମହାକୁମ୍ଭ ସ୍ଥଳରେ ନିଆଁ ଲାଗିଥିଲା।

## ସଂକ୍ଷେପରେ

### ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗ

## ୩ ସରକାରୀ କର୍ମଚାରୀ ବହିଷ୍କୃତ

ଶ୍ରୀନଗର, ୧୫।୨

ଆତଙ୍କବାଦୀଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଶନିବାର ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା ୩ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି। ବହିଷ୍କୃତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ପୋଲିସ କନ୍‌ଷ୍ଟେବଲ ଫିରଦୌସ୍ ଅହମଦ ଭଟ୍ଟ, ଶିକ୍ଷକ ମହମଦ ଅଶ୍ରଫ ଭଟ୍ଟ ଏବଂ ବନ ବିଭାଗରେ କାର୍ଯ୍ୟରତ ଅର୍ଦ୍ଦଳୀ ନିସାର ଅହମଦ ଖାନ୍ ରହିଛନ୍ତି। ରାଜ୍ୟ ପୋଲିସ ଏବଂ ବିଭିନ୍ନ ଗୋଇନ୍ଦା ଏଜେନ୍ସିର ତଦନ୍ତ ପରେ ସମ୍ବିଧାନର ଧାରା ୩୧୧(୨) (ସି)ର ବ୍ୟବହାର କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅଧିକାରୀମାନେ କହିଛନ୍ତି। ସମ୍ପ୍ରତି ଏହି ୩ ବହିଷ୍କୃତ ସରକାରୀ କର୍ମଚାରୀ ଆତଙ୍କବାଦୀଙ୍କ ସହ ଜଡ଼ିତ ବିଭିନ୍ନ ମାମଲାରେ ଜେଲରେ ଅଛନ୍ତି। ପ୍ରକାଶ ଯେ, ୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ହଟାଯିବା ପରଠାରୁ ବର୍ତ୍ତମାନ ସୁଦ୍ଧା ୬୯ ଜଣ ସରକାରୀ କର୍ମଚାରୀଙ୍କୁ ଦେଶ ବିରୋଧୀ କାର୍ଯ୍ୟକଳାପ ଏବଂ ଆତଙ୍କବାଦୀଙ୍କ ଲିଙ୍କ୍‌ରେ ଜଡ଼ିତ ଥିବା ଦର୍ଶାଇ ଚାକିରିରୁ ବହିଷ୍କୃତ କରାଯାଇଛି।

## 'ଶିଶ୍‌ମହଲ' ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୫।୨

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସରକାରୀ ବାସଭବନ ୬ ଫ୍ଲାଗଷ୍ଟାଫ୍ ବଙ୍ଗଳାରେ ବ୍ୟୟବହୁଳ ନବୀକରଣ ଏବଂ ସେଥିରେ ମୂଲ୍ୟବାନ ସାମଗ୍ରୀ ସାମିଲ କରାଯିବା ଘଟଣାର ସବିଶେଷ ତଦନ୍ତ ପାଇଁ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ନିର୍ଦ୍ଦେଶ ଦେଇଛନ୍ତି। ୮ ଏକର ଜମି ଉପରେ ଏହି ଶିଶ୍‌ମହଲ ନିର୍ମାଣ ପାଇଁ ବିଲ୍ଡିଂ ନିୟମର ଜାରି ହୋଇଥିବା ଅଭିଯୋଗକୁ କେନ୍ଦ୍ରୀୟ ପୂର୍ତ୍ତ ବିଭାଗ (ସିପିଡବ୍ଲୁଡି) ତଦନ୍ତ କରିବ। କେଜ୍‌ରିୱାଲ୍‌ଙ୍କ ପୂର୍ବ ସରକାରୀ ବାସଭବନ ବେଆଇନ ଭାବେ ନିର୍ମାଣ ହୋଇଥିବା ନେଇ ଭାଜପା ନେତା ବିଜେନ୍ଦ୍ର ଗୁପ୍ତା ଗତବର୍ଷ ଅକ୍ଟୋବର ୧୪ରେ ସିଭିସି ନିକଟରେ ଅଭିଯୋଗ କରିଥିଲେ। ଏଥିପାଇଁ ରାଜପୁର ରୋଡ୍‌ର ୪୫ ଏବଂ ୪୭ ନମ୍ବର ପ୍ଲଟ୍‌କୁ ଏକାଠି କରାଯିବା ସହ ଫ୍ଲାଗ୍‌ଷ୍ଟାଫ୍ ରୋଡ୍‌ର ଦୁଇଟି ବଙ୍ଗଳାକୁ ଭଙ୍ଗାଯାଇ ଏହାକୁ ନୂଆ ବାସଭବନରେ ମିଶାଇ ଦିଆଯାଇଥିଲା, ଯାହା ଫ୍ଲୋର୍ ଏରିଆ ରେସିଓ (ଏଫ୍ଏଆର୍) ନିୟମାବଳୀର ଉଲ୍ଲଂଘନ ଏବଂ ଉପଯୁକ୍ତ ଲେ-ଆଉଟ୍ ପ୍ଲାନ୍ ମଞ୍ଜୁର ହୋଇ ନ ଥିବା ଗୁପ୍ତା ଅଭିଯୋଗ କରିଥିଲେ। ଏଥିସହିତ ବିଲ୍ଡିଂ ନିର୍ମାଣରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିଲା। କେଜ୍‌ରିୱାଲ ଉକ୍ତ ବାସଭବନରେ ବିଳାସପୂର୍ଣ୍ଣ ସୁବିଧା ସାମିଲ କରିବା ପାଇଁ କରଦାତାମାନଙ୍କ ବହୁ କୋଟି ଟଙ୍କା ବ୍ୟୟ କରିଥିଲେ ବୋଲି ଗୁପ୍ତା ଅଭିଯୋଗରେ ଦର୍ଶାଇଥିଲେ।

# ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କରୁ ୧୨୨ କୋଟି ଟଙ୍କା ହଡ଼ପ

ମୁମ୍ବାଇ, ୧୫।୨

ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଟ୍ରେଜେରିରୁ ୧୨୨ କୋଟି ଟଙ୍କା ହଡ଼ପ ଅଭିଯୋଗରେ ମୁମ୍ବାଇ ପୋଲିସ୍‌ର ଅର୍ଥନୈତିକ ଅପରାଧ ଶାଖା (ଇଓଏଫ୍) ଉକ୍ତ ବ୍ୟାଙ୍କର ପୂର୍ବତନ ଜେନେରାଲ ମ୍ୟାନେଜର (ଜିଏମ୍) ହିତେଶ ପ୍ରବୀନଚାନ୍ଦ ମେହେଟ୍ଟାଙ୍କ ନାଁରେ ମାମଲା ରୁଜୁ କରିଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) (ବ୍ୟାଙ୍କରଙ୍କ ଦ୍ୱାରା ଆସ୍ଥାର ଆପରାଧିକ ଉଲ୍ଲଂଘନ) ଏବଂ ୬୧(୨) (ଆପରାଧିକ ଷଡ଼ଯନ୍ତ୍ର)ରେ ମାମଲା ରୁଜୁ ହୋଇଛି।

ମେହେଟ୍ଟା ୨୦୨୦ରୁ ୨୦୨୫ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ୍‌ର ଦାଦର ଓ ଗୋରେଗାଁଓ ଶାଖା ପରିଚାଳନା ଦାୟିତ୍ୱରେ ଥିବାବେଳେ ପଦବୀର ଦୁରୁପଯୋଗ କରି ଆର୍ଥିକ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ବ୍ୟାଙ୍କର ମୁଖ୍ୟ ଆକାଉଣ୍ଟ ଅଫିସର ଦାଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମେହେଟ୍ଟାଙ୍କ ସହ ଅନ୍ୟ କେହି ସହଯୋଗୀ ଥିବା ପୋଲିସ ସନ୍ଦେହକରି ଅଧିକ ତଦନ୍ତ ପାଇଁ ଇଓଡବ୍ଲୁକୁ ଦାୟିତ୍ୱ ଦେଇଛି। ପରିଚାଳନାଗତ ତ୍ରୁଟିକୁ ନେଇ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଉଦ୍‌ବେଗ ପ୍ରକାଶ କରିବା ସହ ମୁମ୍ବାଇର ଏହି ବ୍ୟାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇଛି। ଉକ୍ତ ବ୍ୟାଙ୍କ ଋଣ ମଞ୍ଜୁର କରିବା କିମ୍ବା ନବୀକରଣ କରିବା, ସାନି ଜମା ଗ୍ରହଣ କରିବା କିମ୍ବା ଆର୍‌ବିଆଇର ବିନା ଅନୁମୋଦନରେ ଟଙ୍କା ପୈଠ କରିବା ଉପରେ କଟକଣା ଲଗାଇଛି। ଫେବୃଆରୀ ୧୩ରୁ ଲାଗିଥିବା ଏହି କଟକଣା ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହିତ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସକୁ ୧୨ ମାସ ପାଇଁ ବଦଳାଇବା ସହିତ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ପୂର୍ବତନ ଚିଫ୍ ଜେନେରାଲ ମ୍ୟାନେଜର ଶ୍ରୀକାନ୍ତଙ୍କୁ ଏହାର ଆଡମିନିଷ୍ଟ୍ରେଟର ନିଯୁକ୍ତ କରିଛି। ଶ୍ରୀକାନ୍ତ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କର ପରିଚାଳନା ତଦାରଖ କରିବେ। ତାଙ୍କୁ କାର୍ଯ୍ୟରେ ସହାୟତା ପାଇଁ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଛି। ସେଥିରେ ଏସ୍‌ବିଆଇର ପୂର୍ବତନ ଜିଏମ୍ ରବୀନ୍ଦ୍ର ସାପ୍ରା ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଭିଜିତ ଦେଶମୁଖ ସଦସ୍ୟ ରହିଛନ୍ତି।

ବ୍ୟାଙ୍କ ଜାଲିଆତି ଖବର ପ୍ରକାଶ ପାଇବା ପରେ ଜମାକାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଭୟଭୀତ ଜମାକାରୀମାନେ ସେମାନଙ୍କ ଟଙ୍କା ସୁରକ୍ଷିତ କି ନୁହେଁ ଏବଂ ତାହାକୁ ଉଠାଇପାରିବେ କି ନାହିଁ, ଜାଣିବା ପାଇଁ ଶୁକ୍ରବାରଠାରୁ ବ୍ୟାଙ୍କ୍ ଶାଖାରେ ଲାଇନ୍ ଲଗାଇଛନ୍ତି। ୨୦୨୪ ମାର୍ଚ୍ଚ ସୁଦ୍ଧା ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କର ୩୦ଟି ଶାଖା କାର୍ଯ୍ୟ କରୁଥିବାବେଳେ ଏହାର ଜମା ପରିମାଣ ୨,୪୩୬ କୋଟି ଟଙ୍କା ରହିଛି। ୧,୩୦,୦୦୦ ଜମାକାରୀ ଉକ୍ତ ବ୍ୟାଙ୍କରେ କାରବାର କରୁଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଉକ୍ତ ବ୍ୟାଙ୍କ ୨୨.୭୮ କୋଟି ଟଙ୍କା ଏବଂ ୨୦୨୨-୨୩ରେ ୩୦.୭୪ କୋଟି ଟଙ୍କା କ୍ଷତି ସହିଥିଲା। ଜମାକାରୀ ଟଙ୍କା ଉଠାଇବା ଉପରେ ୬ ମାସ ପାଇଁ ନିଷେଧାଦେଶ ଲାଗିଥିବାବେଳେ ଡିପୋଜିଟ୍ ଇନ୍‌ସ୍ୟୁରାନ୍ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେଶନ (ଡିଆଇସିଜିସି)ରେ ବୀମା ହୋଇଥିବାରୁ ଜମାକାରୀଙ୍କ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ସୁରକ୍ଷିତ। କଟକଣା ଜାରି ଅର୍ଥ ବ୍ୟାଙ୍କର ଲାଇସେନ୍ସ ରଦ୍ଦ ହୋଇନାହିଁ ବୋଲି ଆର୍‌ବିଆଇ କହିଛି।




### ପୂର୍ବତନ ଜିଏମ୍‌ଙ୍କ ନାଁରେ ମାମଲା

## ଆଉ ୩ ପଣବନ୍ଦୀଙ୍କୁ ମୁକ୍ତକଲା ହମାସ୍

କାଇରୋ/ଜେରୁଜେଲମ୍, ୧୫।୨

ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଶନିବାର ଆଉ ୩ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଛି। ଜଣେ ଆମେରିକୀୟଙ୍କ ସମେତ ୩ ପଣବନ୍ଦୀ ମୁକ୍ତ ହୋଇଥିବାବେଳେ ଇସ୍ରାଏଲ୍ ମଧ୍ୟ ୩୬୯ ଜଣ ପାଲେଷ୍ଟିନୀୟ ବନ୍ଦୀ ଏବଂ ଅଟକଙ୍କୁ ମୁକ୍ତ କରିବା ଆରମ୍ଭ କରିଛି। ମୁକ୍ତ ହୋଇଥିବା ପଣବନ୍ଦୀମାନେ ହେଲେ ଲାଇରହର୍ନ, ସାଗୁଇ ଡେକେଲ ଚେନ୍ ଏବଂ ସାଶା (ଆଲେକ୍‌ଜାଣ୍ଡର) ଟ୍ରୋଉଫାନୋଭ୍। ଖାନ୍ ୟୁନିସ୍‌ରେ ସଶସ୍ତ୍ର ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀମାନଙ୍କୁ ଆଣି ଇସ୍ରାଏଲୀ ସେନାକୁ ହସ୍ତାନ୍ତର କରିଥିଲେ। ୨୦୨୩ ଅକ୍ଟୋବର ୭ରୁ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥବାବେଳେ ଇତିମଧ୍ୟରେ ଏହା ୪୯୮ ଦିନରେ ପହଞ୍ଚିଛି। ଆମେରିକା, ଇଜିପ୍ଟ ଏବଂ କାତାର ମଧ୍ୟସ୍ଥମାନଙ୍କ ଦୀର୍ଘଦିନର ଉଦ୍ୟମ ପରେ ଗତ ଜାନୁଆରୀ ୧୯ରୁ ଅସ୍ତ୍ରବିରତି ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା। ଇତିମଧ୍ୟରେ ଗାଜା ୬ ଥର ପଣବନ୍ଦୀଙ୍କୁ ମୁକ୍ତ କରିଥିବାବେଳେ ଏହି ରାଜିନାମା ଆଗକୁ ବଢ଼ିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଅସ୍ତ୍ରବିରତି ଭଙ୍ଗୁରହେବା ଆଶଙ୍କା ଦେଖାଦେବାରୁ ମଧ୍ୟସ୍ଥମାନେ ଏହାକୁ ଏଡ଼ାଇବାରେ ସହାୟତା କରିଥିଲେ।



ଆଫଗାନିସ୍ତାନରୁ ସୋଭିଏଟ୍ ସୈନ୍ୟ ପ୍ରତ୍ୟାହାରର ୩୬ତମ ବାର୍ଷିକୀ ଅବସରରେ ଉକ୍ତ ଯୁଦ୍ଧ ବେଳର ଜଣେ ସୈନ୍ୟ ରୁଷିଆର ସେଣ୍ଟ ପିଟର୍ସବର୍ଗସ୍ଥିତ ସ୍ମାରକୀରେ ପୁଷ୍ପ ଅର୍ପଣ କରୁଛନ୍ତି। ୧୦ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ପ୍ରାଣ ହରାଇଥିବା ସୈନ୍ୟଙ୍କ ସ୍ମୃତିରେ ଉକ୍ତ ସ୍ମାରକୀ ନିର୍ମାଣ କରାଯାଇଛି।

## ଡ୍ରୋନ୍ କିଣାରେ ୧୦ ଲକ୍ଷ ଲାଞ୍ଚ ଦାବି କରିଥିଲେ ପ୍ରତିରକ୍ଷା ଅଡିଟର

ନୂଆଦିଲ୍ଲୀ, ୧୫।୨

ଡ୍ରୋନ୍ କିଣା ବାବଦରେ କମ୍ପାନୀକୁ ୫୫.୯୬ କୋଟି ଟଙ୍କା ପୈଠ ଲାଗି ମଞ୍ଜୁରୀ ପ୍ରଦାନ ନିମନ୍ତେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରିନ୍ସିପାଲ୍ କଣ୍ଟ୍ରୋଲର ଅଫ୍ ଡିଫେନ୍ସ ଆକାଉଣ୍ଟସ୍ (ପିସିଡିଏ) କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ପରବର୍ତ୍ତୀ ବିଲ୍‌କୁ ଅଟକାଯିବ ବୋଲି ସେ ଧମକ ଦେଇଥିଲେ। ଚୁକ୍ତି ଅନୁଯାୟୀ, ଡ୍ରୋନ୍ ନିର୍ମାତା କମ୍ପାନୀ ରାଫେ ଏମ୍‌ଫିବର ୨୦୨୩ ସେପ୍ଟେମ୍ବର ୨୯ରେ ଭାରତୀୟ ସେନାକୁ ଡ୍ରୋନ୍ ଯୋଗାଇଥିଲା। ସେପ୍ଟେମ୍ବର ୨୯ ଏବଂ ଗତବର୍ଷ ନଭେମ୍ବର ୨୩ରେ ହୋଇଥିବା ଇନ୍‌ଭଏସ୍ ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରଣାଳୟରୁ କମ୍ପାନୀ ୫୫.୯୬ କୋଟି ଟଙ୍କା ପାଇବାର ଥିଲା। ବିଲ୍ ମଞ୍ଜୁର କରିବା ଲାଗି ପ୍ରଥମ ପର୍ଯ୍ୟାୟରେ ପ୍ରତିରକ୍ଷା ବିଭାଗ ଅଧିକାରୀ ୮ ଲକ୍ଷ ଟଙ୍କା ଗ୍ରହଣ କରୁଥିବାବେଳେ ସିବିଆଇ ତାଙ୍କୁ ଧରିଛି। ପ୍ରତିରକ୍ଷା ସାମଗ୍ରୀ କମ୍ପାନୀର ମାଲିକ, ବରିଷ୍ଠ ଅଡିଟରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। କମ୍ପାନୀ ଅର୍ଥ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ବରୁଣ ନାରଙ୍ଗଙ୍କ ଅଭିଯୋଗ ଆଧାରରେ ଗତ ୭ ତାରିଖରେ ସିବିଆଇ ମାମଲା ରୁଜୁ କରିଥିଲା। ୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିବା ଅଭିଯୋଗରେ ବରିଷ୍ଠ ଅଡିଟର ଦୀପନାରାୟଣ ଯାଦବ ଏବଂ ପ୍ରତିରକ୍ଷା ସପ୍ଲାୟର ଆକାଶ କପୁରଙ୍କ ନାଁରେ ମାମଲା ରୁଜୁ ହୋଇଛି।

### ୩ ଜଣଙ୍କୁ ଗିରଫ କଲା ସିବିଆଇ

## ଓବାମାଙ୍କୁ ସମଲିଙ୍ଗୀ କହି ବିବାଦରେ ମସ୍କଙ୍କ ବାପା



ଏରୋଲ ମସ୍କ

ୱାଶିଂଟନ୍, ୧୫।୨

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏବଂ ଟେସ୍‌ଲା ତଥା ସ୍ପେସ୍ ଏକ୍ସ' ସିଇଓ ଏଲନ ମସ୍କଙ୍କ ବାପା ଏରୋଲ ମସ୍କ ଶନିବାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଓ ତାଙ୍କ ସ୍ତ୍ରୀ ମିଶେଲ ଓବାମାଙ୍କୁ ନେଇ ଏକ ବିବାଦୀୟ ଦାବି କରିଛନ୍ତି। ସୋସିଆଲ ମିଡିଆରେ ବିଭିନ୍ନ ବିବାଦୀୟ ମନ୍ତବ୍ୟ ପାଇଁ ଜଣାଶୁଣା ଏରୋଲ ଶନିବାର ଜୋଶୁଆ ରୁବିନଙ୍କ 'ୱାଇଡ୍ ଆୱେକ ପୋଡ୍‌କାଷ୍ଟ'ରେ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି, ବାରାକ୍ ଓବାମା ଜଣେ ସମଲିଙ୍ଗୀ ଓ ସେ ଜଣେ ପୁରୁଷଙ୍କୁ ବିବାହ କରିଛନ୍ତି, ଯିଏ ମହିଳାଙ୍କ ପରି ପୋଷାକ ପିନ୍ଧନ୍ତି। ଏରୋଲଙ୍କ ଏହି ଦାବିରେ ପୋଡ୍‌କାଷ୍ଟ'ର ହୋଷ୍ଟ ଜୋଶୁଆ ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ, କ'ଣ ମିଶେଲ ଓବାମା ଜଣେ ପୁରୁଷ। ଉତ୍ତରରେ ଏରୋଲ କହିଛନ୍ତି ନିଶ୍ଚିତ। ୨୦୧୪ରେ ଓବାମା ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ଆମେରିକୀୟ ହାସ୍ୟାଭିନେତ୍ରୀ ଜନ୍ ରିଭର୍ସ ମିଶେଲଙ୍କ ଲିଙ୍ଗକୁ ନେଇ ଥଟ୍ଟା କରିଥିଲେ। ସେ ବାରାକଙ୍କୁ ସମଲିଙ୍ଗୀ ଓ ତାଙ୍କ ସ୍ତ୍ରୀ ମିଶେଲଙ୍କୁ ପୁରୁଷ ବୋଲି କହିଥିଲେ। ଏହାର ୨ ସପ୍ତାହ ମଧ୍ୟରେ ଜନ୍‌ଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପଛରେ ଏକ ଷଡ଼ଯନ୍ତ୍ର ଥିବା ଏରୋଲ ଦାବି କରିଛନ୍ତି।

## ରୁଷିଆ ବିଅର୍ କେନ୍‌ରେ ଗାନ୍ଧିଜୀଙ୍କ ଛବିକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୫।୨

ରୁଷିଆର ଏକ ମଦ ପ୍ରସ୍ତୁତ କମ୍ପାନୀ ବିଅର କେନ୍‌ରେ ମହାତ୍ମା ଗାନ୍ଧୀଙ୍କ ଫଟୋ ବ୍ୟବହାର କରି ବିବାଦ ଘେରକୁ ଆସିଛି। ରୁଷିଆ ବ୍ରାଣ୍ଡ ରେୱୋର୍ଟ ପ୍ରସ୍ତୁତ କରିଥିବା ଉକ୍ତ କେନ୍‌ଗୁଡ଼ିକରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଥିବା ଅନ୍‌ଲାଇନରେ ପ୍ରସାରିତ ହେବା ପରେ ବିବାଦ ଜୋର୍ ଧରିଛି। ଭାରତ ସରକାର ଏନେଇ ରୁଷିଆ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତିବାଦ ଜଣାଇବାକୁ ଦାବି ହୋଇଛି। ସାମାଜିକ ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ ଏଭଳି ଅସମ୍ମାନଜନକ କାର୍ଯ୍ୟକୁ ନେଇ ଅନ୍ୟମାନେ କ୍ଷୁବ୍ଧ ହେବା ସହ ସେମାନଙ୍କ ଅସନ୍ତୋଷ ଜାହିର କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଜଣେ ସୋସିଆଲ୍ ମିଡିଆ ୟୁଜର କହିବା ସହ ମଦ ଏବଂ ଗାନ୍ଧିଜୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗାନ୍ଧିଜୀ ମଦଠାରୁ ବହୁ ଦୂରରେ ଥିଲେ। ତେଣୁ ତାଙ୍କ ନାମ ଓ ଫଟୋ ବ୍ୟବହାର ତୁରନ୍ତ ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ରେୱୋର୍ଟ କମ୍ପାନୀ 'ମହାତ୍ମା ଜି' ନାମରେ ବିଅର ବିକ୍ରି କରିବା ଶାନ୍ତି ଓ ସଂଯମତାର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ଲିଗାସି ପ୍ରତି ଉପହାସ। ଏହା ଭାରତୀୟ ମୂଲ୍ୟବୋଧ ଏବଂ ୧୪୦ କୋଟି ଦେଶବାସୀଙ୍କ ପ୍ରତି ଅପମାନ ବୋଲି ଅନେକ ୟୁଜର ଲେଖିଛନ୍ତି।




## କ୍ରିପ୍ଟୋ ଠକେଇ ମାମଲା: ଦିଲ୍ଲୀ, ହରିୟାଣାର ୧୧ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ, ୧୫।୨

୨ ବର୍ଷ ପୁରୁଣା ଏକ କ୍ରିପ୍ଟୋ ଠକେଇ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତକୁ ଜୋରଦାର କରିଛି। ଦିଲ୍ଲୀ, ଏନ୍‌ସିଆର୍ ଏବଂ ହରିୟାଣାର ୧୧ ସ୍ଥାନରେ ଶନିବାର ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ କେନ୍ଦ୍ରୀୟ ଏଜେନ୍ସି ୧.୦୮ କୋଟି ଟଙ୍କାର ନଗଦ ରାଶି ଜବତ କରିଛି। ସିବିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନିଜକୁ ସରକାରୀ ଅଧିକାରୀଙ୍କ ପରିଚୟ ଦେଇ ଲୋକଙ୍କୁ ଠକିବାରେ ସମ୍ପୃକ୍ତ ଥିବା ତଥାକଥିତ ସାଇବର ଅପରାଧୀଙ୍କ ବିଭିନ୍ନ ଠିକଣାରେ ଏହି ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତମାନେ ନିଜକୁ ସରକାରୀ ଅଧିକାରୀ କହି ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଏବଂ କ୍ରିପ୍ଟୋ ଠକେଇରେ ଲିପ୍ତ ଥିଲେ। ସେମାନେ ଲୋକଙ୍କୁ ବିଭିନ୍ନ ନକଲି ବୈଷୟିକ ସହାୟତା ସମ୍ବନ୍ଧିତ ପରାମର୍ଶ ଦେଇ କ୍ରିପ୍ଟୋ କରେନ୍ସି ଆକାରରେ ଅର୍ଥ କାରବାର କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଇ ସେମାନଙ୍କୁ ପ୍ରତାରିତ କରୁଥିଲେ। ପରେ ଏହି ଧନରାଶିକୁ ସେମାନେ କ୍ରିପ୍ଟୋ ୱାଲେଟ ମାଧ୍ୟମରେ ପଠାଇ ନଗଦ ଟଙ୍କାରେ ପରିଣତ କରୁଥିଲେ। ବର୍ତ୍ତମାନ ସୁଦ୍ଧା ସିବିଆଇ ଏହି ମାମଲାରେ ୩ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୧୨୦(ବି), ୪୨୦ ଏବଂ ୩୮୪ ଏବଂ ଆଇଟି ଆକ୍ଟ, ୨୦୦୦ର ଧାରା ୬୬ଡି ଅନୁଯାୟୀ ଚାର୍ଜଶିଟ ଦାଖଲ କରିସାରିଛି। ଶନିବାର ଚଢ଼ାଉ ସମୟରେ ସିବିଆଇ ବହୁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ପ୍ରମାଣ ସଂଗ୍ରହ କରିବା ସହ ୬ଟି ଲାପ୍‌ଟପ୍, ୮ଟି ମୋବାଇଲ ଫୋନ୍ ଏବଂ ଗୋଟିଏ ଆଇ ପ୍ୟାଡ୍ ଜବତ କରିଛି। ସେହିପରି ୧ ହଜାର ଆମେରିକୀୟ ଡଲାର ମୂଲ୍ୟର ବିଦେଶୀ ମୁଦ୍ରା ଓ ୨୫୨ ଗ୍ରାମ ସୁନା ମଧ୍ୟ ଜବତ ହୋଇଛି।

### ୧.୦୮ କୋଟି ଟଙ୍କାର ନଗଦ ରାଶି ଜବତ



## ଫୁରସତ୍

## ପ୍ରଥମ ଦିନରେ ୫୦ କୋଟି କ୍ଲବ୍‌ରେ 'ଛାବା'

ମୁମ୍ବାଇ

ଅଭିନେତା ଭିକି କୌଶଲଙ୍କ 'ଛାବା' ଫିଲ୍ମ ଶୁକ୍ରବାର ରିଲିଜ୍ ହୋଇଛି। ରିଲିଜ୍ ହେବାର ପ୍ରଥମ ଦିନରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ବକ୍ସ ଅଫିସ୍‌ରୁ ୫୦ କୋଟି ଟଙ୍କା ରୋଜଗାର କରିଛି। ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଶନିବାର ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦିଆଯାଇଛି। ସେହିପରି ପ୍ରଥମ ଦିନରେ ଘରୋଇ ବକ୍ସ ଅଫିସରୁ 'ଛାବା' ଫିଲ୍ମ ୩୩.୧ କୋଟି ଟଙ୍କାର ବ୍ୟବସାୟ କରିଛି। ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀକୁ ନେଇ ଆଧାରିତ ଏହି ଫିଲ୍ମର ନିର୍ଦ୍ଦେଶନା ଲକ୍ଷ୍ମଣ ଉଟେକର ଦେଇଛନ୍ତି। ଫିଲ୍ମରେ ଭିକି ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଅକ୍ଷୟ ଖାନ୍ନା, ଆଶୁତୋଷ ରାଣା ଏବଂ ଅଭିନେତ୍ରୀ ଦିବ୍ୟା ଦତ୍ତା ପ୍ରମୁଖ ଏହି ଫିଲ୍ମରେ ଅଭିନୟ କରିଛନ୍ତି।




## ଏପ୍ରିଲ ୧୮ରେ 'କେଶରି ଚାପ୍ଟର ୨'

ମୁମ୍ବାଇ

୨୦୧୯ରେ ଅଭିନେତା ଅକ୍ଷୟ କୁମାରଙ୍କ 'କେଶରି' ଫିଲ୍ମ ରିଲିଜ୍ ହୋଇଥିଲା। ତେବେ ଆସନ୍ତା ଏପ୍ରିଲ ୧୮ ଗୁଡ୍ ଫ୍ରାଇଡେ ଅବସରରେ ଏହି ଫିଲ୍ମର ସିକ୍ୱେଲ 'କେଶରି ଚାପ୍ଟର ୨' ରିଲିଜ୍ ହେବ ବୋଲି ଶନିବାର ଫିଲ୍ମ ନିର୍ମାତା କମ୍ପାନୀ ଧର୍ମା ପ୍ରଡକ୍ସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମରେ ଅକ୍ଷୟଙ୍କ ସହ ଅଭିନେତା ଆର୍. ମାଧବନ ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜରକୁ ଆସିବେ। ଫିଲ୍ମକୁ ନେଇ ଅକ୍ଷୟଙ୍କ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ଅଛନ୍ତି।

କରନ ଜୋହରଙ୍କ ଦ୍ୱାରା ନିର୍ମିତ ଏବଂ କରନ୍ ସିଂ ତ୍ୟାଗୀଙ୍କ ନିର୍ଦ୍ଦେଶିତ 'କେଶରୀ ଚାପ୍ଟର ୨' ଫିଲ୍ମ ଆଇନଜୀବୀ ସି. ଶଙ୍କରନ୍ ନାୟାରଙ୍କ କାହାଣୀକୁ ନେଇ ଆଧାରିତ। ୧୯୨୦ ଦଶକରେ ଜାଲିଆନାୱାଲା ବାଗ୍ ନରସଂହାର ପରେ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧରେ ଲଢ଼ିବାରେ ଶଙ୍କରନଙ୍କର ପ୍ରମୁଖ ଭୂମିକା ରହିଥିଲା। ଲେଖକ ରଘୁ ପଲାଟ ଏବଂ ପୁଷ୍ପା ପଲାଟଙ୍କ ପୁସ୍ତକ 'ଦି କେସ୍ ଦାଟ ଶୁକ୍ ଦି ଏମ୍ପାୟାର'କୁ ନେଇ ଏହି ଫିଲ୍ମ ପ୍ରସ୍ତୁତ ହୋଇଛି। ପ୍ରକାଶ ଯେ, ବ୍ରିଟିଶ ଶାସନ ସମୟ ୧୮୯୭ ମସିହାରେ ହୋଇଥିବା ବ୍ୟାଟେଲ ଅଫ୍ ସାରାଗଡ଼ିକୁ ନେଇ ଫିଲ୍ମ 'କେଶରି'ରେ ଆଧାରିତ ରହିଥିଲା। ଫିଲ୍ମରେ ଅକ୍ଷୟ ହାବିଲଦାର ଈଶ୍ୱର ସିଂଙ୍କ ଭୂମିକାରେ ନଜରକୁ ଆସିଥିଲେ। ଅଭିନେତ୍ରୀ ପରିଣୀତି ଚୋପ୍ରା ଅକ୍ଷୟଙ୍କ ସ୍ତ୍ରୀ ଭୂମିକା ନିର୍ବାହ କରିଥିଲେ।



ଅକ୍ଷୟ କୁମାର

## ଦାମ୍ପତ୍ୟ ଜୀବନର ଝଡ଼ ଦୂର କରିବାକୁ 'ଭାଲେଣ୍ଟାଇନ୍ସ ଡେ ଏଗ୍ରିମେଣ୍ଟ'

ନୂଆଦିଲ୍ଲୀ

ସୋସିଆଲ ମିଡିଆରେ ଏକ ବିବାହିତ ଦମ୍ପତିଙ୍କ 'ଭାଲେଣ୍ଟାଇନ୍ସ ଡେ ଏଗ୍ରିମେଣ୍ଟ' ସମ୍ବନ୍ଧିତ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଉକ୍ତ ଦମ୍ପତିଙ୍କ ମଧ୍ୟରେ ରହିଥିବା ମତଭେଦକୁ ଦୂର କରିବା ପାଇଁ ସେମାନଙ୍କ ଲାଗି 'ଭାଲେଣ୍ଟାଇନ୍ସ ଡେ ଏଗ୍ରିମେଣ୍ଟ' ପ୍ରସ୍ତୁତ ହୋଇଛି। ଶୁଭମ୍ ନାମକ ଜଣେ ଏକ୍ସ ୟୁଜର୍ସ ଏହି ପୋଷ୍ଟ କରିଛନ୍ତି। ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ବିବାହ ଏତେ କଷ୍ଟସାଧ୍ୟ ବୋଲି କେବେ ଭାବି ନ ଥିଲି। ବିବାହର ୨ ବର୍ଷ ପରେ ତାଙ୍କୁ ତାଙ୍କ ସ୍ତ୍ରୀ ଅନାୟା ଏହି 'ଭାଲେଣ୍ଟାଇନ୍ସ ଡେ' ଏଗ୍ରିମେଣ୍ଟ'ରେ ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି। ଅନାୟାଙ୍କ ଏହି ଏଗ୍ରିମେଣ୍ଟ ପେପରରେ ଲେଖାଯାଇଛି, ଚଳିତ ଭାଲେଣ୍ଟାଇନ୍ସ ଡେ'ଠାରୁ ଘରେ ରହିବା ସମୟରେ ଶୁଭମ୍ ଏବଂ ଅନାୟାଙ୍କ ପାଇଁ କିଛି ନିୟମ ପ୍ରସ୍ତୁତ କରାଯାଇଛି, ଯାହା ସେମାନଙ୍କୁ ପରସ୍ପର ସହ ଯୁକ୍ତିତର୍କ କରିବାରୁ ଦୂରେଇ ରଖିବ ଏବଂ ଦୀର୍ଘଦିନ ପରେ ସେମାନଙ୍କ ପ୍ରେମ ସମ୍ପର୍କକୁ ପୁନରୁତ୍ଥାନ କରିପାରିବ। ଉକ୍ତ ଏଗ୍ରିମେଣ୍ଟରେ ଘରେ ରହିବା ସମୟରେ ଉଭୟ ଶୁଭମ୍ ଏବଂ ଅନାୟାଙ୍କ ଉପରେ ବିଭିନ୍ନ କଟକଣା ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ଏଗ୍ରିମେଣ୍ଟରେ ଶୋଇବାଠାରୁ ଆରମ୍ଭ କରି ଖାଇବା ପର୍ଯ୍ୟନ୍ତ ବିଭିନ୍ନ ନିୟମ ରହିଛି।



भारतीय गैर न्यायिक
भारत INDIA
रु. 500 FIVE HUNDRED RUPEES
पाँच सौ रुपये Rs. 500
INDIA NON JUDICIAL
पश्चिमबंगाल WEST BENGAL

On the occasion of Valentine's, Shubham (Party 1) and Anaya (Party 2) will be mentioning some house rules for both parties to avoid frequent arguments and regenerate the love in the marriage that has been suffering for a long time because of Party 1's trading obsession.

Party 1 will:
1. Only talk about family matters at the dining table, any discussions about the trading market are prohibited.
2. Maintain the bedroom decorum and avoid talking about capital gains/losses during intimacy.
3. Will stop calling Anaya by names like 'My beautycoin' and 'My cryptyPie'
4. Refrain from using trading apps such as CoinDCX and watching YouTube videos for coin research after 9 PM.

Party 2 will:
1. Stop complaining about Shubham's mischief to Mom.
2. Avoid bringing Shubham's ex into an argument.




# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅର୍ଥ କମିଶନ ଚେୟାରମ୍ୟାନ

ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)

ଲୋକସେବା ଭବନରେ ଶନିବାର ଷଷ୍ଠ ରାଜ୍ୟ ଅର୍ଥ କମିଶନ ଚେୟାରମ୍ୟାନ ଅରୁଣ କୁମାର ପଣ୍ଡା ଓ ଅନ୍ୟ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟ ଅର୍ଥନୀତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ସିଂଦେଓ ନିଜର ପୂର୍ବ ଏବଂ ବର୍ତ୍ତମାନର ଅଭିଜ୍ଞତାକୁ ଆଧାର କରି ତୃଣମୂଳସ୍ତରରୁ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚେୟାରମ୍ୟାନ ଅରୁଣଙ୍କ ସମେତ କମିଶନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ, ଡ. ବିଭୁ ପ୍ରସାଦ ନାୟକ ଏବଂ ଅର୍ଥ ବିଭାଗ ଯୁଗ୍ମ ଶାସନ ସଚିବ ତାରାକାନ୍ତ ଭକ୍ତ ପ୍ରମୁଖ ଉପସ୍ଥିତ ଥିଲେ।


ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ରାଜ୍ୟ ଅର୍ଥ କମିଶନ ଚେୟାରମ୍ୟାନ୍ ଅରୁଣ କୁମାର ପଣ୍ଡାଙ୍କ ଆଲୋଚନା।

# ସମାନ ପ୍ରସଙ୍ଗକୁ ନେଇ ଆରମ୍ଭରୁ ଘେରିଲେ ବିରୋଧୀ

## ବିଧାନସଭା ତୃତୀୟ ଦିନ

### ହୋଇପାରିଲାନି ପ୍ରଶ୍ନ କାଳ

ଭୁବନେଶ୍ୱର,୧୫।୨(ବନ୍ଦନା ସେଠୀ)

ବିରୋଧୀଙ୍କ ହଟ୍ଟଗୋଳ ପାଇଁ ଲଗାତାର ଦୁଇଦିନ ଧରି ଠିକ୍‌ଭାବେ ଚାଲି ପାରିନି ବିଧାନସଭା। ଶନିବାର ବିଧାନସଭାର ତୃତୀୟ ଅଧିବେଶନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ନିୟମ ଅନୁଯାୟୀ ପୂର୍ବାହ୍ନ ୧୦ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଆରମ୍ଭରୁ ହିଁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ବାଚସ୍ପତିଙ୍କ ପୋଡିୟମ୍ ନିକଟକୁ ଆସି ନାରାବାଜି ଆରମ୍ଭ କରି ଦେଇଥିଲେ। ଅଦିନିଆ ବର୍ଷାରେ ଫସଲ ଧୋଇଯିବା ଫଳରେ ଚାଷୀ ହନ୍ତସନ୍ତ ପ୍ରସଙ୍ଗକୁ ନେଇ ବିଜେଡି ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ମଣ୍ଡିରେ କଟ୍‌ନୀ ଛଟ୍‌ନୀ ହେବ ନାହିଁ ବୋଲି ରାଜ୍ୟ ସରକାର କ୍ଷମତାରେ ଆସିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତି ମଣ୍ଡିରେ ଏବେ ଚାଷୀ କାନ୍ଦୁଛି, ବ୍ୟାପକ କଟନୀ ଛଟନୀ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ସେହିପରି କଂଗ୍ରେସ ସଦସ୍ୟମାନେ ମଧ୍ୟ ରାଜ୍ୟର ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା, ମହିଳାଙ୍କ ସୁରକ୍ଷା ନେଇ ନାରାବାଜି କରିଥିଲେ। ଫଳରେ ୧୦ଟା ୩୧ରେ ବାଚସ୍ପତି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରଖିଥିଲେ। ଏହି ସମୟ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜର ବିବୃତ୍ତି ପ୍ରଦାନ କରିଥିଲେ।



ମଧ୍ୟାହ୍ନ ୧୨ଟା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା।

ଦୁଇଦିନ ଧରି ଗୃହରେ ସମାନ ଅବସ୍ଥା ଲାଗି ରହିଥିବାରୁ ପ୍ରଶ୍ନକାଳ ବ୍ୟାହତ ହୋଇଥିଲା। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଆଲୋଚନା ମଧ୍ୟ ହୋଇପାରି ନଥିଲା। ଶନିବାର ଆଇନ, ଅବକାରୀ, ପୂର୍ତ୍ତ, ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରଶ୍ନକାଳ ଆଲୋଚନା ହେବାର ଥିଲା। ତେବେ ପ୍ରଶ୍ନକାଳ ସମୟ ଶେଷ ହୋଇ ଯାଇଥିବାରୁ କେବଳ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା। ଅପରପକ୍ଷେ ଏଭଳି ସ୍ଥିତିକୁ ନେଇ ଉଭୟ ଶାସକ ଏବଂ ବିରୋଧୀ ପରସ୍ପରକୁ ଦୋଷ ଲଦାଲଦି ହୋଇଛନ୍ତି। ସରକାର କିଛି ଶୁଣୁ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି। ସେହିପରି ଭାଜପା ସରକାର କେବଳ କଥାକୁହା ସରକାର, କିଛି କାମ କରୁନି। ଏହି ପ୍ରସଙ୍ଗକୁ ନେଇ ଲଢେଇ ହେବ ବୋଲି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସେହିପରି ବିରୋଧୀ ଦଳ ଜାଣିଶୁଣି ଗୃହରେ ହୋହଲ୍ଲା କରୁଥିବା ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା ପାଲଟା ଅଭିଯୋଗ ଆଣିଛନ୍ତି। ଅଣପ୍ରସଙ୍ଗକୁ ଅଯଥାରେ ପ୍ରସଙ୍ଗ କରୁଛନ୍ତି। ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଥିବାବେଳେ, ବିରୋଧୀ ଦଳ ଜାଣିଶୁଣି ଏଭଳି କରୁଥିବା ପଦ୍ମଲୋଚନ କହିଛନ୍ତି।

# ଓୟୁଟିଆର୍‌ରେ 'ପିଏମ୍ ସୂର୍ଯ୍ୟ ଘର ଏବଂ ଉର୍ଜା ସାକ୍ଷରତା' କର୍ମଶାଳା

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ ଶନିବାର 'ପିଏମ୍ ସୂର୍ଯ୍ୟ ଘର ଏବଂ ଉର୍ଜା ସାକ୍ଷରତା-୨୦୨୫' ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଛାତ ଉପରେ ସୌର ଉର୍ଜା ସଂସ୍ଥାପନକୁ ପ୍ରୋତ୍ସାହନ ଦେବା ଏବଂ ଏଥିପାଇଁ ଅର୍ଥ ସହାୟତା ଦେଇ ଉପଭୋକ୍ତାଙ୍କୁ ନିଶୁଳ୍କ ବିଦ୍ୟୁତ ଉତ୍ପାଦନ କରିବା ପାଇଁ ସହାୟତା ପ୍ରଦାନ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଏଥିରେ ଓୟୁଟିଆରର କୁଳପତି ବିଭୁତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌର ସମ୍ପଦର ଉଚିତ୍ ବ୍ୟବହାର ଏବଂ ନବୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଏସି (ଇଲେକ୍ଟ୍ରିସିଟି) ପ୍ୟାରି ମୋହନ ମିଶ୍ର ତୃଣମୂଳସ୍ତରରେ ଉର୍ଜା କ୍ଷମତା ବୃଦ୍ଧି ଏବଂ ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ଉର୍ଜା ସଞ୍ଚୟ ସଚେତନତା ବିସ୍ତାର ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଫେସର ଏ. କେ. ବରିସଲ, ପ୍ରଫେସର ଲୋକନାଥ ତ୍ରିପାଠୀ, ପ୍ରଫେସର ଶ୍ରୀବତ୍ସ ବେହେରା ଏବଂ ୟୁ. କେ. ରାଉତ ଯୁବପିଢିଙ୍କ ମାର୍ଗଦର୍ଶନ କରିଥିଲେ।




# ଆଇଟି ନୀତି ପାଇଁ ମତ ଲୋଡ଼ିଲେ ସରକାର

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ରାଜ୍ୟ ସରକାର ଚିଠା ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ନୀତି ଉପରେ ଶିଳ୍ପ ପ୍ରତିନିଧିମାନଙ୍କ ମତାମତ ଲୋଡ଼ିଛନ୍ତି। ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ 'ନାସ୍କମ' ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଛି। ବିଭାଗୀ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ଓକାକ ସିଇଓ ଡ. ପ୍ରଦୀପ ରାଉତ, ନାସ୍କମ ତଥା ଓଡ଼ିଶା ଆଇଟି ଶିଳ୍ପର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ ଓଡ଼ିଶାରେ ଆଇଟି ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଓ ଏହାକୁ ଆଗେଇନେବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ସଂପର୍କରେ କହିଥିଲେ। ବିଶାଳ ଦେବ କହିଲେ, ଆଇଟି ଚିଠା ନୀତି ପ୍ରତିଯୋଗିତାମୂଳକ ପରିବେଶକୁ ପ୍ରୋତ୍ସାହିତ କରିବାର ଆଭିମୁଖ୍ୟ ରଖିଛି, ଯାହା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ। ଜନସାଧାରଣଙ୍କ ଅବଗତି ନିମନ୍ତେ ତଥା ସେମାନଙ୍କ ମତାମତ ପାଇଁ ଚିଠା ନୀତିକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ୱେବ୍‌ସାଇଟ (https://it.odisha.gov.in/) ଏବଂ ଓକାକ ୱେବ୍‌ସାଇଟ (https://www.ocac.in/)ରେ ପ୍ରଦାନ କରାଯାଇଛି। ଏ ସମ୍ପର୍କିତ ସମସ୍ତ ମତାମତ ifitp.eit@odisha.gov.inକୁ ପଠାଯାଇପାରିବ।

# ୧୭ ଓ ୨୪ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଆସନ୍ତା ୧୭ ଏବଂ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ଜାରି ରହିଥିବାରୁ ଏହି ସୋମବାରଗୁଡ଼ିକରେ ଭୁବନେଶ୍ୱରର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ଅନ୍ଧାରରେ ୩୧,୪୫୬ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୧୫।୨(ବନ୍ଦନା ସେଠୀ)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ରାଜ୍ୟର ୬୮.୫% ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଫେଡାଣ ଆସୁ ନ ଥିବାବେଳେ ୪୮.୫% ପିଲା ଗୁଣନ ଓ ହରଣ ଜାଣି ନ ଥିବା ଶୁକ୍ରବାର ବିଧାନସଭାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତଥ୍ୟ ଉପସ୍ଥାପନ କରିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଶନିବାର ରାଜ୍ୟର ଅଧିକାଂଶ ଅଙ୍ଗନୱାଡିର ଅବସ୍ଥା ମଧ୍ୟ ଶୋଚନୀୟ ରହିଥିବା ତଥ୍ୟ ପ୍ରକାଶ ପାଇଛି। ରାଜ୍ୟର ୩୧ହଜାର ୪୫୬ ଅଙ୍ଗନୱାଡି କେନ୍ଦ୍ର ଅନ୍ଧାରରେ ରହିଥିବାବେଳେ, ୨୧ହଜାର ୪୮୬ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ତଥ୍ୟ ରଖିଛନ୍ତି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୪୭ହଜାର ୭୩୭ ଅଙ୍ଗନୱାଡି କେନ୍ଦ୍ରରେ ପାଚେରୀ ନାହିଁ। ତେବେ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ଯୋଗାଣ ନିମନ୍ତେ ସିକ୍ୟୁରିଟି ଡିପୋଜିଟ୍ ସହିତ ଆବଶ୍ୟକ ସ୍ଥାନରେ ନିକଟସ୍ଥ ପୋଲରୁ ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣର ବ୍ୟୟବରାଦ ନିମନ୍ତେ ଜିଲାଗୁଡ଼ିକୁ ପର୍ଯ୍ୟାୟ କ୍ରମେ ପାଣ୍ଠି ପ୍ରଦାନ କରାଯାଉଛି। ବର୍ତ୍ତମାନ ପାଚେରୀ ନିର୍ମାଣ ନିମନ୍ତେ କୌଣସି ପ୍ରସ୍ତାବ ନାହିଁ। ସେହିପରି ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟାୟ କ୍ରମେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ପ୍ରଭାତୀ କହିଛନ୍ତି।

# ସାମୁଦ୍ରିକ ମାଛ ଚାଷରେ ନୂଆ ସୁଯୋଗ

## ମତ୍ସ୍ୟ-ପ୍ରାଣୀ ସମାବେଶର ଦ୍ୱିତୀୟ ଦିନ

ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)

ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆରେ ଚାଲିଥିବା ମତ୍ସ୍ୟ-ପ୍ରାଣୀ ସମାବେଶର ଦ୍ୱିତୀୟ ଦିନରେ 'ସାମୁଦ୍ରିକ ମତ୍ସ୍ୟ ଚାଷରେ ନୂତନ ସୁଯୋଗ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁର ଆଦି ଜିଲାରୁ ୨୦୦ରୁ ଅଧିକ ମତ୍ସ୍ୟଚାଷୀ ଅଂଶଗ୍ରହଣ କରିଥିଲେ। ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରର ବିକାଶ ପାଇଁ ଥିବା ସମ୍ଭାବନା ସମ୍ପର୍କରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏହି କ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂଆ ଜ୍ଞାନ କୌଶଳ ସମ୍ପର୍କରେ ମତ୍ସ୍ୟଚାଷୀମାନେ ପଚାରି ବୁଝିଥିଲେ। ଏହି ଆଲୋଚନାଚକ୍ରରେ ଗବେଷକ ଡ. ପି କାର୍ତ୍ତିକ ସାମୁଦ୍ରିକ ଦଳ ଚାଷ ଉପରେ ଆଲୋକପାତ କରିଥିଲେ। ଗଭୀର ସମୁଦ୍ରରେ ମାଛ ଧରିବାର ଜ୍ଞାନକୌଶଳ ବିଷୟରେ ବରିଷ୍ଠ ବୈଜ୍ଞାନିକ ଡ. ବାଇଜୁମ୍ ଭି. ଆଲୋଚନା କରିଥିଲେ। ସମୁଦ୍ରରେ ପଞ୍ଜୁରୀରେ ମାଛ ଚାଷର ବିଭିନ୍ନ ଦିଗ ଉପରେ ଡ. ଭି.ଆର୍. ସୁରେଶ ବିସ୍ତୃତ ସୂଚନା ଦେଇଥିଲେ। ରଙ୍ଗେଇଲୁଣ୍ଡା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୌମେନ୍ଦ୍ର ନନ୍ଦ ସମନ୍ୱିତ ମାଛ ଚାଷର କୌଶଳ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଏଗ୍ରିପୋଷ୍ଟ ଓ ଆକାପୋଷ୍ଟ ମାଗାଜିନର ସମ୍ପାଦକ ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ୨୬ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରୋମାଞ୍ଚ ଭରିଲା ଡଗ୍ ଶୋ'

ମତ୍ସ୍ୟ-ପ୍ରାଣୀ ସମାବେଶ ଅବସରରେ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଆୟୋଜିତ 'ଡଗ୍ ଶୋ' ଲୋକଙ୍କ ମନରେ ରୋମାଞ୍ଚ ଭରିଥିଲା। ଗ୍ରେଟ୍ ଡେନ, ଲାବ୍ରାଡର୍ ରିଟ୍ରିଭର୍, ଗୋଲ୍ଡେନ ରିଟ୍ରିଭର୍, ବିଗଲ, ଆକିତା ଇନୁ, ଇଣ୍ଡିଆନ ପରିହା, ସିଜ, ଜର୍ମାନ ସେଫର୍ଡ, ଫ୍ରେଞ୍ଚ ବୁଲଡଗ, ରୋଟ୍‌ୱିଲର୍ ଆଦି ୪୮ ପ୍ରଜାତିର ଶ୍ୱାନ ଏହି ଶୋ'ରେ ଅଂଶଗ୍ରହଣ କରିଥିଲେ। ଶ୍ୱାନମାନଙ୍କ ଦକ୍ଷତାର ବୈଶିଷ୍ଟ୍ୟ, ଅନୁସରଣ କ୍ଷମତା ଏବଂ ନିଜସ୍ୱ ବ୍ୟବହାର ଶୈଳୀ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଶ୍ୱାନ ପ୍ରଶିକ୍ଷକ ରଶ୍ମିତା ଗ୍ରେଟ୍ ଡେନ ପ୍ରଜାତିର ଶ୍ୱାନ ଦ୍ୱାରା ଆଦର୍ଶ ନାଗରିକ ବିଧିକୁ ପ୍ରଦର୍ଶନ କରାଇଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ଓଡ଼ିଶା କେନେଲ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା କେନେଲ କ୍ଲବ ସଭାପତି ସୁବ୍ରତ ପୃଷ୍ଟି ସମସ୍ତ ପ୍ରଜାତିର ଶ୍ୱାନମାନଙ୍କ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଶେଷରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଦାମୋଦର ତରାଇ ଧନ୍ୟବାଦ ଦେଇଥିଲେ।



## ବିଶ୍ୱର କ୍ଷୁଦ୍ରତମ ଗାଈ 'ପୁଙ୍ଗାନୁର'

ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି ବିଶ୍ୱର ସବୁଠାରୁ କ୍ଷୁଦ୍ରତମ କୁଜ ଥିବା ଗୋ ପ୍ରଜାତି 'ପୁଙ୍ଗାନୁର'। ଏହି ଗାଈର ଉଚ୍ଚତା ୭୦-୯୦ ସେଣ୍ଟିମିଟର ହୋଇଥିବା ବେଳେ ଓଜନ ୧୧୫-୨୦୦ କିଲୋଗ୍ରାମ। ଏହା କମ ଖାଦ୍ୟ ଆବଶ୍ୟକ କରିଥାଏ ଏବଂ ଉଭୟ ଶୁଷ୍କ ଓ ଉଷ୍ମ ଜଳବାୟୁରେ ମଧ୍ୟ ଜୀବନଯାପନ କରିପାରେ। ଏହି ପ୍ରଜାତି ଭାରତୀୟ ଜଳବାୟୁ ସହ ଖାପ ଖୁଆଇ ରହିପାରିବ। ଏମାନେ ମୁଖ୍ୟତଃ ଶାନ୍ତ ସ୍ୱଭାବର ଅଟନ୍ତି। ଏହି ଗୋ ପ୍ରଜାତି ଦୈନିକ ହାରାହାରି ୩.୫ ଲିଟର କ୍ଷୀର ଦେଇଥାନ୍ତି ଓ ଏଥିରେ ଘିଅ ଅଂଶ ୮ ପ୍ରତିଶତ ରହିଛି। ବିଶ୍ୱ ପ୍ରସିଦ୍ଧ ତିରୁପତି ଲଡୁ ପୁଙ୍ଗାନୁର ଗାଈର ଘିଅରୁ ପ୍ରସ୍ତୁତ ହୋଇଥାଏ। ଏହି ଗାଈ ଆଞ୍ଚଳିକ ପର୍ବ ପର୍ବାଣୀ, ଉତ୍ସବ ଓ ସମୃଦ୍ଧିର ପ୍ରତୀକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ଜାନୁଆରୀ ୧୪ ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ପୁଙ୍ଗାନୁର ଗାଈଙ୍କୁ ଆଦର କରିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ ଭାଇରାଲ ହୋଇଥିଲା। ଏହାପରେ ଏହି ଗାଈ ଲୋକଲୋଚନକୁ ଆସିଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଏବଂ ସତ୍‌ସଙ୍ଗ ବିହାରର ୩୦ତମ ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜନତା ମଇଦାନ, ସମୟ: ସକାଳ ୬ଟାରୁ ରାତି ୯ଟା ୩୦।
- ସାପ୍ତାହିକ ଖବରକାଗଜ 'ପ୍ରବାହ'ର ୧୮ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମିଡିଆ ଗେଟ୍ ଟୁଗେଦର, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଭାଇବ୍ରେଣ୍ଟ ଓଡ଼ିଶା କନ୍‌କ୍ଲେଭ, ସ୍ଥାନ: ହୋଟେଲ ନ୍ୟୁ ମାରିୟନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍ତର ପୁରୁଷ ନାଟକ ଉତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ କରାଟେ ସ୍କୁଲ ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।
- 'ସଂକଳ୍ପ ପଦଯାତ୍ରା' କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୫।
- ଅଧ୍ୟାପିକା/ଅଧ୍ୟାପକଙ୍କ ଦରମା ପ୍ରଦାନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରିଶ ସାହିତ୍ୟ ସଂସଦ, ଖାରବେଳନଗର, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରସୁଲଗଡ଼ର ଚତୁର୍ବିଂଶତମ ବାର୍ଷିକୋତ୍ସବ, ସ୍ଥାନ: ଜିଜିପି କଲୋନୀ ହାଇସ୍କୁଲ ପାଖ, ସମୟ: ଅପରାହ୍ନ ୪ଟା।
- ଅଡିଶନ ପ୍ଲେ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ୪୫।
- ସଂସ୍କାର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୪୫।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାପା', ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସତ୍ୟବାଦୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସତ୍ୟବାଦୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଯୋଗଦାନ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ ମହୋତ୍ସବ ମଞ୍ଚ, ସମୟ: ଅପରାହ୍ନ ୫ଟା ୩୦।

## ବାଲେଶ୍ୱର

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର ପରିସର, ନୂଆବଜାର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ, ସ୍ଥାନ: ଭଗବତୀ ବିହାର, ସିମୁଳିଆ, ଗଡ଼ପୋଖରୀ, ଖଇରା, ସମୟ: ସକାଳ ୮ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ସଂସଦର ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା
- ୧୪ତମ ବାର୍ଷିକ ରୂପସା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ 'ସମ୍ପର୍କ' ମଞ୍ଚସ୍ଥ, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ପ୍ରେସ କ୍ଲବର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: କ୍ଲବ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ

- ମୁନି ସମାଜର ଜିଲା ଅଧିବେଶନ ଉଦ୍‌ଯାପନୀ, ସ୍ଥାନ: କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପାଖ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ସାମ୍ବାଦିକ ସଂଘର ୨ୟ ବାର୍ଷିକୋତ୍ସବ, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ବନ ବିହାରୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ପଧାନପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲାୟନ୍ସ କ୍ଲବ ଗଭର୍ନରଙ୍କ ମହାପୁରୁଷ ଆଶ୍ରମ ପରିଦର୍ଶନ, ସ୍ଥାନ: କାଞ୍ଚିଆପାଳ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍, ସ୍ଥାନ: ଦେହୁଡ଼ି ଆନନ୍ଦପୁର ଖେଳପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଗିଲୋ କପ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନି ଷ୍ଟାଡିୟମ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ନଟରାଜ ନାଟକ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ବାଲ ଶିକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ମରିଗାଁ, ଡ଼ଅଁର, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦର ୫ମ ବାର୍ଷିକ ଉତ୍ସବ, ସ୍ଥାନ: ମରିଗାଁ ହାଇସ୍କୁଲ, ହାଟଡିହୀ, ସମୟ :ପୂର୍ବାହ୍ନ ୧୧ ଟା ୧୦।
- ବାଦୀପାଲା ଉତ୍ସବ, ସ୍ଥାନ : ଶଡା, ହାଟଡିହୀ, ସମୟ : ରାତି ୯ଟା।

## ମୟୂରଭଞ୍ଜ

- ନ୍ୟାସନାଲ ସେମିନାର, ସ୍ଥାନ: ଜେକେସିସି ସହିତ ମୟୂରଭଞ୍ଜ ରେଡ୍ କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ, ସମୟ: ସକାଳ ୯ ଟା।
- ଶ୍ରୀମା ଅରବିନ୍ଦ ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବିଜିପୁର ମାନଗୋବିନ୍ଦପୁର, ବଡ଼ସାହି, ସମୟ: ସକାଳ ୯ ଟା।
- ୬୧ ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଇରଙ୍ଗପୁର କଲେଜ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ସ୍ଥାନ: କଉଡ଼ିଖଣି ସୁହାଗପୁର, ବଡ଼ସାହି, ସମୟ: ସନ୍ଧ୍ୟା ୬ ଟା।
- ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରର ଯଜ୍ଞାନୁଷ୍ଠାନର ଅଧିବାସ, ସ୍ଥାନ: ମୁର୍ମୁ ଛକ କୁଚେଇବୁଢ଼ୀ, ରାଇରଙ୍ଗପୁର, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ରାଜସ୍ୱମନ୍ତ୍ରୀଙ୍କ ଭଞ୍ଜନଗର ଗସ୍ତ, ସ୍ଥାନ: ଭଞ୍ଜନଗର ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୧ ଟା।
- କଂଗ୍ରେସର ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ବୁଗୁଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ହନୁମାନ ଜିଉଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ମହୋତ୍ସବ ନିମନ୍ତେ କଳସ ଯାତ୍ରା, ବନଯାଗ, ମଣ୍ଡଳ କରଣ ଏବଂ ଅଙ୍କୁରା ରୋପଣ ପୂଜା, ସ୍ଥାନ: ପାଟଖଣ୍ଡା ମନ୍ଦିର ପରିସର ବାଲିଗୁଡ଼ା, ସମୟ: ସକାଳ ୯ ଟା।

## ଢେଙ୍କାନାଳ

- ଇଣ୍ଡଷ୍ଟ୍ରିଆଲ ଟ୍ରକ୍ ଓନର୍ସ ଆସୋସିଏଶନ ଉଦ୍‌ଘାଟନ, ସ୍ଥାନ: ମୂଳିସିଂହ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ଉଦ୍‌ଘାଟନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବୀରବେନ୍ଦୁ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ପରଜଙ୍ଗ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- କପିଳାସ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଦିଶା ହସପିଟାଲ ପାଖ, ମହାବୀର ବଜାର, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ 'ସଂକଳ୍ପ', ସ୍ଥାନ: ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ଅପରାହ୍ନ ୩ଟା।
- ସୁରଭି ସନ୍ଧ୍ୟା, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, ସମୟ:ଅପରାହ୍ନ ୫ଟା।
- ମଙ୍ଗଳା ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା, ସ୍ଥାନ: ନୂଆ ରେଙ୍ଗୁଳା, ସମୟ: ଅପରାହ୍ନ ୫ଟା।
- ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ହେଣ୍ଡଲୁମ ସିଟି କେନାଲ କ୍ଲବ୍ ପକ୍ଷରୁ ଦିନିକିଆ ଡଗ୍ ଶୋ', ସ୍ଥାନ: କାଇଁଶିର ଫୁଟବଲ ପଡିଆ, ସମୟ: ଅପରାହ୍ନ ୪ଟା ।
- ଦ୍ୱିତୀୟ ବିଜୟ ବାହାଦୁର ସିଂହ ଓ ଭୀମସେନ ଆନ୍ତଜିଲା ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଷ୍ଟୋର୍ଟିଂ ୟୁନିୟନ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଷ୍ଟୋର୍ଟିଂ ୟୁନିୟନ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ ଟା ୩୦
- ସୁରଘୁଙ୍ଗୁର ମହୋତ୍ସବ, ସ୍ଥାନ: ରେଢାଖୋଲ ସ୍ଥିତ କଦମ ପଡିଆ, ସମୟ: ଅପରାହ୍ନ ୫ଟା।
- କୁଲତା ସମାଜ ସମ୍ବଲପୁରର ବୈଠକ, ସ୍ଥାନ: ଦାନିପାଲି ସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଆଗଲପୁର ବ୍ଲକ ରୋତ ମହାବିଦ୍ୟାଳୟ ପୁରାତନ ଛାତ୍ର ସମ୍ମିଳନୀ, ସ୍ଥାନ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଫ୍ରେଣ୍ଡସ୍ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗ୍ରାଣ୍ଡ ଫାଇନାଲ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା

- କଲ୍ୟାଣୀ ରାୟଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ମେ ଫେୟାର ହକି ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ୨ୟ ରାଉରକେଲା ସାହିତ୍ୟ ଉତ୍ସବ, ସ୍ଥାନ: ସେକ୍ଟର-୫, ଆଦର୍ଶ ପାଠାଗାର, ସମୟ: ଅପରାହ୍ନ ୫ଟା।
- ଅନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଏବଂ ସଙ୍ଗୀତ କାର୍ଯ୍ୟକ୍ରମର ୨ୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଭେଙ୍କଟେଶ୍ୱରାୟ ସ୍ୱାମୀ ବାଲାଜୀ ମନ୍ଦିର କଲ୍ୟାଣମ୍ (ବିବାହ ଉତ୍ସବ), ସ୍ଥାନ: ପ୍ରଧାନପାଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଡିପ୍ ଲର୍ନର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଲାଜରୁସ୍ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ସେକ୍ଟର-୬, ଗ୍ରାସ୍ ଫିଲ୍ଡ, ସମୟ: ଅପରାହ୍ନ ୫ଟା ।
- ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ସମାବେଶ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ୫୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସଂସଦ କାର୍ଯ୍ୟାଳୟ, ସେକ୍ଟର-୭, ସମୟ: ସକାଳ ୯ଟା ୩୦।

## ସୁନ୍ଦରଗଡ଼

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଓ ବ୍ଲକ ସ୍ତରୀୟ ୭ତମ ବାର୍ଷିକ ଜାଗୃତି ଉତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର, ଲକ୍ଷ୍ମୀପଡା ରାଜାମୁଣ୍ଡା, ସମୟ: ସକାଳ ୫ଟା।
- ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘ ସୁନ୍ଦରଗଡ ଜିଲା ପରିଷଦର ପରିବର୍ଦ୍ଧିତ ବୈଠକ, ସ୍ଥାନ: ସୁନ୍ଦରଗଡ ନୂଆ ବସଷ୍ଟାଣ୍ଡ ପାଖ ଲୁହୁରାଡିପା କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତୀୟ ଅଘରିଆ ସମାଜ, ଓଡ଼ିଶା ପ୍ରଦେଶ ଦଶମ ପ୍ରାନ୍ତୀୟ ମହାସମ୍ମିଳନୀ ଏବଂ ଚତୁର୍ଥ ଗାଙ୍ଗପୁର ଆଞ୍ଚଳିକ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନ ସମାରୋହ, ସ୍ଥାନ: ସବ୍‌ଡେଗା, ସମୟ: ଅପରାହ୍ନ ୩ଟା ୩୦।
- ଅଖଣ୍ଡ ଭୂୟାଁ ସମାଜ ମହାସଭା ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ଇଲେକ୍ଟ୍ରିଅଫିସ ନିକଟ ପଡିଆ, ସମୟ: ଅପରାହ୍ନ ୩ଟା ୩୦।

## ବରଗଡ଼

- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ତୋରା, ବରଗଡ଼,ସମୟ: ସକାଳ ୮ଟା।
- ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଘେଁସ୍, ସୋହେଲା,ସମୟ:ସକାଳ ୮ଟା।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୋବିନ୍ଦପାଲି, ବରଗଡ଼,ସମୟ:ସକାଳ ୯ଟା।
- ବରଗଡ଼ ପ୍ରିମିୟର ଲିଗ୍‌ର ଫାଇନାଲ, ସ୍ଥାନ: ଜଜ୍ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- କେସିଙ୍ଗା ସିଟିଜେନ ଫୋରମର ବୈଠକ, ସ୍ଥାନ: ସ୍ଥାନୀୟ ସରକାରୀ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ଜୁନାଗଡ଼ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଫଗୁ ମହୋତ୍ସବ ପାଇଁ ବୈଠକ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ବ୍ରାହ୍ମଣ ସାହି, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର,ସମୟ: ପ୍ରାତଃ ୪ଟା।
- ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମଠସାହି, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଭାଲଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା।
- ତୃତୀୟ ରାଜ୍ୟସ୍ତରୀୟ ଲିପୁ ମେମୋରିଆଲ ଭେଟେରାନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ସୋନପୁର କଲେଜ ପଡିଆ, ସମୟ: ସକାଳ ୯ଟା ।
- କିଡ୍ସ ଫେଶନ ଶୋ ପ୍ରତିଯୋଗିତା, ସ୍ଥାନ: ସୋନପୁର ସହର ମଝିପଡା ସ୍ଥିତ ହନୁମାନ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏନ୍‌ସିସି କ୍ରିକେଟ ଚାମ୍ପିୟନ ଟ୍ରଫି କ୍ରିକେଟର ଦ୍ୱିତୀୟ ଦିବସ, ସ୍ଥାନ: କାନପୁର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଶ୍ରୀ ଗୋବର୍ଦ୍ଧନ ପୂଜା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭାଇସାତାଲ ଗାଁ, ସମୟ: ଅପରାହ୍ନ ୧ଟା।
- ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ସୌରୀ ସାହିତ୍ୟ ସଂସ୍କୃତି ଚାରିଟେବୁଲ ଟ୍ରଷ୍ଟର ସପ୍ତମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ ଆଞ୍ଚଳିକ ଯାଦବ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା ୧୫।

## ଝାରସୁଗୁଡ଼ା

- ପ୍ରଗତିଶୀଳ ଶ୍ରମିକ ମଞ୍ଚର ବୈଠକ, ସ୍ଥାନ: ବମ୍ବେ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ଥ କବି ଭୀମ ଭୋଇଙ୍କ ଜୀବନୀ ଓ ସମାଜ ପ୍ରତି ଅବଦାନ ନେଇ ଆଲୋଚନାଚକ୍ର, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୌରଡ଼ିହି, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ପାପଗ୍ରହ କେତୁଯୁକ୍ତ ଯୋଗୁ କେତେକ କାମ କରିବାକୁ ବାଧହେବେ। ବନ୍ଧୁବତ୍ସଳ, ବୌଦ୍ଧିକ ବିକାଶ ସହ ମନରେ ସାହାଯ୍ୟ ମନୋବୃତ୍ତି ଉଦ୍ରେକ କରିବେ। ଅଟକି ରହିଥିବା କାମ ସକାଶେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ।

**ବୃଷ** କର୍ମଭାବସ୍ଥ ରବି ଓ ବୁଧ ମିତ୍ର ଶନିଯୁକ୍ତ ହେତୁ ମନ ବୁଝିଲା ଭଳି କଥା କହି ଆକସ୍ମିକ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ମନୋରଞ୍ଜନ, ବିଳାସପୂର୍ଣ୍ଣ ଦ୍ରବ୍ୟ ଲାଭର ଯୋଗ ରହିଛି। ତଥାପି ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ମିଥୁନ** ଭାଗ୍ୟସ୍ଥ ଗ୍ରହ ପ୍ରଭାବରେ ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଜମିଜମା, ବ୍ୟବସାୟରେ ଶୁଭଫଳ ମିଳିବ। ମକଦ୍ଦମା, ଆଲୋଚନା, ଗବେଷଣାରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେବ। ତଥାପି ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ନବମସ୍ଥ ବୃହସ୍ପତିଜନିତ କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଭ୍ରମଣ ସୁଯୋଗ ଏବଂ ସତ୍‌ସଙ୍ଗର ସାନ୍ନିଧ ଲାଭକରିବେ। କିନ୍ତୁ ଅଶ୍ଳେଷାର ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଚିନ୍ତାର୍ଥୀ କରାଇପାରେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବ୍ୟବସାୟ, ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ** ରବି ସପ୍ତମାଧିପତିଙ୍କ କ୍ଷେତ୍ରରେ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ସୁଦ୍ଧା ଟେନ୍‌ସନ ଲାଗି ରହିବ। ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା ସହ ହାତ ଖାଲିରହିବାଜନିତ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ଆଲୋଚନାର ନିଷ୍ପତ୍ତି ସହ ନିବିଡ଼ ବନ୍ଧୁ ସମ୍ପର୍କ କର୍ମକ୍ଷେତ୍ରକୁ ନିରୁପଦ୍ରବ ରଖିବ। ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବା ସୂଚନା ରହିଛି। ପରିବାରରେ ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ତୁଳା** ଉଚ୍ଚସ୍ଥ ଶୁକ୍ର ହେତୁ ମନ ପ୍ରଫୁଲ୍ଲ ରହିବ ଓ କର୍ମକ୍ଷେତ୍ରରେ ସ୍ଥଗିତ କାମ ସମ୍ପନ୍ନ କରିବାରେ ସଫଳ ହେବେ। ନିଜ ଲୋକମାନେ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁମିଳନ ଘଟିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ଚତୁର୍ଥ ସ୍ଥାନରେ ଏକାଧିକ ପାପଗ୍ରହ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ ପରିବାରରେ ମତାନ୍ତର ସମ୍ଭାବନା ରହିଛି। ଉଚ୍ଚସ୍ଥ ଶୁକ୍ରଜନିତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବ୍ୟବସାୟ ବଢ଼ାଇବାକୁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ସପ୍ତମସ୍ଥାନରୁ ରାଶି ପ୍ରତି ମଙ୍ଗଳଙ୍କ ଦୃଷ୍ଟିଜନିତ ସ୍ୱାମୀ/ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦାତ୍ମକ ସ୍ଥିତି ଉତ୍ପନ୍ନ କରିପାରେ। ଶିଳ୍ପ, ବ୍ୟବସାୟିକ ସ୍ଥିତି ଧିମା ଚାଲିବ। ବନ୍ଧୁଙ୍କୁ ସୁସ୍ଥ ମନରେ ବିଚାର ବିନା ସରଳ ବିଶ୍ୱାସକରି ହଇରାଣ ହେବେ। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ।

**ମକର** ଶନିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା ସମସ୍ୟା ମନକୁ ଅସ୍ଥିର କରିବ। ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସୃଷ୍ଟି ହେବ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ପରିବାରରେ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ।

**କୁମ୍ଭ** ସ୍ୱଗୃହୀ ଶନିଙ୍କ ଶୁଭ ପ୍ରଭାବରେ ସ୍ୱାସ୍ଥ୍ୟକୁ ନିରାମୟ ରଖିବାରେ ସାହାଯ୍ୟ କରିବ। ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର କିଣିବା ପାଇଁ ମନ ବଳାଇପାରନ୍ତି। ସାମାଜିକ କ୍ଷେତ୍ର, ଲୋକସମ୍ପର୍କ କ୍ଷେତ୍ରରେ ମର୍ଯ୍ୟାଦା ବଢ଼ିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ମୀନ** ଆଜି ରାହୁଯୁକ୍ତ ଶୁକ୍ର ଯୋଗୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହୋଇପାରନ୍ତି। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ଫେବୃଆରୀ ୧୬ ତାରିଖ,ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ରବିବାର। ରାଶିନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୮ ଗତେ, ଘ. ୧୦।୦୬ ମଧ୍ୟେ, ଘ, ୦୧।୨୬ ଗତେ, ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୧୭ ଗତେ, ଘ.୦୫।୪୨ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ରୋକି ହେଉନାହିଁ ...

ବିଭାଗର ସମସ୍ତ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକମାନଙ୍କୁ ବାଲ୍ୟବିବାହ ସୂଚନା ଅଧିକାରୀ ଭାବେ ସୂଚୀତ କରାଯାଇଥିବା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏନେଇ ଶିଶୁ ଅଧିକାରୀ କର୍ମୀ ଘାସିରାମ ପଣ୍ଡା କହିଛନ୍ତି, ସରକାର ଏବେ ବାଲ୍ୟବିବାହକୁ ନେଇ ସଚେତନ ଅଛନ୍ତି। କିନ୍ତୁ ବିଧାନସଭାରେ ବାଲ୍ୟବିବାହର ଯେଉଁ ତଥ୍ୟ ରଖାଯାଇଛି, ବାସ୍ତବରେ ଓଡ଼ିଶାରେ ବାଲ୍ୟବିବାହ ହାର ଏହାଠାରୁ ଯଥେଷ୍ଟ ଅଧିକ। ତେଣୁ ଏନେଇ ସରକାରଙ୍କୁ ଆହୁରି କଡ଼ା ପଦକ୍ଷେପ ନେବାକୁ ପଡ଼ିବ। ତେବେ ଚଳିତ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଶିକ୍ଷକମାନଙ୍କୁ ନୂଆ କରି ବାଲ୍ୟବିବାହ ରୋକିବା ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ତଦାରଖ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ। ଗତ ଅକ୍ଟୋବରରେ ସୁପ୍ରିମକୋର୍ଟ ବାଲ୍ୟବିବାହ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ପ୍ରତ୍ୟେକ ରାଜ୍ୟକୁ ନିର୍ଦ୍ଦେଶାବଳୀ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ପ୍ରତ୍ୟେକ ଜିଲାରେ ଅତି କମ୍‌ରେ ଜଣେ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ନେବେ। ସେହିପରି ବିଦ୍ୟାଳୟଗୁଡ଼ିକରେ ଯୌନ ଶିକ୍ଷାର ପାଠ୍ୟକ୍ରମ ଯୋଡ଼ାଯିବା ଆବଶ୍ୟକ। କେବଳ କିଶୋରୀମାନଙ୍କୁ ଏଥିରେ ସାମିଲ ନ କରି ଉଭୟ କିଶୋର ଏବଂ ଅଭିଭାବକମାନଙ୍କ ସହ ଯୋଡ଼ି ହେବାକୁ ପଡ଼ିବ ବୋଲି ପଣ୍ଡା କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ଗତ ୬ବର୍ଷ ମଧ୍ୟରେ ୩୨୮ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ତଥ୍ୟ ମଧ୍ୟ ଉପମୁଖ୍ୟମନ୍ତ୍ରୀ ବିଧାନସଭାରେ ରଖିଛନ୍ତି। ସର୍ବାଧିକ ୪୦ଜଣ ଶିଶୁ ଶ୍ରମିକ ଝାରସୁଗୁଡାରୁ ଉଦ୍ଧାର ହୋଇଥିବାବେଳେ, ଖୋର୍ଦ୍ଧାରୁ ୩୫ଜଣ, କଟକରୁ ୨୯, ଗଞ୍ଜାମରୁ ୨୬ ଏପରି ମୋଟ ୩୨୮ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଏନେଇ ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି କହିଛନ୍ତି, ରାଜ୍ୟରେ ଶିଶୁ ଶ୍ରମିକ ଆଇନ ଲାଗୁ ହୋଇପାରୁ ନାହିଁ। ପୋଲିସ କେସ୍ କରୁନି, କେବଳ ଡାଏରୀ ମେଣ୍ଟେନ କରିକି ଛାଡ଼ି ଦେଉଛି। ତେଣୁ ସ୍ଥିତିରେ ସୁଧାର ଆସୁନି। ୧୮ବର୍ଷ ପର୍ଯ୍ୟନ୍ତ ଶିକ୍ଷାକୁ ବାଧ୍ୟତାମୂଳକ ଏବଂ ମାଗଣା କରାଗଲେ ସ୍ଥିତିରେ କିଛିଟା ସୁଧାର ଆସିପାରେ। ପିଲାମାନଙ୍କୁ କେବଳ ଉଦ୍ଧାର କଲେ ହେବ ନାହିଁ, ସେମାନଙ୍କ ପାଇଁ ବିଧିବଦ୍ଧ ବ୍ୟବସ୍ଥା ଆଣିବା ଦରକାର। ଉଭୟ ସରକାର ଏବଂ ସାମାଜିକ ସଂଗଠନଗୁଡ଼ିକ ମିଳିତ ଭାବେ କାମ କରିବା ଦରକାର। କିଶୋର ନ୍ୟାୟ ଆଇନ୍ ୨୦୧୫ (ଧାରା ୭୯), ଶିଶୁ ଶ୍ରମିକ ନିରୋଧ ଆଇନ, ୨୦୧୬ (ଧାରା ୧୪)କୁ କଡ଼ାକଡ଼ି ଭାବେ ପାଳନ କରାଗଲେ ଶିଶୁ ଶ୍ରମିକ ପ୍ରଥା ବନ୍ଦ ହୋଇପାରିବ ବୋଲି ସେନାପତି କହିଛନ୍ତି।

### ମହାକୁମ୍ଭ: ଗାଡ଼ି ...

କରାଯାଇଥିବାବେଳେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପ୍ରୟାଗରାଜର ଏସ୍‌ଆର୍‌ଏନ୍ ହସ୍ପିଟାଲ ପଠାଯାଇଛି। ସେହିପରି ଗୁଜରାଟର ଦାହୋଡ ଜିଲାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ୪ ଜଣ ମହାକୁମ୍ଭ ଫେରନ୍ତାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଟୁରିଷ୍ଟ ଭ୍ୟାନ୍‌ଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଇନ୍ଦୋର-ଅହମଦାବାଦ ଜାତୀୟ ରାଜପଥର ଲିମ୍‌ଖେଦା ନିକଟରେ ରାତି ୨ଟା ୧୫ ମିନିଟ୍ ସମୟରେ ଏହି ଦୁର୍ଘଟଣା ଘଟିଛି। ତୀର୍ଥଯାତ୍ରୀମାନେ ପ୍ରୟାଗରାଜ କୁମ୍ଭମେଳାରେ ଯୋଗଦେଇ ଫେରୁଥିଲେ।

ସୂଚନାଯୋଗ୍ୟ, ଗତ ମାସ ୨୯ ତାରିଖ ମୌନୀ ଅମାବାସ୍ୟା ଅବସରରେ ମହାକୁମ୍ଭ ଅମୃତ ସ୍ନାନ ବେଳେ ଦଳାଚକଟାରେ ଅନେକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁସଂଖ୍ୟା ୩୦ ବୋଲି ସରକାରୀ ଭାବେ କୁହାଯାଇଥିବାବେଳେ ପ୍ରକୃତ ସଂଖ୍ୟା ଏହାଠାରୁ ବହୁ ଅଧିକ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦଳାଚକଟା ମୃତ୍ୟୁର ପ୍ରକୃତ ସଂଖ୍ୟାକୁ ନେଇ ରାଜନୀତି ଜୋର୍ ଧରିଛି।


ଘର ଆଗରେ ଗ୍ରାମବାସୀ ରୁଣ୍ଡ ହୋଇଛନ୍ତି।

### ବନ୍ଦ ଘରୁ ବାପା, ଝିଅ, ...

ନାତି ସନ୍ତୋଷ କୁମାର ଦାସ(୧୮)। ଅଞ୍ଚଳବାସୀଙ୍କଠାରୁ ଜଣାପଡିଛି, ଶଙ୍କର୍ଷଣ ଦାସ ରେଳ ବିଭାଗରେ ଗେଟ୍‌କିପର ଭାବେ କାର୍ଯ୍ୟ କରୁଥିଲେ। ପ୍ରାୟ ୧୦ବର୍ଷ ତଳେ ଅବସର ଗ୍ରହଣ କରି ସ୍ତ୍ରୀ ପୁଷ୍ପାଞ୍ଜଳି ଦାସ(୬୭)ଙ୍କ ସହ ରହୁଥିଲେ। ଶଙ୍କର୍ଷଣଙ୍କ ଝିଅ ସୁବର୍ଣ୍ଣା ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳରେ ବିବାହ କରିଥିଲେ। କିନ୍ତୁ ପାରିବାରିକ କଳହ ଯୋଗୁ ସେ ସ୍ୱାମୀଙ୍କୁ ଛାଡ଼ି ବାପଘରେ ରହୁଥିଲେ। ତାଙ୍କ ପୁଅ ସନ୍ତୋଷ ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ଦ୍ୱିତୀୟବର୍ଷ କଳାରେ ପଢୁଥିଲେ। ଶଙ୍କର୍ଷଣଙ୍କ ଏକମାତ୍ର ପୁଅ ପ୍ରସନ୍ନ ଆଜକୁ ୨୦ବର୍ଷ ଧରି ଢେଙ୍କାନାଳ ସହରରେ ରହୁଛନ୍ତି। କୌଣସି କାରଣରୁ ମାନସିକ ଚିନ୍ତାଗ୍ରସ୍ତ ହୋଇ ଏହି ପରିବାର କାହା ସହିତ ନ ମିଶି ଏକାକୀ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ଶଙ୍କର୍ଷଣ, ଝିଅ ସୁବର୍ଣ୍ଣା ଓ ନାତି ସନ୍ତୋଷ ଘର ଭିତରେ ଥିବା ଦୁଇଟି ପ୍ରକୋଷ୍ଠରେ ରଶି ଲଗାଇ ଦେଇଥିଲେ । ଗୁରୁବାର ସକାଳେ ପୁଷ୍ପାଞ୍ଜଳି ଝିଅକୁ ଡାକିବାକୁ ଘର ଭିତରକୁ ଯାଇ ଦେଖନ୍ତି, ମା' ଓ ପୁଅ ବେକରେ ରଶି ଲଗାଇ ଝୁଲୁଛନ୍ତି। ଅନ୍ୟ ଏକ ପ୍ରକୋଷ୍ଠରେ ସ୍ୱାମୀ ଶଙ୍କର୍ଷଣ ରଶି ସାହାଯ୍ୟରେ ଝୁଲୁଛନ୍ତି। ପୁଷ୍ପାଞ୍ଜଳି ହତବାକ୍ ହୋଇ ଗ୍ରାମବାସୀଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ସେ ଢେଙ୍କାନାଳ ସହରରେ ରହୁଥିବା ପୁଅ ପ୍ରସନ୍ନଙ୍କ ପାଖକୁ ଯାଇ ସବୁ କଥା କହିଥିଲେ। ଶନିବାର ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀମାନେ ଗ୍ରାମ ସଭାପତିଙ୍କୁ ଜଣାଇଥିଲେ। ଗ୍ରାମ ସଭାପତି ପୋଲିସକୁ ଖବର ଦେବା ପରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଥାନା ଓ ତରଭା ଫାଣ୍ଡି ପୋଲିସ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଅପରପକ୍ଷରେ ମୃତ ଶଙ୍କର୍ଷଣଙ୍କ ପୁତ୍ର ପ୍ରସନ୍ନ ଶନିବାର ଢ଼େଙ୍କାନାଳରୁ ଆସି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କଟକରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ସନ୍ଧ୍ୟା ୭ଟାରେ ମୃତଦେହ ତଳକୁ ଅଣାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ. ୮/୨୫, ୯/୨୫ ଓ ୧୦/୨୫ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ କହିଛନ୍ତି, ଏହି ପରିବାର କାହା ସହିତ ନ ମିଶି ଏକାକୀ ଘର ଭିତରେ ରହୁଥିଲେ। ମାନସିକ ଚିନ୍ତାଗ୍ରସ୍ତ ଥିଲେ ବୋଲି ସନ୍ଦେହ କରାଯାଉଛି । ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ ହେବ। ଘଟଣାର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ଗ୍ରାମ ସଭାପତି କାଳନ୍ଦୀ ବାରିକ କହିଛନ୍ତି, ମୁଁ ବହୁବାର ଏହି ରାସ୍ତା ଦେଇ ଯିବାଆସିବା କରୁଥିଲେ ମଧ୍ୟ ପୁଷ୍ପାଞ୍ଜଳି ଘଟଣା ବିଷୟରେ ମୋତେ କିଛି କହିନାହାନ୍ତି।

ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତାରୁ ଯାହା ଶୁଣିବାକୁ ମିଳିଛି, ସନ୍ତୋଷ ବସ୍‌ରେ କଲେଜ ଯିବାକୁ ବାହାରିଲେ ଆଈ ପୁଷ୍ପାଞ୍ଜଳି ବସ୍ ଆସିଲାଣି କି ନାହିଁ ଦେଖି ଝିଅ ସୁବର୍ଣ୍ଣାଙ୍କୁ ଖବର ଦିଅନ୍ତି। ସୁବର୍ଣ୍ଣା ଏକ ଛୁରି ଧରି ପୁଅ ସହ ବସ୍‌ରେ ଢେଙ୍କାନାଳ ଜୁନିୟର କଲେଜ ଯାଇ ଫାଟକ ନିକଟରେ ବସିରୁହନ୍ତି। ପୁଅର କଲେଜ ଶେଷ ହେବା ପରେ ପୁଣି ଉକ୍ତ ଛୁରି ଧରି ବସ୍‌ରେ ଘରକୁ ଫେରନ୍ତି । ତେବେ ଏହି ଭୟର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

# ଭଲ ରୋଜଗାର ଆଶାରେ ଦାଦନମୁହାଁ ଆଦିବାସୀ

**କେନ୍ଦୁଝର,୧୫।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରରେ କାମଧନ୍ଦାର ଅଭାବ ଦେଖାଯାଉଛି। ଜିଲା ଖଣି, ଶିଳ୍ପସମୃଦ୍ଧ ହୋଇଥିଲେ ବି କାମ ମିଳୁ ନ ଥିବାରୁ ବହୁ ଭୂୟାଁ ଓ ଜୁଆଙ୍ଗ ଜନଜାତି ଯୁବକ ତଥା ଆଦିବାସୀ ଓ ସାଧାରଣ ବର୍ଗର ଯୁବକ ବାହାର ରାଜ୍ୟକୁ ଯାଇ କାମଧନ୍ଦା କରୁଛନ୍ତି। ଅନେକ ସମୟରେ ସେମାନଙ୍କୁ ସେଠାରେ ନିର୍ଯାତନାର ଶିକାର ହେବାକୁ ପଡୁଥିବା ବେଳେ କେତେଜଣ ଭଲ ରୋଜଗାର କରି ପରିବାର ଚଳାଇ ଆସୁଛନ୍ତି। ଏଭଳି ବାଂଶପାଳ ବ୍ଲକ୍‌ର ଇରିଡ଼ା ଗ୍ରାମର ଦୁଇ ଭୂୟାଁ ସମ୍ପ୍ରଦାୟର ଯୁବକ ଅର୍ଥାତ୍ ୨ ଭାଇ ରଞ୍ଜନ ଦେହୁରୀ ଓ ବିକାଶ ଦେହୁରୀ ପୁଡୁଚେରୀ ଯାଇ ରୋଜଗାରକ୍ଷମ ହୋଇଥିବା କହିଛନ୍ତି।

ଦୁଇ ଭାଇ ସେଠାରେ ଏକ ପ୍ଲାଷ୍ଟିକ୍ କାରଖାନାରେ ହେଲ୍‌ପର ଭାବରେ କାମ କରୁଛନ୍ତି। ୨ ଭାଇ ଅବିବାହିତ ଥିବା ବେଳେ ଘରେ ବାପା ଓ ବଡ଼ଭାଇ ଚାଷକାମ କରୁଛନ୍ତି। ବର୍ତ୍ତମାନର ମହଙ୍ଗା ଯୁଗରେ ଚଳିବା କଷ୍ଟକର। ଅର୍ଥ ଅଭାବରୁ ୫ମରୁ ପାଠ ଛାଡ଼ିବାକୁ ପଡ଼ିଥିଲା। ସ୍ଥାନୀୟ ଅଞ୍ଚଳରେ କାମ ଖୋଜି ପାଇ ନ ଥିଲେ। ସେ ସମୟରେ ଜଣେ ବ୍ୟକ୍ତି ପୁଡୁଚେରୀ ଡାକିନେଇଥିଲେ। ସେଠାରେ ଏବେ ୮ ବର୍ଷ ହେଲା କାମ କରିଆସୁଛନ୍ତି ବୋଲି ରଞ୍ଜନ କହିଛନ୍ତି। ୨ ବର୍ଷ ପରେ ସାନଭାଇ ବିକାଶଙ୍କୁ ନେଇଯାଇଥିଲେ। ଦୁଇ ଭାଇ ପ୍ଲାଷ୍ଟିକ୍ କାରଖାନାରେ ହେଲ୍‌ପର କାମ କରୁଥିବା ବେଳେ ଦିନକୁ ୬୫୦ ଟଙ୍କା ଲେଖାଏ ରୋଜଗାର କରନ୍ତି। ମାସକୁ ଘରକୁ ୨୫ ହଜାର ଟଙ୍କା ପଠାଇଥାନ୍ତି ବୋଲି କହିଛନ୍ତି। ଗତ ଅଗଷ୍ଟରେ ମା' ରଞ୍ଜିତା ଦେହୁରୀଙ୍କ ଦେହାନ୍ତ ହୋଇଯାଇଛି। ଏବେ ଘରେ ବାପା ଦସରୁ ଦେହୁରୀ ଓ ବଡ଼ଭାଇ ରାଉତ ଦେହୁରୀ ଅଛନ୍ତି। ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା ମିଳୁନି, ଯାହା ମିଳୁଛି ସେଥିରୁ ଠିକ୍ ପାରିଶ୍ରମିକ ମିଳୁନି। ତେଣୁ ଅଧିକ ରୋଜଗାର ଆଶାରେ ବାହାର ରାଜ୍ୟକୁ ଯିବାକୁ ପଡୁଛି ବୋଲି ୨ ଭାଇ କହିଛନ୍ତି। ଆମ ଅଞ୍ଚଳରୁ ପାଖାପାଖି ୨୦ ପିଲା ଏବେ ସେଠାରେ କାମ କରୁଛନ୍ତି। ଏହି ୨ ଭାଇ ଯଦିଓ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇପାରିଛନ୍ତି ତେବେ ସେମାନଙ୍କୁ ପଞ୍ଜୀକରଣ, ସେମାନଙ୍କ ସୁରକ୍ଷା ନେଇ ଶ୍ରମ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ସମସ୍ତେ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି।

ପ୍ରକାଶଯୋଗ୍ୟ, କେନ୍ଦୁଝର ଭଳି ଖଣି ଓ ଶିଳ୍ପ ସମୃଦ୍ଧ ଜିଲାରେ କାମଧନ୍ଦାର ଅଭାବ ରହିଛି। ଏଠାରେ ବାହାର ଲୋକଙ୍କୁ କାମ ମିଳୁଛି କିନ୍ତୁ ସ୍ଥାନୀୟ ଲୋକଙ୍କୁ ନୁହେଁ। ଫଳରେ ଏଭଳି ଅନେକ ଶହ ଯୁବକ ବାହାରକୁ ଯାଇ କାମ କରିବାକୁ ବାଧ୍ୟ ହେଉଛନ୍ତି। ଜିଲାରେ ବିଭିନ୍ନ କାରଖାନା ପ୍ରତିଷ୍ଠା ହୋଇପାରିଲେ ଏଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଫଳରେ ସ୍ଥାନୀୟ ଯୁବକମାନେ ବାହାରକୁ ଯିବେ ନାହିଁ କି ନିର୍ଯାତିତ ହେବେ ନାହିଁ ବୋଲି କେନ୍ଦୁଝରର ବ୍ୟବସାୟୀ ଗୁଲାବ ମୁକ୍ତାର ରାଇନ କହିଛନ୍ତି।

# ବର୍ଷ ସାରା ହାତୀ ଉପଦ୍ରବ, ସୁରକ୍ଷା ୫ ମାସ

## ଗଜସାଥୀଙ୍କ ଅବଧି ବୃଦ୍ଧି ଦାବି

**ଚମ୍ପୁଆ,୧୫।୨ (ମହେଶ୍ୱର ଦାସ)**


ହାତୀ ପଲ ଫଟୋ

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ପୂର୍ବରୁ ବର୍ଷରେ କାଁ ଭାଁ ହାତୀ ଚଳପ୍ରଚଳ କରୁଥିବା ବେଳେ ୨୦୨୨ରୁ ବର୍ଷ ସାରା ହାତୀ ଉପଦ୍ରବ ଲାଗିରହୁଛି। ହାତୀଙ୍କ ଉପରେ ନଜର ରଖିବା ଓ ହାତୀ ମଣିଷଙ୍କ ମଧ୍ୟରେ ଲଢ଼େଇ ରୋକିବାକୁ ଗଜ ସାଥୀ ନିୟୋଜିତ ହୋଇଛନ୍ତି। ହାତୀଙ୍କ ସୁରକ୍ଷା, ଆଗମନର ସୂଚନା ପାଇଁ ସରକାରୀ ପଦକ୍ଷେପ ମାଧ୍ୟମରେ ହାତୀ ଉପଦ୍ରବ ଅଞ୍ଚଳଗୁଡ଼ିକରେ ଗଜ ସାଥୀଙ୍କୁ ନିଯୁକ୍ତି କରାଯାଇଛି। ମାତ୍ର ବର୍ଷ ସାରା ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଗଜ ସାଥୀଙ୍କ କାର୍ଯ୍ୟକାଳ ୫ ମାସ ମଧ୍ୟରେ ସୀମିତ ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଚମ୍ପୁଆ, ବାଲିବନ୍ଧ, ଯୋଡ଼ା, ବାମେବାରି ଓ ଉଖୁଣ୍ଡାକୁ ମିଶାଇ ୫ ଗୋଟି ସେକ୍ସନ ଚମ୍ପୁଆ ରେଞ୍ଜ ଅଧୀନରେ ରହିଛି। ଚମ୍ପୁଆ ସେକ୍ସନର ମିରିଗିଶିଙ୍ଗା, ମୁକୁନ୍ଦପୁର, ଜାମୁଦଲକ, ବାଲିବନ୍ଧ ସେକ୍ସନର ଚମକପୁର, ଗୁରୁଡ଼ିହି, ରେଭେନ୍ସାପୁର (କ) ଓ (ଖ), ଟିପିଣ୍ଡା, ହରିଡ଼ାଗୁଟୁ, ଗୁଗୁଦରି, ଉଖୁଣ୍ଡା ସେକ୍ସନର ନିଶ୍ଚିନ୍ତପୁର, ମଙ୍ଗଳପୁର, ବାଲିବନ୍ଧ ସେକ୍ସନର ବସନ୍ତପୁର, ଜମିରଡ଼ିହି, କାଇରାମସାହି, ମହାପର୍ବତ ଡିପିଏଫ୍, ଯୋଡ଼ା ସେକ୍ସନର ବନ୍ଧୁଆବେଡ଼ା, ଖଣ୍ଡବନ୍ଧ, ତିରିଙ୍ଗପାହାଡ଼ ଆଦି ଅଞ୍ଚଳରେ ବର୍ଷସାରା ହାତୀ ଉପଦ୍ରବ ଲାଗିରହିଛି। ୨୦୨୪ରେ ଚମ୍ପୁଆ ରେଞ୍ଜରେ ୧୦୦ରୁ ଊର୍ଦ୍ଧ୍ୱ ହାତୀଙ୍କର ଆଗମନ ଲାଗି ରହିଥିବା ବେଳେ ବର୍ତ୍ତମାନ ଯୋଡ଼ାରେ ୩୪ ଓ ବାଲିବନ୍ଧରେ ୩୪ ହାତୀ ବୁଲୁଛନ୍ତି। ଉକ୍ତ ଅଞ୍ଚଳରେ ହାତୀ ଉପରେ ନଜର ରଖିବା, ହାତୀ ମଣିଷ ଲଢ଼େଇକୁ ପ୍ରଶମିତ କରିବା ପାଇଁ ଗଜ ସାଥୀଙ୍କୁ ନିୟୋଜିତ କରାଯାଇଛି। ଗଜ ସାଥୀ ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ୫ ମାସ ଧରି କାର୍ଯ୍ୟ କରୁଥିବାବେଳେ ବର୍ଷର ଅନ୍ୟ ୭ ମାସ ହାତୀ ଉପଦ୍ରବକୁ ସମ୍ଭାଳିବା ପାଇଁ ବନ ବିଭାଗକୁ ନାକେଦମ ହେବାକୁ ପଡୁଛି। ବିଶେଷ ଭାବରେ ଗଜ ସାଥୀଙ୍କୁ ମାସିକ ୧ ହଜାର ଟଙ୍କା ସହାୟତା ସମେତ ଟିଶର୍ଟ, ଟର୍ଚ୍ଚ ଓ ବୁଟ୍ ବନ ବିଭାଗରୁ ଯୋଗାଇ ଦିଆଯାଇଥାଏ।

୨୦୨୪ରେ ହାତୀପଲ ଦ୍ୱାରା ୧୫୫ ଜଣ ଲୋକଙ୍କର ଘର ଭାଙ୍ଗି ଯାଇଥିବା ବେଳେ ୬ ଜଣଙ୍କର ଜୀବନହାନି ସହିତ ୪ ଗୁରୁତର ହୋଇଛନ୍ତି। ୫୧୫ ଜଣଙ୍କର ଏକର ଏକର ଚାଷ ନଷ୍ଟ ହୋଇଛି। ରାଜ୍ୟ ସରକାର ପୂର୍ବରୁ ଥିବା ସହାୟତା ରାଶି ବୃଦ୍ଧି କରି ଆଂଶିକ ଘରଭଙ୍ଗା ପାଇଁ ୨ ହଜାରରୁ ୧୦ ହଜାର ଟଙ୍କା, ଅଧିକ କ୍ଷତିଗ୍ରସ୍ତ ଘର ଭଙ୍ଗା ପାଇଁ ୧୦ରୁ ୨୦ ହଜାର ଟଙ୍କା, ଫସଲ ନଷ୍ଟ ପାଇଁ ପୂର୍ବରୁ ଏକର ପିଛା ୧୦ ହଜାର ରହିଥିବା ବେଳେ ବର୍ତ୍ତମାନ ତାହା ୨୦ ହଜାର ଟଙ୍କା, ଜୀବନହାନି ହେଲେ ୪ ଲକ୍ଷ ରୁ ୬ ଲକ୍ଷ ଟଙ୍କା, ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୧୨ ହଜାର ଟଙ୍କାରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମାତ୍ର ଗଜ ସାଥୀଙ୍କ ୫ ମାସ କାର୍ଯ୍ୟକାଳ ବୃଦ୍ଧି ନ ହେଲେ ବର୍ଷ ସାରା ଲାଗି ରହିଥିବା ହାତୀ ଉପଦ୍ରବକୁ କିପରି ପ୍ରଶମିତ କରାଯାଇପାରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି, ବର୍ତ୍ତମାନ ଯୋଡ଼ାରେ ୧୬, ବାଲିବନ୍ଧରେ ୧୮, ଚମ୍ପୁଆରେ ୧୬ ଗଜସାଥି କାର୍ଯ୍ୟ କରୁଛନ୍ତି। ସରକାର ଗଜ ସାଥୀଙ୍କୁ ୫ ମାସିଆ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସେହି ଅନୁଯାୟୀ କାର୍ଯ୍ୟ କରାଯାଉଛି।

# ଆବୁଧାବି ବନ୍ଦରରେ ଆଇସିଜିଏସ୍ ସୂର୍



**ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)**

ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ 'ଆଇସିଜିଏସ୍ ସୂର' ଶନିବାର ଆବୁଧାବି ବନ୍ଦରରେ ପହଞ୍ଚିଛି। ଏହି ଜାହାଜ ୨୧ ତାରିଖ ପର୍ଯ୍ୟନ୍ତ ଏଠାରେ ରହିବାକୁ ଥିବାବେଳେ ଭାରତ ଏବଂ ୟୁଏଇ ମଧ୍ୟରେ ସାମୁଦ୍ରିକ ସହଯୋଗକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଗସ୍ତରେ ସମୁଦ୍ର ସୁରକ୍ଷା, ଆଞ୍ଚଳିକ ସ୍ଥିରତା ଏବଂ ଅର୍ଥନୈତିକ ସମୃଦ୍ଧିକୁ ପ୍ରାଧାନ୍ୟ ଦେଉଥିବା ଭାରତର ସାଗର ନୀତି ଗଲ୍ଫ ଅଞ୍ଚଳର ରଣନୈତିକ ଗୁରୁତ୍ୱ ବହନ କରୁଛି। ଆଇସିଜିଏସ୍ ସୂର୍ ୟୁଏଇ ନ୍ୟାଶନାଲ କୋଷ୍ଟଗାର୍ଡ (ୟୁଏଇ ଏନସିଜି) ସହିତ ବୃତ୍ତିଗତ ଯୋଗାଯୋଗ କରିବ, ସାମୁଦ୍ରିକ ସର୍ଚ୍ଚ ଆଣ୍ଡ୍ ରେସ୍‌କ୍ୟୁ(ଏମ-ସାର୍), ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା (ଏମ୍‌ପିଆର) ଏବଂ ସାମୁଦ୍ରିକ ଆଇନ ପ୍ରବର୍ତ୍ତନ (ଏମଏଲଇ) ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ମଧ୍ୟ ଧ୍ୟାନ ଦେବ। ଏହା ସାମୁଦ୍ରିକ ତଟ ସୁରକ୍ଷା ପରିଚାଳନାରେ ଦୁଇ ଦେଶ ମଧ୍ୟରେ ସମନ୍ୱୟ ଏବଂ ସୂଚନା ଆଦାନପ୍ରଦାନ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବ। ଏଥିସହ ଆଞ୍ଚଳିକ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରି ପାରସ୍ପରିକ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବ। ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ସାମୂହିକ ପ୍ରସ୍ତୁତିରେ ସହାୟକ ହେବ। ଅନ୍ତର୍ଜାତୀୟ ପ୍ରତିରକ୍ଷା ଏବଂ ନାଭାଲ ଡିଫେନ୍ସ ପ୍ରଦର୍ଶନୀ ଏହି ଗସ୍ତର ଏକ ମୁଖ୍ୟ ଆକର୍ଷଣ ରହିବ। ଏଥିସହ ପୁନୀତ ସାଗର ଅଭିଯାନର ଏକ ଅଂଶ ଭାବରେ ୧୫ଟି ନ୍ୟାଶନାଲ କ୍ୟାଡେଟ କର୍ପସ ଆଇସିଜିଏସ୍ ସୂର୍ ୨୫ ତାରିଖରେ ଓମାନର ମସ୍କଟ ପରିଦର୍ଶନ କରିବ ବୋଲି ସୂଚନା ଦିଆଯାଇଛି।

# ରାଜଭବନ ପହଞ୍ଚି ନ୍ୟାୟ ମାଗିଲେ ପୀଡ଼ିତ ଏଏସ୍‌ଓଙ୍କ ସ୍ତ୍ରୀ

**ଭୁବନେଶ୍ୱର,୧୫।୨ (ସୂର୍ଯ୍ୟକାନ୍ତ ବେହେରା)**

**ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା**

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ଡ୍ୟୁଟିରେ ଥିବା ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ଘଟଣାକୁ ଇତିମଧ୍ୟରେ ୬ ମାସ ବିତିଯାଇଛି। ଏଯାଏ ପୋଲିସ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୀଡିତ ଓ ତାଙ୍କ ପରିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଓଡିଶାକୁ ନୂଆ ରାଜ୍ୟପାଳ ଆସିବା ପରେ ନ୍ୟାୟ ପାଇବା ଆଶାରେ ଏଏସ୍‌ଓ ବୈକୁଣ୍ଠଙ୍କ ସ୍ତ୍ରୀ ସାୟୋଜ କୁମାରୀ ପ୍ରଧାନ ଶନିବାର ରାଜଭବନରେ ପହଞ୍ଚିଥିଲେ। ସେ ରାଜଭବନରେ ଡିସିଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଏପଟେ ଘଟଣାକୁ ବହୁ ଦିନ ବିତିଯାଇଥିଲେ ମଧ୍ୟ ବୈକୁଣ୍ଠଙ୍କୁ ନ୍ୟାୟ ମିଳିପାରି ନ ଥିବା ଜଣାଇଛନ୍ତି। ଘଟଣାର ତଦନ୍ତ କେତେ ବାଟ ଯାଇଛି, ସେନେଇ ପୁରୀ ଏସ୍‌ପିଙ୍କୁ ଭେଟି ଚିଠି ନେଇ ଆସିବା ପରେ ରାଜ୍ୟପାଳଙ୍କୁ ଭେଟିବାକୁ ପରାମର୍ଶ ଦେଇଛନ୍ତି ଏଡିସି। ସୂଚନାନୁସାରେ, ଗତ ଜୁଲାଇ ୭ ରାତିରେ ବୈକୁଣ୍ଠ ପୁରୀ ରାଜଭବନ ଦାୟିତ୍ୱରେ ଥିବା ବେଳେ କୌଣସି କାରଣକୁ ନେଇ ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ତାଙ୍କୁ ଆକ୍ରମଣ କରି ଆହତ କରିଥିଲେ।

# ପୁରୁଷଙ୍କ ଆକାଉଣ୍ଟକୁ ଯାଉଛି ସୁଭଦ୍ରା ଟଙ୍କା

**ବୈପାରୀଗୁଡ଼ା, ୧୫।୨ (କଳ୍ପତରୁ ମହାନ୍ତି)**


ହିତାଧିକାରୀ ଫୁଲମତି

ସୁଭଦ୍ରା ଯୋଜନାରେ ମହିଳାମାନେ ପ୍ରଥମ କିସ୍ତି ପର୍ଯ୍ୟାୟ କ୍ରମେ ପାଉଥିବା ବେଳେ ବିଭିନ୍ନ କାରଣରୁ କେତେକେ ବାଦ୍ ପଡ଼ିଛନ୍ତି। ବାଟମାରଣାକୁ ସରକାର ରୋକିବାକୁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଇ-କେୱାଇସି ଆବେଦନ କରିବା ସମୟରେ ହିତାଧିକାରୀଙ୍କ ବାୟୋମେଟ୍ରିକ୍ ବାଧ୍ୟ କରାଯାଇଛି। ଏଥିବ୍ୟତୀତ ଆଧାରକାର୍ଡ ସହ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସିଡ଼ିଂ ବାଧ୍ୟତାମୂଳକ ହୋଇଛି। ତଥାପି ଏତେ ସବୁ କଟକଣା ସତ୍ତ୍ୱେ ସହାୟତା ରାଶି ଜଣେ ପୁରୁଷଙ୍କ ଜମାଖାତାକୁ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୧୧ରେ ବୈପାରୀଗୁଡା ବ୍ଲକ୍ ମାଝିଗୁଡା ପଞ୍ଚାୟତ ଅନ୍ତର୍ଗତ ମହୁଲପୁଟ ଗ୍ରାମର ଜଣେ ମହିଳା ଫୁଲମତି ମାଳୀ ସଭଦ୍ରା ଯୋଜନା ପାଇଁ ଆବେଦନ କରିଥିଲେ। ତାଙ୍କ ସହ ଆବେଦନ କରିଥିବା ଗ୍ରାମର ଅନ୍ୟ ମହିଳାମାନେ ସୁଭଦ୍ରା ଟଙ୍କା ପାଇଥିବା ବେଳେ ସେ ପାଇନାହାନ୍ତି। ସେ ବାରମ୍ବାର ବ୍ୟାଙ୍କକୁ ଯାଇ ଜମାଖାତା ଯାଞ୍ଚ କରୁଥିବା ବେଳେ ତାଙ୍କୁ ହତାଶ ହେବାକୁ ପଡୁଛି। ଏ ନେଇ ଫୁଲମତି ଶନିବାର ସ୍ଥାନୀୟ ସିଡିପିଓ କାର୍ଯ୍ୟାଳୟକୁ ଯାଇ ତାଙ୍କ ଆବେଦନ ଫର୍ମର ଷ୍ଟାଟସ୍ ଯାଞ୍ଚ କରିଥିଲେ। ଜାନୁଆରୀ ୧୭ରେ ବୈପାରୀଗୁଡାସ୍ଥିତ ଏସ୍‌ବିଆଇ ଶାଖାରେ ଖାତା (ନଂ.୩୭୧୩୨୪୭୦୪୮୪)କୁ ଟଙ୍କା ଯାଇଥିବା ଷ୍ଟାଟସ୍‌ରୁ ଜଣାପଡ଼ିଥିଲା। କିନ୍ତୁ ଏହି ଆକାଉଣ୍ଟ ନମ୍ବର ଫୁଲମତିଙ୍କର ନ ଥିଲା। ପରେ ସେ ବ୍ୟାଙ୍କକୁ ଯାଇ ବୁଝିବାରୁ ଉକ୍ତ ପାସବୁକ୍ ରାଜୁ ଡାକୁଆ ନାମକ ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡ଼ିଥିଲା। ଏହା ପରେ ସେ ସିଡିପିଓଙ୍କ କାର୍ଯ୍ୟାଳୟରେ ଏହି ଦାୟିତ୍ୱରେ ଥିବା କର୍ମଚାରୀ ବଣି ମହାପାତ୍ରଙ୍କ ସହାୟତା ନେଇଥିଲେ।

ଏ ସମ୍ପର୍କରେ ମହାପାତ୍ରଙ୍କୁ ପଚାରିବାରୁ ସେ ଏ ନେଇ ଜିଲା ଅଧିକାରୀଙ୍କୁ ଅବଗତ କରିବେ ବୋଲି କହିଥିଲେ।

**କସ୍ତୁରବା ବାଳିକା ସ୍କୁଲ ଛାତ୍ରୀଙ୍କ ବାଲ୍ୟ ବିବାହ ଘଟଣା**

# ୨ ଜିଲାପାଳଙ୍କୁ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ଜବାବ ତଲବ

**ଯାଜପୁର,୧୫।୨ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ଏକ କସ୍ତୁରବା ଆବାସିକ ବାଳିକା ବିଦ୍ୟାଳୟର କେତେଜଣ ଛାତ୍ରୀ ଅଧାରୁ ପାଠଛାଡ଼ି ବାଲ୍ୟ ବିବାହ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ୧୪ବର୍ଷ ଭିତରେ ମାତୃତ୍ୱ ଲାଭ କରିଛନ୍ତି। ଫଳରେ ସେମାନେ ସାମାଜିକ ଓ ଅର୍ଥନୈତିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେମାନେ ଏବେ କେନ୍ଦୁଝର ଜିଲାରେ ଦୟନୀୟ ଅବସ୍ଥାରେ ରହିଛନ୍ତି। ଉପଯୁକ୍ତ ବୟସ ହୋଇ ନ ଥିବାରୁ ମାତୃତ୍ୱ ଲାଭ କରିଥିବା ଏହି ନାବାଳିକାମାନେ ବିଭିନ୍ନ ସରକାରୀ ଯୋଜନା ତଥା ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କିତ ଅଭିଯୋଗକୁ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ ଗୁରୁତ୍ୱର ସହ ଗ୍ରହଣ କରି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ରିପୋର୍ଟ ୭ ଦିନ ମଧ୍ୟରେ ଦେବାକୁ ଯାଜପୁର ଏବଂ କେନ୍ଦୁଝର ଜିଲାପାଳଙ୍କୁ ଗତ ୧୦ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

ସାମାଜିକ କର୍ମୀ ମଣ୍ଟୁ ଦାସ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ଯାଜପୁର ବ୍ଲକର ଏକ କସ୍ତୁରବା ଆବାସିକ ବିଦ୍ୟାଳୟରୁ ଅନେକ ଛାତ୍ରୀ ଡ୍ରପ୍‌ଆଉଟ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କର ବାଲ୍ୟବିବାହ ହୋଇଛି। ଏପରି କି କମ୍ ବୟସରୁ ନାବାଳିକାମାନେ ମା' ହୋଇଥିବାରୁ ସେମାନେ କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଗୁରୁତର ଆର୍ଥିକ ଦୁଃସ୍ଥିତିକୁ ସାମ୍ନା କରୁଛନ୍ତି। ଏଭଳି ଡ୍ରପ୍‌ଆଉଟ୍ ଏବଂ ବାଲ୍ୟବିବାହ ସମ୍ପର୍କରେ ଶିକ୍ଷା ବିଭାଗ, ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସାମାଜିକ କର୍ମୀ ମଣ୍ଟୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତିକରି କମିଶନ ଶିଶୁ ସୁରକ୍ଷା ଅଧିକାର ଆଇନର ବିଭିନ୍ନ ଧାରା ଅନୁସାରେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶିଶୁଭବନ ନୂଆକୋଠାରେ ବହିର୍ବିଭାଗ କାର୍ଯ୍ୟକ୍ଷମ


ଶିଶୁଭବନ ନୂଆକୋଠାରେ ଡାକ୍ତର ଦେଖାଇବା ପାଇଁ ଅପେକ୍ଷା କରିଥିବା ଶିଶୁରୋଗୀଙ୍କ ସମ୍ପର୍କୀୟ।

**କଟକ,୧୫।୨ (ଶିଳ୍ପା ପ୍ରିୟଦର୍ଶିନୀ)**

**ସ୍ୱତନ୍ତ୍ର ଭାବେ ଟିକେଟ କାଉଣ୍ଟର, ଡାକ୍ତରଙ୍କ କକ୍ଷ, ପ୍ରତୀକ୍ଷା ସ୍ଥାନ**

କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁଭବନ)ର ନୂତନ ଜି+୬ କୋଠାରେ ଶନିବାରଠାରୁ ବହିର୍ବିଭାଗ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ କୋଠାର ଗ୍ରାଉଣ୍ଡଫ୍ଲୋରରେ ସକାଳ ୯ଟାରୁ ମେଡିସିନ ଓ ସର୍ଜରି ବହିର୍ବିଭାଗରେ ଡାକ୍ତର ଶିଶୁରୋଗୀଙ୍କୁ ଦେଖିଛନ୍ତି। ପୂର୍ବରୁ ପୁରୁଣା କୋଠାରେ ଗୋଟିଏ କିମ୍ବା ଦୁଇଟି କକ୍ଷରେ ଡାକ୍ତର ରୋଗୀ ଦେଖୁଥିବାବେଳେ ନୂତନ କୋଠାରେ ମେଡିସିନ ବହିର୍ବିଭାଗ ନିମନ୍ତେ ୧୦ଟି ଡାକ୍ତରଙ୍କ କକ୍ଷ କରାଯାଇଛି। ସେଥିମଧ୍ୟରୁ ପ୍ରଥମ ଦିନରେ ୬ଟି କକ୍ଷରେ ରୋଗୀ ଦେଖିଛନ୍ତି ଡାକ୍ତର। ସେହିପରି ସର୍ଜରି ବହିର୍ବିଭାଗରେ ମୋଟ୍ ୪ଟି ଡାକ୍ତରଙ୍କ କକ୍ଷ କରାଯାଇଥିବାବେଳେ ପ୍ରଥମ ଦିନରେ ଗୋଟିଏ କକ୍ଷରେ ରୋଗୀ ଦେଖାଚାଲିଛି। ଏଥିସହ ରୋଗୀଦେଖା ନିମନ୍ତେ ୮ଟି ନୂତନ ଟିକେଟ୍ କାଉଣ୍ଟର, ଔଷଧ ବିକ୍ରୟ କେନ୍ଦ୍ର, ପିଇବା ପାଣି ସୁବିଧା, ପ୍ରତୀକ୍ଷା ସୁବିଧା କରାଯାଇଛି। ନୂତନ କୋଠାକୁ ପ୍ରବେଶ କରୁଥିବା କର୍ମଚାରୀଙ୍କର ଏକ ତାଲିକା ରଖାଯାଉଛି ଏବଂ ସ୍ଥାନୀୟ ଲାଲବାଗ ଥାନାର ପୋଲିସ କର୍ମଚାରୀ ଏଥିପ୍ରତି ନଜର ରଖୁଛନ୍ତି। ନୂତନ କୋଠାରେ ବହିର୍ବିଭାଗ ଡାକ୍ତର ଦେଖାଇ ପୁରୁଣା କୋଠାରେ ଶିଶୁରୋଗୀଙ୍କ ସମସ୍ତ ପରୀକ୍ଷାନିରୀକ୍ଷା କରାଯାଉଛି। ଏନେଇ ମେଡିକାଲକୁ ଆସିଥିବା ଅଡ଼ଶପୁର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ରାଉତରାୟ କହିଛନ୍ତି, ପୂର୍ବରୁ ରୋଗୀ ଦେଖାଇବା ପାଇଁ ଅପେକ୍ଷା କରିବାକୁ ପଡୁଥିଲା। ଏପରି କି ଚେୟାର ନ ଥିବାରୁ ତଳେ ଶିଶୁରୋଗୀଙ୍କୁ ଧରି ବସିବାକୁ ବାଧ୍ୟ ହେଉଥିଲୁ। ହେଲେ ଏବେ ଡାକ୍ତରଙ୍କ କକ୍ଷ ଅଲଗା ହେବାରୁ ଭିଡ କମିଛି ଏବଂ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ସାଲେପୁର ଅଞ୍ଚଳରୁ ଆସିଥିବା ଶିଶୁରୋଗୀଙ୍କ ସମ୍ପର୍କୀୟ ରଶ୍ମିତା ହୋତା କହିଛନ୍ତି, ନୂଆ କୋଠାର ସ୍ୱଚ୍ଛ ପରିବେଶ ଦେଖି ବହୁତ ଖୁସି ଲାଗୁଛି। ଏଭଳି ସ୍ୱଚ୍ଛତା ଓ ସମସ୍ତ ଜିନିଷର ରକ୍ଷଣାବେକ୍ଷଣା ଉପରେ ମେଡିକାଲ କର୍ତ୍ତୃପକ୍ଷ ସର୍ବଦା ଗୁରୁତ୍ୱ ଦେବା ଜରୁରୀ।

# ଇଷ୍ଟକୋଷ୍ଟ କେନାଲର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କଲେ କେନ୍ଦ୍ରୀୟ ଟିମ୍

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଭୋଗରାଇ(ପ୍ରଦୀପ ଦାସ), ୧୫।୨**


ସମୀକ୍ଷା ବୈଠକରେ କେନ୍ଦ୍ରୀୟ ଟିମ୍‌ଙ୍କ ସହ ଏମ୍‌ପି ପ୍ରତାପ ଷଡଙ୍ଗୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଓ ଅନ୍ୟମାନେ।

ଭାରତ ସରକାରଙ୍କ 'ୱାଟର୍‌ୱେ ଅଥରିଟି ଅଫ୍ ଇଣ୍ଡିଆ' (ଆଇଡବ୍ଲ୍ୟୁଏଆଇ)ର ଏକ ପ୍ରତିନିଧି ଦଳ ଶନିବାର ବାଲେଶ୍ୱର ଗସ୍ତ କରିଛନ୍ତି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପ୍ରୋଜେକ୍ଟ କୋର୍ଡିନେଟର ସାହିଲ୍ ରାୱତ୍‌ଙ୍କ ସହ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଡାଇରେକ୍ଟର ଅଜିତ୍ ସିଂ ଓ ସୌମ୍ୟରଞ୍ଜନ ସାମଲ ପ୍ରତିନିଧି ଦଳଙ୍କ ସହ ସରକାରୀ ଦଳ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଐତିହାସିକ ଇଷ୍ଟ କୋଷ୍ଟ କେନାଲର ଗୋପୀନାଥପୁର (ନାଲକୁଲି), ସୋଲପଟା, ମାନ୍ଧାତା, ଜାମକୁଣ୍ଡା ଲକ୍, ବାଟଗ୍ରାମ, ଭୋଗରାଇ ଲକ୍‌ଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ପୁନରୁଦ୍ଧାର ବିକାଶ କାର୍ଯ୍ୟର ତଦାରଖ କରିଛନ୍ତି। ବାଲେଶ୍ୱର ଜିଲା ଜଳସେଚନ ବିଭାଗ ଓ ସମ୍ପୃକ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

ଏହି ପ୍ରତିନିଧି ଦଳ ପୂର୍ବାହ୍ନରେ ବାଲେଶ୍ୱର ସର୍କିଟ୍ ହାଉସ୍‌ଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋଷ୍ଟକେନାଲ୍ ପୁନରୁଦ୍ଧାର ମଞ୍ଚ ପକ୍ଷରୁ ଅନ୍ୟତମ ଆବାହକ ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲାର ବହୁ ସାମାଜିକ ଓ ଗଣ ସଂଗଠନର ନେତୃବୃନ୍ଦ ପ୍ରତିନିଧିଦଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ସହ ଏହାର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରିଥିଲେ।

ବାଲିଆପାଳ ଦକ୍ଷିଣ ମହାବଳା ଠାରେ କୋଷ୍ଟ କେନାଲ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ଓ ଜନସାଧାରଣଙ୍କ ପକ୍ଷରୁ ଏହି ଦଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୋଷ୍ଟ କେନାଲ ବନ୍ଧ ଦେଇ କେନାଲ ଓ ଜାମକୁଣ୍ଡା ଲକ୍ ପରିଦର୍ଶନ ପରେ ଡାକବଙ୍ଗଳାଠାରେ ବିଭାଗ ପକ୍ଷରୁ ସମୀକ୍ଷା ହୋଇଥିଲା। କୃଷି ବୈଜ୍ଞାନିକ ଅଦ୍ୱୈତ୍ୟ ପାତ୍ର, ସାମାଜିକ କର୍ମୀ ଗୋବିନ୍ଦ ଦଳାଇ, ଭାଜପା ବାଲେଶ୍ୱର ଜିଲା ସଭାପତି ଈଶ୍ୱର ବେହେରା, ଉତ୍ତର ବାଲେଶ୍ୱର ସଭାପତି ପ୍ରଦୀପ ପଣ୍ଡା, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଭାଜପା ନେତ୍ରୀ ଶୋଭନା ମହାନ୍ତି ଓ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ପ୍ରତିନିଧି ଦଳ ଭୋଗରାଇର ଓଡ଼ିଶା ସୀମାନ୍ତ ବାଟଗ୍ରାମ ଓ ଭୋଗରାଇ ଲକ ପର୍ଯ୍ୟନ୍ତ କୋଷ୍ଟ କେନାଲ ଅନୁଧ୍ୟାନ କରିଥିଲେ। ଭୋଗରାଇ ତହସିଲଦାର ସୂର୍ଯ୍ୟ ନାୟକ, ବିଡିଓ ପ୍ରଶାନ୍ତ କୁମାର ମହାରଣା, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ଆଶିଷ କୁମାର ମହାନ୍ତି, ରାଧାକାନ୍ତ ପ୍ରଧାନ ପ୍ରମୁଖ କୋଷ୍ଟକେନାଲର ପୁନରୁଦ୍ଧାର ନିମନ୍ତେ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଏହି ଦଳ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ଏହାପରେ ସେଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରୁ ଏହି ଦଳ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ଏହାପରେ ସେଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମ୍‌ପି ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ଏହି କେନାଲ ପୁନରୁଦ୍ଧାର ହେଲେ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟବାସୀ ଲାଭାନ୍ୱିତ ହେବେ। ଏହି କୋଷ୍ଟକେନାଲ ବାଲେଶ୍ୱରର ଜୀବନ ରେଖା। ବାଲେଶ୍ୱର, ଭଦ୍ରକ ସହିତ ଏହି କୋଷ୍ଟ କେନାଲ ପଶ୍ଚିମବଙ୍ଗକୁ ସଂଯୋଗ କରୁଛି। ବ୍ରିଟିଶ ଅମଳର ଏହି କେନାଲର ପୁନରୁଦ୍ଧାର ହେଲେ ବାଣିଜ୍ୟ, ପରିବହନ, ଜଳସେଚନ ଓ ମତ୍ସ୍ୟ ଚାଷ ସମେତ ବହୁବିଧ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏଥିସହ ଜିଲାରେ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବାଲେଶ୍ୱର ସହରର ନୁଣିଆଯୋଡ଼ିଠାରେ ଜଳ ବିନୋଦନସ୍ଥଳୀ ନିର୍ମାଣ ହେବ ବୋଲି କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ବକ୍ତବ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

> ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ– ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ– ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। –ଶ୍ରୀଅରବିନ୍ଦ

# ଚାଇନା ଆଗୁଆ



**ଆକାର ପଟେଲ**

ଭାରତୀୟ ଜନତା ପାର୍ଟି (ଭାଜପା) ଏଇ ଦଶନ୍ଧିରେ ଭାରତରେ ତାହାର ବିଚାରଧାରାକୁ ଶକ୍ତିଶାଳୀ କରିଥିଲାବେଳେ ଅନ୍ୟ କୌଣସି ବିଷୟରେ ଅଗ୍ରଗତି କରିପାରିଲା ନାହିଁ। ଦେଖିବାକୁ ଗଲେ ୨୦୧୫ରେ ଚାଇନାର ପ୍ରଧାନମନ୍ତ୍ରୀ ଲି କେକିୟାଙ୍ଗ୍ ବିଦେଶୀ ପ୍ରଯୁକ୍ତି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ୧୦ ବର୍ଷିଆ ଯୋଜନା 'ମେଡ୍ ଇନ୍ ଚାଇନା ୨୦୨୫' ଘୋଷଣା କରିଥିଲେ। ଚାଇନା ଆଗକୁ ବଢ଼ି ଜର୍ମାନୀ, ତାଇୱାନ, ଜାପାନ, କୋରିଆ ଏବଂ ଆମେରିକା ଭଳି ବିକଶିତ ଦେଶ ସହ ସିଧାସଳଖ ପ୍ରତିଯୋଗିତା କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଥିଲା। ଏହି ଯୋଜନାରେ ସେମି କଣ୍ଡକ୍ଟର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ରୋବୋ, କମର୍ସିଆଲ ବିମାନ, ଡ୍ରୋନ୍, ହାଇସ୍ପିଡ୍ ଟ୍ରେନ୍, ବୈଦ୍ୟୁତିକ ଯାନ ଓ ବ୍ୟାଟେରି, ଆଧୁନିକ ଜାହାଜ ଏବଂ ସୋଲାର ପ୍ୟାନେଲ ଆଦିର ବିକାଶ ପାଇଁ ସ୍ଥିର କରି ଏହିସବୁ ସେକ୍ଟରକୁ ବର୍ଗୀକୃତ କରିଥିଲା। କେଉଁସବୁ ସେକ୍ଟରରେ ଏହା କେଉଁଠି ପଛରେ ରହିଥିଲା, କେଉଁଠି 'ପ୍ରତିଯୋଗୀ' ଭାବେ ଥିଲା ଏବଂ କେଉଁଠି ବିଶ୍ୱରେ ଆଗରେ ରହିଥିଲା, ତାହାକୁ ନେଇ ଆକଳନ ମଧ୍ୟ କରିଥିଲା। ବ୍ଲୁମ୍‌ବର୍ଗ ଅନୁଯାୟୀ, ୨୦୧୫ରେ ଅଧିକାଂଶ ସେକ୍ଟରରେ ଚାଇନିଜ୍‌ମାନେ ପଛୁଆ ରହିଥିଲେ। ଦୁଇଟି କ୍ଷେତ୍ର(ହାଇସ୍ପିଡ୍ ଟ୍ରେନ୍ ଓ ବ୍ୟାଟେରି) ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ଏବଂ ସୋଲାର ପ୍ୟାନେଲ ଉତ୍ପାଦନରେ ଆଗୁଆ ରହିଥିଲା।

ଚାଇନାର ଯୋଜନା ଘୋଷଣା ହେବା ପରେ,ଏହା ଆମେରିକା ଓ ଏହାର ମେଣ୍ଟକୁ ଚିନ୍ତାରେ ପକାଇଦେଲା। ଆମେରିକା ରାଷ୍ଟ୍ରପତି ମଧ୍ୟ ଚାଇନାର ଉତ୍ଥାନରେ ଭୟଭୀତ ହୋଇପଡ଼ିଲେ। ଏବେ ଚାଇନାର ଅର୍ଥ ବ୍ୟବସ୍ଥାର ଆକାର ଆମେରିକା ଅର୍ଥ ବ୍ୟବସ୍ଥାର ଦୁଇତୃତୀୟାଂଶ ଏବଂ ଆଗାମୀ ୨ଦଶନ୍ଧିରେ ଏହା ସମାନ ହୋଇଯିବାର ସମ୍ଭାବନା ରହିଛି। ଚାଇନାର ମହତ୍ତ୍ୱାକାଂକ୍ଷା ପ୍ରତି ଆମେରିକାର ଘୃଣାଭାବ ଏତେ ଥିଲା ଯେ, ଏହା 'ମେଡ୍ ଇନ୍ ଚାଇନା' ୨୦୨୫ ସମ୍ପର୍କରେ କହିବା ବନ୍ଦ କରିଦେଲା। ୨୦୧୭ରେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଥର ରାଷ୍ଟ୍ରପତି ହେବା ପରେ ଚାଇନା ଉପରେ ଆମେରିକା ଆମଦାନୀ ଶୁଳ୍କ ଲଗାଇଲା। ତା' ପର ବର୍ଷ ଚାଇନାର କମ୍ପାନୀ ହୁୱେ ଉପରେ ପ୍ରତିବନ୍ଧକ ଅଣାଗଲା। ପରେ ଜୋ ବାଇଡେନ୍ ରାଷ୍ଟ୍ରପତି ହେବା ପରେ ଚାଇନାକୁ ଉଚ୍ଚଗୁଣବତ୍ତା ଚିପ୍ସ ବିକ୍ରି ବନ୍ଦ କରିଦେଲେ। ଚାଇନା ଯେଭଳି ଆଗକୁ ଆଉ ବଢ଼ିପାରିବ ନାହିଁ ସେଥିପାଇଁ ଏହିସବୁ ପଦକ୍ଷେପ ନିଆଯାଇଥିଲା। ଏବେ ଚାଇନା 'ମେକ୍ ଇନ୍ ଚାଇନା ୨୦୨୫' ଯୋଜନାକୁ ପ୍ରଚାରକରୁ ନ ଥିବାବେଳେ ଏହାର କାର୍ଯ୍ୟକାରିତା ଜାରି ରଖିଛି। ୨୦୨୫ରେ, ସବୁ କ୍ଷେତ୍ରରେ ଏହା ଏକ ପ୍ରତିଯୋଗୀ ଭାବେ ଉଭାହୋଇଛି ଏବଂ ଏଥିରୁ ଅଧାରେ ବିଶ୍ୱରେ ଆଗୁଆ ହୋଇପାରିଛି। ଗତ ମାସରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଡିପ୍‌ସିକ୍ ଚାଇନାର ଦକ୍ଷତା ସମ୍ପର୍କରେ ବିଶ୍ୱକୁ ଜଣାଇଦେଇଥିଲା। ଦୁଇଟି କାରଣ ପାଇଁ ଏହା ଆମେରିକାକୁ ଝଟକା ଦେଇଛି। ପ୍ରଥମ କାରଣ ହେଉଛି, ନିଭିଡିଆଠାରୁ ଅତ୍ୟାଧୁନିକ ଚିପ୍ସ ନ ଥାଇ ଏବଂ କାଲିଫର୍ନିଆ ଫାର୍ମଗୁଡ଼ିକ ଭଳି ପୁଞ୍ଜି ନ ପାଇ ମଧ୍ୟ ଚାଇନିଜ୍‌ମାନେ ଏହା କରିପାରିଲେ। ଦ୍ୱିତୀୟ କାରଣ ହେଉଛି, ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଏକ କମ୍ପାନୀ ସିଲିକନ୍ ଭ୍ୟାଲି ସହ ସମାନ ହେବ ବୋଲି ଆମେରିକା କେବେ ବି ଭାବି ନ ଥିଲା। ଏବେ ୟୁରୋପ ଏବଂ ଅନ୍ୟ କୌଣସି ଦେଶ ନୁହନ୍ତି, ବରଂ କେବଳ ଚାଇନା ଓ ଆମେରିକା ଆର୍ଟିଫିସିଆଲ ଜେନେରାଲ ଇଣ୍ଟେଲିଜେନ୍ସ (ଏଜିଆଇ) ବିକାଶ କରିବାର ଦକ୍ଷତା ରହିଛି।

ହୁୱେ ରପ୍ତାନି ପ୍ରତିବନ୍ଧକର ସମ୍ମୁଖୀନ ହୋଇ ମଧ୍ୟ ଏହା ତାଇୱାନ ନିର୍ମିତ ସବୁଠୁ ଉନ୍ନତ ଚିପ୍ସ ତୁଳନାରେ ସାମାନ୍ୟ ପଛରେ ଥିବା ଚିପ୍ସ ନିର୍ମାଣରେ ସକ୍ଷମ ହୋଇଛି। କମ୍ ସଂସାଧନରେ ଚାଇନିଜ୍‌ମାନେ ନିଆରା ସଫଳତା ହାସଲ କରିପାରନ୍ତି ବୋଲି ଡିପ୍‌ସିକ୍ ମଧ୍ୟ ଦର୍ଶାଇ ଦେଇଛି। ଚାଇନା ତାହାର ନିଜସ୍ୱ ଏୟାରକ୍ରାଫ୍ଟ ଓ ଏଲ୍‌ଏନ୍‌ଜି ବାହକ ଜାହାଜ ନିର୍ମାଣ କରିଛି। ଚଳିତ ବର୍ଷ ଜାନୁଆରୀରେ ଏହା ବିଶ୍ୱର ସବୁଠୁ ଆଧୁନିକ ମିଲିଟାରି ଏୟାରକ୍ରାଫ୍ଟ ପ୍ରଦର୍ଶିତ କରିଥିଲା। ଅବଶ୍ୟ ଏହା ବୈଦ୍ୟୁତିକ କାର୍, ହାଇସ୍ପିଡ୍ ଟ୍ରେନ୍, ସୋଲାର ପ୍ୟାନେଲ, ବ୍ୟାଟେରି ଏବଂ ଡ୍ରୋନ୍ କ୍ଷେତ୍ରରେ ଚାଇନା ଅପ୍ରତିଦ୍ୱନ୍ଦ୍ୱୀ ହୋଇଯାଇଛି। ଏହା ବୈଦ୍ୟୁତିକ କାର୍ ଉତ୍ପାଦନ ଓ ବ୍ୟବହାରରେ ଏବେ ବିଶ୍ୱର ଅଗ୍ରଣୀ ଦେଶ। ଏହା ବିଶ୍ୱର ୮୦ ପ୍ରତିଶତ ସୋଲାର ପ୍ୟାନେଲ, ୭୫ ପ୍ରତିଶତ ଲିଥିୟମ ଆୟନ ବ୍ୟାଟେରି ଏବଂ ୭୫ ପ୍ରତିଶତ ଡ୍ରୋନ୍ ଉତ୍ପାଦନ କରୁଛି। ବିଶ୍ୱର ଦୁଇ ତୃତୀୟାଂଶ ପାଖାପାଖି ୪୦,୦୦୦ କି.ମି.ହାଇସ୍ପିଡ୍ ରେଲ୍ ନେଟ୍‌ୱର୍କ (ଭାରତରେ ଅହମଦାବାଦ– ମୁମ୍ବାଇ ଦୂରତା ୫୦୦ କି.ମି.) ଚାଇନାରେ ଅଛି ଏବଂ ଏହା ବୃଦ୍ଧିପାଉଛି।

ଜାରି ରହିଥିବା ଚାଇନାର ଅଭିବୃଦ୍ଧିକୁ ନେଇ ଅନେକ ପାଶ୍ଚାତ୍ୟ ଦେଶ ବିଶେଷକରି ଆମେରିକା ସଂଶୟରେ ପଡ଼ିଯାଇଛି। ବିଶ୍ୱାସ କରୁଛି ଯେ,ଚାଇନାର ଅଭିବୃଦ୍ଧି ହ୍ରାସ ପାଇବ କିମ୍ବା ଅଟକିଯିବ। ତେବେ ଏହି ଦୃଷ୍ଟିକୋଣ ଦୀର୍ଘ ୨୦ ବର୍ଷ ହେଲା ରହି ଆସିଛି, କିନ୍ତୁ ଚାଇନା ଏହାକୁ ଖାତିର କରୁନାହିଁ। ବିଚାର କରନ୍ତୁ,୧୯୯୦ରେ ଭାରତ ଓ ଚାଇନା ସମାନ ସ୍ଥିତିରେ ଥିଲେ। ଆର୍ଥିକ ସୁଧାର ଦିଗରେ ୨ ଦେଶ ଗୋଟିଏ ସ୍ଥାନରେ ପହଞ୍ଚିଥିଲେ, କିନ୍ତୁ ଏବେ ଚାଇନାର ଅର୍ଥ ବ୍ୟବସ୍ଥା ଆକାର ଭାରତଠାରୁ ୬ଗୁଣ ଅଧିକ। ୨୦୨୦ ପରେ ଭାରତ ଓ ଚାଇନା ମଧ୍ୟରେ ପ୍ରଭେଦ ଦେଖାଗଲା। ପଡ଼ୋଶୀର ଅଗ୍ରଗତି ସମ୍ପର୍କରେ ଆମେ ସ୍ପଷ୍ଟ ଭାବେ ସଚେତନ ନ ଥିଲୁ। ଚାଇନା କେବଳ ନିଜ କଥାରେ ମୁଣ୍ଡ ଖେଳାଉଛି ଏବଂ ଏକ ଜଣାଶୁଣା ଇଂଲିଶ ଗଣମାଧ୍ୟମ ନ ଥିବାରୁ ସେମାନଙ୍କ ଅଗ୍ରଗତି ସମ୍ପର୍କରେ ଜାଣିବା ଆମ ପାଇଁ କଷ୍ଟକର ହୋଇଛି। ଚାଇନାର ଅଗ୍ରଗତି ବିଷୟରେ ଜାଣିବାରେ ଆମ ମିଡିଆର ଅଣଦେଖା ଭାବ ଏବଂ ଅନାଗ୍ରହ ଆହୁରି ସମସ୍ୟା ସୃଷ୍ଟିକରିଛି। କିନ୍ତୁ ବିଶ୍ୱ ସ୍ୱୀକାର କରିଛି, ଚାଇନା ୧ ଦଶନ୍ଧି ପୂର୍ବେ ଗ୍ରହଣ ତଥା କାର୍ଯ୍ୟକାରୀ କରିଥିବା ଏକ ଯୋଜନା ମାଧ୍ୟମରେ ଆଗୁଆ ବା ଉନ୍ନତ ଅର୍ଥ ବ୍ୟବସ୍ଥା ହୋଇଯାଇଛି। ୨୦୨୩ରେ ଲି କେକିଆଙ୍ଗ୍‌ଙ୍କ ମୃତ୍ୟୁ ହୋଇଯାଇଛି ସତ, କିନ୍ତୁ ତାଙ୍କ ୧୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଚାଇନା ଯାହା ହାସଲ କରିଛି ସେଥିରେ ତାହା ସମ୍ଭବତଃ ସନ୍ତୁଷ୍ଟ ହୋଇପାରିଲା। ପୁଣି ଥରେ ପାଠକମାନଙ୍କୁ ମନେପକାଇ ଦିଏ ଯେ, ଏହା ହେଉଛି ସେହି ଦଶନ୍ଧି ଯେଉଁଥିରେ ଭାଜପା ଓ ଆମ ପ୍ରଧାନମନ୍ତ୍ରୀ ସେମାନଙ୍କ ବିଚାରଧାରାରେ ଭାରତକୁ ନିୟନ୍ତ୍ରଣ କରିଛନ୍ତି।

Email:aakar.patel@gmail.com

# ଏଇ ସମାଜରେ ଏଇ ମଣିଷ



**ଡ. ସତ୍ୟନାରାୟଣ ମିଶ୍ର**

ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାକୁ ହେଲେ ଏକ ମାନବୀୟ ଶୃଙ୍ଖଳାରେ ନିବଦ୍ଧ ସମାଜ ଗଠନ କରିବାକୁ ପଡ଼ିଥାଏ, ଯେଉଁଥିରେ ଥାଏ ବିବେକର ମର୍ଯ୍ୟାଦା। ଦେବାନେବା ସମାଜରେ ବ୍ୟକ୍ତିର ସମାଜ ପ୍ରତି କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ଥାଏ, ସମାଜର ମଧ୍ୟ ସେହିପରି ବ୍ୟକ୍ତି ପ୍ରତି ସହଯୋଗ ଥାଏ। ସମାଜ ଓ ସଭ୍ୟତାର ବୁଝାମଣାରେ ମଣିଷର କ୍ରମବିକାଶ ସମ୍ଭବ ହୋଇ ମଣିଷ ବିକଶିତ ପ୍ରାଣୀର ମାନ୍ୟତା ଲାଭ କରିଛି। ଅନେକ ଶତାବ୍ଦୀ ଧରି ମଣିଷ ଉନ୍ନତ ସଭ୍ୟତା ନିର୍ମାଣ କରି ନିଜକୁ ପରିବାର, ସମାଜ, ଗୋଷ୍ଠୀ ଓ ଦେଶ ପାଇଁ କିଛି ତ୍ୟାଗ କରୁଅଛି; ଯେଉଁଥିପାଇଁ ଆଜି ସମାଜ ଜୀବନ୍ତ ହୋଇପାରିଛି। ମାନବ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ କେତେକ ଦାୟିତ୍ୱ ମଣିଷ ନିଜ ନିଜ ମଧ୍ୟରେ ବଣ୍ଟନ କରି ସାମାଜିକ ଶୃଙ୍ଖଳାକୁ ନିୟନ୍ତ୍ରିତ କରିଥାନ୍ତି। ବ୍ୟକ୍ତି ସମାଜର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅବଦାନ ରଖିଥାଏ। ସମାଜରେ କେତେକ ନିୟମ ଯାହା ଲିପିବଦ୍ଧ ଥାଏ ବା ଯାହାକୁ ଆଇନ କୁହାଯାଏ ତାହାକୁ ଯଥାପୂର୍ବକ ପାଳନ କରିବା ହେଉଛି ବ୍ୟକ୍ତିର ଦାୟିତ୍ୱ। ସମାଜରେ ଆଇନ ନୀତି ବା ବାଧ୍ୟବାଧକତା ବ୍ୟତୀତ କେତେକ ଆଦର୍ଶ ରହିଛି; ଯାହାକୁ ନିର୍ଦ୍ଦେଶ ଦେଇଥାଏ ବିବେକ। ମଣିଷ ଚତୁର୍ଦ୍ଦିଗରେ କିଛି କିଛି ନିୟମ ଅନୁଶାସନ ବା ଅନୁଜ୍ଞା ଦ୍ୱାରା ଅନୁବନ୍ଧିତ, ଯାହାକୁ ଅନ୍ୟ ଶୈଳୀରେ କୁହାଯାଇଥାଏ ମାନବିକତା। ଯେତେବେଳେ ମାନବିକତାର ଆଲୋଚନା ହୁଏ, ସେତେବେଳେ ଏହାକୁ ବିଭିନ୍ନ ଦୃଷ୍ଟିକୋଣରୁ ଉପସଂହାରରେ ଉପନୀତ ହେବାକୁ ପଡ଼ିଥାଏ। ଅତଏବ ମାନବିକତାର ରୂପରେଖ ସୂଚିତ ହୋଇ ନ ଥିଲେ ମଧ୍ୟ ଅନୁଶାସନ ଦ୍ୱାରା ପରିବେଷ୍ଟିତ ହୋଇଥାଏ ଯାହା ହେଉଛି ଅନ୍ୟ ଜୀବମାନଙ୍କ ପ୍ରତି ଦୟା ଓ କରୁଣାର ମୂଲ୍ୟ। ଯଦି ଇତିହାସକୁ ପୁନର୍ବାର ରୋମନ୍ଥନ କରିବୁ, ତେବେ ଏଇ ସମାଜରେ ମଣିଷ ଦ୍ୱାରା ଅନେକ ନିର୍ଦ୍ଦୟ କାର୍ଯ୍ୟ ହୋଇଯାଇଛି ଓ ସେହି ସମୟରେ ମଧ୍ୟ ଏଇ ସମାଜ ଦ୍ୱାରା ଅନେକ ମାନବିକତାର କାର୍ଯ୍ୟ ହୋଇଛି। କିନ୍ତୁ ମାନବିକତାର ପ୍ରକୃତ ମହତ୍ତ୍ୱ ଧୀରେ ଧୀରେ ନଷ୍ଟ ହୋଇଯାଉଛି।

ଏଇ ସମାଜରେ ଅନେକ ମହାନ୍ ମାନବବାଦୀ ବିରାଜମାନ କରିଛନ୍ତି ଓ ସମାଜକୁ ଦିଗ୍‌ଦର୍ଶନ ଦେଇଯାଇଛନ୍ତି। ମଦର ଟେରେସା, ମହାତ୍ମା ଗାନ୍ଧୀ, ନେଲସନ ମଣ୍ଡେଲା, ବିବେକାନନ୍ଦ, ସୁଭାଷ ବୋଷ, ଗୋପବନ୍ଧୁ, ରବୀନ୍ଦ୍ରନାଥ ଟାଗୋର, ମଧୁସୂଦନ ଦାସ ପ୍ରମୁଖ ସମଗ୍ର ଦେଶରୁ ଗରିବ ଓ ଅଭାବୀ ଲୋକଙ୍କର ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଅତଏବ ମାନବିକତା ନିଃସ୍ୱାର୍ଥପର କରୁଣାରୁ ଉତ୍ପନ୍ନ ହୁଏ। ଯେତେବେଳେ ଆମେ ମାନବିକତାର ଅଭ୍ୟାସ ଆରମ୍ଭ କରିବା, ଆମେ ବିଶ୍ୱ ତାପମାତ୍ରା, ପ୍ରଦୂଷଣ, ପଶୁମାନଙ୍କର ବିଲୁପ୍ତି ଓ ମଣିଷର ଅନେକ ବଡ଼ ସମସ୍ୟାକୁ ସମାଧାନ କରିପାରିବା। ମଣିଷ ହେବା ଅର୍ଥ ହେଉଛି ଯୁକ୍ତିଯୁକ୍ତ ଭାବରେ ଚିନ୍ତା କରିବାର କ୍ଷମତା ରହିବା ଏବଂ ଉଭୟ ଶାରୀରିକ ଓ ଆଧ୍ୟାତ୍ମିକ ଭାବରେ ସଂଯୋଗ ସ୍ଥାପନ କରିବା ସହିତ ଅନ୍ୟ ଜୀବମାନଙ୍କ ସହିତ ସମ୍ପର୍କ ରଖିବା। ଏଇ ସମାଜରେ ମଣିଷ ଦାନ ସେବା ଆଦି କରୁଛି, ମାତ୍ର ଏଇ ସମାଜରେ ମଧ୍ୟ ମଣିଷ ଜଘନ୍ୟ ଅପରାଧ ଘଟାଉଛି। ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ବ୍ୟକ୍ତି ଓ ସମାଜ ମଧ୍ୟରେ ସମତୁଲତା ଏକାନ୍ତ ଆବଶ୍ୟକ। ଅନେକ ସମୟରେ ଏଇ ସମାଜରେ କୌଣସି ଦୁର୍ଘଟଣା ହେଲେ ମଣିଷ ଫଟୋ, ଭିଡିଓ କରି ବ୍ୟକ୍ତିର ମୂଲ୍ୟବାନ ସାମଗ୍ରୀ ଆଦିକୁ ଲୁଟିନେବାରେ ବ୍ୟସ୍ତ ଥାନ୍ତି। ପୁଣି ଏଇ ସମାଜରେ ମଣିଷ ମଧ୍ୟ ଉକ୍ତ ସମୟରେ ମାନବୀୟ ଚିନ୍ତାଧାରାରେ ଅନେକ ସାହାଯ୍ୟ କରି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିର ଧନ ଜୀବନ ଉଦ୍ଧାର କରି ନିଜକୁ ସେବାରେ ନିୟୋଜିତ କରିଥାନ୍ତି। ରକ୍ତଦାନ କରି ମଣିଷ ଜୀବନ ବଞ୍ଚାଉଥିବା ବେଳେ ଅସଦ ଉପାୟରେ ମଧ୍ୟ ମଣିଷ ମଣିଷକୁ ଲୁଣ୍ଠନ କରି ହତ୍ୟା କରୁଅଛି ନିଜର ସ୍ୱାର୍ଥକୁ ଉପଲବ୍ଧି ପାଇଁ, ଯାହା ହେଉଛି ଏ ସମାଜର ବିଡମ୍ବନା। ଏକ ନିର୍ଦ୍ଦିଷ୍ଟ ସମାଜ କିମ୍ବା ସଂସ୍କୃତି ସାମାଜିକ ଓ ଅର୍ଥନୈତିକ ଭୂମିକାକୁ ଶୃଙ୍ଖଳାର ନିରବଚ୍ଛିନ୍ନ ସୂତ୍ରରେ ବାନ୍ଧି ରଖିଥାଏ। ସାମାଜିକ ପ୍ରାଧାନ୍ୟ ସୂଚିତ କରେ ଯେ ଗୋଷ୍ଠୀ ଦ୍ୱନ୍ଦ୍ୱ ଓ ଅତ୍ୟାଚାରର ଅଧିକାଂଶ ରୂପ ଯଥା– ଜାତିଭେଦ,



ନୈତିକତା, ଲିଙ୍ଗବାଦ, ଜାତୀୟତା, ଶ୍ରେଣୀବାଦ, ଆଞ୍ଚଳିକତା ଗୋଷ୍ଠୀଭିତ୍ତିକ ସାମାଜିକ କ୍ଷେତ୍ର ଗଠନ ପାଇଁ ସମାନ ମୌଳିକ ମାନବ ସ୍ଥିତିର ଭିନ୍ନ ପ୍ରଦର୍ଶନ ଭାବରେ ବିବେଚନା କରାଯାଇପାରେ। ଯେତେବେଳେ ସାମାଜିକ ସ୍ତରର ଶୀର୍ଷରେ ଥିବା ବ୍ୟକ୍ତିମାନେ ଯାହା ଚାହାନ୍ତି ତାହା ପାଇବାକୁ ପ୍ରବୃତ୍ତି କରନ୍ତି, କିନ୍ତୁ ତଳ ଭାଗରେ ଥିବା ବ୍ୟକ୍ତିମାନେ ସାମଗ୍ରିକ ପୁରସ୍କାର, ସ୍ୱାଧୀନତା ସ୍ୱୀକୃତି, ଅନ୍ୟମାନଙ୍କଠାରୁ ସେବା ଇତ୍ୟାଦିରେ କମ୍ ସୁବିଧା ପାଇଥା'ନ୍ତି।

ଅନେକ ତତ୍ତ୍ୱଜ୍ଞମାନେ ସୂଚାଇ ଦେଇଛନ୍ତି ଯେ ମଣିଷର ଆତ୍ମ–ସଂରକ୍ଷଣ ପାଇଁ ଏକ ପ୍ରବୃତ୍ତି ଅଛି, ଯାହା ସେମାନଙ୍କୁ ସାମାଜିକ ସମ୍ପର୍କର ଏକ ସ୍ଥାନ ପାଇଁ ଲଢ଼ିବାକୁ ପ୍ରେରିତ କରେ ଓ ସେମାନଙ୍କର ଧାରଣା ତଥା ମତାମତକୁ ଧ୍ୟାନରେ ରଖାଯାଏ। ଯେଉଁମାନେ ସାମାଜିକ ସ୍ତରରେ ନିମ୍ନ ମାନ୍ୟତା ପାଇଛନ୍ତି, ସେମାନେ ସେମାନଙ୍କର ସାମାଜିକ ସ୍ଥିତିକୁ ଅନ୍ୟାୟ କିମ୍ବା ଭେଦଭାବର ଏକ ରୂପ ବୋଲି ଅନୁଭବ କରିପାରନ୍ତି ଯାହାକୁ ସେମାନେ ଦୂରେଇବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। କିନ୍ତୁ ନିମ୍ନରେ ଥିବା ବ୍ୟକ୍ତି ସମାଜ ଏହି ସମ୍ପର୍କକୁ ପରିବର୍ତ୍ତନ କରିବାକୁ ଚାହିଁଥାନ୍ତି, ଯେତେବେଳେ ସମାଜର ଉପର ସ୍ତରର ବ୍ୟକ୍ତିମାନେ ଏହାକୁ ଯଥାପୂର୍ବ ବଜାୟ ରଖିବାକୁ ଚାହାନ୍ତି, ଯାହାକୁ ସାମାଜିକ ଅସମାନତା ବୋଲି ନିର୍ଦ୍ଦିଷ୍ଟ କରାଯାଇଥାଏ। ଗୋଟିଏ ସମାଜରେ ଗୋଟିଏ ସମୟରେ ସେହି ସମାଜର ବ୍ୟକ୍ତି ନିଃସ୍ୱାର୍ଥ ଭାବେ ଅନ୍ୟର ସେବା ତଥା ଜାତି ସମାଜର ଉନ୍ନତି ପାଇଁ ବ୍ୟଗ୍ର ଥିବା ବେଳେ, ସେହି ସମାଜରେ ସେହି ସମୟରେ ମଣିଷ ସ୍ୱାର୍ଥର ଅନ୍ଧକାରରେ ବଶୀଭୂତ ହୋଇ ବସ୍ତୁବାଦୀ ଦ୍ରବ୍ୟ ଉପରେ ଗୁରୁତ୍ୱ ଦେଇ ଜୀବନର ପ୍ରକୃତ ମାର୍ଗକୁ କଣ୍ଟକିତ କରିଥାଏ। ମାତ୍ର ପରିତାପର ବିଷୟ ଯେ ସାମ୍ପ୍ରତିକ ଆଧୁନିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଥିବା ସମାଜ ଯାନ୍ତ୍ରିକ ଜ୍ଞାନରେ ଉତ୍କର୍ଷ ଥିବା ବେଳେ, କିଛି ବ୍ୟକ୍ତି ମାନବିକତାର ମାନସିକ ସନ୍ତୋଷରେ ସମ୍ପୂର୍ଣ୍ଣ ଦରିଦ୍ର ହୋଇ ଜୀବନର ମୂଲ୍ୟାଙ୍କନକୁ କେବଳ ପାର୍ଥିବ ବସ୍ତୁର ଉପଲବ୍ଧିରେ ସୀମିତ କରିଥାନ୍ତି। ଏହା ଯୋଗୁ ସମାଜ ପ୍ରତି ବିବେକର ଅଙ୍ଗୀକାରବଦ୍ଧତା କ୍ଷୁଣ୍ଣ ହୋଇଥାଏ। ତେଣୁ ଏଇ ସମାଜରେ ମଣିଷ, ମଣିଷ ଦ୍ୱାରା ବଞ୍ଚୁଥିବା ବେଳେ ଏଇ ସମାଜରେ ମଣିଷ ପୁଣି ଉକ୍ତ ଆଦର୍ଶକୁ ଅମାବାସ୍ୟାର ଅନ୍ଧକାର ମଧ୍ୟରେ ଲୀନ କରୁଛି କେବଳ ପାର୍ଥିବ ଭୋଗ୍ୟ ବସ୍ତୁର ଉନ୍ମାଦନା ପାଇଁ। ଅତଏବ ମଣିଷ ଏହି ଉନ୍ମାଦନାକୁ ପରିହାର କରି ଏଇ ସମାଜରେ ନିଜକୁ ସମାଜର ଏକ ବିଶେଷ ଅଙ୍ଗ ଭାବରେ ଜୀବନ ନିର୍ବାହ କରି ଅନ୍ୟର ବିପଦ ବା ଦୁର୍ଦ୍ଦିନରେ ସହାୟକ ହେବାର ଆଦର୍ଶକୁ ଜାଗ୍ରତ କରିବା ଉଚିତ, ଯାହା ହେବ ସମାଜ ପ୍ରତି କୃତଜ୍ଞତା।

ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର
ଭାରତ ସରକାର, ଭୁବନେଶ୍ୱର
ମୋ : ୯୯୩୭୩୪୫୯୦୦

# ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥା



**ସୌରଜିତ ପ୍ରଧାନୀ**

କୌଣସି ରାଷ୍ଟ୍ରର ପ୍ରଗତିର ମୂଳଦୁଆ ହେଉଛି ଶିକ୍ଷା ବ୍ୟବସ୍ଥା। ଏହା ଦେଶର ନାଗରିକମାନଙ୍କ ମନ ଓ ଭବିଷ୍ୟତକୁ ଗଠନ କରିଥାଏ। ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ, ଯେଉଁଠାରେ ଶିକ୍ଷା ଗୁଣବତ୍ତା ଏବଂ ଅଭିଗମ୍ୟତାରେ ଅସମାନତା ଦେଖିବାକୁ ମିଳେ, ସେଠାରେ ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ବିଚାର ପରିବର୍ତ୍ତନଶୀଳ ସମ୍ଭାବନାକୁ ଧାରଣ କରିଥାଏ। ଏହି ପରିକଳ୍ପନା ଏକ ସମାନ ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରବର୍ତ୍ତାଏ ଯାହା ଆଞ୍ଚଳିକ, ଭାଷାଗତ ଏବଂ ସାମାଜିକ–ଅର୍ଥନୈତିକ ପାର୍ଥକ୍ୟ ଯୋଗୁ ସୃଷ୍ଟି ହୋଇଥିବା ବ୍ୟବଧାନକୁ ଦୂର କରିବା ସହ ସମାନ ଶିକ୍ଷା ସୁଯୋଗ ସୁନିଶ୍ଚିତ କରିବ।

ଭାରତର ଶିକ୍ଷା ବ୍ୟବସ୍ଥା ସଂଘୀୟ ଢାଞ୍ଚା ଦ୍ୱାରା ପରିଚାଳିତ, ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦାୟିତ୍ୱ ରହିଛି। ଏହା ଫଳରେ ପାଠ୍ୟକ୍ରମ, ଭାଷା ମାଧ୍ୟମ, ଶିକ୍ଷାଦାନ ପଦ୍ଧତି ଏବଂ ବିଭିନ୍ନ ରାଜ୍ୟରେ ସମ୍ବଳ ଆବଣ୍ଟନରେ ଭିନ୍ନତା ଦେଖାଦେଇଛି। ସିବିଏସ୍‌ଇ, ଆଇସିଏସ୍‌ଇ ଏବଂ ଅନେକ ରାଜ୍ୟ ବୋର୍ଡ ସମେତ ଏକାଧିକ ଶିକ୍ଷା ବୋର୍ଡର ଅସ୍ତିତ୍ୱ ଆହୁରି ବୈଷମ୍ୟକୁ ବୃଦ୍ଧି କରେ। ଉଦାହରଣ ସ୍ୱରୂପ, ବିଭିନ୍ନ ବୋର୍ଡ ଅଧୀନରେ ଥିବା ଛାତ୍ରୀଛାତ୍ରମାନେ ଅନେକ ସମୟରେ ଗୁଣାତ୍ମକ ପାଠ୍ୟପୁସ୍ତକ, ଶିକ୍ଷାଦାନ ସମ୍ବଳ ଏବଂ ଏପରିକି ପରୀକ୍ଷା ପଦ୍ଧତିରେ ମଧ୍ୟ ଅସମାନ ପ୍ରବେଶର ସମ୍ମୁଖୀନ ହୁଅନ୍ତି। ନିଟ୍ ଏବଂ ଜେଇଇ ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ସମୟରେ ଏହି ଅସମାନତା ଅଧିକ ସ୍ପଷ୍ଟ ହୋଇଯାଏ, ଯେଉଁଠାରେ କେତେକ ବୋର୍ଡର ଛାତ୍ରମାନେ ଅନ୍ୟମାନଙ୍କ ଅପେକ୍ଷା ଲାଭ ପାଇଥାନ୍ତି।

ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନାରେ ସାରା ଦେଶରେ କାର୍ଯ୍ୟକାରୀ ହେଉଥିବା ଏକ ମାନକ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି, ଯାହା ନିଶ୍ଚିତ କରିବ ଯେ ସାମାଜିକ–ଆର୍ଥିକ ପୃଷ୍ଠଭୂମି କିମ୍ବା ଭୌଗୋଳିକ ଅବସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ପିଲା ସମାନ ଗୁଣାତ୍ମକ ଶିକ୍ଷା ଲାଭ କରିବେ। ଏହି ଚିନ୍ତାଧାରା କେବଳ ସମାନ ପାଠ୍ୟପୁସ୍ତକ ରଖିବା ପାଇଁ ନୁହେଁ ବରଂ ସମାନ ଶିକ୍ଷାଦାନ ମାନକ, ସମ୍ବଳର ସମାନ ଉପଲବ୍ଧତା ଏବଂ ନିରନ୍ତର ମୂଲ୍ୟାଙ୍କନ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିଥାଏ। ଏହି ଦୃଷ୍ଟିକୋଣର ପ୍ରମୁଖ ସ୍ତମ୍ଭଗୁଡ଼ିକ ମଧ୍ୟରେ ସର୍ବାଙ୍ଗୀନ ବିକାଶ, ବହୁଭାଷୀ ଶିକ୍ଷା ପଦ୍ଧତି, ମାନକୀକୃତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଆର୍ଥିକ ସମ୍ବଳର ସମାନ ବଣ୍ଟନ ଏବଂ ଏକୀକୃତ ମୂଲ୍ୟାଙ୍କନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ଏକ ସମାନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ଏକ ସମାନ ଶିକ୍ଷା ବ୍ୟବସ୍ଥା ଆଞ୍ଚଳିକ ବୈଷମ୍ୟକୁ ଦୂର କରିବ, ଯାହାଫଳରେ ସୁବିଧାରୁ ବଞ୍ଚିତ ପଛୁଆ ବର୍ଗର ଛାତ୍ରୀଛାତ୍ରମାନେ ସେମାନଙ୍କ ସହରାଞ୍ଚଳର ଛାତ୍ରୀଛାତ୍ରଙ୍କ ଭଳି ଗୁଣାତ୍ମକ ଶିକ୍ଷା ପାଇପାରିବେ। ଆଞ୍ଚଳିକ ବିବିଧତାକୁ ସମ୍ମାନ ଦେବା ସହିତ ଜାତୀୟ ମୂଲ୍ୟବୋଧ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ଗୁରୁତ୍ୱ ଦେଇ ଏହା ଏକତା ଓ ସହଭାଗୀ ପରିଚୟକୁ ପ୍ରୋତ୍ସାହିତ କରିପାରିବ।

ମାନକୀକୃତ ଶିକ୍ଷା ପରିବାର ପାଇଁ ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନାନ୍ତରକୁ ସରଳ କରିପାରେ, ବିଶେଷ କରି ସଶସ୍ତ୍ର ବାହିନୀ ଭଳି ସ୍ଥାନାନ୍ତର ଯୋଗ୍ୟ ଚାକିରିରେ। ଏକ ସମାନ ପାଠ୍ୟକ୍ରମ ଜାତୀୟ ସ୍ତରର ପ୍ରବେଶିକା



ପରୀକ୍ଷା ପାଇଁ ସୁଯୋଗ ସୃଷ୍ଟି କରିପାରିବ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମାନ ସୁଯୋଗ ପ୍ରଦାନ କରିପାରିବ। ମାନକୀକରଣ ଭାରତୀୟ ଶିକ୍ଷାକୁ ବୈଶ୍ୱିକ ମାନଦଣ୍ଡ ସହିତ ଯୋଡିବାରେ ସହାୟକ ହୋଇପାରିବ, ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ଶୈକ୍ଷିକ ଏବଂ ବୃତ୍ତିଗତ ସୁଯୋଗ ପାଇଁ ପ୍ରସ୍ତୁତ କରିପାରିବ। ତେବେ ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଅନେକ ପ୍ରତିବନ୍ଧକ ସୃଷ୍ଟି କରିବାର ସମ୍ଭାବନା ରହିଛି। ଭାରତର ସାଂସ୍କୃତିକ ଏବଂ ଭାଷାଗତ ବିବିଧତା ପାଠ୍ୟକ୍ରମର ପରିକଳ୍ପନା ପାଇଁ ଏକ ସମ୍ବେଦନଶୀଳ ଆଭିମୁଖ୍ୟ ଆବଶ୍ୟକ କରେ। ଆଞ୍ଚଳିକ ପ୍ରତିନିଧିତ୍ୱ ସହ ଜାତୀୟ ଏକତାକୁ ସନ୍ତୁଳିତ କରିବା ଜରୁରୀ। ଶିକ୍ଷା ଭାରତରେ ଏକ ସମକାଳୀନ ବିଷୟ ଏବଂ ରାଜ୍ୟଗୁଡ଼ିକ ଏକ କେନ୍ଦ୍ରୀକୃତ ଆଭିମୁଖ୍ୟକୁ ପ୍ରତିରୋଧ କରିପାରନ୍ତି, ଏହାକୁ ସେମାନଙ୍କର ସ୍ୱାୟତ୍ତତା ଉପରେ ଏକ ଉଲ୍ଲଂଘନ ଭାବରେ ଦେଖିପାରନ୍ତି।

ଏକ ସମାନ ବ୍ୟବସ୍ଥା ଲାଗୁ କରିବା ପାଇଁ ବିଦ୍ୟାଳୟ ଭିତ୍ତିଭୂମି, ବିଶେଷ କରି ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶ ଦରକାର। ଶିକ୍ଷାର ମାନ ନିର୍ଦ୍ଧାରଣ ପାଇଁ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଏବଂ ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଏକ ମାନକୀକୃତ ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ସମ୍ପ୍ରଦାୟର ଅନନ୍ୟ ଶିକ୍ଷାଗତ ଆବଶ୍ୟକତାକୁ ଅଣଦେଖା କରିପାରେ, ଯାହା ସାଂସ୍କୃତିକ କ୍ଷୟର କାରଣ ହୋଇପାରେ।

ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନାକୁ ବାସ୍ତବ ରୂପ ଦେବାକୁ ହେଲେ ପର୍ଯ୍ୟାୟକ୍ରମେ ଏକ ସମାବେଶୀ ଆଭିମୁଖ୍ୟ ଲୋଡ଼ା। ଆଞ୍ଚଳିକ ଆବଶ୍ୟକତା ସହିତ ଜାତୀୟ ପ୍ରାଥମିକତାକୁ ସନ୍ତୁଳିତ କରୁଥିବା ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ଶିକ୍ଷାବିତ, ନୀତି ନିର୍ଦ୍ଧାରକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ନିୟୋଜିତ କରିବା। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ରେ ବହୁଭାଷୀ ଶିକ୍ଷା ଓ ବୃତ୍ତିଗତ ତାଲିମକୁ ପ୍ରୋତ୍ସାହନ ଦେବା ଭଳି ସଂସ୍କାର ପାଇଁ ଏକ ଢାଞ୍ଚା ପ୍ରଦାନ କରାଯାଇଛି। ଏହି ନୀତିକୁ 'ଏକ ଦେଶ, ଏକ ଶିକ୍ଷା' ପରିକଳ୍ପନା ସହିତ ଏହାର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇ ପାରିବ। ଦୀକ୍ଷା ଏବଂ ଇ–ପାଠଶାଳା ଭଳି ପ୍ଲାଟଫର୍ମ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ସାମଗ୍ରୀର ଏକ ସମାନ ଉପଲବ୍ଧତା ସୃଷ୍ଟି କରିବା ପାଇଁ ପ୍ରଯୁକ୍ତିକୁ ଉପଯୋଗ କରିବା। ଏହାର କାର୍ଯ୍ୟକାରିତାର ମୂଲ୍ୟାଙ୍କନ କରିବା ଏବଂ ଆହ୍ୱାନର ମୁକାବିଲା କରିବା ପାଇଁ ବଛାବଛା ଅଞ୍ଚଳରେ ସମାନ ପାଠ୍ୟକ୍ରମ ଲାଗୁ କରିବା। ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଡିଜିଟାଲ ଭିତ୍ତିଭୂମି ଏବଂ ସମ୍ବଳ ବିକାଶରେ ନିବେଶ କରିବା।

ଫିନ୍‌ଲାଣ୍ଡ ଓ ଦକ୍ଷିଣ କୋରିଆ ଭଳି ଦେଶ ମାନକୀକୃତ ଶିକ୍ଷା ବ୍ୟବସ୍ଥାର ଉପକାରିତା ପ୍ରଦର୍ଶନ କରିଛନ୍ତି। ଫିନ୍‌ଲାଣ୍ଡ ସମାନତା ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଥିବାରୁ ଶିକ୍ଷା କ୍ଷେତ୍ରରେ ଏହା ବିଶ୍ୱସ୍ତରରେ ଅଗ୍ରଣୀ ହୋଇପାରିଥିବା ବେଳେ ଦକ୍ଷିଣ କୋରିଆର ସମାନ ପାଠ୍ୟକ୍ରମ ଏହାର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତ ନିଜର ଅନନ୍ୟ ସାମାଜିକ–ସାଂସ୍କୃତିକ ପରିପ୍ରେକ୍ଷୀରେ ଏହି ମଡେଲଗୁଡ଼ିକ ଖାପ ଖୁଆଇବା ସହିତ ଏଥିରୁ ଶିକ୍ଷା ଲାଭ କରିପାରିବ। ଏକ ରାଷ୍ଟ୍ର, ଏକ ଶିକ୍ଷା ବ୍ୟବସ୍ଥାର ସଫଳତା ସମାବେଶୀ ଯୋଜନା, ସମ୍ବେଦନଶୀଳ କାର୍ଯ୍ୟାନ୍ୱୟନ ଏବଂ ସମସ୍ତ ଅଂଶୀଦାରଙ୍କ ନିରନ୍ତର ପ୍ରତିବଦ୍ଧତା ଉପରେ ନିର୍ଭର କରେ।

ମୋ: ୯୯୬୭୧୦୨୨୬୪

## ଏଇ ଭାରତରେ

ସେବା କରିବାର ଦୃଢ଼ ଇଚ୍ଛାଶକ୍ତି ଥିଲେ ତାହା ଯେକୌଣସି ସ୍ଥାନରେ କରାଯାଇପାରିବ, ଏହା ପ୍ରମାଣ କରିଛନ୍ତି ଇତି ପାଣ୍ଡେ । ମହାରାଷ୍ଟ୍ରର ଭୁସୱାଲରେ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର ଥିବା ଏହି ଅଧିକାରୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଗୋଟିଏ ଟ୍ରେନ୍ କୋଚ୍‌କୁ ହସ୍ପିଟାଲରେ ପରିଣତ କରିଛନ୍ତି। ସେ ରୁଦ୍ର ନାମକ 'ହସ୍ପିଟାଲ ଅନ୍ ହ୍ୱିଲ୍ସ' ଅଭିଯାନ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ସେ ଦୁର୍ଗମ ଅଞ୍ଚଳରେ ରେଲ୍‌ୱେ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ରେଲୱେରେ ଇତି ୨୬ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିସାରିଲେଣି। ସେ ମଧ୍ୟ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ସାଇକୋଲୋଜିରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଦୀର୍ଘ ବର୍ଷ ରେଲ୍‌ୱେରେ କାର୍ଯ୍ୟ କରିବା ମଧ୍ୟରେ ଦୁର୍ଗମ ଅଞ୍ଚଳରେ ରହୁଥିବା କର୍ମଚାରୀଙ୍କ ଅସୁବିଧାକୁ ଲକ୍ଷ୍ୟ କରି ସେ ଏଭଳି ସେବା ଯୋଗାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ପ୍ରଥମ କ୍ୟାମ୍ପ ଜାନୁଆରୀ ୧୮ରେ ଛାଲିସ୍‌ଗାଁଓରେ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସେବା ଯୋଗାଇ ସାରିଲେଣି। ରୁଦ୍ର ମେଡିକାଲ ଟିମ୍‌ରେ ସ୍ୱେଚ୍ଛାକୃତ ଭାବେ ପାଖାପାଖି ୬୦ ଜଣ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ସେବା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ଫେବୃଆରୀ ୧୯୭୬**

- ନାଇଜେରିଆରେ ବିଫଳ ହୋଇଥିବା ସାମରିକ ବିଦ୍ରୋହରେ ରାଷ୍ଟ୍ରମୁଖ୍ୟ ଲିଉଟିନାଣ୍ଟ ଜେନେରାଲ ମୁର୍ତ୍ତାଲା ମହମ୍ମଦଙ୍କୁ ହତ୍ୟା କରାଯାଇଥିବା ଫେଡେରାଲ ସରକାରଙ୍କ ଘୋଷଣା।
- ତାମିଲନାଡୁରେ ଜାତୀୟ କଂଗ୍ରେସ ଓ ସଂଗଠନ କଂଗ୍ରେସର ମିଶ୍ରଣ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଯାଇଛି।

## ଚିରନ୍ତନୀ

କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା–ରାଣୀ
ଏକାକୀ ନାଉରୀ ସଙ୍ଗୀତ–ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟର–ସରମ ଠାଣି
ତଳେ ଜଳରାଶି–ପୀଡ଼ିତ–ମରମ ବାଣୀ।
(ଲୋହିତ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | | | | |
| | 9 | | | | | | 2 | |
| | | | | | | 8 | | 1 |
| | | 4 | | 2 | | | | |
| | 8 | | 9 | | | 3 | | |
| | | 5 | 3 | | 4 | 1 | 6 | |
| 6 | | | | | | | | 8 |
| | | | | | 7 | 4 | 9 | |
| | 7 | 2 | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 5 | 7 | 1 | 9 | 2 | 6 | 8 |
| 2 | 1 | 6 | 4 | 8 | 3 | 9 | 7 | 5 |
| 9 | 8 | 7 | 5 | 6 | 2 | 4 | 3 | 1 |
| 8 | 2 | 3 | 9 | 5 | 6 | 1 | 4 | 7 |
| 4 | 7 | 9 | 1 | 3 | 8 | 5 | 2 | 6 |
| 6 | 5 | 1 | 2 | 7 | 4 | 8 | 9 | 3 |
| 5 | 9 | 8 | 3 | 2 | 7 | 6 | 1 | 4 |
| 7 | 6 | 4 | 8 | 9 | 1 | 3 | 5 | 2 |
| 1 | 3 | 2 | 6 | 4 | 5 | 7 | 8 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମସ୍ୟା ଘେରରେ ମହାନଗର

ମହାଶୟ,

ଆମ ଦେଶରେ ଯେତେ ସବୁ ସମସ୍ୟା ସୃଷ୍ଟି ହେଉଛି ସେଥିମଧ୍ୟରୁ ପ୍ରଥମ ହେଲା ରାସ୍ତା ସମସ୍ୟା। ରାସ୍ତାରେ ବୁଲୁଥିବା ଗୋରୁ ଏବଂ ଅନ୍ୟ ପଶୁଙ୍କ ପାଇଁ ଦୁର୍ଘଟଣା ଘଟିଥାଏ। ଗତ କିଛି ବର୍ଷ ପୂର୍ବରୁ ପୋଲିସ ପ୍ରଶାସନ ତରଫରୁ ଗଣମାଧ୍ୟମରେ କୁହାଯାଇଥିଲା, ବୁଲା ପ୍ରାଣୀଙ୍କୁ ଯଦି ସହରର ରାସ୍ତାରେ ଦେଖାଯାଏ ତା'ହେଲେ ସେମାନଙ୍କ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯଦି ପୋଲିସ ପ୍ରଶାସନ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତେ ତା'ହେଲେ ମହାନଗର ରାସ୍ତାରେ ଯିବା ଆସିବା ସମସ୍ୟାର ସମାଧାନ ହୋଇପାରନ୍ତା। ଏହାସହ ଭୁବନେଶରରେ ଫୁଟ୍‌ପାଥ୍‌ରେ ଗାଡ଼ି ଚଳେଇବା ସମସ୍ୟା ଦେଖିବାକୁ ମିଳୁଛି। ଏହାର ସମାଧାନ ହୋଇ ନ ପାରିବାର କାରଣ ହେଉଛି ପୋଲିସର ଅବହେଳା। ଫୁଟ୍‌ପାଥ୍ ରେ ଗାଡ଼ି, ୨ ଚକିଆ ଯାନ ଚାଲିବା ଦ୍ୱାରା ତାହା ଚାଲୁଥିବା ଲୋକଙ୍କ ପାଇଁ ନିରାପଦ ହୋଇପାରୁନାହିଁ। ପୋଲିସ ପ୍ରଶାସନ ଠିକ୍ ଢଙ୍ଗରେ କାମ କରୁନଥିବାରୁ ଲୋକଙ୍କୁ ହନ୍ତସନ୍ତ ହେବାକୁ ପଡୁଛି।

– କାଳୀ ଦାସ, ବ୍ରହ୍ମପୁର, ଖୋଡ଼ାସିଂ କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପିସିସି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୫।୨ (ସୁଜିତ କୁମାର ପ୍ରଧାନ)**

ଜାତୀୟ କଂଗ୍ରେସ କମିଟି ପକ୍ଷରୁ ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ନୂଆପଡ଼ା ଜିଲା ଖଡ଼ିଆଳଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଖଡ଼ିଆଳ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବୀଣ ପଟ୍ଟନାୟକ, ରାଜେଶ ବେହେରା, ମାୟାଧର ସୁନାନୀ, ଦେବରାଜ ଶବର, ଗିରିଧାରୀ ସୁନା, ସୁବାସ ମେହେର, ପଦ୍ମନାଭ ଜଗତ, ଭୁଜବାଳ ଜଗତ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

### ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

**ଖଡ଼ିଆଳ,୧୫।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଅଗ୍ରସେନ ଭବନ ପରିସରରେ ଉତ୍କଳ ସ୍କିଲ୍ ଡେଭଲପମେଣ୍ଟ ଆସୋସିଏଶନର ନିର୍ଦ୍ଦେଶିକା ମମତା ବାଇ ଅଗ୍ରୱାଲ ଓ ଉମେଶ କୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଏସ୍‌ସିଡି ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ୯୨ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୩ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି।

# ସିଜିମାଲି ଖଣି ଖନନ କାର୍ଯ୍ୟ ଶୀଘ୍ର ଆରମ୍ଭ ହେଉ

**ଭବାନୀପାଟଣା,୧୫।୨ (ଉତ୍ତମ କୁମାର ଦାଶ)**




ଭବାନୀପାଟଣାରେ ଶୋଭାଯାତ୍ରା କରାଯାଉଛି।

## ଭବାନୀପାଟଣାରେ ବିଶାଳ ଶୋଭାଯାତ୍ରା

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ସୀମାନ୍ତରେ ଥିବା ସିଜିମାଲି ଖଣି ଖନନ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ଦାବି ନେଇ ସ୍ଥାନୀୟ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ଶନିବାର ଭବାନୀପାଟଣାରେ ଏକ ବିଶାଳ ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ସହରର ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରୁ ବାହାରି ସହର ପରିକ୍ରମା ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ଥୁଆମୂଳ ରାମପୁର ବ୍ଲକର ୩ ଶହରୁ ଉର୍ଦ୍ଧ୍ୱ ଗ୍ରାମର ୧୦ ହଜାର ଲୋକେ ସାମିଲ ହୋଇଥିଲେ। ପରେ ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଆଗାମୀ ଦିନରେ ସିଜିମାଲି ଖଣି ଖନନ ହେଲେ ଥୁଆମୂଳ ରାମପୁର ଅଞ୍ଚଳର ଉନ୍ନତି ହେବା ସହ ବେକାରି ଓ ଦାଦନ ସମସ୍ୟା ଦୂର ହେବ। ତେଣୁ ଅଞ୍ଚଳର ୧୫,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସହ ସିଜିମାଲି ଓ ମୈତ୍ରୀ କମ୍ପାନୀକୁ ସମର୍ଥନ କରୁଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ସମୟରେ ଅଞ୍ଚଳର ୧୦ ହଜାରରୁ ଉର୍ଦ୍ଧ୍ୱ ପରିବାର ଆର୍ଥିକ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି ଆଦି କ୍ଷେତ୍ରରେ ସୁବିଧାସୁଯୋଗ ପାଉଛନ୍ତି। ଏହାସହ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ମଧ୍ୟ ମୈତ୍ରୀ ଇନଫ୍ରା ତରଫରୁ କରାଯାଉଛି। ଏପରିସ୍ଥଳେ କେତେଜଣ ବାହାର ଲୋକ ଆସି ନିଜ ସ୍ୱାର୍ଥ ପାଇଁ କମ୍ପାନୀକୁ ବିରୋଧ କରିବାକୁ ଅଞ୍ଚଳର ନିରୀହ ଆଦିବାସୀଙ୍କୁ ମତାଉଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରି ଗିରଫ କରାଯାଉ ବୋଲି ଦାବି କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବ, ଡିଜିପି, କୋରାପୁଟ ଡିଆଇଜି, ଆର୍‌ଡିସି ବ୍ରହ୍ମପୁର ଓ କଳାହାଣ୍ଡି ଏସ୍‌ପିଙ୍କୁ ପ୍ରେରଣ କରାଯାଇଛି।

## ପଞ୍ଚାୟତସ୍ତରୀୟ କିଶୋରୀକିଶୋର ମେଳା

**ଖଡ଼ିଆଳ,୧୫।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଖୁଦପେଜ ଅଙ୍ଗନୱାଡି କେନ୍ଦ୍ର ପରିସରରେ ୧୦ରୁ ୧୯ ବର୍ଷର କିଶୋରୀକିଶୋରଙ୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଖୁଦପେଜ ମହିଳା ପରିଦର୍ଶିକା ତୁଳସୀଲତା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଯଶୋଦା ଶତପଥୀ, ସାମାଜିକ କର୍ମୀ ରାଧେଶ୍ୟାମ ଶତପଥୀ, ଏଏନ୍‌ଏମ୍ ଆରତୀ ନାଏକ ଯୋଗାଦାନକରି ବାଲ୍ୟବିବାହ, ରକ୍ତହୀନତା, ପୋଷଣ, ଶିକ୍ଷା ଆଦି ଉପରେ ସଚେତନ କରାଇଥିଲେ। ୫୦ ଜଣ କିଶୋର କିଶୋରୀଙ୍କ ଓଜନ, ଉଚ୍ଚତା, ବିଏମ୍‌ଆଇ, ରକ୍ତ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସତ୍ୟଭାମା ଶତପଥୀ, କାଳିନ୍ଦ୍ରୀ କଟା, ହିରେନ୍ଦ୍ର ମାଝୀ, ଉମାମଣି ମାଝୀ, ଯଶୋବନ୍ତୀ ଗହୀର, ଗୀତାଞ୍ଜଳି ଭୋଇ, ବନିତା ତାଣ୍ଡି ସହଯୋଗ କରିଥିଲେ। ଅଙ୍ଗନୱାଡି କର୍ମୀ ଜ୍ୟୋତ୍ସ୍ନା ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁଚି, ବକ୍ତୃତା, ନୃତ୍ୟ, କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦେବଗିରି ମଠର ନୂତନ ଟ୍ରଷ୍ଟ ବୋର୍ଡ ଗଠିତ

**ପଲମ,୧୫।୨ (ଭିକାରି ଗଉଡ଼)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ବୁଢ଼ୀପଦରସ୍ଥିତ ଦେବଗିରି ମଠରେ ନୂତନ ଟ୍ରଷ୍ଟ ବୋର୍ଡ ଗଠିତ ହୋଇଛି। ଏଥିରେ ଡ. ସୁନୀଲ କୁମାର ଧଙ୍ଗଡାମାଝୀ ଟ୍ରଷ୍ଟି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଶ୍ରୀଭଗବତ ସ୍ୱାମୀ ଦେବଗିରି ମଠ ଟ୍ରଷ୍ଟ ବୋର୍ଡକୁ ଅନୁମୋଦନ ମିଳିଛି। ଟ୍ରଷ୍ଟର ସଦସ୍ୟ ଭାବେ ବିଜୟ ଧଙ୍ଗଡାମାଝୀ, ବିଷ୍ଣୁ ଗଉଡ଼, ସୁରେନ୍ଦ୍ର ମାଝୀ, ଡ. ସଞ୍ଜୟ ଧଙ୍ଗଡାମାଝି, ରଜନୀ ଗଉଡ, ଲୋକନାଥ ଗଉଡ, ଭରତ ଧଙ୍ଗଡାମାଝୀ, ତପିବର ଦାସ, ବିଭୀଷଣ ଧଙ୍ଗଡାମାଝୀ, ଶତ୍ରୁଘନ ଧଙ୍ଗଡାମାଝୀ, ଦେବରାଜ ଗଉଡ, ପ୍ରଦୀପ ଧଙ୍ଗଡାମାଝୀ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, କଳାହାଣ୍ଡିର ନାଗବଂଶୀ ମହାରାଜମାନଙ୍କ ଅମର କୀର୍ତ୍ତି ଦେବଗିରି ମଠ ଦେଶ ସ୍ୱାଧୀନ ହେବାପରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ରହିଥିଲା। ପୂର୍ବରୁ ମଠରେ ଅନେକ ଟ୍ରଷ୍ଟି ନିଯୁକ୍ତ ହୋଇଥିବାବେଳେ ୨୦୦୮ ରୁ ଏହା ଏକପ୍ରକାର ସ୍ଥାଣୁ ହୋଇଯାଇଥିଲା। ଆଡ୍‌ଭାଇଜରି କମିଟି ଓ ପରିଚାଳନା କମିଟି ମାଧ୍ୟମରେ ମଠ ପରିଚାଳିତ ହେଉଥିଲା। ୨୦୦୨ରୁ ୨୦୨୫ ପର୍ଯ୍ୟନ୍ତ ଡ. ଧଙ୍ଗଡାମାଝୀ ମଠର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ମଠର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗର ସମସ୍ତ ନୀତି ନିୟମ ଅନୁପାଳନ କରିବେ ବୋଲି ନବନିଯୁକ୍ତ ଟ୍ରଷ୍ଟି ପ୍ରକାଶ କରିଛନ୍ତି।

## ନିଆଁ ଲାଗି ଜଳିଗଲା ୩ ଘର

**ଜୁନାଗଡ଼,୧୫।୨ (ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡା ପଞ୍ଚାୟତ ମହୁଲପଡ଼ାରେ ନିଆଁ ଲାଗି ୩ପରିବାରଙ୍କ ଘର ଜଳିଯାଇଛି। କ୍ଷତିଗ୍ରସ୍ତ ପରିବାର ହେଲେ ଭୋକରଧନ ନାଏକ, ବାଳକୃଷ୍ଣ ଦୁର୍ଗା ଓ ସୁନା ମାଝୀ। ଗରିବ ଶ୍ରେଣୀର ହୋଇଥିବାରୁ ଏହିସବୁ ପରିବାରର ଶ୍ରମିକମାନେ ମୂଲମଜୁରି କରିବାକୁ ବାହାରକୁ ଯାଇଥିଲେ। ଅପରାହ୍ନରେ ସେମାନେ ଫେରିବା ପରେ ଘରଗୁଡିକ ଜଳିଯାଇଥିବା ଦେଖିବାକୁ ପାଇଥିଲେ। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଖାଦ୍ୟସାମଗ୍ରୀ ଓ ଆସବାପତ୍ର ପୋଡି ପାଉଁଶ ହୋଇଯାଇଛି। ଏହାକୁ ନେଇ ସେମାନେ ଚିନ୍ତିତ ହୋଇପଡିଛନ୍ତି। ତେବେ କେଉଁ କାରଣରୁ ଘରେ ନିଆଁ ଲାଗିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ବି ସ୍ପଷ୍ଟ ଜଣାପଡିନାହିଁ। ଜିଲା ପ୍ରଶାସନ ଏହି ୩ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ ପାଇଁ ପଡ଼ାବାସୀ ଦାବି କରିଛନ୍ତି।



ନିଆଁ ଲାଗି ଘର ଜଳିଯାଇଛି।

## ଦେହେରିଆ ସଂଘ, କନ୍ଧ ସମାଜର ମହାମେଳି



ବୈଠକରେ ଯୋଗଦେଇଥିବା ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

**ରିଷିଡ଼ା,୧୫।୨ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା ବେଲଖଣ୍ଡି ଶୈବପୀଠ ସୀମାନ୍ତରେ ଥିବା ସଇଁତଲା ବ୍ଲକ୍ ଖୁସମାଳ ମାଝୀ ଦେଶଠାରେ କନ୍ଧ ସମାଜ ଓ ବେଲଖଣ୍ଡି ଦେହେରିଆ ସଂଘର ମହାମେଳି ହୋଇଥିଲା। କେଉଁ କାଳରୁ କନ୍ଧ ସମାଜ ଓ ଦେହେରିଆ ସଂଘ ପୂଜା କରିଆସୁଥିବା ବେଳେ ଟ୍ରଷ୍ଟ ନାଁରେ ପ୍ରତାରଣା କରାଯାଉଥିବା ଅଭିଯୋଗ ନେଇ ମହାମେଳି ହୋଇଥିଲା। କେନ୍ଦ୍ରୀୟ କମିଟି ସଭାପତି ଚିନ୍ତାମଣି ଭୋଇ, ସମ୍ପାଦକ ପ୍ରଦୀପ କୁମାର ମାଝି, ଦେହେରିଆ କମିଟି ସଭାପତି ଧୀରେନ୍ଦ୍ର ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମାଝୀ କନ୍ଧ ସମାଜର ପତାକା ଉତ୍ତୋଳନ ପରେ ଏକ ବିରାଟ ପଟୁଆରରେ ବାଜା ନିଶାନ ଅସ୍ତ୍ରଶସ୍ତ୍ର ସହ ନଗର ପରିକ୍ରମା କରିଥିଲେ। ପରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲାରୁ ଆଦିବାସୀ କନ୍ଧସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବେଲଖଣ୍ଡି ଶୈବପୀଠରେ ଟ୍ରଷ୍ଟ ନାଁରେ ପ୍ରତାରଣା ନେଇ ଆଗାମୀ ଦିନରେ କନ୍ଧସମାଜ, ଦେହେଲିଆ ସଂଘ ପକ୍ଷରୁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସଭାରେ ମାର୍କଣ୍ଡ ପ୍ରଧାନୀ, ମହେନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଭୋଇ, ସୁମନ୍ତ ମାଝୀ, ମେନେଜର ଭୋଇ, ରାଧେଶ୍ୟାମ ମାଝୀ, ଯୁଧିଷ୍ଠିର ଜାନି, ଅରବିନ୍ଦ ମାଝୀ ପ୍ରମୁଖ ଶତାଧିକ ଦେହେରିଆ ସଂଘ ସଦସ୍ୟ ଓ କନ୍ଧସମାଜ ଜାତିଭାଇ ଯୋଗଦେଇଥିଲେ।

## ମାତୃପିତୃ ପୂଜନ କାର୍ଯ୍ୟକ୍ରମ

**ଜୟପାଟଣା,୧୫।୨ (ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡା ଜଗନ୍ନାଥ ମନ୍ଦିର ପରିସରରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସନ୍ଥ ଶ୍ରୀ ଆଶାରାମ ଆଶ୍ରମର ଅନ୍ତେବାସୀଙ୍କ ସହ ମିଶି ବାଳିକାବାଳକ ନିଜ ମାତାପିତାଙ୍କୁ ପୂଜନ କରିଥିଲେ। ସାମ୍ପ୍ରତିକ ସମୟରେ ଅନେକ ସନ୍ତାନ ନିଜ ମାତାପିତାଙ୍କୁ ଭୁଲି ବାସ୍ତୁବାଦୀ ସମାଜରେ ମଜିରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବାଳିକାବାଳକଙ୍କ ସହ ଆଶ୍ରମରୁ ଆସିଥିବା ଅନ୍ୟମାନଙ୍କୁ ନେଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଉପସ୍ଥିତ ଥିବା ମାତାପିତା ଓ ବାଳକ ବାଳିକା ଅତୀତକୁ ମନେ ପକାଇଥିଲେ।

## ହିତାଧିକାରୀଙ୍କୁ ମିଳୁ ନାହିଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା

**କୋମନା,୧୫।୨ (ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅଞ୍ଚଳର ବହୁ ହିତାଧିକାରୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ମଧ୍ୟ ପାରିଶ୍ରମିକ ପାଇପାରି ନାହାନ୍ତି। ବ୍ଲକ ଅନ୍ତର୍ଗତ ନୂଆଗାଁର ଭଗବତୀ ବାଗ ୨୦୨୧-୨୨ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ସଂଖ୍ୟା ଓଡି/୨୮/୦୦୨/୫୦୫/୨୧-୨୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପରେ ଏହାକୁ ସମ୍ପୂର୍ଣ କରି ଦୁଇବର୍ଷ ହେଲା ରହିଆସୁଛନ୍ତି। ପଞ୍ଚାୟତ ଅଫିସରେ ସେ ଏହାର କାଗଜପତ୍ର ଦେଇଥିଲେ ମଧ୍ୟ ଆଜି ଯାଏ ଟଙ୍କା ମିଳିପାରି ନ ଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ଘର ତିଆରିରେ ନିୟୋଜିତ ଶ୍ରମିକମାନଙ୍କ ପାରିଶ୍ରମିକ ଦେଇ ନ ପାରି ସେ ଚିନ୍ତିତ ଅଛନ୍ତି। ସେହିପରି ପୂର୍ଣ୍ଣମୀ ନିଆଲ, ବାସନ୍ତୀ ବାଗ, ଉକିଆ ବାଗ, ବେଲମତି ବାଗ ବିଭିନ୍ନ କାର୍ଯ୍ୟାଦେଶ ସଂଖ୍ୟା ଅନୁଯାୟୀ ଘର ପାଇଛନ୍ତି। ଏମାନଙ୍କ ମଧ୍ୟରୁ ବାସନ୍ତୀ, ଉକିଆ ଓ ବେଲମତିଙ୍କ ଘର ଛାତ ପଡ଼ିଥିଲେ ବି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ଆଦୌ ମିଳି ନ ଥିବା କହିଛନ୍ତି। ନିୟମ ଅନୁସାରେ କିସ୍ତି ଅନୁସାରେ ହିତାଧିକାରୀଙ୍କ ଜମାଖାତାରେ ଟଙ୍କା ପଡିବା କଥା। ହେଲେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ଏ ନେଇ ଜିଆର୍‌ଏସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। କୋମନା ବିଡିଓ ହେମନ୍ତ ପୁଜାଙ୍କୁ ପଚାରିବାରୁ ଯଦି କେହି ଠିକ୍ ଭାବେ କାମ କରୁନାହାନ୍ତି ସରପଞ୍ଚ ଓ ପିଇଓଙ୍କଠାରୁ ଲିଖିତ ଅଭିଯୋଗପତ୍ର ଆଣିଦେଲେ ତା' ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଗାଁରେ ପହଞ୍ଚିଲା ଶ୍ରମିକଙ୍କ ମୃତଦେହ

**ଖଡ଼ିଆଳ,୧୫।୨ (ସୁଜିତ କୁମାର ପ୍ରଧାନ)**

ଦାଦାନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ନୂଆପଡ଼ା ଜିଲା ଖଡ଼ିଆଳ ଥାନା ସାନମହେଶ୍ୱର ପଞ୍ଚାୟତର ଝୋଲପଥର ଗ୍ରାମର ସ୍ୱର୍ଗତ ସାଗର ତାଣ୍ଡିଙ୍କ ଝିଅ କଳ୍ପନା ତାଣ୍ଡି (୧୭)ଙ୍କ ମୃତଦେହ ଶନିବାର ଗାଁରେ ପହଞ୍ଚିଛି। ପ୍ରକାଶ ଯେ, ୬ମାସ ପୂର୍ବେ ଦାଦନ ସର୍ଦ୍ଦାର ଅଗ୍ରିମ ଦେଇ କଳ୍ପନାଙ୍କୁ ନେଇ ଆନ୍ଧ୍ରପ୍ରଦେଶ ରାଜ୍ୟ କୁଲିନାନ ଥାନା ଅଞ୍ଚଳରେ ଇଟା ଗଡ଼ା କାର୍ଯ୍ୟରେ ନିୟୋଜିତ କରିଥିଲେ। ସେଠାରେ ଭୋକ ଉପାସରେ ରଖି ଅଧିକ କାର୍ଯ୍ୟ କରାଉଥିଲେ। ଫଳରେ ଶାରୀରିକ ସମସ୍ୟା ଦେଖାଦେଇଥିଲା। ତଥାପି ସର୍ଦ୍ଦାରଙ୍କ ଗାଳିଗୁଲଜ ଯୋଗୁ ସେ ଇଟା ତିଆରି କାର୍ଯ୍ୟରେ ନିୟୋଜିତ ରହୁଥିଲେ। ଏପରିସ୍ଥଳରେ କାର୍ଯ୍ୟ କରୁଥିବା ବେଳେ ୩ଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ଦାଦନ ସର୍ଦ୍ଦାରଙ୍କ ଅସହଯୋଗ ଯୋଗୁ ଚିକିତ୍ସା ଅଭାବରୁ କଳ୍ପନା ତାଣ୍ଡିଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ତୁରନ୍ତ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମା' ଚକାମଲେନ ନକ୍‌ଆଉଟ୍ କ୍ରିକେଟ: ବେହେରା ଚାମ୍ପିୟନ

**ଧର୍ମଗଡ,୧୫।୨ (ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବଡ଼ଘୁମରଠାରେ ଚାଲିଥିବା ମା' ଚକାମଲେନ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ସିଜନ-୪ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବେହେରା ଓ ସର୍ଗିଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବେହେରା ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯୮ ରନ ରନ ସଂଗ୍ରହ କରିଥିଲା। ଜବାବରେ ସର୍ଗିଗୁଡା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନକରି ପରାସ୍ତ ହୋଇଥିଲା। ଫଳରେ ବେହେରା ଦଳ ଚାମ୍ପିୟନ ହୋଇଥିଲା। ଖେଳକୁ ପ୍ରଶାନ୍ତ ଗୋପାଳ ଓ ଲିପୁନ ପଟେଲ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଜୁଏଡ, ଗୋପୀନାଥ ମହାନନ୍ଦ, ପ୍ରଣବ କୁମାର ଭଇସାଲ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବରାଜ ଗୋପାଳ, ବଡ଼ଘୁମେର ସରପଞ୍ଚ ଜନ୍ମେଜୟ ଗୋପାଳ, ଅବସରପ୍ରାପ୍ତ ସୈନିକ ଗଜାନନ ପଟେଲ, ସାମାଜିକ କର୍ମୀ ମଧୁସୂଦନ ଗୋପାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

## ଆକାଶରୁ ଖସୁଥିବା ବେଲୁନ ବିସ୍ଫୋରଣରେ ୫ ବାଳକ ଆହତ

**ନୂଆପଡ଼ା,୧୫।୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଧରମବନ୍ଧା ଥାନା ଚୁଲାଭାଟ ପଞ୍ଚାୟତ ପଖାନପଦର ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଆକାଶରୁ ଖସୁଥିବା ବେଲୁନ ବିସ୍ଫୋରଣରେ ୫ ନାବାଳକ ଆହତ ହୋଇଛନ୍ତି। ସେମାନେ ହେଲେ ପଖାପଦର ଗାଁର ଉଗ୍ରେ ମାଝି (୧୫), ଉମ୍ବରୁଧର ମାଝି (୧୧), ଗୌରବ ମାଝି (୧୩), ଝାକାର ମାଝି (୧୪) ଓ ସତ୍ୟ ମାଝି (୧୫)। ପ୍ରାପ୍ତ ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ପିଲାମାନେ ଖେଳୁଥିବାବେଳେ ଆକାଶରୁ ଗୋଛାହୋଇ ବେଲୁନ ଖସୁଥିଲା। ଏହାକୁ ପାଇବା ଆଶାରେ ପିଲାମାନେ ଢେଲାପଥର ମାଡ଼ କରିଥିଲେ। ଫଳରେ ଭୂମିଠାରୁ ୫ଫୁଟ ଉଚ୍ଚତାରେ ଉଡୁଥିବା ବେଲୁନ ବିସ୍ଫୋରଣ ହାଇଥିଲା। ଏଥିରେ ଆହତ ପିଲାମାନଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବିସ୍ଫୋରଣରେ ପିଲାମାନଙ୍କ ହାତ, ଦେହ ଓ ମୁହଁ ଝିଙ୍ଗିଯାଇଛି। ଧରମବନ୍ଧ ପୋଲିସ ଜିଲା ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛି। ବେଲୁନରେ ଭର୍ତ୍ତି ହୋଇଥିବା ଗ୍ୟାସରୁ



ଆକାଶରୁ ଖସିଥିବା ବେଲୁନ।

ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କିଏ ଓ କାହିଁକି ଗ୍ୟାସ ଭର୍ତ୍ତି ବେଲୁନ ଆକାଶରେ ଛାଡ଼ିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଅଞ୍ଚଳରେ ପ୍ରଥମଥର ଘଟିଥିବା ଏଭଳି ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

**ଭବାନୀପାଟଣା,୧୫।୨ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ଡ. ମଧୁଲିକା ସାହୁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ଓ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ହଳଧର ସାହୁଙ୍କ ନେତୃତ୍ୱରେ ଏହା ପରିଚାଳିତ ହୋଇଥିଲା। ଏଥିରେ କଳାହାଣ୍ଡି ଓ ନୂଆପଡ଼ା ଜିଲାର ଅନେକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଓ ଇଂରାଜୀ ତର୍କ, ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ, କବିତା ଲିଖନ, ଚିତ୍ରାଙ୍କନ, ସଙ୍ଗୀତ, ଏକକ ଅଭିନୟ, ନୃତ୍ୟ, ବାଦ୍ୟ, କୁଇଜ୍, ଜଷ୍ଟ ଏ ମିନିଟ୍ ପ୍ରଭୃତି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାହିତ୍ୟ ଓ ସାଂସ୍କୃତିକ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିପାଇଁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## କୋଠା ନିର୍ମାଣ ହୋଇଛି, କାର୍ଯ୍ୟକ୍ଷମ ହେଉନି

**ଥୁଆମୂଳ ରାମପୁର,୧୫।୨ (ଦୁର୍ଗା କୀର୍ତ୍ତି)**

### ଉଦ୍ୟାନ ବିଭାଗ କାର୍ଯ୍ୟାଳୟ



କାର୍ଯ୍ୟାଳୟ କୋଠା ପରିସର ପରିତ୍ୟକ୍ତ ହୋଇପଡ଼ିଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ କୃଷକଙ୍କ ଆର୍ଥିକ ଉନ୍ନତି ଆଣିବା ପାଇଁ ଉଦ୍ୟାନ କୃଷିକୁ ପ୍ରାଧାନ୍ୟ ଦିଆଯାଉଛି। ଏଥିପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇ ଭିତ୍ତିଭୂମି ନିର୍ମାଣ କରାଯାଉଛି। ହେଲେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ କୋଠା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ଏହି କୋଠା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଚାରିପାର୍ଶ୍ୱରେ ଅନାବନା ଗଛଲତା ଉଠିବା ସହ ମଦ ବୋତଲ ଓ ପ୍ଲାଷ୍ଟିକ ଗ୍ଲାସ୍ ବିଛାଡ଼ିହୋଇପଡ଼ିଛି।

ଥୁଆମୂଳ ରାମପୁର ଉଦ୍ୟାନ କୃଷି ପାଇଁ ଉପଯୁକ୍ତ ଅଞ୍ଚଳ ଭାବରେ ପରିଚିତ। ଏଠାରେ ପ୍ରାୟତଃ ଧାନଚାଷ ତୁଳନାରେ ଉଦ୍ୟାନ କୃଷି ଅଧିକ ହେଉଥିବା ଦେଖାଯାଏ। ବ୍ଲକ୍‌ର ୨୪ ଗୋଟି ଗ୍ରାମପଞ୍ଚାୟତରେ ଲୋକେ ଉଦ୍ୟାନ କୃଷିକାର୍ଯ୍ୟ କରୁଥିବାବେଳେ କୌଣସି ସମସ୍ୟା ନେଇ କର୍ମଚାରୀଙ୍କୁ ଭେଟି ପରାମର୍ଶ ନେବା ସମ୍ଭବ ହେଉନାହିଁ ବୋଲି ଅଭିଯୋଗ କରୁଛନ୍ତି। ଏଠାରେ ଉଦ୍ୟାନ କୃଷି କାର୍ଯ୍ୟାଳୟ ନିର୍ମାଣର ୩/୪ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇନାହିଁ। ଏହାଦ୍ୱାରା ଅଞ୍ଚଳର ଉଦ୍ୟାନ କୃଷି ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ସ୍ଥାନୀୟ ଜନପ୍ରତିନିଧି କିମ୍ବା ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଉଦ୍ୟାନ ବିଭାଗ ଅଧିକାରୀ କେନ୍ଥିଅ ଦେବଙ୍କୁ ପଚାରିବାରୁ ନୂତନ ଭାବେ ନିର୍ମାଣ ହୋଇଥିବା କାର୍ଯ୍ୟାଳୟରେ ବୋର୍‌ୱେଲ ସମସ୍ୟା ରହିଥିବାବେଳେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ଏଣୁ ଆମେ ସେଠାରେ ରହିପାରୁ ନାହିଁ କିମ୍ବା କାର୍ଯ୍ୟାଳୟ ଚଳାଇପାରୁ ନାହୁଁ। କିନ୍ତୁ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ସେବା, ତ୍ୟାଗ ମନୋଭାବ ରଖିବାକୁ ଆହ୍ୱାନ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ଆକ୍ରମଣରେ ଶହୀଦଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବନାହିଁ। ଶହୀଦ ଯବାନଙ୍କୁ ଦେଶ ଚିରଦିନ ପାଇଁ ମନେରଖିବ। ବରଗଡ଼ ମହିଳା ସମିତି ପକ୍ଷରୁ ପୁଲ୍‌ୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବକ୍ତାମାନେ ଏହା ମତପ୍ରକାଶ କରିଛନ୍ତି। ବକ୍ତାମାନେ ଆହୁରି କହିଥିଲେ, ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଆତଙ୍କବାଦୀଙ୍କ ନିଷ୍ଠୁର ଯୋଜନାର ଉଚିତ ଜବାବ ସର୍ଜିକାଲ ଷ୍ଟ୍ରାଇକ୍ ମାଧ୍ୟମରେ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନିକ ସରୋଜ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସୈନିକ ଜୀବନର ଅଙ୍ଗେନିଭା ରୋଚକ ଘଟଣାବଳୀ ବର୍ଣ୍ଣନାକରି ଦେଶମାତୃକାର ସେବାଠୁ ବଳି ମହାନ୍ ସେବା କିଛି ନାହିଁ ଏବଂ ଜୀବନରେ ସେହି ସାର୍ଥକତା ସୌଭାଗ୍ୟରେ ମିଳେ ବୋଲି କହିଥିଲେ। ସମିତିର ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂ ଏବଂ ପ୍ରସନ୍ନ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମିତିର ସଭାନେତ୍ରୀ ହରଜିନ୍ଦର କୌର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସୈନିକ ତଥା ମୁଖ୍ୟ ଅତିଥି ମହାପାତ୍ରଙ୍କ ସମେତ ମହିଳା ସମିତିର ସଦସ୍ୟା ସୁଧାଂଶୁବାଳା ଦାଶ ଏବଂ ସୁଜାତା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସମିତିର ବରିଷ୍ଠ ସଦସ୍ୟା ରାଧାରାଣୀ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସୁଜାତା ପଣ୍ଡା ଶହୀଦଙ୍କ ସ୍ମୃତିରେ କବିତା ପାଠ କରିଥିଲେ। ଅଞ୍ଜନା ଦାସ, ରାଧାରାଣୀ ମିଶ୍ର ଏବଂ ସସ୍ମିତା ପଟ୍ଟନାୟକ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦିକା ଇନ୍ଦ୍ରାଣୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ଶୁକ୍ରବାର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ ବଳିଦାନ ଦିବସ ଏବଂ ଅନୁଷ୍ଠାନର ପଞ୍ଚମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ପୁଲ୍‌ୱାମା ଆତଙ୍କବାଦୀ ହମ୍‌ଲାରେ ଶହୀଦଙ୍କ ସ୍ମୃତି ଏବଂ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍, ସମ୍ବଲପୁରର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଶାନ୍ତ ସାହୁ ମୁଖ୍ୟ ଅତିଥି, ସମ୍ବଲପୁର ଆଇଆଇଏମ୍‌ର ଆସିଷ୍ଟାଣ୍ଟ ପ୍ରଫେସର ସୁଜିତ କୁମାର ପୃଷେଠ୍ ମୁଖ୍ୟବକ୍ତା, ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ଉତ୍ପନ୍ନ ଭୋଇ ଏବଂ କବି ନୀତୀଶ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ଶହୀଦମାନଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେବା, ତ୍ୟାଗ ମନୋଭାବ ରଖି ଆଗକୁ ବଢ଼ିବା ପାଇଁ ଉପସ୍ଥିତ ଜନତାଙ୍କୁ ଅତିଥିବୃନ୍ଦ ଆହ୍ୱାନ କରିଥିଲେ। ଏହା ସହିତ ବରଗଡ଼ ଜିଲାର ୮ଶହୀଦ ପରିବାର ସଦସ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେମାନଙ୍କ ମଧ୍ୟରେ ଅତାବିରା ବ୍ଲକ ବରାହମୁଣ୍ଡା ଗ୍ରାମର ଶହୀଦ ଗଙ୍ଗାଧର ଦଲେଇ, ଅତାବିରା ବାବାଜୀ ମଠର ଶହୀଦ କୌଶଳ କିଶୋର ପ୍ରଧାନ, ଭେଡ଼େନ ବ୍ଲକ୍ ବାଘପାଲିର ଶହୀଦ ନିଲାଞ୍ଚଳ ପଟେଲ, ବରଗଡ଼ ବ୍ଲକ ବରଡ଼ୋଲର ଶହୀଦ ପଦ୍ମଲୋଚନ ମାଝି, ବରଗଡ଼ ବ୍ଲକ କଟାପାଲିର ଶହୀଦ ପ୍ରକାଶ ସାହୁ, ବରଗଡ଼ ବ୍ଲକ ଖଣ୍ଡହଥା ଗ୍ରାମର ଶହୀଦ ରଞ୍ଜନ ଦାଶ, ଭଟଲି ବ୍ଲକ୍ ନୂଆଗଡ଼ର ଶହୀଦ ଗୁକେଶ୍ୱର ଭୋଇ, ଭେଡ଼େନ ବ୍ଲକ୍ କୁଦୋପାଲି ଗ୍ରାମର ଶହୀଦ ସଞ୍ଜୟ ବାଗଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ସାମାଜିକ କର୍ମୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ଅଞ୍ଜୁ ମିଉଲ ଏବଂ ସମ୍ବଲପୁରର ମାଁ ଲିମସରିଏନ୍ ସଚେତନ ଯୁବକ ସଂଘକୁ ସଂକଳ୍ପ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ସଂକଳ୍ପ ପରିବାର ସହିତ ମିଳିତଭାବେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରୁଥିବା ୧୦ସହଯୋଗୀ ଅନୁଷ୍ଠାନକୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ କାର୍ଯ୍ୟକ୍ରମ ଆୟୋଜନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଞ୍ଜୟ ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ନିରାକାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଜଣେ ମହିଳାଙ୍କୁ ସଂକଳ୍ପ ସେବା ପ୍ରଦାନ କରୁଛନ୍ତି।

### ଶହୀଦଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବନି



ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ।

# ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଚକରକେନ୍ଦ ଛକରେ ଶହୀଦ ଯବାନ ସେବା ସଂଘ ତରଫରୁ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁଶାନ୍ତ ମେହେର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଶଙ୍କର୍ଷଣ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାମର ଯଦୁମଣି ଭୋଇ, ସରୋଜ କୁମାର ଭୋଇ, ନିତ୍ୟାନନ୍ଦ ପ୍ରଧାନ, ସଦର ଥାନାର ଏସ୍‌ଆଇ ଏମ.ତିର୍କୀଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ଅବନିନ୍ଦ୍ର କୁମାର ଗୁପ୍ତା, ଅନନ୍ତ ପ୍ରଧାନ, ଅଭୟ ଚରଣ ଭୋଇ, ଏଲ୍.ଏମ୍ ପ୍ରଧାନ, ଅମରେଶ ବାରିକ, ନବୀନ ପ୍ରଧାନ, ପି. ଲୋହା, ବନବସ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଷୀନେତା ରମେଶ ମହାପାତ୍ର, କୋଶଲ ସେନାର ବିରବଲ ମହାକୁଡ଼, ବଗେଇବିରା ଇଣ୍ଡିଆନ ମିଲିଟାରୀ ଏକାଡ଼େମୀର ସଭାପତି ପୁରନ୍ଦର ଭୋସାଗର, ଜିଲା ସାମାଜିକ କର୍ମୀ ସଂଘର ସଭାପତି ବଳିଷ୍ଠ ଦୁର୍ଗା, ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ମାଁ ଏକ୍ ଟଙ୍କିଆ ଜଳଖିଆ ଅନୁଷ୍ଠାନର ପ୍ରତିଷ୍ଠାତା ଉମେଶ ପ୍ରଧାନ, ଅଭିଭାବକ ସଂଘର ବିମଳ ଦାଶ, ଏଟିଭର୍ସ ହେଲପିଙ୍ଗ ଫାଉଣ୍ଡେଶନର ଦିବାକର ମାଝି, ଭଗବାନ ପ୍ରଧାନ, ଜନତା ସଂଘର୍ଷ ସମିତିର କିଶୋର ସାହୁ, ବରଗଡ଼ ଆମ୍ବେଦକର ଯୁବାସଂଘର ଅବିନାଶ ବାଗ, ବଜରଙ୍ଗ ଦଳର ସଞ୍ଜୀବ ମେହେର, ସୁନିଲ ମହାପାତ୍ର, ଶ୍ରୀକାନ୍ତ ପୁରୋହିତଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚକରକେନ୍ଦ ସନ୍ଥକବି ଭୀମଭୋଇ ଯୁକ୍ତତିନି କଲେଜ, ନବଜ୍ୟୋତି ଯୁକ୍ତଦୁଇ କଲେଜ ଏବଂ ଚକରକେନ୍ଦ ହାଇସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

### ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିର ବିକାଶ ପାଇଁ ଦାବିପତ୍ର

ବରଗଡ଼ ବ୍ଲକ୍ ଅନ୍ତର୍ଗତ ଗାଇସୀମା ଗ୍ରାମରେ ରହିଥିବା ଅଷ୍ଟଶମ୍ଭୁ ମଧ୍ୟରେ ଅନ୍ୟତମ ଶୈବପୀଠ ବାବା ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିର ବିକାଶ ପାଇଁ ଶୁକ୍ରବାର ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବହୁ ପୁରାତନ ଶୈବପୀଠକୁ ପର୍ଯ୍ୟଟନ କ୍ଷେତ୍ର ଭଳି ବିକାଶ କରିବା ଏବଂ ଉନ୍ନତୀକରଣ ପାଇଁ ୨କୋଟି ଅନୁଦାନ ଦେବା ପାଇଁ ବିଧାୟକ ଷଡ଼ଙ୍ଗୀ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କଠାରେ ଦାବି ରଖିଛନ୍ତି। ଶୀଘ୍ର ଏହି ଅନୁଦାନ ରାଶି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବିଧାୟକ ଷଡ଼ଙ୍ଗୀ କହିଛନ୍ତି।



ଉପମୁଖ୍ୟମନ୍ତ୍ରୀଙ୍କୁ ବରଗଡ଼ ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସରଣ୍ଡାର ଡାକ୍ତରଙ୍କୁ ମଧୁମେହରେ ଫେଲୋଶିପ୍ ସମ୍ମାନ



ମେଘନାଦ ମେହେର

**ସରଣ୍ଡା/ସୋହେଲା,୧୫।୨**
**(ଯୁଧିଷ୍ଠିର ମହାପାତ୍ର/ଅଶ୍ୱିନି ପାତ୍ର)**

ବରଗଡ଼ ଜିଲା ସରଣ୍ଡା ଗ୍ରାମର ଯୁବ ଡାକ୍ତର ମେଘନାଦ ମେହେରଙ୍କୁ ଅହମଦାବାଦଠାରେ ମଧୁମେହରେ ଫେଲୋଶିପ ସମ୍ମାନରେ ସମ୍ମାନିତ କରାଯାଇଛି। ମଧୁମେହ ଭାରତର ବାର୍ଷିକ ସମ୍ମିଳନୀରେ ପଦ୍ମଶ୍ରୀ ଡା. ଭି .ମୋହନ ମେଘନାଦଙ୍କୁ ସମ୍ମାନିତ କରିଛନ୍ତି।

ଗୁରୁବାର ଅହମଦାବାଦରେ ୧୫ତମ ବିଶ୍ୱ ଡାଇବେଟିସ୍ ଇଣ୍ଡିଆ ସମ୍ମିଳନୀରେ ଏକ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଡା. ମେଘନାଦଙ୍କ ପ୍ରତିବଦ୍ଧତା ଏବଂ ମଧୁମେହ ଯତ୍ନ ଏବଂ ଗବେଷଣାକୁ ଆଗକୁ ବଢ଼ାଇବାର ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ମେଘନାଦ ବର୍ତ୍ତମାନ ଭୁବନେଶ୍ୱର ସମ୍ ହସ୍ପିଟାଲରେ ମେଡିସିନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ରୋଗୀଙ୍କ ସେବା କରୁଛନ୍ତି। କିନ୍ତୁ ନିଜ ଜନ୍ମମାଟି ଲୋକ ଯେପରି ଚିକିତ୍ସାରୁ ବଞ୍ଚିତ ନ ହେବେ ସେଥିପାଇଁ ତାଙ୍କ ମା'ଙ୍କ ନାଁରେ ସ୍ୱାସ୍ଥ୍ୟ ସଚେତନ କେନ୍ଦ୍ର ନାମରେ ଏକ କ୍ଲିନିକ ଖୋଲିଛନ୍ତି। ସେଠାରେ ମାଗଣାରେ ଲୋକଙ୍କୁ ଚିକିତ୍ସା ସେବା ଯୋଗାଉଛନ୍ତି। ସେ ଗାଁ ସ୍କୁଲରେ ହିଁ ଦଶମ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ପରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ କଟକରେ ଡାକ୍ତରୀ ପାଠ ପଢ଼ି ଡିଗ୍ରୀ ଅର୍ଜନ କରିଥିଲେ। ଭୁବନେଶ୍ୱର ଏମ୍ସରେ ୩ ବର୍ଷ ଚାକିରି କଲାପରେ ଏବେ ସମ୍ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ଡା. ମେହେର ୨୦୨୪ ଅଗଷ୍ଟ ୧୮ ତାରିଖ ପ୍ରାରମ୍ଭିକ କ୍ୟାରିୟର ଡାକ୍ତର ପୁରସ୍କାର (ଇସିପି ଆୱାର୍ଡ ) ଏବଂ ୨୦୨୩ ସେପ୍ଟେମ୍ବର ୨୩ ତାରିଖ ଏସିପି ଆୱାର୍ଡରେ ସମ୍ମାନିତ ହୋଇଛନ୍ତି।

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ବିଡିଓଙ୍କୁ ଦାବିପତ୍ର

**ପାଇକମାଳ,୧୫।୨(ବଡ଼ ଶତପଥି)**

### ଗଣଧାରଣା ଚତୁର୍ଥ ଦିନରେ

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ପାଇକମାଳ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୦ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଗଣ ଧାରଣାରେ ଜାରି ରହିଛି। ଏହି ଧାରଣାର ଚତୁର୍ଥ ପର୍ଯ୍ୟାୟ ଶନିବାର ଦିନରେ ମନଭଙ୍ଗ ଓ ନୁଆଁଗାଁ ଗ୍ରାମବାସୀମାନେ ବସିଥିଲେ। ଏହି ଗ୍ରାମର ନକୁଳ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ଗ୍ରାମ ସହିତ ଅନ୍ୟ ଗାଁର ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ସୁବଷ ମଲ୍ଲିକ, ଦଶରଥ ଚାନ୍ଦ, ସୁଧାଂସୁ ବାରିକ, ଗୁପତରାମ ବାରିକ,ଗିରିଶ ଡନସନା, ଡାଇମଣ୍ଡ ଭୁଏ,ଶ୍ୟାମ ସୁନ୍ଦର ମାଝି, ଖପରାଖୋଲରୁ ଶୁଶିଲ ନାଏକ, ତରଣୀ ସାହୁ, ଜଳନ୍ଧର ତାଣ୍ଡି ପ୍ରମୁଖ ଯୋଗ ଦେଇ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଗାଁରେ ପ୍ରଚାର କରି ଆନ୍ଦୋଳନକୁ ଆହୁରି ତିବ୍ରତର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିସହ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ବିଡିଓଙ୍କୁ ମନଭଙ୍ଗ ଓ ନୂଆଗାଁବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

# ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା



ମନ୍ଦିର ପ୍ରତିଷ୍ଠାରେ କଳସ ଆବାହନ ବେଳେ ପୂଜାର୍ଚ୍ଚନା।

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ତୋରା ଗ୍ରାମସ୍ଥିତ ଦୁର୍ଗା ମନ୍ଦିର ପରିସରରେ ଶ୍ରୀଗୁପ୍ତେଶ୍ୱର ବାବାଙ୍କ ଭବ୍ୟ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଚାଲିଛି। ଆସନ୍ତା ୧୬ତାରିଖ ଯାଏ ଏହି ମହୋତ୍ସବ ଚାଲିବ। ଏହି ଅବସରରେ କଳସଯାତ୍ରା ହୋଇଥିଲା। ଗ୍ରାମର ପ୍ରତିଘର ସମ୍ମୁଖରେ ଜଳପୂର୍ଣ୍ଣ କଳସ ଏବଂ ଦୀପ ଜାଳି ଗ୍ରାମବାସୀ କଳସ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ସେହିପରି ସୂର୍ଯ୍ୟପୂଜା, ଶାଳାସ୍ଥିତ ଦେବତାମାନଙ୍କର ପୂଜା, ନୂତନ ବିଗ୍ରହ ମାନଙ୍କର ସ୍ନାନ, ଧାନ୍ୟାଧିବାସ, ହୋମ ଆଦି ହୋଇଥିଲା। ପଣ୍ଡିତ ନରସିଂହ ଶତପଥୀ, ନରେଶ ମିଶ୍ର, ପ୍ରଭାତ କୁମାର ମିଶ୍ର ପ୍ରମୁଖ ପୂଜାର୍ଚ୍ଚନା କରୁଛନ୍ତି। ମଜ୍ଜୁନୁ ନାଏକ, ନିହାରକାନ୍ତ ସାହୁ, ପ୍ରଦୀପ ନନ୍ଦ, ଶ୍ରୀପତି ପଣ୍ଡା, ପି. ଶ୍ରୀନିବାସ, ବାସୁଦେବ ପ୍ରଧାନ, ଦେବରାଜ ସାହୁ, ରମେଶ କୁମାର ପାଣ୍ଡେ, ହୃଦାନନ୍ଦ ସା, ଦୀନବନ୍ଧୁ ସାହୁ, ଆନନ୍ଦ ସାହୁ, ଅନନ୍ତ ନାରାୟଣ ଭୋଇ ପ୍ରମୁଖ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତିଷ୍ଠା ମହୋତ୍ସବ କମିଟିର ସମସ୍ତ ସଦସ୍ୟବୃନ୍ଦ ପରିଚାଳନାରେ ସହଯୋଗ କରୁଛନ୍ତି।

# ସମାନତା ଆଣିବାକୁ ରୋଡ୍‌ମ୍ୟାପ୍ ଜରୁରୀ: ଊର୍ମିଳେଶ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରରେ ସମ୍ବଲପୁର ମଣ୍ଡଳ ଜୀବନ ବୀମା କର୍ମଚାରୀ ସଂଘ ପକ୍ଷରୁ ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ୍ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଖବରଦାତା ଊର୍ମିଳେଶ ବକ୍ତାଭାବେ ଯୋଗଦାନ କରିଥିଲେ। ସେ କହିଥିଲେ, ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ୍। ଆମ ସମ୍ବିଧାନର ମୂଳ ସ୍ୱରୂପ କିମ୍ବା ପ୍ରସ୍ତାବନା ସହିତ କୌଣସି ପ୍ରକାର ଛେଡ଼ଖାନୀ କରାଯାଇ ପାରିବ ନାହିଁ, ବରଂ ସଂଶୋଧନ କରାଯାଇ ପାରିବ। ଊର୍ମିଳେଶ ଆହୁରି କହିଥିଲେ, ଆମ ଦେଶରେ ଧନୀ, ଗରିବ ମଧ୍ୟରେ ସମାନତା ନାହିଁ। ସେ ବିଷୟରେ ଚିନ୍ତା ନ କରି ସାମାଜିକ ଗଣମାଧ୍ୟମରେ କେବଳ ଦେଶ ପାଇଁ ମହାନ କାର୍ଯ୍ୟ କରିଯାଇଥିବା ବିଭୂତିମାନଙ୍କର କୁତ୍ସାରଟନା କରୁଛୁ। ଅନ୍ୟପଟେ ଦେଶରେ ଯୁବକ ବେକାର ହୋଇ ବୁଲୁଛନ୍ତି, ଚାକିରି ନାହିଁ। ଦେଶରେ ଦାଦନ ସଂଖ୍ୟା ବହୁଗୁଣିତ ହେବାରେ ଲାଗିଛି। ଦେଶରେ ଉତ୍ପାଦନର ଲକ୍ଷ୍ୟ ନ ଥାଇ ଚାରିଆଡ଼େ କେବଳ ଉପଭୋକ୍ତା ସୃଷ୍ଟି କରାଯାଉଛି। ସମାନତା ଆଣିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ ହେବା ଜରୁରୀ ବୋଲି କହିଥିଲେ। ସେହିପରି ସାମାଜିକ, ଅର୍ଥନୈତିକ ସମାନତା ନ ରହିଲେ ଦେଶର ସ୍ଥିତି ସର୍ବଦା ଦୋହଲିବ। ଆମେ ରାଜନୈତିକ ସ୍ୱାଧୀନତା ପାଇଛୁ, ହେଲେ ଏ ଯାଏ ଆମକୁ ସାମାଜିକ ସ୍ୱାଧୀନତା ମିଳି ପାରି ନାହିଁ ବୋଲି ଊର୍ମିଳେଶ କ୍ଷୋଭର ସହିତ କହିଥିଲେ। ଆଲୋଚନାଚକ୍ରରେ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ବିମ୍ବାଧର କୁଅଁର ସଭାପତିତ୍ୱ କରିଥିଲେ। ସମ୍ପାଦକ ଡ. ପ୍ରଦୀପ ହୋତା ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ବଲପୁର ମଣ୍ଡଳ ଜୀବନବୀମା କର୍ମଚାରୀ ସଂଘର କାର୍ଯ୍ୟକର୍ତ୍ତା ଚନ୍ଦ୍ରଶେଖର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ କର୍ମଶାଳା

**ବରଗଡ଼,୧୫।୨**
**(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ୨୧ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏହି କ୍ରମରେ ବିଭିନ୍ନ ବିଷୟରେ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ ତଥା ଉପାଦେୟ ପରାମର୍ଶ ପ୍ରଦାନ ପାଇଁ ଶୁକ୍ରବାର ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ତତ୍ତ୍ୱାବଧାନ ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସତ୍ୟେନ୍ଦ୍ରୀୟ ଦେବତା ଇଂରାଜୀ ଏବଂ ଗଣିତ ବିଷୟ ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଦୀପିକା କୁଲୁ, ଜ୍ୟୋତ୍ସ୍ନା ତ୍ରିପାଠୀ, ନିଳିମା ପ୍ରଧାନ, ଜ୍ୟୋତି ବେହେରା, ତପସ୍ୱିନୀ ତ୍ରିପାଠୀ, ଗୀତା ଜାଲ, ଭାରତୀ ସେଟ୍, ବବିତା ନାଏକ, ସୀମା ସାହୁ ପ୍ରମୁଖ ଉପସ୍ଥିତ ରହି ଶତ ପ୍ରତିଶତ ପରୀକ୍ଷାଫଳ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହନୁମନ୍ତ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ଜିଲା ମଙ୍ଗଳ ଅଧିକାରୀ ମଳୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଳିମା ଧରୁଆ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପ୍ରଧାନ, ସାମାଜିକ କର୍ମୀ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ, ସିଆର୍‌ସିସି ଲୋକନାଥ ମେହେର, ପ୍ରକୃତିବନ୍ଧୁ ଆନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷକ ସଞ୍ଜୟ ଖମାରୀ, ସ୍ୱେଚ୍ଛାସେବୀ କୁଶ ସାହୁ, ଶିକ୍ଷକ କୈଳାଶ ଦାଶ, ଯୋଗେଶ୍ୱର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ରୂପାନନ୍ଦ ନାଏକ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଉଚ୍ଛବ ଭୁଏ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଷ୍ଟମନ୍ୟୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଠ୍ୟଦାନ ଆକର୍ଷଣ ପାଇଁ ମୋଡ୍ରେଲ କ୍ଲାସ ପ୍ରଦର୍ଶନ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ସିମେଣ୍ଟ ନଗର କ୍ଲଷ୍ଟର ପିପିଲିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ ମୋନାଲିସା ଗଡ଼ତିଆ ଶ୍ରେଣୀଗୃହ ପାଠ୍ୟଦାନ କିଭଳି ଆକର୍ଷଣୀୟ ହୋଇ ପାରିବ, ସେ ଉପରେ ଏକ ମୋଡ୍ରେଲ କ୍ଲାସ ପ୍ରଦର୍ଶନ କରିଥିଲେ। ଦେଓଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୁଙ୍ଗୀଲାଲ ସେଠ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଭୋଇ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ।

# 'ଲକ୍ଷ୍ୟ ହାସଲ ପାଇଁ ପରିଶ୍ରମ କର'

**ପଦ୍ମପୁର,୧୫।୨(ପ୍ରଦୀପ୍ତ ଦାଶ)**

ଅଞ୍ଚଳ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରାଧ୍ୟାପକ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ଉପଦେଷ୍ଟା ପ୍ରାଧ୍ୟାପକ ଖଗେଶ୍ୱର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ତଥା ବିଭିନ୍ନ ସ୍ତରରେ ଛାତ୍ରୀଛାତ୍ରମାନଙ୍କ କୃତିତ୍ୱ ବିଷୟରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ ପୂଜାରୀ ଯୋଗଦାନ ଦେଇ ଛାତ୍ରୀଛାତ୍ରମାନଙ୍କୁ ନିଜ ଲକ୍ଷ୍ୟ ହାସଲ କରିବା ଦିଗରେ କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବରେ ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ ଯୋଗଦେଇଥିଲେ। ଏହା ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନିଜର ପ୍ରତିଭାଗୁଡ଼ିକର ପ୍ରଦର୍ଶନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଶେଷରେ ସାଂସ୍କୃତିକ ସଂସଦ ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା ଡ. ସରୋଜ କୁମାର ନାଏକ କରିଥିଲେ। ପ୍ରମୋଦ କୁମାର ତ୍ରିପାଠୀ, ପ୍ରମୋଦ କୁମାର ପାଣିଗ୍ରାହୀ, ତାରାପ୍ରସାଦ ଶତପଥୀ, ନବକୃଷ୍ଣ ମିଶ୍ର, ଝୁନୁ ପରିଡ଼ା, ଶର୍ମିଳା ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ ଅଧାପକ ଅଧାପିକା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବାର୍ଷିକ ଉତ୍ସବରେ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଦୀପ ଜାଳିଥିଲେ: ଜଳିଲା ୨ ବଖରା ଘର**

କୁତ୍ରା,(ଦେବାଶିଷ ସାହୁ): କୁତ୍ରା ବ୍ଲକ ବାରତୋଲା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଦୁର୍ଯ୍ୟୋଧନ ମାଝୀ ଦୀପ ଲଗାଇଥିଲେ। କୌଣସି କାରଣ ବଶତଃ ଏକ କପଡାରେ ନିଆଁ ଲାଗି ପାଖରେ ଥିବା ତାଙ୍କ ଏକ ଦୋକାନ ଘର ସହିତ ରୋଷେଇ ଘର ସଂପୂର୍ଣ୍ଣ ଜଳିଯାଇଛି। ଏଥିରେ ଘରର ଆସବାବପତ୍ର ସହିତ ଦୋକାନ ସାମଗ୍ରୀ ଟଙ୍କା ପଇସା ସବୁ ଜଳି ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ବିଳମ୍ବ ହୋଇଯିବାରୁ ସବୁ ପୋଡି ନଷ୍ଟ ହୋଇଯାଇଛି।

## ସଂକ୍ଷେପରେ

### ବ୍ୟକ୍ତିଙ୍କ ମୃତଦେହ ଜବତ

କୁତ୍ରା,୧୫।୨(ଦେବାଶିଷ ସାହୁ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଗମାରଡିହି ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଶୁକ୍ରବାର ରାତିରେ ଜବତ କରିଛି। ଘଟଣାରୁ ଜଣାପଡିଛି ଯେ, ଶୁକ୍ରବାର ରାତିରେ ବିଜୁ ଏକ୍ସପ୍ରେସ ୱେରୁ ଗମାରଡିହିକୁ ଯାଇଥିବା ରାସ୍ତା ଉପରେ ଜଣେ ବ୍ୟକ୍ତି ପଡିଥିବା ନେଇ ପୋଲିସ ସୂଚନା ପାଇ ମୃତଦେହ ଜବତ କରିଥିଲା। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତ ଶରୀରକୁ ନେଇ ରାଜଗାଙ୍ଗପୁରସ୍ଥିତ ମର୍ଗ ହାଉସରେ ରଖିଛି। ଖବର ଲେଖା ହେବା ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଅନ୍ୟପକ୍ଷରେ ମୃତ ବ୍ୟକ୍ତିଙ୍କ ମୁଣ୍ଡର ପଛ ପଟେ ଆଘାତ ଲାଗିଥିବା ବେଳେ ଦୁର୍ଘଟଣା ଜନିତ ତାଙ୍କର ମୃତ୍ୟୁ ହୋଇଛି ନା ତାଙ୍କୁ ହତ୍ୟା କରାଯାଇଛି ସେ ନେଇ ପୋଲିସ ତଦନ୍ତ କରୁଛି।

### ବଡ଼ଗାଁ ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

ବଡ଼ଗାଁ,୧୫।୨(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟରେ ଶନିବାର ନୂତନ ବିଡିଓଭାବେ ପୂର୍ଣ୍ଣଚନ୍ଦ୍ର ଭୋଇ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ପୂର୍ବରୁ ଝାରସୁଗୁଡ଼ା ସଦର ବ୍ଲକରେ ବିଡିଓ ଭାବେ ଅବସ୍ଥାପିତ ଥିଲେ। ବଡ଼ଗାଁ ବିଡ଼ିଓ ଥିବା ସୁମତି ପଣ୍ଡାଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଭୁବନେଶ୍ୱରକୁ ବଦଳି ହୋଇଛି।



ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ।

# ଓଲଟିଲା ଗୋରୁ ବୋଝେଇ ପିକଅପ୍

## ଉତ୍ତେଜନା, ରାସ୍ତାରୋକୋ

କୁତ୍ରା,୧୫।୨(ଦେବାଶିଷ ସାହୁ) ବିଜୁ ଏକ୍ସପ୍ରେସ୍‌ୱେ କୁତ୍ରାରୁ ଖଡକୁରବାହାଲକୁ ଯାଇଥିବା ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଶନିବାର ଓଲଟି ପଡିଥିଲା। ଫଳରେ ପିକ୍‌ଅପରେ ଚାଲାଣ ହେଉଥିବା ୮ଟି ବଳଦ ଆହତ ହୋଇଥିଲେ। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋ ଚାଲାଣକାରୀ ଭ୍ୟାନର ମାଲିକଙ୍କୁ ଗିରଫ ଏବଂ ଏହି ଅଞ୍ଚଳରେ ହେଉଥିବା ବେଆଇନ ଗୋ ଚାଲାଣକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିବାକୁ ଲିଖିତ ଆକାରରେ ପ୍ରତିଶ୍ରୁତି ଦେବା ପାଇଁ ଉତ୍ୟକ୍ତ ସ୍ଥାନୀୟ ଲୋକେ ଓ ବଜରଙ୍ଗ ଦଳ ବିଜୁ ଏକ୍ସପ୍ରେସକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ



ଓଲଟିପଡିଥିବା ଗାଡିରୁ ଗୋରୁଙ୍କୁ ଉଦ୍ଧାର କରୁଛନ୍ତି ଲୋକେ।

ଶହ ଶହ ଗାଡି ରାସ୍ତାରେ ଅଟକି ରହିଥିଲା। ପୋଲିସ ପହଞ୍ଚି ବୁଝାସୁଝା କରିଥିଲା। କୁତ୍ରା ସରପଞ୍ଚ ଭୁବନ କୁଜୁର ଆଗାମୀ ଦିନରେ ବେଆଇନ ଗୋ ଚାଲାଣକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତ ଦେବା ପରେ ସନ୍ଧ୍ୟା ୮ଟା ୩୦ରେ ରାସ୍ତା ରୋକୋ ହଟିଥିଲା। ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା। ଆହତ ୮ଟି ବଳଦକୁ ଚିକିତ୍ସା ପରେ ରାଜଗାଙ୍ଗପୁର ସ୍ଥିତ ଗୋସାଳାକୁ ପଠାଯାଇଛି।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ୪ଟାରେ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଓଡି୧୬୭୮୧୪ ଦ୍ରୁତ ଗତିରେ ଯାଉଥିବାବେଳେ କୁତ୍ରା ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଛକରେ ଓଲଟି ପଡ଼ିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ପିକଅପ ଚକ ଫାଟିଥିବା ସତ୍ତ୍ୱେ ଛକ ସ୍ଥାନରେ ଦ୍ରୁତ ଗତିରେ ଯାଉଥିବା ଯୋଗୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ୮ଟି ବଳଦ ଆହତ ହୋଇଥିଲେ। ଘଟଣା ସ୍ଥଳ ସଦାସର୍ବଦା ଜନଗହଳି ପୂର୍ଣ୍ଣ ଥିବାବେଳେ ଭାଗ୍ୟବଶତ ନିକଟରେ ଥିବା ଲୋକେ ବର୍ତ୍ତି ଯାଇଥିଲେ। ପୋଲିସ ପହଞ୍ଚି ପିକଅପକୁ ଅଟକ ରଖିଛି। ନିୟମିତ ଭାବେ ପିକଅପ ଭ୍ୟାନ ଯୋଗେ ବେଆଇନ ଗୋ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବାକୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଛାତ୍ରୀ ଆତ୍ମରକ୍ଷା ତାଲିମ ସଚେତନତା ଶିବିର ଉଦ୍‌ଯାପିତ



ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ,୧୫।୨(ଜୟ ନାରାୟଣ ମେଣ୍ଡୁଲି) ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ଏବଂ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ସଚେତନତା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିର ଗତ ୫ତାରିଖରୁ ଆରମ୍ଭ ହୋଇ ୧୫ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଅପରାହ୍ନରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଭାନୁପ୍ରିୟା ଏହି ଉଦ୍‌ଯାପନୀ ସମାରୋହରେ ସଭାପତିତ୍ୱରେ କରି ଏହି ତାଲିମ ଛାତ୍ରୀଙ୍କ ସକାଶେ କେତେ ଆବଶ୍ୟକତା ସେ ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟ ଅତିଥିଭାବେ ଉଦ୍‌ଯାପନୀ ସମାରୋହରେ ପ୍ରଶିକ୍ଷିକା ପ୍ରଭାସିନୀ ଗର୍ଡିଆ ଯୋଗଦେଇ ଶିବିରରେ ଆତ୍ମ ସୁରକ୍ଷା ପାଇଁ ମିଳିଥିବା ତାଲିମ ଓ କୌଶଳକୁ ଠାରୁ ଉଚିତ ସମୟରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଭାଗ ନେଇଥିବା ଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜିକା ଡକ୍ଟର ସରୋଜିନୀ ମିଞ୍ଜ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଶିକ୍ଷା, ସଂସ୍କୃତି, କ୍ରୀଡ଼ା ପ୍ରତି ଆଗ୍ରହ ଦିଅ



ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଅତିଥିମାନେ।

ଲହୁଣୀପଡ଼ା,୧୫।୨(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଗିରୀଶ ଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା କୁମାର ଗୌତମ ବାରିକ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନିତା ବାଗ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପତି ପରିଚୟ ପ୍ରଦାନ, ମଞ୍ଚ ପରିଚାଳନା କରିଥିବା ବେଳେ ସିଆର୍‌ସିସି ଶମ୍ଭୁନାଥ ମାହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହୀରଣ୍ୟମୟୀ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସଙ୍ଗୀତ ଗାଇ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷା, ସଂସ୍କୃତି, କ୍ରିଡା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଳାସିନୀ ମାହାନ୍ତ, ସାବିତ୍ରୀ ପତି, ପ୍ରେମଲତା ମାହାନ୍ତ, ବେବିନା ବେହେରା,ବିନିତା ଓରାମ,ବନ୍ଦନା ରାଉତ,ଅଲିଭା ଜେନା,ଲଳିତ ମୋହନ ମାହାନ୍ତ, ଶିକ୍ଷୟିତ୍ରୀ ଶିକ୍ଷକ ,ବିଦ୍ୟାଳୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ଷୀରପ୍ରିୟା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ମହିଳା କଲେଜରେ ବାର୍ଷିକ ବିଜ୍ଞାନ ଦିବସ

ସୁନ୍ଦରଗଡ଼,୧୫।୨(ଜୟ ନାରାୟଣ ମେଣ୍ଡୁଲି) ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆନୁକୂଲ୍ୟରେ ବାର୍ଷିକ ବିଜ୍ଞାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଭାନୁପ୍ରିୟା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଅରୁଣ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସଦର ବ୍ଲକ ଅଧିକାରୀ ସଂଘମିତ୍ରା ସାହୁ ଯୋଗଦେଇ ବିଜ୍ଞାନର ଅବଦାନ ସମ୍ପର୍କରେ ଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ମାଷ୍ଟର ନାରାୟଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀ ମାଶ୍ରିତା ପଣ୍ଡା ବିବରଣୀ ପାଠ ଓ ସହକାରୀ ପ୍ରଫେସର ଦୀପାଞ୍ଜଳି ହାଁସଦା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଚିତ୍ତରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ଏବିଇଓଙ୍କୁ ଦାବି ପତ୍ର ଦିଆଯାଉଛି।

ବଡ଼ଗାଁ,୧୫।୨(ଅଶୋକ ଷଡ଼ଙ୍ଗୀ) ସମନ୍ୱିତ ପ୍ରାଥମିକ ଶିକ୍ଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଶନିବାର ଅପରାହ୍ନ ୫ଟାରେ ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ରଉଡିଆଙ୍କୁ ସଂଘ ପକ୍ଷରୁ ଏକ ୬ ଜଣିଆ ପ୍ରତିନିଧି ମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଲିମେଣ୍ଟାରି ଶିକ୍ଷକ ସଂଘର ସଭାପତି ଧନଞ୍ଜୟ ନାଏକ, କାର୍ଯ୍ୟକାରୀ ସଦସ୍ୟ ମିତ୍ରଭାନୁ ସିଂ, ଡିଲେଶ୍ୱର କିଷାନ, ପର୍ଶୁରାମ ବାରିକ, ସରୋଜ ନାଏକ, ଶିବଶଙ୍କର ତେଲି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ୪୨ ଶହ ଗ୍ରେଡ ପେ' ସମସ୍ତ ଶିକ୍ଷକଙ୍କୁ ପ୍ରଦାନ କରାଯାଉ। ଠିକା ପ୍ରଥା ଉଚ୍ଛେଦ ଓ ୬ଟି ଜାତୀୟ ଇନକ୍ରିମେଣ୍ଟ ସମସ୍ତ ଶିକ୍ଷକଙ୍କୁ ପ୍ରଦାନ ମୁଖ୍ୟତଃ ଦାବି କରକଯାଇଛି। ଏହି ଦାବି ଆସନ୍ତା ୧୭ ତାରିଖ ସୁଦ୍ଧା ପୁରଣ ନ ହେଲେ ୧୮ ତାରିଖଠାରୁ ଭୁବନେଶ୍ୱରଠାରେ ବିଧାନ ସଭା ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ବିନା ନୋଡାଲ ଅଫିସରରେ ଗ୍ରାମସଭା

## ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର

ବାଲିଶଙ୍କରା,୧୫।୨(ହୃଦାନନ୍ଦ ବାରିକ) ସୁନ୍ଦରଗଡ଼ ଜିଲା ବିଲାଶଙ୍କରା ବ୍ଲକର ୧୮ଟି ପଞ୍ଚାୟତରେ ଗୁରୁବାର ଗ୍ରାମସଭା ବୈଠକ କରାଯାଇଥିଲା। ବାଲିଶଙ୍କରା ପଞ୍ଚାୟତରେ ସରପଞ୍ଚ ସୁଲୋଚନା ସୁଆରୀଙ୍କ ସଭାପତିତ୍ୱରେ ଚାଲିଥିବା ଏହି ଗ୍ରାମସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ କନ୍ହେଇ ଜୟପୁରିଆ, ରାମପୁର ପଞ୍ଚାୟତ ସମିତି ସଭ୍ୟ ପ୍ରମୋଦ ମିଞ୍ଜ, ହୀରାଲାଲ ଓରାମ, ଶିବଶଙ୍କର ତିଗ୍ଗା, ସତୀଶ ପ୍ରଧାନ, ବୈରାଗୀ ତନ୍ତୀ, ପ୍ରଦୀପ ନନ୍ଦ ସହ ସମସ୍ତ ସଭ୍ୟାସଭ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏଥିସହ ସମସ୍ତ ସରକାରୀ ନୋଡାଲ ଅଫିସର, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ), ଅତିରିକ୍ତ ଅଧିକାରୀ ଏଡିଓ, ଗ୍ରାମ ରୋଜଗାର ସେବକ ( ଜିଆରଏସ), ସରପଞ୍ଚ ଏବଂ ଜନପ୍ରତିନିଧି, ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ। ହେଲେ ବାଲିଶଙ୍କରା ପଞ୍ଚାୟତରେ ବିନା ନୋଡାଲ ଅଫିସରରେ ଗ୍ରାମସଭା ହୋଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମ, ପଡା ଗୁଡିକର ଉନ୍ନତିକରଣ ପାଇଁ ୫ ବର୍ଷ ଭିତରେ କାର୍ଯ୍ୟ କରାଯିବାର ଯୋଜନା ଲିଖିତ ପାରିତ ହେଲା ସମୟରେ କୌଣସି ସରକାରୀ ନୋଡାଲ ଅଫିସର ତଥା କର୍ମଚାରୀ ଉପସ୍ଥିତ ନ ଥିଲେ। ଯାହାଫଳରେ ମୁଖ୍ୟ ଅତିଥି ଶେଖର ଦେଓ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ବାଲିଶଙ୍କରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ, ମୁଁ ସମସ୍ତ ପଞ୍ଚାୟତରେ ନୋଡାଲ ଅଫିସର ନିଯୁକ୍ତ କରି ଚିଠି କରିଛି। ଯଦି ବାଲିଶଙ୍କରା ପଞ୍ଚାୟତରେ କୌଣସି ସରକାରୀ ନୋଡାଲ ଅଫିସର ଓ କର୍ମଚାରୀ ଅନୁପସ୍ଥିତ ଅଛନ୍ତି ତାହେଲେ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଅଖିଳ ଭାରତୀୟ ଅଘରିଆ ସମାଜର ଦଶମ ପ୍ରାଦେଶିକ ମହାସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସବ୍‌ଡେଗା,୧୫।୨(ଅନନ୍ତ ପଟେଲ): ସୁନ୍ଦରଗଡ଼ ଜିଲା ସବ୍‌ଡେଗା ଗ୍ରାମରେ ଗିରିଶ ଚନ୍ଦ୍ର ନାଏକ ସ୍ମୃତି କଲ୍ୟାଣ ମଣ୍ଡପଠାରେ ୩ଦିନ ଧରି ଅଖିଳ ଭାରତୀୟ ଅଘରିଆ ସମାଜର ଦଶମ ପ୍ରାଦେଶିକ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗତ ୧୪ ତାରିଖରେ ଏକ ରଥ ସହ ସବ୍‌ଡେଗା ଗୁଡ଼ି ସଭାପତି ପଞ୍ଚାନନ ନାଏକଙ୍କ ସହ କେତେକ ମହିଳା ପୁରୁଷ ଯାଇ ଲଏଡା ଗ୍ରାମରେ ଥିବା ଅଘରିଆ ଧାମରୁ ପୂଜାର୍ଚ୍ଚନା କରି ସେହି ଧାମରୁ ମାଟିକୁଡି ଏକ ମାଟି କଳସରେ ରଥ ସାହାଯ୍ୟରେ ଅଣା ଯାଇଥିଲା। ସେହି ରଥକୁ ସମରସିଂହା, କୁଲାବିରା, ପୂର୍ଣ୍ଣା, ଭସ୍ମା, ସୁନ୍ଦରଗଡ଼, କରମଡିହି ଗ୍ରାମବାସୀ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ। ପରେ ରଥ ଲଏ ଗ୍ରାମରୁ ପୂର୍ବାହ୍ନ ୧୧ଟା ସମୟରୁ ବାହାରି ସବ୍‌ଡେଗାକୁ ସନ୍ଧ୍ୟା ୬ଟାରେ ପହଞ୍ଚିଥିଲା। ମହିଳାଙ୍କ ଦ୍ୱାରା ୧୦୮ କଳସ ଯାତ୍ରା ଦ୍ୱାରା ସ୍ୱାଗତ କରି ସଭା ସ୍ଥଳୀକୁ ନିଆଯାଇଥିଲା। ଶନିବାର ସକାଳ ୯ଟାରେ ଅଘରିଆ ସମାଜର ଧ୍ୱଜ ଉତ୍ତୋଳନ କରି ସଭା ଆରମ୍ଭ କରାଯାଇଥିଲା। ସମାଜର ଉନ୍ନତି, ଅଗ୍ରଗତି କିଭଳିହେବ ଓ ଅନେକେ ଜାତିଗତ ବିବରଣୀ ବିଷୟରେ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରବିବାର ଶେଷ ଦିନରେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଅଘରିଆ ସମାଜର ଅନେକ ରୁଚିକର ରୁଟି ପିଠା ସମସ୍ତଙ୍କୁ ଖାଇବାକୁ ଦିଆଯିବାର ବ୍ୟବସ୍ଥା କରାଯାଇଛି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

## ମାଗଣା ଔଷଧ ବଣ୍ଟନ

ସୁନ୍ଦରଗଡ଼,୧୫।୨ (ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଜିଙ୍କ ନଗର ପିଏମଶ୍ରୀ ସ୍କୁଲ ଜେଏନଭିଠାରେ ଗୁରୁବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଅଧ୍ୟକ୍ଷ ତାପସ କୁମାର ଚଟୋପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ଦୀପକ ପଟେଲ, ଡା. ଭୀଷ୍ମଦେବ ଭୋଇ, ଡା. ପ୍ରଶାନ୍ତ କୁମାର ସାହୁ, ଡା. ଦୀପକ ଶର୍ମା, କାଉନସେଲର ସସ୍ମିତା ପଣ୍ଡା, ହିମାଦ୍ରୀ ମହାନନ୍ଦିଆ,ପୁଷ୍ପଲତା ସିଂ ପ୍ରମୁଖ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ବିଭିନ୍ନ ରୋଗର ନିରାକରଣ ଦିଗରେ ସଚେତନ ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ସପ୍ତମ ଅଷ୍ଟମ ଏବଂ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ମାନସିକ ସ୍ୱାସ୍ଥ୍ୟ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ କରାଯାଇଥିଲା। ଆଲୋଚନା ଚକ୍ର ପରୀକ୍ଷା ଚାପରୁ ମୁକ୍ତି ରହିବା ସକାଶେ ସହାୟକ ହୋଇଥିଲା। ଦାନ୍ତଠାରୁ ନେଇ ବିଭିନ୍ନ ସ୍ୱାସ୍ଥ୍ୟଗତ ଉପରେ ଯତ୍ନ ନେବା ପାଇଁ ଡାକ୍ତରମାନେ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରକୁ ବିଦ୍ୟାଳୟର ଷ୍ଟାପନର୍ସ ଟି. ଏନ ହାଓକିପ ଲୋକନାଥ କୁମ୍ଭାର,ବିନୋଦ କୁମାର ବରାଇ,ପି.ଷଣ୍ଢ, ସୁଜାତା, ଶାଳିନୀ, ହିନା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନ୍ଦରଗଡ,୧୫।୨(ଜୟ ନାରାୟଣ ମେଣ୍ଡୁଲି) ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶ୍ୟାମାରାଣୀ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏବିଇଓ ଚମ୍ପେଶ୍ୱର ବାଗ, ସରକାରୀ ଜୟରାମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିନେଶ ସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରା, ହରିହର ଦାସ, ରଜନୀକାନ୍ତ ଆଚାର୍ଯ୍ୟ, ନାରାୟଣ ପଟେଲ, କମଳ ଲୋଚନ ମାଝୀ, ରମାସଙ୍କର ପଟେଲ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦଣ୍ଡସେନା ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଅତିଥି ନିଜ ଅଭିଭାଷଣରେ କହିଥିଲେ ଯେ, ନିଜ ଲକ୍ଷ ସ୍ଥଳରେ ପହଞ୍ଚିବାକୁ ହେଲେ କିଛି ଅସମ୍ଭବ ନୁହେଁ। ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ଦିଗଦର୍ଶନ ଦେଇଥିଲେ। ସେହିପରି ଏବିଇଓ ଚମ୍ପେଶର ବାଗ ପାଠ ପଢା ସହ ଛାତ୍ରୀଛାତ୍ରଙ୍କ ଭିତରେ ରହିଥିବା ଦକ୍ଷତା ଅର୍ଜନ ସହ ସେମାନଙ୍କ ଅଭିବୃଦ୍ଧି ଦେଶରେ କିପରି ଯଶ ଲାଭ କରିବ ସେନେଇ ବିଶଦ ଭାବେ ନିଜ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀ ଅଂଶଗ୍ରହଣ କରିଥିଲେ। ଏହି ଅନୁଷ୍ଠାନର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ଯୋଗେଶ ଆଗୁଆନ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# କୁତ୍ରା ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମେଳା

କୁତ୍ରା,୧୫।୨(ଦେବାଶିଷ ସାହୁ): ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁତ୍ରା ବିଡିଓ ଯୁଗଳକିଶୋର ବିଶ୍ୱାଳ ଯୋଗଦେଇ ପ୍ରାଥମିକ ଶିକ୍ଷା ପିଲାଙ୍କ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, ମୀନା କୁମାରୀ ଜେନା, ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଲୋକନାଥ ପ୍ରଧାନ, ନିତ୍ୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ୧୦ଟି କ୍ଲଷ୍ଟରରୁ ୨ ଶହରୁ ଉର୍ଦ୍ଧ୍ୱ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର ଓ ପିତା ମାତା ଅଭିଭାବକ ଯୋଗଦେଇଥିଲେ। ପରେ ବିଶ୍ୱାଳ ଏହି ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ମହିଳାମାନେ।

ପ୍ରସଂସା କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ଭାବେ ଏବିଇଓ ମୀନା କୁମାରୀ ଜେନା, ପ୍ରବୀଣ ଗଣିତ ଶିକ୍ଷକ ଅବିନାଶ କର ଓ ଭାଷା ଶିକ୍ଷକ ଧୃତିସୁନ୍ଦର ସାହୁ ଯୋଗଦେଇ ଷ୍ଟଲ ମୂଲ୍ୟାୟନ କରିଥିଲେ। ଏହାର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ଶିକ୍ଷକ ସାମଗ୍ରୀ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ। ଏଥିରେ ପଞ୍ଚରା ୟୁପି ସ୍କୁଲ ପ୍ରଥମ, ଗୁଡିଆଲି ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ ତରକେରା ୟୁପି ସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ରାଜେଶ ବେହେରା, ସୁଦୀପ୍ତ ବେହେରା,ବୈଦ୍ୟନାଥ ଜୟପୁରିଆ,ତପନ ସେଠୀ ସହଯୋଗ କରିଥିବା ବେଳେ କୁତ୍ରା କ୍ଲଷ୍ଟର ସିଆରସିସି କ୍ଷଣପ୍ରଭା ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡ.ବିଭୀଷଣ ବାରିକ ଓ ଦୀପିକା କେର୍କେଟା ପରିଚାଳନା କରିଥିବା ବେଳେ ସୁନିତା ପଟେଲ, ସଙ୍ଗୀତା ଦେଇ ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କର ମୃତ୍ୟୁ

**ବିଟିଏମ ଗ୍ୟାସ୍ ଲିକ୍ ଦୁର୍ଘଟଣା ଘଟଣା**

ଝାରସୁଗୁଡ଼ା,୧୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିଟିଏମ୍ ଛକସ୍ଥିତ ଗ୍ୟାସ୍ ଲିକ ଘଟଣାରେ ଗତ ୧୦ ତାରିଖରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ମୃତକ ହେଲେ ପୂର୍ଣ୍ଣ ଆପାଟ (୪୫)। ରାଉରକେଲାସ୍ଥିତ ଏକ ଘରୋଇ ମେଡ଼ିକାଲରେ ତାଙ୍କୁ ଶନିବାର ଡାକ୍ତର ମୃତ ଘୋଷଣା କରିଛନ୍ତି। ଆଉ ୩ଜଣ ଏବେ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ଏକ ଏଜେନ୍ସିରୁ ମାତ୍ରାଧିକ ଗ୍ୟାସ୍ ଆଣି ସେଥିରୁ ବାହାର କରି ଅନ୍ୟ ଟାଙ୍କିରେ ଗ୍ୟାସ୍‌ରେ ଭର୍ତ୍ତି କରି ବିକ୍ରି କରୁଥିଲେ। କିଛି ଦିନ ତଳେ ଏଭଳି କରୁଥିବା ବେଳେ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ୫ଜଣ ପୋଡ଼ି ଯାଇଥିଲେ। ତାଙ୍କୁ ରାଉରକେଲା ଏବଂ ବୁର୍ଲାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କୁ ପଚାରିବାରୁ ଆମ ପାଖରେ ଏ ନେଇ କୌଣସି ଅଭିଯୋଗ ଆସିନାହିଁ ବୋଲି କହିଛନ୍ତି।

### ସ୍ୱଚ୍ଛ ସର୍ବେକ୍ଷଣ, ଜନ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୫।୨(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେବଗଡ଼ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ଓ ଜନ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନରେ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ପ୍ରଧାନପାଟ ଜଳପ୍ରପାତ ନିକଟରେ ସ୍ୱଚ୍ଛ ସର୍ବେକ୍ଷଣ ଏବଂ ଜନ ସଚେତନତା କାର୍ଯ୍ୟକ୍ରମ ଉପଜିଲାପାଳ ପରୀକ୍ଷିତ ସାହୁ ଓ ପୌର ପରିଷଦ ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜ ଶୁଭାରମ୍ଭ କରିଥିଲେ। ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ପିଙ୍କି ରାଣୀ ସାହୁ, ସରୋଜିନୀ ମୁଣ୍ଡା, ବାସନ୍ତୀମଣି ମାଝି, ସଂଯୁକ୍ତା ଆଚାର୍ଯ୍ୟଙ୍କ ସମେତ ସମସ୍ତ ସ୍ୱଚ୍ଛସାଥୀ ଏବଂ ସୁପରଭାଇଜର, ପରିମଳ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପ୍ରଧାନପାଟ ସଫେଇ କରିଥିଲେ।

# ସରକାର ନିର୍ମାଣ ଶ୍ରମିକଙ୍କ ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ

ଝାରସୁଗୁଡ଼ା,୧୫।୨(ଆଶିଷ ରଞ୍ଜନ ଦାଶ)



ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ଯୋଗଦେଇଥିବା ନିର୍ମାଣ ଶ୍ରମିକମାନେ।

**ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ବାର୍ଷିକ ସାଙ୍ଗଠନିକ ସମ୍ମିଳନୀ**

ଝାରସୁଗୁଡ଼ା ଜିଲା ପ୍ରଗତିଶୀଳ ଶ୍ରମିକ ମଞ୍ଚ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ୨ ଦିନିଆ ଜିଲାସ୍ତରୀୟ ବାର୍ଷିକ ସାଙ୍ଗଠନିକ ସମ୍ମିଳନୀ ଝାରସୁଗୁଡ଼ା ଶିଳ୍ପାଞ୍ଚଳସ୍ଥିତ ବମ୍ବେ ଛକଠାରେ ଶନିବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାର ୫ଟି ବ୍ଲକର ୩୫୦ରୁ ଊର୍ଦ୍ଧ୍ୱ ଗ୍ରାମରୁ ନିର୍ମାଣ ଓ ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କ ଏକ ବିରାଟ ଶୋଭାଯାତ୍ରା ଶିଳ୍ପାଞ୍ଚଳରୁ ବାହାରି ବମ୍ବେଛକ, ବେହେରାମାଲ ଛକ, ପୁରୁଣା ବସଷ୍ଟାଣ୍ଡ ଓ କସ କଲୋନୀ ଦେଇ ସମ୍ମିଳନୀ ସ୍ଥଳଠାରେ ପହଞ୍ଚିଥିଲା । ମଞ୍ଚ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାପକ ଡ଼. ଗୋଲକ ବିହାରୀ ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କୃଷକ ନେତା ତଥା ସାମାଜିକ କର୍ମୀ ଲିଙ୍ଗରାଜ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବୀମା କର୍ମଚାରୀ ସଂଘ ନେତା ରତ୍ନାକର ପ୍ରଧାନ ଯୋଗଦେଇଥିଲେ। ମଞ୍ଚ ସାଧାରଣ ସମ୍ପାଦକ ରକ୍ଷ୍ୟାକର ଅନୁପମ କହିଛନ୍ତି ଗତ ୨୦ବର୍ଷ ହେବ ଏହି ସଂଘ ଜିଲା ଓ ରାଜ୍ୟରେ ନିର୍ମାଣ ଓ ଅସଙ୍ଗଠିତ ଶ୍ରମିକଙ୍କ ନ୍ୟାୟ ଦାବି ପାଇଁ ଲଢେଇ ଜାରି ରଖିଛି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପଞ୍ଜୀକୃତ ଶ୍ରମିକଙ୍କୁ ପୂର୍ବରୁ ୧୪ଟି ସହାୟତା ପ୍ରଦାନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଅନେକ ସହାୟତା ବନ୍ଦ କରି ଦିଆଯାଉଛି। ସହାୟତା ପାଇଁ ଆବେଦନ କରୁଥିବା ଶ୍ରମିକମାନଙ୍କୁ ବହୁ ବିଳମ୍ବରେ ସହାୟତା ପ୍ରଦାନ କରାଯାଉଛି। ଶ୍ରମିକଙ୍କୁ ଠିକ ସାମାଜିକ ସୁରକ୍ଷା ମିଳୁନାହିଁ। ନିର୍ମାଣ ଶ୍ରମିକଙ୍କୁ ପୂର୍ବରୁ ମିଳୁଥିବା ସମସ୍ତ ସହାୟତା ପ୍ରଦାନ, ମହିଳା ନିର୍ମାଣ ଶ୍ରମିକଙ୍କ ମାତୃତ୍ୱ କାଳୀନ ସହାୟତା ୬୦ ହଜାର ଟଙ୍କା ବୃଦ୍ଧି, ବିବାହକାଳୀନ ସହାୟତା ୧ ଲକ୍ଷ ଟଙ୍କା ବୃଦ୍ଧି, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧୦ ଲକ୍ଷ ଓ ସ୍ୱାଭାବିକ ମୃତ୍ୟୁ ପାଇଁ ୫ ଲକ୍ଷ ଟଙ୍କା ବୃଦ୍ଧି କରିବା ଆଦି ଦାବି ନେଇ ସଂଘ ଲଢେଇ ଜାରି ରଖିଛି। ଶ୍ରମିକମାନେ ଆମ ଘର, ରାସ୍ତାଘାଟ ଆଦି ତିଆରି କରନ୍ତି। ସେମାନଙ୍କ ଉଚିତ ସାମାଜିକ ସୁରକ୍ଷା ପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ। ସରକାର ନିର୍ମାଣ ଶ୍ରମିକଙ୍କ ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ ବ୍ୟାପକ କରାଯିବ ପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଶୋଭାଯାତ୍ରା ସୁଶ୍ରୀ ସୁବନ୍ତି ଖଡ଼ିଆ, ସେବାକର ରୋହିଦାସ, ନୀଳାମ୍ବର ଦଣ୍ଡସେନା, ସୁଷମା ସାହୁ, ଲାଲାରାମ ଛତ୍ରିଆ, ମନୋଜ ନାଏକ, ଜିତେନ୍ ଚାନ୍ଦ, ପୂଜା ପରିଡ଼ା, ସୁକାନ୍ତି ମାଝି ପ୍ରମୁଖ ପରିଚାଳନା କରିଥିଲେ।

## ବିଜ୍ଞାନ, ଗଣିତ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୫।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସହରର ଐତିହ୍ୟ ସମ୍ପନ୍ନ ଶତାୟୁ ଶିକ୍ଷାନୁଷ୍ଠାନ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ କ୍ଲବ ଓ ଗଣିତ କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଶନିବାର ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପଞ୍ଚାନନ ବ୍ରହ୍ମାଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ଜଣା ଅଜଣା, ପ୍ରାଚିର ପତ୍ର ଓ ମଡେଲ ପ୍ରସ୍ତୁତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ପ୍ରତିଯୋଗିତାଗୁଡିକର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରମାନେ ବିଜ୍ଞାନ ଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର, ବିନୋରୀ ଚରଣ ରାଉତ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଗିରିଙ୍କ ନେତୃତ୍ୱରେ ଛାତ୍ରମାନେ ପୌର ପରିଷଦ ଦ୍ୱାରା ପରିଚାଳିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପରିଦର୍ଶନ କରିଥିଲେ। ଶେଷରେ ଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ, ଲୋପାମୁଦ୍ରା ସାହୁ, କବିତା ବାଡା, ଦୀପାନ୍ୱିତା ସାହୁ ଓ ଶିକ୍ଷକ ରାମକୃଷ୍ଣ ସାହୁ ସକ୍ରିୟ ସହଯୋଗ କରିଥିଲେ।




ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ପାଲା ମାଧ୍ୟମରେ ନିଆଁରୁ ଜଙ୍ଗଲ ରକ୍ଷା ପାଇଁ ସଚେତନତା

ଝାରସୁଗୁଡ଼ା,୧୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳ ଅଧୀନ ବିଭିନ୍ନ ବନ ସୁରକ୍ଷା ସମିତି ତଥା ଗ୍ରାମରେ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଶନିବାର ଅପରାହ୍ନ ୧ଟାରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଉଛି। ତାଳମୁଣ୍ଡା ସେକ୍ସନ ଅନ୍ତର୍ଗତ ବରହାମୁଣ୍ଡା, ବଡ଼ତୁରିଆମ ଓ ବାଗଡ଼ିହି ସେକ୍ସନ ଅନ୍ତର୍ଗତ ପାକେଲଖୋଲ, ଭୀମଜୋର, ସାରସମାଲ ଏବଂ କାଦୋବାହଲ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଚଳିତବର୍ଷ କିପରି



ନିଆଁ ଦାଉରୁ ଜଙ୍ଗଲ ରକ୍ଷା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଚେତନତା କରାଯାଉଛି।

ବାଗଡ଼ିହି ବନାଞ୍ଚଳ ଅଧୀନ ଜଙ୍ଗଲରେ ନିଆଁ ନ ଲାଗିବ ତାକୁ ଆଖିଆଗରେ ରଖି ସଚେତନତା କରାଯାଇଛି। ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା। ଉକ୍ତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀଣି ବନ୍ଦନା ପସାୟତ, ଫରେଷ୍ଟର ମୁରାରୀ ପ୍ରାସାଦ ସାହୁ, ଅମୀର ପଟେଲ, ଟିମ ଲିଡ଼ର ଚୁଡାମଣି ବେହେରା ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ମୃତ

ଝାରସୁଗୁଡ଼ା,୧୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନରେ ୨ ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଲଖନପୁର ବ୍ଲକ ଡୁଙ୍ଗିରିପଡାର ତସିଲ ବାରିକ (୨୭) ଏବଂ ନୂଆଡ଼ିହି ଇନ୍ଦ୍ରପୁର ଗ୍ରାମର ସନ୍ତୋଷ ବିଶ୍ୱାଳ (୧୯)। ଆହତ ଇନ୍ଦ୍ରପୁର ଗ୍ରାମର ଅଙ୍କିତଙ୍କୁ ଲଖନପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ୪୯ ନଂ. ଜାତୀୟ ରାଜପଥ ରେଙ୍ଗାଲି ଥାନା କଦମଡ଼ିହି ଛକରେ ଏକ ଭାରିଯାନ (ନଂ.ଓଡି୦୪ଏନ-୪୨୯୯) ସହ ବାଇକ୍ (ନଂ.ଓଆର୨୩ଡି -୫୦୫୬) ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। କ୍ଷତିପୂରଣ ଦାବିରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ରେଙ୍ଗାଲି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ରେଡ୍‌କ୍ରସ ପକ୍ଷରୁ ମୃତକ ପରିବାରକୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଅପରାହ୍ନ ପ୍ରାୟ ୫ଟାରେ ସନ୍ତୋଷ ବାଇକ୍ (ନଂ.ସିଜି୧୩ଏ-୪୭୧୧)ରେ ଯାଉଥିବା ବେଳେ ରେଙ୍ଗାଲି ଥାନା ମହାସିଂହ ମଟିଦା ରାସ୍ତା ଶନି ମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ବାଇକ୍ ପିଟି ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଅଙ୍କିତ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

## ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ଦେବଗଡ଼,୧୫।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ମା' କନକଦୁର୍ଗା ମନ୍ଦିର ପରିଚାଳନା କମିଟି, ମନୋରମା କ୍ଲବ ପକ୍ଷରୁ ଶନିବାର ଭବ୍ୟ କଳସ ଶୋଭାଯାତ୍ରା ସହ ଅଙ୍କୁରାରୋପଣ ଓ ମଣ୍ଡଳକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଶଶାଙ୍କ ଶେଖର ଝାଙ୍କରଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳା କୋଲକାତାରୁ ଆସିଥିବା ଅଘୋରୀ ନୃତ୍ୟ, ଡିଜେ ସାଉଣ୍ଡ, ସଂକୀର୍ତ୍ତନ, ପାରମ୍ପରିକ ଢୋଲ ଓ ସିଂହବାଜାର ତାଳେ ତାଳେ ପ୍ରଧାନପାଟ ଜଳ ପ୍ରପାତରୁ କଳସୀରେ ଜଳ ସଂଗ୍ରହ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରାତ୍ରିରେ ଅଙ୍କୁରାରୋପଣ ଓ ମଣ୍ଡଳକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶଶାଙ୍କ ଶେଖର ଝାଙ୍କର ଓ ତାଙ୍କ ସହଧର୍ମୀଣି ବର୍ଷା ବୈଶାଳୀନି ସ୍ମିତା ସାଲିନୀ ନାୟକ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ନୟାଗଡ ଜିଲା ରାଜରଣପୁରରୁ ଆସିଥିବା ପୁରୋହିତ ଦିନବନ୍ଧୁ ଶତପଥି, ସନ୍ତୋଷ ତ୍ରିପାଠୀ, ପ୍ରଦୀପ୍ତ କୁମାର ରଥ, ମଧୁସୂଦନ ମହାପାତ୍ର ଓ ରମେଶ ଚନ୍ଦ୍ର ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ଜଣାପଡିଛି। ରବିବାର ସୂର୍ଯ୍ୟପୂଜା, ଧେନୁ ପୂଜା, ସର୍ବଦେବଦେବୀ ଆବାହନ ଓ ଅଗ୍ନି ସ୍ଥାପନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ମଧାହ୍ନରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦ ଏବଂ ସନ୍ଧ୍ୟାରେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୭ ତାରିଖରେ ମହାପ୍ରଭୁଙ୍କ ଜୀବନ୍ୟାସ, ନବଯୌବନ ଦର୍ଶନ, ବିଗ୍ରହ ସ୍ଥାପନ, ପୂର୍ଣ୍ଣ ଆଳତି ସମ୍ପନ୍ନ ହେବ। ମଧାହ୍ନରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜନରେ ମନୋରମା କ୍ଲବ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ସକ୍ରୀୟ ସହଯୋଗ କରୁଥିବା ଜଣାପଡିଛି।



ମନ୍ଦିର ପ୍ରତିଷ୍ଠା ଅବସରରେ ଆୟୋଜିତ ସାଂସ୍କୃତିକ ଶୋଭାଯାତ୍ରା।

## କୋଲାବିରା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଝାରସୁଗୁଡ଼ା,୧୫।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ଡ଼ିଗ୍ରୀ କଲେଜରେ ଶନିବାର ପୂର୍ବାହ୍ନ ୧୦ଟାରେ ୩୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଇତିହାସ ବିଭାଗର ମୁଖ୍ୟ ତଥା କଲେଜର କ୍ରୀଡା ସଂଯୋଜକ ସରୋଜ କୁମାର ପଟେଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶୀଲ କୁମାର



ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନୃପରାଜ ଭୋଇ, ଡାକ୍ତର ନରେଶ ସାହୁ, ଲବ ପ୍ରଧାନ ଯୋଗଦେଇଥିଲେ। କଲେଜର ବିଭିନ୍ନ ବିଭାଗର ଛାତ୍ରୀଛାତ୍ରମାନେ ଭିନ୍ନ ଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀରେ ଅଧ୍ୟକ୍ଷ ସୁଶୀଲ କୁମାର ନାୟକ, ପୂର୍ବତନ କଲେଜ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପୂଜାରୀ, ରୋହିତ ଖରସେଲ, ସରିତା ବେହେରା, ସସ୍ମିତା ବେହେରା, ଗୁଣିକା ମାଶାନ୍ତ, ନମିତା ପଟେଲ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସୃଜନାତ୍ମକ କାର୍ଯ୍ୟକଳାପର ବିକାଶ ଦିଗରେ ଗୁରୁତ୍ୱାରୋପ

ଝାରସୁଗୁଡ଼ା,୧୫।୨(ଆଶିଷ ରଞ୍ଜନ ଦାଶ)

**ବ୍ଲକସ୍ତରୀୟ ନିପୁଣ ପ୍ରଶିକ୍ଷଣ ମେଳା**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ସାଧନ କେନ୍ଦ୍ର ତାଲପଟିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶନିବାର ପୂର୍ବାହ୍ନ ୧୧ଟାରେ ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା ଓ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କରାଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗ୍ରାମ ପଞ୍ଚାୟତ ସରପଞ୍ଚ ବୈଦ୍ୟନ୍ତି ନାଏକ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ହୋତା ଓ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖିରୋଦ୍ର ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଣୁଧର ଚୌଧୁରୀ, ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା କୁମାରୀ ନାଏକ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ମୁଣ୍ଡାଡିପା ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ଉତ୍ସବ ସିଆର୍‌ସିସି ଯଦୁମଣି ପ୍ରଧାନଙ୍କ ସମେତ ଝାରସୁଗୁଡା ବ୍ଲକ୍‌ର ସମସ୍ତ ସିଆର୍‌ସିସି ପରିଚାଳନା କରିଥିଲେ। ତାଲପଟିଆ କ୍ଲଷ୍ଟର୍‌ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ମେଳାରେ ସ୍ଥାନୀୟ କ୍ଲଷ୍ଟର୍‌ର ପ୍ରତ୍ୟେକ ବିଦ୍ୟାଳୟ ଓ ଝାରସୁଗୁଡା ବ୍ଲକ୍‌ରୁ ୩୦୦ ଶହ ଛାତ୍ରୀଛାତ୍ର ଓ ଅଭିଭାବକ ତଥା ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନୀ ବିଭାଗରେ ମୋଟ ୧୦୦ଟି ଶିକ୍ଷଣ ଉପକରଣ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସମସ୍ତ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ତଥା ସମସ୍ତ ଅଂଶଗ୍ରହଣ କରିଥିବା ପିଲାଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ମେଳାରେ ନିପୁଣ ଓଡ଼ିଶା ଅନ୍ତର୍ଗତ ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସହ ସୃଜନାତ୍ମକ କାର୍ଯ୍ୟକଳାପ ବିକାଶ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ତଥା ଅଭିଭାବକଙ୍କୁ ପିଲାଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ବିକାଶ ପାଇଁ ସମସ୍ତଙ୍କ ଯୋଗଦାନ ଲାଗି ଆହ୍ୱାନ କରିଥିଲେ। ବିଜୟିନୀ ଗନ୍ଧା ଓ ନନ୍ଦ କିଶୋର ଦେବତା ମଞ୍ଚ ପରିଚାଳନା କରିଥିଲେ।




ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# ଶିଶୁଙ୍କ ମୌଳିକ ଶିକ୍ଷାସ୍ତରର ଦୃଢ଼ୀକରଣ ଉପରେ ଗୁରୁତ୍ୱ

ଦେବଗଡ଼,୧୫।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟରେ ଜିଲାସ୍ତରୀୟ ନିପୁଣ ଓଡିଶା ମେଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ରିଆମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ସାମଲ ଯୋଗଦେଇ ଶିଶୁମାନଙ୍କ ମୌଳିକ ଶିକ୍ଷଣସ୍ତର ଦୃଢ଼ୀକରଣ ନିମନ୍ତେ ଭାଷା ଓ ସଂଖ୍ୟା ଜ୍ଞାନର ସ୍ତରକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ଭାଷା ଓ ଗଣିତର ମୌଳିକସ୍ତରକୁ ଯେପରି ଉପଲବ୍ଧି କରିପାରିବେ ସେଥିପାଇଁ କ୍ଲଷ୍ଟର, ବ୍ଲକ ଓ ଜିଲାସ୍ତରରେ ନିପୁଣ ଓଡ଼ିଶା ମେଳା ଆୟୋଜନ କରାଯାଇ ଏହା ମାଧ୍ୟମରେ ଅଭିଭାବକ, ଛାତ୍ରୀଛାତ୍ର, ଜନପ୍ରତିନିଧିମାନଙ୍କୁ ସଚେତନତା କରାଯିବା ପାଇଁ ଏହାକୁ ଆୟୋଜନ କରାଯାଉଛି। ସଭା କାର୍ଯ୍ୟ ପ୍ରାରମ୍ଭରେ ମନ୍ଦାକିନୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀମାନେ ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରିଥିଲେ। ଟାଇଁସର ସିଆର୍‌ସିସି ଭେନସ କୁମାର ପ୍ରଧାନ ଶପଥ ପାଠ କରାଇଥିଲେ। ସୁଗୁଡ଼ା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମ ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାସ୍ତରୀୟ ମେଳାରେ ଭାଗ ନେଇଥିବା ୩ଟି ବ୍ଲକର ଭାଷା, ଗଣିତ ଓ ସୃଜନାତ୍ମକ ଜ୍ଞାନ ସମ୍ବନ୍ଧୀୟ ଶିକ୍ଷଣ ସାମଗ୍ରୀ ମେଳା ଅତିଥି ଓ ଅଧିକାରୀମାନେ ଉଦ୍‌ଘାଟନ କରିବା ସହ ଷ୍ଟଲଗୁଡି ପରିଦର୍ଶନ କରି ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ମନ୍ଦାକିନୀ ଟୁଡୁ, ନିବେଦିତା ବେହେରା ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଥମ ଶ୍ରେଷ୍ଠ ବ୍ଲକ ଭାବେ ତିଲେଇବଣି, ଦ୍ୱିତୀୟ ଶ୍ରେଷ୍ଠ ବ୍ଲକ ଭାବେ ବାରକୋଟ ଓ ତୃତୀୟ ଶ୍ରେଷ୍ଠ ବ୍ଲକ ଭାବେ ରିଆମାଳ ବ୍ଲକ ଚୟନ କରାଯାଇଛି। ସେହିପରି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନ ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା, ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ, କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଚନା ସିଂ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଭାଷା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ସଭାପତିତ୍ୱରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ମୁଖ୍ୟଅତିଥି, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଶିକ୍ଷଣ ସାମଗ୍ରୀ ପରିଦର୍ଶନ କରି ପ୍ରଂଶସା କରିବା ସହ କୃତୀ ପ୍ରତିଯୋଗୀ ଓ ବ୍ଲକଗୁଡିକୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମ ସୁଗୁଡ଼ା ସିଆର୍‌ସିସି ସଂଯୋଜନା କରିଥିବା ବେଳେ ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମଗ୍ର ଶିକ୍ଷାର ସମସ୍ତ କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା**

## ସଂକ୍ଷେପରେ

### ପଞ୍ଚଦିବସୀୟ ପ୍ରେରଣା ତାଲିମ କର୍ମଶାଳା ଉଦ୍‌ଯାପିତ

ପାଇକମାଳ,୧୫।୨(ବଡ଼ ଶତପଥୀ)

ପାଇକମାଳ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଧଳେନ୍ଦ୍ର କୁମାର ବାରିକ, ରାଧେଶ୍ୟାମ ମେହେରଙ୍କ ସହଯୋଗରେ ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ ଦିନ ଧରି ଚାଲିଥିବା ପ୍ରେରଣା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ସହକାରୀ ବିଇଓ ପ୍ରେମାନନ୍ଦ ବାରିକ, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଭାନୁ ପ୍ରଧାନ, ପାଇକମାଳ ମେଡିକାଲ ଅଫିସର ଡ. ଅସୀମ ଅଭିଳାଷ ମହାନ୍ତି, ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ପାଇକମାଳ ସୁପରିଣ୍ଟେଣ୍ଡେଣ୍ଟ ଡ. ଶରତ କୁମାର ବେହେରା, ସହ ବ୍ଲକ୍ ସଂଯୋଜିକା ମଧୁସ୍ମିତା ବେହେରା, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଯୋଗଦାନ କରିଥିଲେ। ସମସ୍ତ ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ଭବିଷ୍ୟତ ଗଠନରେ କଲେଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ସୋନପୁର କଲେଜର ବାର୍ଷିକ ଉତ୍ସବ

ସୋନପୁର,୧୫।୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜର ଛାତ୍ର ସଂସଦ, ଯୁକ୍ତ ୨ ସାଂସ୍କୃତିକ ପରିଷଦ ଓ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଯୋଗଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଠନରେ କଲେଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ଡ଼ ସୌରଭ ରଞ୍ଜନ ଖମାରୀ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ଼ ଇତିଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ସସ୍ମିତା ମେହେର ଓ ସ୍ମୃତି ସୁମନ ପ୍ରଧାନଙ୍କୁ ଶ୍ୟାମସୁନ୍ଦର ମିଶ୍ର ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ସଭାରେ ଯୁକ୍ତ ୨ ସାଂସ୍କୃତିକ ପରିଷଦ ଉପଦେଷ୍ଟା ଡ଼ ମହେନ୍ଦ୍ର କୁମାର ଦାଶ, ଯୁକ୍ତ ୩ ନାଟ୍ୟ ସଂସଦର ଉପଦେଷ୍ଟା ଡ଼ ଦେବେନ୍ଦ୍ର କୁମାର ପଧାନ ମଞ୍ଚାସୀନ ଥିଲେ। ଅଧ୍ୟାପକ ଧୀରେନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ପୁରସ୍କାର ବିତରଣରେ ଡ଼ ମୀନକେତନ କୁମ୍ଭାର, ଅଧ୍ୟାପକ ସଙ୍ଗମ ପଶାୟତ, ଅଧ୍ୟାପିକା ବିଥିକା ଦେହେରୀ, ଚନ୍ଦ୍ରକାନ୍ତି ବିଶ୍ୱାଳ ଓ ନିରୋଜା ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବର ପ୍ରାରମ୍ଭରେ ମନୋଜ ବାରିକଙ୍କ ନିର୍ଦ୍ଦେଶନାରେ ନାଟକ ଧୂଆଁ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ହାସ୍ୟ ଅଭିନେତା ଯୋଗେଶ ଜୋଜୋ, ଗାୟକ ଆଶିଷ କୁମ୍ଭାର ଓ ଟିମ୍‌ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ପୁରାତନ ଛାତ୍ର ସଂଘର ସଦସ୍ୟ ଯୋଗ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଚମ୍ପାବତୀ


@ ଶିବଂଶ ଶେଖର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ପ୍ରଧାନ ଶିକ୍ଷକଙ୍କ ମାସିକ ବୈଠକ

ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରଥ ଏଥିରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂହ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ଚରଣ ମାହୁନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୀବର୍ଦ୍ଧନ ଦୁଆନ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ବୈଠକରେ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ତଥା ପଞ୍ଚସଖା ସେତୁ ସଙ୍ଗଠନ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଆକାଂକ୍ଷୀ ପାଠ୍ୟକ୍ରମ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଉପରେ ମୁଖ୍ୟ ଅତିଥି ସୂଚନା ପ୍ରଦାନ କରିଥିଲେ। ଏହିଅବସରରେ ପ୍ରାଚୀର ପତ୍ରିକା ଅନ୍ୱେଷକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ଦୀନବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଚଞ୍ଚକତା କରି ମୋ ସ୍କୁଲ ଯୋଜନା ଅର୍ଥ ଆତ୍ମସାତ୍ ଅଭିଯୋଗ

ହରଭଙ୍ଗା,୧୫।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଯୋଜନାରେ ବଡଧରଣର ଅନିୟମିତତା ହୋଇଥିବା ଜଣାପଡିଛି। ଜଣେ ପ୍ରଧାନ ଶିକ୍ଷକ ଏହି ଯୋଜନାର ଅର୍ଥକୁ ଚଞ୍ଚକତା କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଘଟଣାଟି ଜଣାପଡିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି।

୨୦୨୪ ଫେବୃୟାରୀ ୧୬ତାରିଖରେ ଚାରିଛକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କରାଯାଇଥିଲା। କିନ୍ତୁ ସ୍କୁଲର ପ୍ରଧାନ ଶିକ୍ଷକ ଜଣଙ୍କ ୫ହଜାର ଟଙ୍କାର ଡିପୋଜିଟ୍ ସ୍ଲିପ୍‌କୁ ଚଞ୍ଚକତା କରି ୫୦ହଜାର ଟଙ୍କାର ଡିପୋଜିଟ ସ୍ଲିପ ଦର୍ଶାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଅର୍ଥ ଅନୁମୋଦନ ପାଇଁ ମୋ ସ୍କୁଲ ଯୋଜନା ବିଭାଗକୁ ପଠାଇଥିଲେ। ଏହାପରେ ମାର୍ଚ୍ଚ ୧୪ ତାରିଖରେ ଉକ୍ତ ବିଦ୍ୟାଳୟ ବ୍ୟାଙ୍କ ଜମାଖାତାକୁ ମୋ ସ୍କୁଲ ବିଭାଗରୁ ଏକ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଥିଲା। କିନ୍ତୁ ପ୍ରଧାନ ଶିକ୍ଷକ ନିଜ ଇଛା ମୁତାବକ ମୋ ସ୍କୁଲ ବ୍ୟାଙ୍କ ଜମାଖାତାରୁ ଶୁଭଲକ୍ଷ୍ମୀ ମହାପାତ୍ରଙ୍କ ନାଁରେ ୭ହଜାର ୫୮୦ଟଙ୍କା ପ୍ରଦାନ କରିଥିଲେ। ସେହିପରି ଏପ୍ରିଲ ୨୦ରେ ଚେକ୍ ଜରିଆରେ ଅନିତା ରଣାଙ୍କ ନାଁରେ ୨୫ହଜାର ଟଙ୍କା ଉଠାଣ ହୋଇଥିବାବେଳେ ଏପ୍ରିଲ ୨୬ରେ ଚନ୍ଦନ ପ୍ରସାଦ ସେନାପତିଙ୍କ ନାଁରେ ୧୨ ହଜାର ଟଙ୍କା, ଏପ୍ରିଲ ୩୦ରେ ଅଂଶୁମାନ ରାୟଙ୍କ ନାଁରେ ୪୪ହଜାର ଟଙ୍କା, ମେ ୫ରେ ଅନିତା ରଣାଙ୍କ ନାଁରେ ୫ହଜାର ଟଙ୍କା, ମେ ୨୭ରେ ଶୁଭଲକ୍ଷ୍ମୀ ମହାପାତ୍ରଙ୍କ ନାଁରେ ୪ହଜାର ୭ଶହ ଟଙ୍କା, ଜୁନ ୧୨ରେ ଅଭିଷେକ ରଣାଙ୍କ ନାଁରେ ୪ହଜାର ୭ଶହ ଟଙ୍କା, ଜୁନ୍ ୨୫ରେ ଚାରିଛକ ଏମ୍‌ଇ ସ୍କୁଲକୁ ୮ହଜାର ୭୬୦ ଟଙ୍କା ଏବଂ ଜୁଲାଇ ୧୫ରେ ଶୁଭଲକ୍ଷ୍ମୀ ମହାପାତ୍ରଙ୍କ ନାଁରେ ୮ହଜାର ୧ଶହ ଟଙ୍କା ପ୍ରଦାନ କରାଯାଇଥିବା ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାପଡିଛି। ମୋ ସ୍କୁଲ ବ୍ୟାଙ୍କ ଜମା ଖାତାରୁ ସମୁଦାୟ ୯ଥର ଟଙ୍କା ଉଠାଣ ହୋଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ନିଜ ସମ୍ପର୍କୀୟଙ୍କ ନାଁରେ ୩ଥର ୩୪ହଜାର ୭ଶହ ଟଙ୍କା ଉଠାଣ କରାଯାଇଛି। ଏହାସହିତ ମୋ ସ୍କୁଲ ଜମାଖାତାରେ ଗୋଟିଏ ଥର ବି ୫୦ହଜାର ଟଙ୍କା ଜମା ହୋଇ ନ ଥିବା ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାପଡିଛି। ଅନ୍ୟପକ୍ଷେ ବିଦ୍ୟାଳୟର ମୋ ସ୍କୁଲ କମିଟି ସଭାପତି ସଭାପତି ଏସ୍. ଶାସ୍ତ୍ରୀ ପାତ୍ର ବ୍ୟାଙ୍କରୁ ଅର୍ଥ ଉଠାଣ ନେଇ କିଛି ଜାଣି ନ ଥିବା କହିଛନ୍ତି। ଏ ନେଇ ହରଭଙ୍ଗା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଖିଳ ଚାନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଏହି ଘଟଣାରେ ଆମେ ତଦନ୍ତ ଆରମ୍ଭ କରିଛୁ। ତଦନ୍ତ ରିପୋର୍ଟ ଆସିଲା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନ କହିଥିଲେ। ଏ ନେଇ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମତାମତ ମିଳିପାରିନାହିଁ।

### ରେଡ୍ ଡ୍ରପ୍ ଅଲ୍‌ଟ୍ରା ମାରାଥନରେ ରକ୍ତ ସଂଗୃହୀତ

ବରପାଲି,୧୫।୨(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ୍ କଦଳୀପାଲି ଗ୍ରାମର ଉପରପଡ଼ା, ମିର୍ଦ୍ଧାପଡ଼ାର କଲ୍ୟାଣ ମଣ୍ଡପଠାରେ ବହ୍ନି ଜଗବନ୍ଧୁ କ୍ଲବ୍, ବୀର ବଜରଙ୍ଗବଳୀ କ୍ଲବ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ନିଷ୍ଠା ପରିବାରର ୫୧ଦିନ ଧରି ଚାଲିଥିବା ରେଡ୍ ଡ୍ରପ୍ ଅଲ୍‌ଟ୍ରା ମାରାଥନର ୪୬ ଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସ୍ୱେଚ୍ଛାସେବୀ ନିତ୍ୟାନନ୍ଦ ମିର୍ଦ୍ଧା, ଲେନ୍ଦା ଗ୍ରା. ପଞ୍ଚାୟତର ପୂର୍ବତନ ସରପଞ୍ଚ ରବିସାହୁ, ସମିତିସଭ୍ୟା ବିମଳା ବିଶି, କ୍ଷିତିପତି ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ମୋଟ ୩୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ କ୍ଷିତି ପତି ପ୍ରଧାନ, ରତ୍ନାକର ବିଶି, ଭକ୍ତ ବେହେରା, ବିଶ୍ୱ ବେହେରା, ପରେଶ ପ୍ରଧାନ ଓ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ।

# ହିଙ୍ଗମାକୁ ହରାଇ ଚନ୍ଦଲି ସେମିରେ


ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳିମାନେ।

### ଏମ୍‌ଏନ୍‌ସିସି ଚାମ୍ପିୟନ ଟ୍ରଫି କ୍ରିକେଟ

ଅମରପାଲି,୧୫।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କାନପୁର କ୍ରିକେଟ କ୍ଲବର ଅନୁକୂଲ୍ୟରେ ଶନିବାର ଏମଏନସିସି ଚାମ୍ପିୟନ ଟ୍ରଫି କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଉଫୁଲା ସରପଞ୍ଚ ପ୍ରତିନିଧି ମୀନକେତନ ମହାକୁର ମୁଖ୍ୟ ଅତିଥି, ବହଳପଦର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କଳାପଥର ଓ ଚନ୍ଦଲି ମଧ୍ୟରେ ହୋଇଥିଲା। କଳାପଥର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୭୫ ରନ କରିଥିଲା। ଜବାବରେ ଚନ୍ଦଲି ୪ ଓଭରରେ ୨ ଉଇକେଟ ହରାଇ ୭୬ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ନୂଆଗଡ ଓ ହିଙ୍ଗମା ମଧ୍ୟରେ ହୋଇଥିଲା। ନୂଆଗଡ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୯ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ହିଙ୍ଗମା ଦଳ ଆବଶ୍ୟକ ରନକୁ ୬.୨ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ଚନ୍ଦଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ହିଙ୍ଗମା ମଧ୍ୟରେ ହୋଇଥିଲା। ଚନ୍ଦଲି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪ ଉଇକେଟ ହରାଇ ୯୧ ରନ କରିଥିବା ବେଳେ ହିଙ୍ଗମା ଦଳ ୮ଓଭରରେ ୪ ଉଇକେଟ ହରାଇ ୭୫ ରନ କରି ପରାସ୍ତ ହୋଇଥିଲା। ଫଳରେ ଚନ୍ଦଲି ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ପଦ୍ମପୁର,୧୫।୨(ପ୍ରଦୀପ୍ତ ଦାଶ)

ଗାଇସିଲେଟ ବ୍ଲକ ତାଲପାଲିର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ଟିକେଲାଲ ଦାଶଙ୍କ ସ୍ତ୍ରୀ ତଥା ଅଧ୍ୟାପକ ବିଦ୍ୟାଧର ଦାଶ ଓ ଖଗେଶ୍ୱର ଦାଶଙ୍କ ମାତା ସୁମିତ୍ରା ଦାଶଙ୍କ ପଦ୍ମପୁରରେ ଚିକିତ୍ସାଧୀନ ଅବସ୍ଥାରେରେ ପରଲୋକ ହୋଇଯାଇଛି । ତାଲପାଲି ଶ୍ମଶାନ ଘାଟରେ ଗ୍ରାମବାସୀ ଓ ପରିବାର ପରିଜନମାନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ସେ ଜଣେ ପରୋପକାରୀ, ଧର୍ମପରାୟଣା ଓ ସଙ୍ଗୀତପ୍ରେମୀ ମହିଳା ଥିଲେ ।

# ବ୍ଲକସ୍ତରୀୟ କୃଷକ ସଚେତନତା କର୍ମଶାଳା

ହରଭଙ୍ଗା,୧୫।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ସହକାରୀ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବୀରନରସିଂହପୁର ବନ ବିଭାଗ ନର୍ସରୀରେ ଶନିବାର ବ୍ଲକସ୍ତରୀୟ କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯୋଗେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ହରଭଙ୍ଗା ବ୍ଲକ ଉପାଧ କାହ୍ନୁ ଚରଣ ନାଥ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପାଳ, ବ୍ଲକ କୃଷି ଅଧିକାରୀ ସବ୍ୟସାଚୀ ଦାସ, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ବିଭୂତି ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ରାଜେଶ ସ୍ୱାଇଁ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ଞାନ ରଞ୍ଜନ ଦିଗାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।


କର୍ମଶାଳାରେ ଉପସ୍ଥିତ ଚାଷୀ ଓ ଅନ୍ୟମାନେ।

କର୍ମଶାଳାରେ କୃଷକମାନେ କିପରି ସରକାରୀ ଯୋଜନା ପାଇପାରିବେ ଏବଂ କୃଷିକ୍ଷେତ୍ର ପାଇଁ ବିଭିନ୍ନ ବିଭାଗର ଯୋଜନା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହାସହ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ମଧ ଆଲୋଚନା ହୋଇଥିଲା। କର୍ମଶାଳାରେ ଚାଷୀ, ସ୍ୱୟଂ ସହାୟକ ମହିଳା, କୃଷି ମିତ୍ରମାନେ ଯୋଗ ଦେଇଥିଲେ।

### ପାଇକମାଳରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ପାଇକମାଳ,୧୫।୨(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ମୁଖ୍ୟ ଛକଠାରେ ଶନିବାର ଅପରାହ୍ନରେ ସ୍ଥାନୀୟ ପୋଲିସ ତରଫରୁ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛକରେ ଯାଉଥିବା ବାଇକ, କାର ସହ ଅନ୍ୟାନ୍ୟ ଯାନ ବାହନମାନଙ୍କୁ ଅଟକାଇ ଟ୍ରାଫିକ ନିୟମ ବିଷୟରେ ଅବଗତ କରାଇବା ସହ ହେଲମେଟ ପିନ୍ଧିବା , ସିଟ ବେଲ୍ଟ ଲଗାଇବା ଗାଡ଼ିର କାଗଜ ପତ୍ର ଠିକ ହିସାବରେ ରଖିବା, ଡ୍ରାଇଭିଂ ଲାଇସେନ୍ସ ନେଇ ଗାଡ଼ି ଚଲେଇବା ବିଷୟରେ ବୁଝାଇ ଥିଲେ। ଏହି ନିୟମ ମାନୁଥିବା ବ୍ୟକ୍ତି ପୋଲିସ ତରଫରୁ ଧନ୍ୟବାଦ ସହ ଚକଲେଟ ବଣ୍ଟନ କରାଯାଇଥିଲା। ଏଥିରେ ପାଇକମାଳ ପୋଲିସ ଷ୍ଟାଫ ସହ ଖବରଦାତାମାନେ ଅଂଶଗ୍ରହଣ କରିଥିଲେ। ନୂତନ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୈଠକ

ବରପାଲି,୧୫।୨(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଅନ୍ତର୍ଗତ ତେଜଙ୍ଗ କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ ଧୋବାପଲିଠାରେ କ୍ଲଷ୍ଟରସ୍ତରୀୟ ପ୍ରଧାନ ଶିକ୍ଷକ ଓ ଏଫଏଲ୍‌ଏନ୍ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ସିଆର୍‌ସିସି ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର ଗରୁଡ଼ ଦୀପ ପ୍ରଜ୍ୱଳନ କରି ସଭାପତିତ୍ୱ ଭାବରେ ବୈଠକକୁ ଆଗେଇ ନେଇଥିଲେ। ସହକାରୀ ଶିକ୍ଷକ ରାଜୀବ ଲୋଚନ ସାହୁ ପୂର୍ବ ବୈଠକର ପୁନରାଲୋଚନା କରିଥିବା ବେଳେ ଓ ଲିଙ୍ଗରାଜ ପାଣ୍ଡେ ଫେବୃୟାରୀ ମାସର ପାଠ୍ୟଖସଡ଼ା ବିଷୟରେ ଆଲୋଚନା କରିଥିଲେ। ସିଆରସିସି ସଞ୍ଜୟ କୁମାର ସାହୁ ପଠନ ସାମଗ୍ରୀକୁ ନେଇ ଏକ ସୁନ୍ଦର ଅଭିନବ ଉପାୟ ମାଧ୍ୟମରେ ପାଠ୍ୟ ଯୋଜନା ଉପସ୍ଥାପନ କରିଥିଲେ। ସହକାରୀ ଶିକ୍ଷକ ରାଜୀବ ଲୋଚନ ସାହୁ ଶ୍ରେଣୀ ପଠନରେ ଉପୁଜୁଥିବା ସମସ୍ୟା ଓ ତାର ସମାଧାନ ପାଇଁ ଏକ ପାଠ୍ୟ ଯୋଜନାକୁ ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ଶେଷରେ ଅମାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ଅମରପାଲି,୧୫।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବଡକିରାସିରା ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକମାନଙ୍କର ଏକ ସମ୍ମିଳନୀ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ପାଇଁ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଗୋପାଳ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବୀରମହାରାଜପୁରର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଯୋଗ ଦେଇଥିଲେ। ଶିକ୍ଷକ ସୂର୍ଯ୍ୟ ନାରାୟଣ ସିଆଲ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ କରିଥିବା ବେଳେ କେନଝିରିଆପାଲିର ପ୍ରଧାନ ଶିକ୍ଷକ ବ୍ରଜ ମୋହନ ବାରିକ ବିବରଣୀ ପଠନ କରିଥିଲେ। ଏହି ବୈଠକରେ ଅପାର ଆଇଡି, ଉତ୍କର୍ଷ, ଖାନ ଏକାଡେମୀ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ପଞ୍ଚସଖା ଶିକ୍ଷା ସେତୁ ଆଦି ବିଷୟରେ ଆଲୋଚନା ହୋଇଥିଲା। ଶିକ୍ଷକ ଅକ୍ଷୟ କୁମାର ରାଏ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କୁନା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ବ୍ଲକର ୨୦ ଜଣ ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ ।



ବୈଠକରେ ଯୋଗଦେଇଥିବା ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନେ।

# ସିଆଇଏସ୍‌ଏଫ୍ ଦିଲ୍ଲୀ ଚାମ୍ପିୟନ

### ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

ଡୁଙ୍ଗୁରିପାଲି,୧୫।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଯୁଗଲାଲ ବିଶ୍ୱାଳ ମେମୋରିଆଲ ସର୍ବଭାରତୀୟ ଦୁଇଦିନିଆ ଦିବାରାତ୍ରୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଡୁଙ୍ଗୁରିପାଲି ରାଧାକୃଷ୍ଣ ଭଲିବଲ ଖେଳ ପଡିଆରେ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬ଟି ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାକୁ ଆର୍‌ଆର୍‌ଏନ ଫୁଡଟେକ ଇଣ୍ଡଷ୍ଟ୍ରିଜ ଦିଲ୍ଲୀ ଗ୍ରୁପ ଚେୟାରମ୍ୟାନ ବ୍ରଜକିଶୋର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଇନାଲରେ ଭାଇଜାଗ ରେଲୱେ ଆନ୍ଧ୍ରପ୍ରଦେଶକୁ ହରାଇ ସିଆଇଏସଏଫ ଦିଲ୍ଲୀ ଦଳ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ରାରେଆନ କମ୍ପାନୀ ନିର୍ଦ୍ଦେଶକ ପ୍ରଶାନ୍ତ ତ୍ରିପାଠୀ, ସମ୍ମାନୀତ ଅତିଥି ଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ କ୍ରୀଡାସଂଘ ସଭାପତି ପୁରୁଷୋତ୍ତମ ପାଣିଗ୍ରାହୀ, ବିଇଓ ଗଣେଶ କିଷାନ ଯୋଗଦେଇଥିଲେ। ରାଜକିଶୋର ନନ୍ଦ ଓ ମଣିଲାଲ ଶର୍ମା ସଭା ପରିଚାଳନା କରିଥିଲେ। ଚାମ୍ପିୟନ ଦଳ ଦିଲ୍ଲୀ ଓ ଉପବିଜେତା ଆନ୍ଧ୍ରପ୍ରଦେଶ ଦଳକୁ ମୁଖ୍ୟ ଅତିଥି ପ୍ରଶାନ୍ତ ତ୍ରିପାଠୀ ଓ ଭଲିବଲ ଆସୋସିଶସନ ସଭାପତି ତଥା ସ୍ୱର୍ଗତ ଯୁଗଲାଲ ବିଶ୍ୱାଳଙ୍କ ଭାଇ ହିମାଂଶୁ ଶେଖର ବିଶ୍ୱାଳ ଟ୍ରଫି ଓ ନଗଦ ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ। ରେଫରୀ ଭାବେ ନିରଞ୍ଜନ ନାୟକ, କଲାସର ସାମଲ, ସୁଶାନ୍ତ ପୁଟେଲ, ଦୁର୍ଯ୍ୟୋଧନ ନାଏକ, କୁମାର ରଞ୍ଜନ ମଲ୍ଲିକ, ପ୍ରିୟରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆସୋସିଏଶନ ଉପସଭାପତି ନୀତେନ୍ଦ୍ର ବିଶ୍ୱାଳ, ଯୁଗଲାଲଙ୍କ ପୁଅ କିଶୋର ବିଶ୍ୱାଳ, ସମ୍ପାଦକ ଗୋପାଳ ବାରିକ, କୋଷାଧକ୍ଷ ଟୁନା ପାଣ୍ଡେ, ଦାଶରଥି ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, କନ୍ଦର୍ପ ସାହୁ, ଗାନ୍ଧୀ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**୨୦୦ ବୋତଲ କଫ୍ ସିରପ ଜବତ, ଜଣେ ଗିରଫ**

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଟାଉନ ଥାନା ପୋଲିସ ଶନିବାର ୨୦୦ବୋତଲ ଚୋରା ଏସ୍ କଫ୍‌ସିରପ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ବଲାଙ୍ଗୀର ଖଦାଲପଡାର ରାଜେଶ ବେହେରା (୩୦)। ସେ ଏକ ସ୍କୁଟିରେ କଫ୍ ସିରପ ନେଇ ଯାଉଥିବାବେଳେ ତାଙ୍କୁ ପୋଲିସ କାବୁ କରିଥିଲା। ତାଙ୍କଠାରୁ ଦୁଇ ପେଟି କଫ୍ ସିରପ, ଏକ ସ୍କୁଟି, ଏକ ମୋବାଇଲ ଫୋନ୍ ଓ ୫୦୦ ଟଙ୍କାର ଜବତ ହୋଇଥିବା ଟାଉନ୍ ଥାନା ପକ୍ଷରୁ ସୂଚନା ଦିଆଯାଇଛି।





ଦ୍ୱିତୀୟ ସେମି ଫାଇନାଲ ଖେଳରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ଫାଇନାଲରେ ସୁନ୍ଦରଗଡ଼-କଟକ ଲଢ଼େଇ

**ଫ୍ରେଣ୍ଡସ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଆଜି ଫାଇନାଲ**

**ଦ୍ୱିତୀୟ ସେମି ଫାଇନାଲରେ ଭୁବନେଶ୍ୱରକୁ ହରାଇଲା କଟକ**

ବଲାଙ୍ଗୀର,୧୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହେବ। ଫାଇନାଲ ଖେଳରେ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ଦଳ ଏବଂ କଟକ ୟଙ୍ଗ ଉତ୍କଳ ଦଳ ମୁହାଁମୁହିଁ ହେବେ। ରବିବାର ଅପରାହ୍ଣ ସାଢ଼େ ୩ଟାରେ ଫାଇନାଲ ଖେଳ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଶନିବାର ଅପରାହ୍ଣରେ ଦ୍ୱିତୀୟ ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଜଗା ୟୁନାଇଟେଟ କ୍ଲବ ଓ କଟକ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସରିବାକୁ ଅଳ୍ପ କେଇ ମିନିଟ୍ ଖେଳ ବାକି ଥିବାବେଳେ କଟକ ଦଳ ବିଜୟ ସୂଚକ ଗୋଲ ସ୍କୋର କରି ଫାଇନାଲକୁ ଉନ୍ନୀତ ହୋଇଥିଲା। କ୍ଲବ୍ ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଯୋଗଦାନ କରିଥିଲେ।

ମୁଖ୍ୟ ଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ୍‌ର ଯାହା କିଛି ବିକାଶ ହୋଇଛି ଗତ ୧୦ ବର୍ଷ ଭିତରେ କରାଯାଇଛି। ପଡିଆରେ ରାଜ୍ୟସ୍ତରରେ ପ୍ରତିଷ୍ଠିତ ଏକ ବ୍ୟାଡମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ କରାଯାଇଛି। ଫୁଟବଲ ପଡିଆରେ ଏକ ସୁଦୃଶ୍ୟ ଗ୍ୟାଲେରୀ ନିର୍ମାଣ ହୋଇଛି। ଏହାକୁ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମରେ ପରିଣତ କରିବା ପାଇଁ ଏକ ସୁଇମିଂ ପୁଲ, ଆଉଟଡୋର ଜିମ୍, ହଷ୍ଟେଲ ସାଙ୍ଗକୁ ଫୁଟବଲ ପଡିଆରେ ସବୁଜ ଘାସ ଓ ପାଣି ସିଞ୍ଚନ କରିବାର ବ୍ୟବସ୍ଥା ରହିଥିଲା। ମାତ୍ର ଗତ ସରକାର ଅମଳରେ ହୀନ ରାଜନୀତି ପଶି ସେହି ସବୁ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି କରାଯାଇଛି। ଏବେ ସରକାର ବଦଳିଛି। ପୂର୍ବ ପ୍ରସ୍ତାବିତ ସବୁ କାମ କରିବା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଶିବ ପ୍ରସାଦ ନନ୍ଦ, ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଝାରୀ, ଗାନ୍ଧୀଜୀ କ୍ଲବ ସଭାପତି ରାମଚନ୍ଦ୍ର ପୁରୋହିତ ଯୋଗଦାନ କରିଥିଲେ। କ୍ଲବ୍ ସମ୍ପାଦକ ଜଗନ୍ନାଥ ମିଶ୍ର, ମଧୁ ବନ୍‌ଛୋର, କୋର୍ଡିନେଟର ମନୋଜ କୁମାର ମିଶ୍ର ମଞ୍ଚାସୀନ ଥିଲେ। ସଭାରେ ପୂର୍ବତନ ଫୁଟବଲ ଖେଳାଳୀ ଅଜିତ କୁମାର ସାହୁ, ନିଶାରାକାନ୍ତ ନାଗ ଓ ଅଭିମନ୍ୟୁ ପାଣ୍ଡେଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମ୍ୟାଚ୍ କମିଶନର ଭାବେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ୍‌କୁ ରେଫରୀ ସଞ୍ଜୀବ ମହାରଣା, ରାଜେନ୍ଦ୍ର କୁମାର ଧରୁଆ, ସୁଶାନ୍ତ କୁମାର ନାଗ, ସଞ୍ଜନ କୁମାର କୁଦେଇ, ସୁଦର୍ଶନ ସେଠ୍ ପରିଚାଳନା କରିଥିଲେ। ଆଜିକାର ଭାଗ୍ୟଶାଳୀ ଦର୍ଶକ ଭାବେ ମାଲପଡାର ଅନୀଲ ବଗର୍ତ୍ତି ଲଟେରୀ କୁପନ ଜରିଆରେ ଏକ ଥର୍ମୋଫ୍ଲାସ ପୁରସ୍କାର ପାଇଥିଲେ। ସଭାରେ ପୃଥ୍ୱୀରାଜ ବରାଡ଼ ଓ ସୋନୁ ପଟ୍ଟନାୟକଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସଭାରେ ଶାନ୍ତନୁ ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଗରୁଡ଼ଧ୍ୱଜ ସାଏ, ଜୟରାମ ମିଶ୍ର, ଶୁଭ୍ରାଂଶୁ ଶେଖର ଅମାତ, ପବିତ୍ର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ଟିଙ୍କୁ ପରିଚ୍ଛା, ମନୋଜ ଦୀପ, ପ୍ରଦୀପ ସିଂ, ସନ୍ତୋଷ ପାଢ଼ୀ, କିଶୋର ଦଣ୍ଡସେନା, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ରାମ ନାଏକ, ଅରୋ ରଞ୍ଜନ ମହାପାତ୍ର, ବଦ୍ରି ମିଶ୍ର, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, କନ୍ଥୁ ତ୍ରିପାଠୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଯାତ୍ରୀବାହୀ ଟ୍ରେନରୁ ଗଞ୍ଜେଇ ଜବତ

ଟିଟିଲାଗଡ଼,୧୫।୨(ସନ୍ତୋଷ ପଟ୍ଟନାୟକ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଜଙ୍କସନରେ ଲାଗିଥିବା ଏକ ଯାତ୍ରୀବାହୀ ଟ୍ରେନରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଟିଟିଲାଗଡ଼ ଜିଆରପି ଅଧିକାରୀ ବିନୟ ଭୋଇ, ଏଏସ୍‌ଆଇ ରାମ କିଶୋର ସାହୁ ଏବଂ ଡ୍ୟୁଟିରେ ଥିବା ଆର୍‌ପିଏଫ କର୍ମଚାରୀମାନେ ଟ୍ରେନ ମାଧ୍ୟମରେ ନିଷିଦ୍ଧ ସାମଗ୍ରୀ ପରିବହନ ରୋକିବା ପାଇଁ ଯାତ୍ରୀବାହୀ ଟ୍ରେନ ଯାଞ୍ଚ କରୁଛନ୍ତି। ୧୮୦୦୬ ସମଲେଶ୍ୱରୀ ଏକ୍ସପ୍ରେସରେ ପ୍ରଥମ ଶ୍ରେଣୀ ଏସିରେ ଯାତ୍ରା କରୁଥିବା ୨ଜଣ ଯୁବକ ଟ୍ରଲି ବ୍ୟାଗରେ ଗଞ୍ଜେଇ ରଖିଥିଲେ। ଜିଆରପି ଓଆଇସି ଭୋଇ ତଥା ଆର୍‌ପିଏଫ ସୁରକ୍ଷା କର୍ମୀ ପ୍ରଥମ ଶ୍ରେଣୀ ଏସି କୋଚ ନିକଟକୁ ପହଞ୍ଚିବା ବେଳକୁ ୨ ଯୁବକ ସେମାନଙ୍କ ଟ୍ରଲି ବ୍ୟାଗ ସହିତ ଉକ୍ତ କୋଚରୁ ଓହ୍ଲାଉଥିଲେ। ସନ୍ଦେହ ହେବାରୁ ବ୍ୟାଗଗୁଡିକ ଯାଞ୍ଚ କରିବାରୁ ମୋଟ ୮ଟି ପ୍ୟାକେଟ ଭର୍ତ୍ତି ଗଞ୍ଜେଇ ପାଇଥିଲେ। ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତ ଆଶିଷ (୨୧) ଦିଲ୍ଲୀ ଅଞ୍ଚଳର ହୋଇଥିବା ଜଣାଯାଇଛି। ଏନେଇ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସନ୍ତୋଷ ବେହେରାଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କଠାରୁ ମୋଟ ୩୭.୫୪୮ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। କୋରାପୁଟ ଅଞ୍ଚଳରୁ ଗଞ୍ଜେଇ କିଣି ନୂଆଦିଲ୍ଲୀ ଅଞ୍ଚଳକୁ ବିକ୍ରୟ ପାଇଁ ଚାଲାଣ କରାଯାଉଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଜିଆରପି ଅଧିକାରୀ କହିଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କୁ ଟିଟିଲାଗଡ଼ କୋର୍ଟ ଚାଲାଣ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଚମ୍ପାବତୀ



@ ଶିବଂଶ ଶେଖର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସଂକ୍ଷେପରେ**

## ଲକ୍ଷାଧିକ ଟଙ୍କାର ଖଇର କାଠ ଜବତ



କଣ୍ଟାବାଞ୍ଜି, ୧୫।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଲର୍କି ସେକ୍ସନର ମହୁଲବାହାଲି ଛକ ନିକଟରେ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ଖଇର କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ରାତିରେ ବନ ବିଭାଗଦ୍ୱାରା ପାଟ୍ରୋଲିଂ ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପିକ୍‌ଅପ୍ ଭ୍ୟାନକୁ ଜବତ କରିଥିଲେ। ଏହି ସମୟରେ ଅଭିଯୁକ୍ତ ଡ୍ରାଇଭର ଫେରାର ମାରିଥିବା ଜଣାପଡିଛି। ବନ ବିଭାଗ କର୍ମଚାରୀମାନେ ଖଇର କାଠ ବୋଝେଇ ଭ୍ୟାନକୁ କଣ୍ଟାବାଞ୍ଜି କାର୍ଯ୍ୟାଳୟକୁ ଆଣି ଏକ ମାମଲା (ନଂ.୧୫।୨୦୨୫) ରୁଜୁକରି ଅଧିକ ତଦନ୍ତ କରୁଛନ୍ତି। ଏହି ଚଢାଉରେ ଫରେଷ୍ଟର ନାପ ହରପାଲ, ପ୍ରଦୀପ ମାଝି, ପାରା ପ୍ରୋଟେକ୍ସନ ଫୋର୍ସ କେଶବ ନାଗ, କପିଳ ମାଝି, ଧନେଶ୍ୱର ମାଝି ପ୍ରମୁଖ ସାମିଲ ଥିଲେ।

## ଗଞ୍ଜେଇ ଜବତ, ଜଣେ କୋର୍ଟ ଚାଲାଣ



ଦେଓଗାଁ,୧୫।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନାଇକେନସିରା ଛକରେ ଶନିବାର ଜନୈକ ବ୍ୟକ୍ତି ସ୍କୁଟିରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ସ୍ଥାନୀୟ ପୋଲିସ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖରିଆର ଭଜପୁରର ଭୋଦେବ ଭୋଇ(୨୫)। ସୂଚନାନୁସାରେ ଡୁଷୁରା ପଟରୁ ଏକ ସିମେଣ୍ଟ ରଙ୍ଗର ସ୍କୁଟି ନଂ. ସିଜି ୦୪ପିଏନ ୩୯୭୧ରେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତସୂତ୍ରରୁ ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ଏଏସ୍‌ଆଇ ମନୋଜ ମିଶ୍ର, ବି.ଡି. ବେହେରା, ଜେ.ବଗର୍ତ୍ତି ଓ ଏନଏନ ମିର୍ଦ୍ଧା ପ୍ରମୁଖ ଡୁଷୁରାଛକ ନିକଟରେ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୧କେଜି ୯୧୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଅତିରିକ୍ତ ତହସିଲଦାର ବ୍ୟୋମକେଶ ନାୟକଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିବା ସହ ଏଥିରେ ବ୍ୟବହୃତ ସ୍କୁଟି ଓ ମୋବାଇଲ ଫୋନକୁ ଜବତ କରାଯାଇଛି।

# ନିଖିଳ ଉତ୍କଳ ସୁବର୍ଣ୍ଣଗ୍ରାହୀ ଶୁଣ୍ଢି ସମାଜର ମହାସଭା

କଣ୍ଟାବାଞ୍ଜି, ୧୫।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଦୁଇ ଦିନ ଧରି ଚାଲିଥିବା ନିଖିଳ ଉତ୍କଳ ସୁବର୍ଣ୍ଣଗ୍ରାହୀ ଶୁଣ୍ଢି ସମାଜର ମହାସଭା ଶନିବାର ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଚାଲିଥିବା ମହାସଭାର ଉଦ୍‌ଯାପନୀ ଦିବସରେ କେଶବ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିକେଶନ ବେହେରା, ମଙ୍ଗଳର ବେହେରା, ସମ୍ପୂର୍ଣ୍ଣ ବେହେରା, ନାରୀନେତ୍ରୀ ଦୀପିକା ବେହେରା, ମାଣିକ୍ୟ ବେହେରା ଓ ମନୋରମା ବେହେରା ମଞ୍ଚାସୀନ ଥିଲେ। ଏହି ମହାସଭାରେ ରାଜ୍ୟର ଶତାଧିକ ମହିଳା ପୁରୁଷ ଏବଂ ଯୁବତୀ ଯୁବକ ସାମିଲ ହୋଇଥିଲେ। ସମାଜର ସଂସ୍କାର ଆଣିବାକୁ ହେଲେ ଶିକ୍ଷାର ଗୁରୁତ୍ୱ ବେଶୀ। ତେଣୁ ପରିବାରର ଯୁବତୀଯୁବକଙ୍କୁ ଶିକ୍ଷା ଯୋଗାଇବା ମୁଖ୍ୟ ଉଦ୍ଦେଶ୍ୟ। କୁସଂସ୍କାର ଦୂର କରିବା ପାଇଁ ସମସ୍ତ ଯୁବ ସମାଜ ଆଗେଇଲେ ହିଁ ସମାଜର ମଙ୍ଗଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ନିଖିଳ ଉତ୍କଳ ମହାସଭାରେ ନୂତନ ଭାବେ ସମାଜ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ପୂର୍ଣ୍ଣଚନ୍ଦ୍ର ବେହେରା କୁଳପତି, ଦଶମୁ ବେହେରା, ତରଣୀସେନ ବେହେରା ଉପକୁଳପତି, ହରିହର ବେହେରା ସମ୍ପାଦକ, ପୁଳସ୍ତି ବେହେରା, ଖିତିପତି ବେହେରା ସହସମ୍ପାଦକ ଭାବେ, ଡମ୍ବରୁଧର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।



ନିଖିଳ ଉତ୍କଳ ସୁବର୍ଣ୍ଣଗ୍ରାହୀ ଶୁଣ୍ଢି ସମାଜର ମହାସଭାରେ ସମାଜର ଲୋକେ।

# ସୁଜିଆ ରାସ୍ତା ମରାମତି କାମରେ ଅନିୟମିତତା ଅଭିଯୋଗ

ଲୋଇସିଂହା,୧୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଢୋଲମହୁଲରୁ ସୁଜିଆକୁ ସଂଯୋଗ ହୋଇଥିବା ଆର୍‌ଡି ରାସ୍ତା ମରାମତି କାମ(ୱେରିଂ କୋର୍ଟ)ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ଆର୍‌ଡି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧୀନରେ ରହିଛି ଉକ୍ତ ରାସ୍ତା। ପ୍ରାୟ ୩କି.ମି. ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। ଉକ୍ତ ରାସ୍ତାକୁ ସପ୍ତାହକ ତଳେ ମରାମତି ତଥା ୱେରିଂ କୋର୍ଟ କାମ କରାଯାଇଛି। ଏଠାରେ ୧ ଇଞ୍ଚରୁ ଅଧିକ ୱେରିଂ କୋର୍ଟ କରାଯିବା କଥା। ହେଲେ ନାମକୁ ମାତ୍ର କାମ କରାଯାଇଛି। ୱେରିଂ କୋର୍ଟ କାମ ବେଳେ ଅନେକ ସ୍ଥାନରେ ଛାଡ଼ି ଦିଆଯାଇଥିବା ପରିଲକ୍ଷିତ ହେଉଛି। ନିମ୍ନମାନର ଓ ନାମକୁ ମାତ୍ର କାମ ହୋଇଥିବାରୁ ଅନେକ ସ୍ଥାନରୁ ପିଚୁଉଠି ଗଲାଣି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି କାମ ପାଇଥିବା ଠିକାଦାର ମୁନସୀଙ୍କ ତତ୍ତ୍ୱାବଧାନରେ ଅନଭିଜ୍ଞ ଶ୍ରମିକମାନେ କାମ କରୁଛନ୍ତି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଧର୍ମକୁ ଆଖିଠାର ଭାବେ କାମ କରି ଅନୁଦାନ ଚଳୁ ପାଇଁ ଉଦ୍ୟମ ବୋଲି ଲୋଇସିଂହା ଓ ସୁଜିଆ ଅଧିବାସୀ ଅଭିଯୋଗ କରିଛନ୍ତି। ମାର୍ଚ୍ଚ ବର୍ଷର ଶେଷ ସମୟ ଆସିଥିବାରୁ ଏପରି ଭାବେ ବହୁ ରାସ୍ତା କାମ ମରାମତି କରି ଏବଂ କେଉଁଠି କାମ ନ କରି ଅନୁଦାନ ହଡ଼ପ ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି।



ନାମକୁ ମାତ୍ର ରାସ୍ତା ମରାମତି ହୋଇଛି।

## ଖପ୍ରାଖୋଲ ଅଞ୍ଚଳରେ ଶ୍ରମିକ ସଚେତନତା ରଥ

**ଦାଦନ ଗଲା ପରେ ସଚେତନତା, ଧର୍ମକୁ ଆଖିଠାର**

ଖପ୍ରାଖୋଲ, ୧୫।୨(ଅଭୟ ତ୍ରିପାଠୀ)

ଶ୍ରମ ବିଭାଗ ତରଫରୁ ଦାଦନ ଶ୍ରମିକଙ୍କ ସଚେତନତା ପାଇଁ ସଚେତନତା ରଥ ବୁଲାଇ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କାହା ସ୍ୱାର୍ଥରେ ବୁଲୁଛି ଏହି ରଥ ଜଣାପଡୁନାହିଁ। ବଲାଙ୍ଗୀର ଜିଲାର ଦାଦନ ପ୍ରବଣ ଖପ୍ରାଖୋଲ ବ୍ଲକ ଅଞ୍ଚଳରୁ ସେପ୍ଟେମ୍ବରରୁ ଜାନୁଆରୀ ମଧ୍ୟରେ ହଜାର ହଜାର ପରିବାର ପେଟପାଟଣା ପାଇଁ ସୁଦୂର ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟକୁ ଇଟା କାମ ପାଇଁ ଯାଉଥିବାବେଳେ ଅନେକ ନିର୍ଯାତନାର ଶିକାର ହେଉଛନ୍ତି। ଅନେକ ଶ୍ରମିକଙ୍କ ମୃତଦେହ ବି ଫେରୁଛି ଗାଁ କୁ। ହେଲେ ଉପଯୁକ୍ତ ସଚେତନତା ଅଭାବରୁ ଦଲାଲମାନେ ଚଞ୍ଚକତା କରି ଶ୍ରମିକମାନଙ୍କୁ ଦେଶାନ୍ତର ନେଉଥିବାବେଳେ ଶୋଷଣ କରୁଥିବା ଅଭିଯୋଗ ହେଲେ ବି ଶ୍ରମିକମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳୁ ନ ଥିବା ଅଭିଯୋଗ ହେଉଛି। ଏବେ ସମସ୍ତ ଶ୍ରମିକ ବାହାର ରାଜ୍ୟରେ ଥିବା ବେଳେ ଶ୍ରମବିଭାଗ ଗାଁଗାଁ ଶ୍ରମିକ ରଥ ବୁଲାଇ କାହାକୁ ସଚେତନ କରୁଛନ୍ତି ବୁଝାପଡୁନି। ସାଧାରଣରେ ଶ୍ରମ ବିଭାଗର ଏହି ସଚେତନତା ରଥ ଧର୍ମକୁ ଆଖିଠାର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଶ୍ରମିକମାନଙ୍କ ସରଳତା, ଶ୍ରମ ବିଭାଗ, ପୋଲିସ ଓ ପ୍ରଶାସନର ଉଦାସୀନତା ଦାଦନ ଶ୍ରମିକ ସମସ୍ୟାକୁ ଦି ଗୁଣିତ କରୁଥିବା ଅଭିଯୋଗ ହେଉଛି। ଏନେଇ ସହକାରୀ ଶ୍ରମ ଅଧିକାରୀ ବିଭୂଦତ୍ତ ମଲ୍ଲିକଙ୍କୁ ପଚାରିବାରୁ କେବଳ ଦାଦନ ଶ୍ରମିକ ନୁହଁ ଆମ ସଚେତନତା ରଥ ଶିଶୁ ଶ୍ରମିକ, ନିର୍ମାଣ ଶ୍ରମିକ, ଅଣ ସଙ୍ଗଠିତ ଶ୍ରମିକ ଓ ଦେଶାନ୍ତର ଶ୍ରମିକମାନଙ୍କ ଅଧିକାର ଓ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ଉପରେ ସଚେତନ ଲାଗି ସାରା ରାଜ୍ୟରେ ସଚେତନା ରଥ ବୁଲୁଥିବା କହିଛନ୍ତି।

# ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା ଧଣ୍ଡାମୁଣ୍ଡାଠାରେ ଚାଲିଛି।

ଖପ୍ରାଖୋଲ,୧୫।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରୁ ଶୋଭାଯାତ୍ରା ବାହାରି ଉଚ୍ଚ ବିଦ୍ୟାଳୟ ଛକରେ ପହଞ୍ଚିଥିଲା। ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଶହୀଦମାନଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ନିରୁପମା ପଟେଲ, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ସରପଞ୍ଚ ବୈଦ୍ୟନାଥ ମିଶ୍ର, ଦେବକାନ୍ତ ପାଣିଗ୍ରାହୀ, ପବିତ୍ର ପଟେଲ, ଶୋଭନ ମୟ ମିଶ୍ର, ଆଶିଷ ସାହୁ, ଅଭୟ ତ୍ରିପାଠୀଙ୍କ ସମେତ ଶତାଧିକ ମହିଳା, ପୁରୁଷ, ଯୁବକ ସାମିଲ ହୋଇଥିଲେ। ସାଇରାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ଧପଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଦେଓଗାଁ ବ୍ଲକ ବନ୍ଧପଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକକ୍ରୀଡା ଉତ୍ସବରେ କୃତୀ ଛାତ୍ରୀଛାତ୍ର ଓ ଅତିଥିଗଣ।

ଦେଓଗାଁ,୧୫।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଅଶୋକ କୁମାର ଭୋଇ, ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ଘିବେଲା, ଶିକ୍ଷକ ଉପେନ୍ଦ୍ର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ତଥା ଅଭିଭାବକ ସହଯୋଗ କରିଥିଲେ।

# କବିତା ସଙ୍କଳନ ଶୂନ୍ୟ ଶଦ୍ଧାଞ୍ଜଳି ଲୋକାର୍ପିତ



କବିତା ସଂକଳନ 'ଶୂନ୍ୟ ଶଦ୍ଧାଞ୍ଜଳି' ଉନ୍ମୋଚିତ କରାଯାଉଛି।

ବଲାଙ୍ଗୀର,୧୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ସାରସ୍ୱତ ଅନୁଷ୍ଠାନ ରଚନା ପକ୍ଷରୁ କବି ଅଖିଳଚନ୍ଦ୍ର ହୋତାଙ୍କ କବିତା ସଙ୍କଳନ 'ଶୂନ୍ୟ ଶଦ୍ଧାଞ୍ଜଳି'କୁ ପ୍ରଫେସର ମଧୁସୂଦନ ପତି ଲୋକାର୍ପିତ କରିଥିଲେ। ରଚନା ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ କବୟିତ୍ରୀ ଡ. ଅପର୍ଣ୍ଣା ମହାନ୍ତି, କବି ରାଜୀବ ଲୋଚନ ଆଚାର୍ଯ୍ୟ, କବୟିତ୍ରୀ ମୁକୁଳ ମିଶ୍ର ଯୋଗଦେଇ 'କବିତାରେ ଯେଉଁ ଆନନ୍ଦ' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କବୟିତ୍ରୀ ଡ. ମହାନ୍ତି ପ୍ରେମ ଓ ପୀଡ଼ା କବିତାକୁ କିଭଳି ଆନନ୍ଦମୟ କରନ୍ତି କହିଥିଲେ। କବୟିତ୍ରୀ ମୁକୁଳ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ପରେ କବୟିତ୍ରୀ ପୁଷ୍ପାଞ୍ଜଳି ମେହେର ଏବଂ କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଶୂନ୍ୟ ଶଦ୍ଧାଞ୍ଜଳିର ଦୁଇଟି କବିତା ଆବୃତ୍ତି କରିଥିଲେ। ରଚନା ସମ୍ପାଦକ କବି ଭାଗିରଥି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସସ୍ମିତା ନେପାକ କାର୍ଯ୍ୟକ୍ରମ ସଂଯୋଜନା, ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଜୁନିୟର ରେଡକ୍ରସ୍ ପରାମର୍ଶଦାତାଙ୍କ ପ୍ରଶିକ୍ଷଣ

ବଲାଙ୍ଗୀର,୧୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପିପି ଏକାଡେମୀ ସଭାଗୃହରେ ଜିଲା ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଂଶୁପା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇଥିଲେ। ରେଡକ୍ରସ ଆନ୍ଦୋଳନ ସହ ଲୋକଙ୍କୁ ଯୋଡିବା ଏବଂ ଆଦର୍ଶଗତ ଭାବେ ରେଡକ୍ରସ ସହ କାର୍ଯ୍ୟ କରିବାକୁ ଡିଇଓ ନାଗ କହିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଜେଆରସିଓ ବିକାଶ ରଞ୍ଜନ ସାହୁ ରେଡକ୍ରସର ଉଦ୍ଦେଶ୍ୟ, ଲକ୍ଷ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଆହତ ବ୍ୟକ୍ତିକୁ କିଭଳି ପ୍ରାଥମିକ ଚିକିତ୍ସା ଦିଆଯିବ ଓ ବିଦ୍ୟାଳୟଗୁଡ଼ିକରେ ଜେଆରସି ୟୁନିଟ ଗଠନ ତଥା ସଡକ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ସାଧନକର୍ମୀ ରଶ୍ମିରାଣୀ ଦାଶ ଓ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ବର୍ଣ୍ଣନା କରିଥିଲେ। ସାଧନକର୍ମୀ ପ୍ରସନ୍ନ ଗଡତ୍ୟା ଏଡସ୍ ରୋଗ ବିଷୟରେ ସମସ୍ତ ପରାମର୍ଶଦାତାଙ୍କୁ ଅବଗତ କରାଇଥିଲେ। ଏହାର ନିରାକରଣ ନେଇ କହିଥିଲେ। ଜିଲାର ଆଗଲପୁର, ଲୋଇସିଂହା, ପୁଇଁତଲା, ଦେଓଗାଁ, ଗୁଡଭେଲା ଓ ସଦର ବ୍ଲକରୁ ୧୦୦ରୁ ଊର୍ଦ୍ଧ୍ୱ ଜୁନିୟର ରେଡକ୍ରସ ପରାମର୍ଶଦାତା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ମିଥୁନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।





ଜିଲା ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଜିମ୍ ପ୍ରଶିକ୍ଷକଙ୍କୁ ଗୁଳିମାଡ଼ ମାମଲା: ୭ ଅଟକ**

ରାଉରକେଲା,(ସଙ୍ଗୀତା ଜେନା): ବନ୍ଧମୁଣ୍ଡାରେ ଜିମ୍ ପ୍ରଶିକ୍ଷକ ଶ୍ୟାମଲ ସରକାରଙ୍କୁ ଶୁକ୍ରବାର ସନ୍ଧ୍ୟା ୭ଟାରେ ବନ୍ଧୁକ ଓ ମାରଣାସ୍ତ୍ରରେ ଆକ୍ରମଣ ମାମଲାରେ ବନ୍ଧମୁଣ୍ଡା ଥାନା ପୋଲିସ ଶନିବାର ସକାଳ ୬ଟାରେ ପ୍ରାୟ ୭ଜଣ ଦୁର୍ବୃତ୍ତଙ୍କୁ ଆଣି ଅଟକ ରଖିଛି। ଥାନାରେ ସେମାନଙ୍କ ପଚରାଉଚୁରା କରାଯିବା ସହ ଏକ ମାମଲା (ନଂ.୨୯/୨୫) ରୁଜୁ କରାଯାଇଛି। ଘଟଣାର ସତ୍ୟତା ଅନୁସନ୍ଧାନ କରାଯାଉଛି।

# ଜୀବଜନ୍ତୁଙ୍କୁ ବିପଦ ଜଙ୍ଗଲ ନିଆଁ

ରାଉରକେଲା, ୧୫।୨(ସଙ୍ଗୀତା ଜେନା)

ରାଉରକେଲାରେ ଏବେ ଜଙ୍ଗଲ ନିଆଁ ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ସହ ଉତ୍ତାପ ବୃଦ୍ଧି ପାଇବା ଯଥେଷ୍ଟ ସମ୍ଭାବନା ରହିଛି। ଶୀତ ଋତୁ ପରେ ବୃକ୍ଷଗୁଡିକ ପତ୍ରଝଡା ଦେଉଥିବାରୁ ଶିଳ୍ପାଞ୍ଚଳରେ କିଛି ଦୁର୍ବୃତ୍ତ ଏଥିରେ ଅଗ୍ନିସଂଯୋଗ କରୁଛନ୍ତି। ଫଳରେ ଶୁଖିଲା ପତ୍ର ଜଳିଯିବା ସହ ଛୋଟ ଜୀବଜନ୍ତୁ ଓ ସରୀସୃପ ପ୍ରାଣ ହରାଉଛନ୍ତି। ସେହିପରି ବର୍ତ୍ତମାନ ମହୁଲ ଅମଳ ସମୟ ଆସିଛି। ମହୁଲ ଏବଂ ମଞ୍ଜି ସଂଗ୍ରହ ପାଇଁ ଉକ୍ତ ଗଛଗୁଡ଼ିକ ନିକଟରେ ସଫାସୁତୁରା ଉଦ୍ଦେଶ୍ୟରେ ସ୍ଥାନୀୟ ଲୋକମାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଏହାଦ୍ୱାରା ଜଙ୍ଗଲରେ ନିଆଁ ବ୍ୟାପୁଛି। ଅନୁରୂପ ଭାବେ ଦୁର୍ଗାପୁର ପାହାଡ଼ିଆ ଜଙ୍ଗଲରେ ନିଶାଡ଼ିମାନଙ୍କ ଦ୍ୱାରା ଜଙ୍ଗଲ ନିଆଁ ବୃଦ୍ଧି ହେଉଥିବା ଅଭିଯୋଗ ହୋଇଛି। ସେମାନେ ନିଶା ସେବନ ପରେ ନିଆଁ ଲଗାଇ ତାକୁ ନ ଲିଭାଇ ଛାଡି ଆସୁଥିବା ଯୋଗୁ ଜଙ୍ଗଲ ନିଆଁ ବ୍ୟାପୁଥିବା କୁହାଯାଉଛି। ଅପରପକ୍ଷେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ବନ ବିଭାଗକୁ ଅତ୍ୟାଧୁନିକ ଯାନ ମଧ୍ୟ ପ୍ରଦାନ କରାଯାଇନାହିଁ। ଯାହାଦ୍ୱାରା ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ସାଥୀମାନଙ୍କ ଭରସାରେ ବନ ବିଭାଗ ବସି ରହିଛି। ଏପରି ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲାର କ୍ଷେତ୍ରଫଳ ୯୭୧୨ବର୍ଗ କି.ମି ଥିବାବେଳେ ରାଉରକେଲା ବନ ବିଭାଗ ଅଧୀନରେ ପ୍ରାୟ ୨୯୯୯ ବର୍ଗ କି.ମି ଜଙ୍ଗଲ ଅଞ୍ଚଳ ରହିଛି। ଉକ୍ତ ବନ ବିଭାଗ ଅଧୀନରେ ଦୁର୍ଗାପୁର, ସୋନାପର୍ବତ, ଦକ୍ଷିଣ ଓ ଉତ୍ତର ଚମ୍ପାଝରଣ, ଉତ୍ତର ଓ ଦକ୍ଷିଣ ଚିରୁବେଡା, ଡୁମାଗଡ଼, ଜଟିଆ, ଛତାମାରେନ୍, ପାତିପାହାଡ, ବଙ୍ଗଲୋପାହାଡ଼, ବିରିଙ୍ଗାବୁଡ଼ି, ଜଲଡେଗା, ଝଣ୍ଡାପାହାଡ ସମେତ ୧୩୧ଟି ଛୋଟବଡ଼ ଜଙ୍ଗଲ ରହିଛି। ଜିଲାର ମୋଟ୍ କ୍ଷେତ୍ରଫଳର ୪୧ ପ୍ରତିଶତ ଜଙ୍ଗଲ ଥିବା ସତ୍ତ୍ୱେ ସୁନ୍ଦରଗଡ଼ ଓ ରାଉରକେଲା ବନ ବିଭାଗକୁ ଅଲ୍ ଟେରେନ୍ ଭେହିକିଲ୍ ମିଳିପାରିନାହିଁ। ଗତବର୍ଷ ନଭେମ୍ବର ମାସରେ ରାଜ୍ୟ ସରକାର ବିଭିନ୍ନ ଅଭୟାରଣ୍ୟ ଓ ସଂରକ୍ଷିତ ଜଙ୍ଗଲରେ ଜଙ୍ଗଲ ନିଆଁ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଜୀବଜନ୍ତୁ ଶିକାର ଏବଂ ଚୋରା କାରବାର ନିୟନ୍ତ୍ରଣ ପାଇଁ ୧୮ଟି ଜିଲାକୁ ଅତ୍ୟାଧୁନିକ ୧୩୯ଟି ଯାନ ପ୍ରଦାନ କରିଥିଲେ। ହେଲେ ସୁନ୍ଦରଗଡ଼ ଜିଲାକୁ ଏଥିରୁ ବଞ୍ଚିତ କରାଯାଇଥିଲା। ଜଙ୍ଗଲରେ ନିଆଁ ଲାଗିଲେ ଏବେ ବିଭାଗ ପକ୍ଷରୁ ପାରମ୍ପରିକ ପଦ୍ଧତିରେ ନିଆଁ କାବୁ କରାଯିବା ସକାଶେ ଉଦ୍ୟମ କରାଯାଉଥିବା ଜଣାପଡ଼ିଛି। ସେହିପରି କଡ଼ା କାନୁନ ଥିବା ସତ୍ତ୍ୱେ ଜଙ୍ଗଲ ନିଆଁ ଉପରେ ନିୟନ୍ତ୍ରଣ ବିଭାଗ ପାଇଁ କାଠିକର ପାଠ ହୋଇପଡ଼ିଛି। ୨୦୨୩ରେ ଜଣେ ଦୁଇଜଣଙ୍କୁ ନିଆଁ ଲଗାଇବା ଅଭିଯୋଗ ଆଧାରରେ ଗିରଫ କରାଯିବା ସହ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କୁହାଯାଇଛି।


ଶିଳ୍ପାଞ୍ଚଳରେ ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ ଆୟତ୍ତ କରୁଛନ୍ତି।

## ଜଙ୍ଗଲ ନିଆଁ ରୋକିବାକୁ ମିଳିନି ଅତ୍ୟାଧୁନିକ ଯାନ

ଏ ସମ୍ପର୍କରେ ରାଉରକେଲା ଡିଏଫ୍ଓ ଯଶୋବନ୍ତ ସେଠୀଙ୍କୁ ପଚରାଯିବାରୁ ସେ କହିଥିଲେ, ଜଙ୍ଗଲ ନିଆଁ ବନ ବିଭାଗ ପାଇଁ ନିହାତି ଭାବେ ଚ୍ୟାଲେଞ୍ଜ ଅଟେ। ତେବେ ମଧ୍ୟ ବିଭାଗ ଏଥିପ୍ରତି ସଜାଗ ରହିଛି। ଖୁବ୍‌ଶୀଘ୍ର ସଚେତନତା ପାଇଁ ପୋଷ୍ଟର ଓ ବ୍ୟାନର ଲଗାଇବା ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଜଙ୍ଗଲ ଅଞ୍ଚଳରେ ବନକର୍ମୀମାନଙ୍କ ଦ୍ୱାରା ମହୁଲ ଗଛ ସର୍ଭେ କରାଯାଉଛି। ପ୍ରକ୍ରିୟା ଶେଷ ହେବା ପରେ ବ୍ଲୋୟର ଲଗାଇ ଶୁଖିଲାପତ୍ରକୁ ସଫା କରାଯିବ। ଏହାଦ୍ୱାରା ନିଆଁ ଲଗାଇବାକୁ ସୁଯୋଗ ମିଳିବ ନାହିଁ। ସେହିପରି ବିଭିନ୍ନ ଅଞ୍ଚଳରେ ୨ଶହରୁ ଉର୍ଦ୍ଧ୍ୱ ଜଙ୍ଗଲସାଥୀଙ୍କୁ ଏହି ଅଭିଯାନରେ ସାମିଲ କରାଯାଇଛି। ସମ୍ପୃକ୍ତ ଜଙ୍ଗଲସାଥୀମାନେ ନିଆଁ ଲାଗିବା ସୂଚନା ପ୍ରଦାନ କରିବେ। ତେବେ ଏପର୍ଯ୍ୟନ୍ତ ଅତ୍ୟାଧୁନିକ ଯାନ ବିଭାଗକୁ ଆସିନାହିଁ। ଆଗାମୀ ଦିନରେ ଏହା ଆଣିବା ପାଇଁ ସମ୍ଭାବନା ରହିଥିବା ଡିଏଫ୍ଓ ସେଠୀ କହିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଚମ୍ପାବତୀ


@ ଶିବଂଶ ଶେଖର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଢୁଛି ଗଞ୍ଜେଇ କାରବାର

ରାଉରକେଲା, ୧୫।୨(ଦିନେଶ ମିଶ୍ର)

କିଛି ମାସ ତଳେ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଜିଲା ପୋଲିସ ପକ୍ଷରୁ ଚଢାଉ କରି ଗଞ୍ଜେଇ ଜବତ କରାଯିବା ସହ ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ଏହି ବ୍ୟବସାୟୀମାନେ ଜାମିନରେ ଆସିବା ପରେ ପୁଣି ନିଶା କାରବାରରେ ଲାଗି ପଡିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସହରର ବିଶେଷ କରି ମାଲଗୋଦାମ, ଗୋପବନ୍ଧୁପାଲ୍ଲୀ, ନୟାବଜାର ଅଞ୍ଚଳରେ ବ୍ୟାପକ ଗଞ୍ଜେଇ କାରବାର ଚାଲିଥିବା ଜଣାପଡିଛି। ମାଲଗୋଦାମ ଅଞ୍ଚଳର ହନୁମାନ ମନ୍ଦିର ଛକ, ମାଲଗୋଦାମ ରେଳ ଫାଟକ ନିକଟରେ ଥିବା ଛୋଟ ଛୋଟ ପାନ ଦୋକାନରେ ଗ୍ରାହକଙ୍କୁ ୫୦ରୁ ଆରମ୍ଭ କରି ଶହେ ଟଙ୍କିଆ ଗଞ୍ଜେଇ ପ୍ୟାକେଟ୍ ଅତି ସହଜରେ ମିଳିଯାଉଛି। ସେହିଭଳି ଗୋପବନ୍ଧୁପାଲ୍ଲୀ ବସ୍ତି ଅଞ୍ଚଳରେ ଗଞ୍ଜେଇ ବ୍ୟବସାୟୀମାନେ କୋଣାର୍କ ହଲ ନିକଟସ୍ଥ ଅଞ୍ଚଳ ଓ ଗୋପବନ୍ଧୁପାଲି, ରେଲୱେ କଲୋନୀ, ଟିମ୍ବର କଲୋନି ଅଞ୍ଚଳରେ ବିକ୍ରି କରୁଛନ୍ତି। ଏହାଦ୍ୱାରା କଲେଜ ପଢୁଆ ଓ ବେକାରୀ ଯୁବକମାନେ ବିଭିନ୍ନ ସମୟରେ ଅପରାଧମୂଳକ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି। ଏ ନେଇ ରାଉରକେଲାର ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ପ୍ରତିଦିନ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଯେଉଁ ସ୍ଥାନରେ ଗଞ୍ଜେଇ ଓ ନିଶା କାରକାର କରୁଥିବା ବ୍ୟକ୍ତି ଆମ ନଜରକୁ ଆସୁଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ମାଲଗୋଦାମ ଓ ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଗଞ୍ଜେଇ କାରବାର ଉପରେ ଆମେ ଖୁବ୍‌ଶୀଘ୍ର ପଦକ୍ଷେପ ନେବୁ ବୋଲି ମିଶ୍ର ସୂଚନା ଦେଇଥିଲେ।

# ତୃତୀୟ ଶହୀଦ ସମ୍ମାନ ସମାରୋହ ସମ୍ପନ୍ନ


ସମ୍ମାନିତ ହୋଇଥିବା ଶହୀଦଙ୍କ ପରିବାର ।

ରାଉରକେଲା, ୧୫।୨
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଉଦାହରଣ ଟ୍ରଷ୍ଟ ପକ୍ଷରୁ ତୃତୀୟ ଶହୀଦ ସମ୍ମାନ ସମାରୋହ ସିଭିକ୍ ସେଣ୍ଟରଠାରେ ଶୁକ୍ରବାର ରାତିରେ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସିଆରପିଏଫ୍‌ର ପ୍ରାକ୍ତନ ଡିଆଇଜି ଦୟାନିଧି ତନ୍ତୀଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ଶଙ୍କର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୯ ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ନରେଶ କୁମାର ଶର୍ମା, ଦ୍ୱିତୀୟ କମାଣ୍ଡାଣ୍ଟ ମହେଶ ବିଶ୍ୱକର୍ମା, ସିଆଇଏସ୍‌ଏଫ୍‌ର ବରିଷ୍ଠ କମାଣ୍ଡାଣ୍ଟ ଅଶୋକ ଜାଲୱନିଆ, ସମାଜସେବୀ ସୁନିଲ କାୟଲ, ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ଶ୍ୟାମସୁନ୍ଦର ମହାରଣା, ଏନ୍‌ଆଇଟି ପ୍ରଫେସର ହୃଷୀକେଶ ନାୟକ, ଆର୍‌ଏସ୍‌ପିର ମହାପ୍ରବନ୍ଧକ ରାଜକିଶୋର ଧାରୁଆ, ପ୍ରାକ୍ତନ ସୁବେଦାର ସୋମନାଥ ସାହୁ, ଉପେନ୍ଦ୍ର ନାଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁଲୱାମା ଶହୀଦ ଦିବସ ପାଳନ ଅବସରରେ ଅତିଥିମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦେଶ ପାଇଁ ପ୍ରାଣବଳି ଦେଇ ଓଡ଼ିଶା ମାଟିକୁ ଗର୍ବିତ କରିଥିବା ଝାରସୁଗୁଡ଼ା ଲଖନପୁରର ଦୀପକସେନ ଭୋଇ, ବ୍ରଜରାଜନଗରର ବଳରାମ ପ୍ରଧାନ, ଲଇକେରାର ଉମାକାନ୍ତ ନାଏକ, ସୁନ୍ଦରଗଡ ଜିଲା ବାଲିଶଙ୍କରାର ଅନୀଲ ମାଝୀ, କେନ୍ଦୁଝରର ଗଣେଶ ପ୍ରସାଦ ସା ଓ ସଞ୍ଜୟ କୁମାର ଦାସଙ୍କ ପରିବାର ଲୋକଙ୍କୁ ସମ୍ମାନିତ କରିଥିଲେ। ମୋନାଲିସା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ବିମଳ କୁମାର ବିଶି, ଚନ୍ଦ୍ରଶେଖର ଶତପଥୀ, କୋଷାଧ୍ୟକ୍ଷ ରୋହିତ ମହାନନ୍ଦିଆ, ସଦସ୍ୟ ସଞ୍ଜୟ ପ୍ରଧାନ, ଅଶ୍ୱିନୀ କୁମାର ଶାସନୀ, ରାଜେଶ ତନ୍ତୀ, ବିଶ୍ୱଜିତ ଜେନା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ପ୍ରଥମ ବର୍ଷ ୧୩, ଦ୍ୱିତୀୟ ବର୍ଷ ୮ ଶହୀଦଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା ବେଳେ ଚଳିତ ବର୍ଷ ୬ ପରିବାରକୁ ସମ୍ମାନିତ କରାଯାଇଥିଲା।

# ଉଷ୍ଟୁ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ରାଉରକେଲା, ୧୫।୨(ସଙ୍ଗୀତା ଜେନା)

ରାଉରକେଲା ୟଙ୍ଗମ୍ୟାନ୍ ଆସୋସିଏଶନ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସଭା ଶୁକ୍ରବାର ସନ୍ଧ୍ୟା ୮ଟାରେ ଅନୁଷ୍ଠିତ ହୋଇଯାଇଛି। ନିକଟ ଅତୀତରେ ରାଉରକେଲା ଉଷ୍ଟୁ ପ୍ରତିଯୋଗୀ ସୁଶ୍ରୀ ରିୟା ଠାକୁର ଉତ୍ତରାଖଣ୍ଡଠାରେ ରାଷ୍ଟ୍ରୀୟ ଖେଳରେ ଭାଗନେଇ କାଂସ୍ୟ ପଦକୁ ହାସଲ କରିଥିଲେ। ଏ ନେଇ ଠାକୁରଙ୍କୁ ଜିଲା ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ସଭାରେ ରିୟାଙ୍କ କୋଚ୍ ସୁଜନ୍ ରଥ ଓ ଟିକା ବାହାଦୁରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରିୟାଙ୍କ ସଫଳତା ନେଇ ସାଇକେଲ କୋଚ୍ ଗୋପୀନାଥ ପଣ୍ଡା, ଭାରୋତ୍ତୋଳନ କୋଚ୍ ବିକ୍ରମ ସ୍ୱାଇଁ, ବାସୁଦେବ ବାନାର୍ଜୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଆର୍‌ୱାଇଏମ୍‌ଏର ରବିନ୍ଦ୍ର ଗଣ୍ଡ, ଅରବିନ୍ଦ ନାୟକଙ୍କ ସମେତ ଅନ୍ୟମାନେ ରିୟାଙ୍କୁ ଉତ୍ସାହିତ କରିଥିଲେ।

# ନାଟକ ‘ପଞ୍ଚମ ବେଦ’ ମଞ୍ଚସ୍ଥ

ରାଉରକେଲା, ୧୫।୨
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ନାଟ୍ୟାନୁଷ୍ଠାନ ‘ସମ୍ପର୍କ’ ପକ୍ଷରୁ ସ୍ଥାନୀୟ ମ୍ୟୁଜିକ ସର୍କଲ ପ୍ରେକ୍ଷାଳୟରେ ଶନିବାର ପୂର୍ବାହ୍ନ ୧୦ଟାରେ ନାଟକ ‘ପଞ୍ଚମବେଦ’ ମଞ୍ଚସ୍ଥ ହୋଇଯାଇଛି। ନାଟକର ରଚୟିତା ଓ ନିର୍ଦ୍ଦେଶକ ହେଉଛନ୍ତି ବରିଷ୍ଠ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର। ଏହାକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଦୀପ ଗୁରୁବାରା। ସସ୍ମିତା ବେକ୍ ନାଟକର ସଂଯୋଜନା କରିଥିବାବେଳେ ପ୍ରଳୟ ଶତପଥୀ ମଞ୍ଚସଜ୍ଜା, ହରି ବଳ ରୂପସଜ୍ଜା, ବିଶ୍ୱଜିତ ଦାଶ ଶବ୍ଦ ସଂଯୋଜନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅଭିନୟରେ ଭାସ୍କର ଚନ୍ଦ୍ର ମହାପାତ୍ର, ମୁରଲୀଧର ଦାଶ, ସୁରେନ୍ଦ୍ର କୁମାର ପାଢୀ, ବିବେକାନନ୍ଦ ଦାଶ, ପ୍ରଳୟ ଶତପଥୀ, ସୁଦେଷ୍ଣାରାଣୀ ରାଉତ, ପୁଷ୍ପଲତା ବିଶୋଇ ଓ ଶ୍ରେୟାଂଶୀ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ଶ୍ରୀଜଗନ୍ନାଥ, ମା’ ବିମଳା ମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ


ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ହୋମଯଜ୍ଞ କରାଯାଉଛି।

ରାଉରକେଲା, ୧୫।୨(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କମିଟି ହରିପୁର ବସ୍ତି ପକ୍ଷରୁ ଶ୍ରୀଜଗନ୍ନାଥ ଓ ମା’ ବିମଳା ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ସୂର୍ଯ୍ୟନାରାୟଣ ରଥ ଶର୍ମା ମୁଖ୍ୟ ପୂଜକ ଭାବେ ଯୋଗ ଦେଇଥିଲେ। ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବମଣ୍ଡଳୀ ବିଧିପୂଜା କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ବେଦବ୍ୟାସ ତ୍ରିବେଣୀ ସଙ୍ଗମରୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଏକ ହୋମଯଜ୍ଞ କରାଯାଇଥିଲା। ପୁରୀରୁ ଆସିଥିବା ୧୫ ଜଣ ପଣ୍ଡିତ ହୋମଯଜ୍ଞ ପରିଚାଳନା କରିଥିଲେ। ଏଥିରେ କମ୍ଳେଶ୍ୱର ସାହୁ ଓ ଜୟନ୍ତୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟା ସମୟରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚକ ମନୋଜ ପ୍ରଧାନ ଶ୍ରୀଜଗନ୍ନାଥଙ୍କ କଥାମୃତ ଉପରେ ପ୍ରବଚନ ପ୍ରଦାନ କରିଥିଲେ।

# ଆର୍‌ଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ ସମ୍ମାନିତ

ରାଉରକେଲା, ୧୫।୨
(ବିପ୍ଲବ ରଞ୍ଜନ ଦାଶ)

ଆରଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ ବିଭାଗ) ସୁଦୀପପାଲ ଚୌଧୁରୀଙ୍କୁ ଇଲେକ୍ଟ୍ରୋନିକ୍ସ ଏବଂ ଟେଲି କମ୍ୟୁନିକେଶନ ଇଞ୍ଜିନିୟରମାନଙ୍କ ୩୯ତମ ଜାତୀୟ ସମ୍ମିଳନୀରେ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ(ଭାରତ) ପକ୍ଷରୁ ସମ୍ମାନୀତ କରାଯାଇଛି। ଇଣ୍ଟରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଉପରେ ଜାତୀୟ ସମ୍ମିଳନୀ ଅନ୍ତର୍ଭୁକ୍ତ ଏହି କାର୍ଯ୍ୟକ୍ରମ ରାଉରକେଲା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରେ ଅନୁଷ୍ଠିତ ହୋଇଥିଲା। ପାଲ ଚୌଧୁରୀଙ୍କୁ ଇଞ୍ଜିନିୟରିଂ ଏବଂ ପ୍ରୋଜେକ୍ଟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ତିନି ଦଶନ୍ଧିରୁ ଅଧିକ ସମୟ ବିଶିଷ୍ଟ କ୍ୟାରିୟର ସହିତ ପାଲ ଚୌଧୁରୀ ଇସ୍ପାତ କ୍ଷେତ୍ରରେ ପ୍ରମୁଖ ଶିଳ୍ପ ପ୍ରକଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଆଗେଇ ନେବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ନେତୃତ୍ୱ ଏବଂ ବିଶେଷଜ୍ଞତା ଆରଏସ୍‌ପିରେ ଅନେକ ରଣନୈତିକ ପଦକ୍ଷେପର ସଫଳ କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବାସନ୍ତୀ ଫାଇଟର୍ସ ବିଜୟୀ

ରାଉରକେଲା, ୧୫।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ଫାଇଟର୍ସ କ୍ଲବ ପକ୍ଷରୁ ପ୍ରଥମ ସୌମ୍ୟଜିତ ମେମୋରିଆଲ ଟି-୧୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମୁଖ୍ୟ ଅତିଥି, ଆଇନଜୀବୀ ଶୁବେନ୍ଦୁ ଧଳ, ପ୍ରକାଶ ପାଶୱାନ, ରିଙ୍କୁ ସାମଲ, ନୀଳମଣି ସାହୁ, କାଞ୍ଚନବାଳା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଲ୍‌ଆଇସି କ୍ରିକେଟ୍ କ୍ଲବ ଓ ବାସନ୍ତୀ ଫାଇଟର୍ସ ‘ଏ’ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବାସନ୍ତୀ ଫାଇଟର୍ସ ‘ଏ’ ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ଏଲ୍‌ଆଇସି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଞ୍ଜୀପ ବାରିକ ୧୮ ବଲ ଖେଳି ସର୍ବାଧିକ ୩୪ ରନ କରିଥିଲେ। ଜବାବରେ ବାସନ୍ତୀ ଫାଇଟର୍ସ ଦଳ ୧୨ ଓଭରରେ ୬ ଉଇକେଟ ହରାଇ ୧୩୭ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜଗନ୍ନାଥ ଦଳେଇ ମାତ୍ର ୨୬ ବଲ ଖେଳି ସର୍ବାଧିକ ୯୨ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ରଞ୍ଜନ ମହାପାତ୍ର ଓ ଜଗଦୀଶ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ମନୋଜ କୁମାର ବିଶ୍ୱାଳ ଓ ଜ୍ୟୋତିରଞ୍ଜନ ସେଠୀ ରନ ତଦାରଖ କରିଥିଲେ। ସନ୍ତୋଷ ବେହେରା, ନିତେଶ ସାହୁ, ଦୀପକ ଶର୍ମା, ଅନନ୍ତ କୁମାର ବାରିକ, ବିଭୂତି ଭୂଷଣ ମହାକୁଡ, ରାକେଶ ମହାରଣା, ଦେବାଶିଷ ରଥ, ଅନିରୁଦ୍ଧ ନାୟକ, ଅମିତ ପାଲ, ସୁବ୍ରତ ଲେଙ୍କା, ସତ୍ୟମ୍ ସିଂ, ସୌରଭ ମହାନ୍ତି, ଆକାଶ ଶର୍ମା, ସାଗର ସିଂ ପ୍ରମୁଖ ସହଯୋଗ କରିଥିଲେ।


ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ପ୍ରଦୂଷଣମୁକ୍ତ ହୋଇପାରୁନି ନଦୀ, ବସ୍ତି ଅଞ୍ଚଳ

ରାଉରକେଲା, ୧୫।୨
(ବିପ୍ଲବ ରଞ୍ଜନ ଦାଶ)

## ଡ୍ରେନେଜ ବ୍ୟବସ୍ଥାର ସୁଦୃଢୀକରଣ ହେଉନି

ରାଉରକେଲା ସହରରେ ବର୍ଷ ବର୍ଷ ଧରି ଡ୍ରେନେଜ ବ୍ୟବସ୍ଥା ସୁଦୃଢ଼ ହୋଇପାରିନାହିଁ। ସହରର ବର୍ଜ୍ୟଜଳ ସିଧାସଳଖ ବ୍ରାହ୍ମଣୀ ନଦୀକୁ ଯାଉଥିବାରୁ ଏହାର ଜଳ ପ୍ରଦୂଷଣ ହେଉଛି। ସେହିପରି ଅସଜଡ଼ା ଡ୍ରେନେଜ ଯୋଗୁ ରାଉରକେଲା ସହରର ବସ୍ତି ଅଞ୍ଚଳ ମଧ୍ୟ ପ୍ରଦୂଷଣମୁକ୍ତ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି।

ରାଉରକେଲା ସହରର ସହରର ବସ୍ତି ଅଞ୍ଚଳରେ ରହିଥିବା କ୍ଷୁଦ୍ର ଡ୍ରେନ ବା ନାଳାଗୁଡିକର ପୁନରୁଦ୍ଧାର ହେଉ ନ ଥିବା ଯୋଗୁ ପ୍ରଦୂଷଣ ବୃଦ୍ଧି ପାଇଛି। ସ୍ମାର୍ଟସିଟି ତରଫରୁ ଚାଲିଥିବା ବୃହତ୍ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଆଜିକୁ ୩ବର୍ଷ ହେଲା ଶେଷ ହେବାର ନାଁ ଧରୁନାହିଁ। ଫଳରେ ଗଙ୍ଗାଧରପାଲ୍ଲୀ ଆଇଟିଆଇ କଲୋନି ଓପନ ଡ୍ରେନରେ ଅଳିଆ ଓ ବିଷାକ୍ତ ଦ୍ରବ୍ୟଯୁକ୍ତ ପାଣି ବ୍ରାହ୍ମଣୀ ନଦୀରେ ପଡୁଛି। ଏଥିଯୋଗୁ ଦିନକୁ ଦିନ ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷିତ ଏବଂ ବିଷାକ୍ତ ହେବାରେ ଲାଗିଛି। ଏହାଦ୍ୱାରା ନଦୀର ଜଳଜୀବ, ମତ୍ସ୍ୟଜୀବୀ ଓ ସାଧାରଣ ଲୋକଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି।

ସେହିପରି ରାଉରକେଲା ସହରରୁ ସ୍ୱେରେଜ ଓ ମୁକ୍ତ ଡ୍ରେନେଜ ସିଷ୍ଟମ ମାଧ୍ୟମରେ ଅଳିଆ ପାଣି ବ୍ରାହ୍ମଣୀ ନଦୀକୁ ନିଷ୍କାଷିତ ହେଉଛି। ରାଉରକେଲା ସ୍ୱେରେଜ ବିଭାଗ ପକ୍ଷରୁ ସିଭିଲଟାଉନଶିପ୍, ଛେଣ୍ଡ ଓ ପାନପୋଷର ପ୍ରତି ଘରକୁ ପାଇପ୍ ସଂଯୋଗ କରାଯାଇଛି। ଲୋକମାନଙ୍କ ବର୍ଜ୍ୟପାଣିକୁ ବାଲୁଘାଟସ୍ଥିତ ୪୦ମିଲିୟନ ଲିଟର କ୍ଷମତା ବିଶିଷ୍ଟ ସ୍ୱେରେଜ ଟ୍ରିଟମେଣ୍ଟ ସିଷ୍ଟମ(ଏସ୍‌ଟିପି)ରେ ବିଶୋଧନ କରି ବ୍ରାହ୍ମଣୀ ନଦୀକୁ ଛଡାଯାଉଛି। ଅନ୍ୟପକ୍ଷେ ସିଭିଲଟାଉନଶିପ୍‌ରୁ ବାଲୁଘାଟ ତରେକେରାକୁ ଲମ୍ବିଥିବା ଖୋଲା ଡ୍ରେନର ଅଳିଆ ପାଣି ବିନା ଟ୍ରିଟମେଣ୍ଟରେ ମଧ୍ୟ ବ୍ରାହ୍ମଣୀକୁ ଯାଉଛି। ସହରରେ ମାଳମାଳ ପ୍ରାଇଭେଟ ହସ୍ପିଟାଲ ରହିଥିବା ବେଳେ ସେଥିରୁ ନିଷ୍କାସିତ ପାଣି ବ୍ରାହ୍ମଣୀରେ ମିଶୁଛି। ଫଳରେ ବ୍ରାହ୍ମଣୀ ନଦୀ ପ୍ରଦୂଷିତ ହେବାରେ ଲାଗିଛି। ଏସବୁ ସମସ୍ୟା ପଛରେ ସହରରେ ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା ସୁଦୃଢୀକରଣ ନ ହେବାକୁ ଦାୟୀ କରାଯାଉଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ରାଉରକେଲାର ସ୍ୱେରେଜ ଏବଂ ସ୍ମାର୍ଟସିଟି ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଏ ନେଇ ରାଉରକେଲା ସ୍ୱେରେଜ ସିଷ୍ଟମ ବିଭାଗ ଜେନେରାଲ ମ୍ୟାନେଜର ଡାକୁଆ ବାବୁଙ୍କୁ ପଚାରିବାରୁ ସେ କହିଲେ, ଆମ ବିଭାଗ ପାଇପ୍ ଯୋଗେ ସିଭିଲଟାଉନଶିପ୍, ଛେଣ୍ଡ ଓ ପାନପୋଷ ସମେତ ୭ ହସ୍ପିଟାଲରୁ ନିର୍ଗତ ପ୍ରଦୂଷିତ ପାଣି ଟ୍ରିଟମେଣ୍ଟ ସିଷ୍ଟମରେ ବିଶୋଧନ କରି ନଦୀକୁ ନିଷ୍କାସନ କରୁଛି। ଖୁବଶୀଘ୍ର କୋଏଲ ନଗରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହାସହିତ ଅନ୍ୟ ପ୍ରମୁଖ ସ୍ଥାନ ମାନଙ୍କରେ ମଧ୍ୟ ବ୍ୟବସ୍ଥା ସୁଦୃଢୀକରଣ କରାଯିବ ବୋଲି ବାବୁ କହିଥିଲେ।

**ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ**

କୁଚିଣ୍ଡା,(ବିରଞ୍ଚି ଦର୍କା): ସମ୍ବଲପୁର ଜିଲା କୁଚିଣ୍ଡା ସହର ବାଇପାସ୍ ରାଜପଥ କୁସୁମୀ ଛକ ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। କୁଚିଣ୍ଡା ପୋଲିସ ମୃତଦେହ ଜବତ କରିଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ରାତି ପ୍ରାୟ ୮ଟାରେ ଯୁବକ ଜଣକ ଏକ ଅଜଣା ଗାଡି ଧକ୍କାର ଶିକାର ହୋଇଥିଲେ।



# ଗୋଟିଏ ବ୍ଲକ ଅଧୀନରେ ୨ ଟୋଲପ୍ଲାଜା

ସମ୍ବଲପୁର,୧୫।୨(ପ୍ରମୋଦ ବହିଦାର)



ଟୋଲମୁକ୍ତ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ଜାତୀୟ ରାଜପଥ ସଂଗ୍ରାମ ସମିତି ପ୍ରତିନିଧି।

ସମ୍ବଲପୁର ଜିଲା ହାତୀବାରୀ ନିକଟରେ ସମ୍ବଲପୁର-କଟକ ଜାତୀୟ ରାଜପଥ ୫୫ ନିର୍ମାଣ ସମ୍ପୂର୍ଣ୍ଣ ନ ହେଉଣୁ ଟୋଲ ଆଦାୟ ଆରମ୍ଭ ହୋଇଛି। ଏହାକୁ ବିରୋଧ କରାଯିବା ସହ ଝୁଝୁମୁରା ୫୫ ନମ୍ବର ଜାତୀୟ ରାଜପଥ ସଂଗ୍ରାମ ସମିତି ପକ୍ଷରୁ ଏହି ଟୋଲ ପ୍ଲାଜାରେ ସମ୍ବଲପୁର ନମ୍ବର ଥିବା ସମସ୍ତ ଗାଡ଼ିକୁ ଟୋଲ ଫ୍ରି କରିବାକୁ ଦାବି କରାଯାଇଛି। ସଂଗ୍ରାମ ସମିତିର ସମ୍ପାଦକ ଅରୁଣ ଦେହୁରୀଙ୍କ ନେତୃତ୍ୱରେ ସମିତିର ଏକ ପ୍ରନିନିଧିଦଳ ଶନିବାର ପୂର୍ବାହ୍ନରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରି ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂଗ୍ରାମ ସମିତିର ସମ୍ପାଦକ ଦେହୁରୀଙ୍କ ପକ୍ଷରୁ କୁହାଯାଇଛି, ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଅଞ୍ଚଳରେ ଦୁଇଟି ଟୋଲପ୍ଲାଜା ରହିଛି। ଯଦ୍ୱାରା ଏହି ବ୍ଲକ ଅଧିନସ୍ଥ ଅଞ୍ଚଳର ଲୋକେ ହନ୍ତସନ୍ତ ହେବା ସହ ବିଶେଷ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ଝୁଝୁମୁରା ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ-୫୩ରେ ନିଲଡୁଙ୍ଗୁରି ଓ ଜାତୀୟ ରାଜପଥ-୫୫ରେ ହାତୀବାରୀଠାରେ ଟୋଲପ୍ଲାଜା ରହିଛି। ଅପରପକ୍ଷରେ ଉକ୍ତ ଜାତୀୟ ରାଜପଥ ଦ୍ୱୟର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମଧ୍ୟ ହୋଇନାହିଁ। ଏପରିକି ନିୟମ ବା ଜାତୀୟ ରାଜପଥ ଗାଇଡ୍ ଲାଇନ ଅନୁସାରେ ଉଭୟ ଟୋଲ ପ୍ଲାଜାରେ ଶୌଚାଳୟ, ପ୍ରାଥମିକ ଚିକିତ୍ସା ପାଇଁ ସୁବିଧା, ପାନୀୟ ଜଳ ବା ଅଗ୍ନି ନିର୍ବାପକ ସାମଗ୍ରୀ ମଧ୍ୟ ନ ଥାଇ ଟୋଲ ଶୁଳ୍କ ଆଦାୟ ଆରମ୍ଭ ହୋଇଯାଇଛି। ନିୟମିତ ଭାବେ ଆଖପାଖର ଲୋକେ ଗାଡ଼ିରେ ଯାତାୟତ କରିଥାଆନ୍ତି। ବରଗଡ଼ ଜିଲା ଭଳି ସମ୍ବଲପୁର ଜିଲାରେ ପଞ୍ଜିକରଣ ହୋଇଥିବା ଓଡି ୧୫ ନମ୍ବର ଥିବା ସମସ୍ତ ଭାରି ଓ ଚାରିଚକିଆ ଯାନକୁ ଟୋଲମୁକ୍ତ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ଉଭୟ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଦାବି କରାଯାଇଛି। ଏପରିକି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରିବାକୁ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଗ୍ରାମ ସମିତିର ଏକ ପ୍ରତିନିଧି ଦଳ ଜିଲାପାଳ

**ଜାତୀୟ ରାଜପଥରେ ସ୍ଥାନୀୟ ଗାଡ଼ିକୁ ଟୋଲ ଫ୍ରି କରିବାକୁ ଦାବି**

ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ। ଏହାକୁ ନେଇ ନିଜ ପ୍ରତିକ୍ରିୟାରେ ଜିଲାପାଳ ବୋନ୍ଦର କହିଛନ୍ତି, ତାଙ୍କ ନିକଟରେ ଥିବା ସୂଚନା ଅନୁସାରେ ଟୋଲ ପ୍ଲାଜାର ୨୦ କିଲୋମିଟର ପରିସୀମା ମଧ୍ୟରେ ଥିବା ଗାଡ଼ିଗୁଡ଼ିକୁ ଟୋଲ ମୁକ୍ତ କରାଯାଇ ନ ଥିଲେ ମଧ୍ୟ ମାସିକ ୩୪୦ ଟଙ୍କାରେ ଗୋଟିଏ ଲେଖାଏଁ ପାସ ଯୋଗାଇ ଦିଆଯିବା କଥା। ତେବେ ଏସମ୍ପର୍କରେ ସେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ(ପିଡି)ଙ୍କ ସହ ଆଲୋଚନା କରିବେ। ସଂଗ୍ରାମ ସମିତି ସଭାପତି ଅଶୋକ ପ୍ରଧାନ, ଉପସଭାପତି ସୁରେଶ ପ୍ରଧାନ, ସହ ସମ୍ପାଦକ ପ୍ରଫୁଲ୍ଲ ମିର୍ଦ୍ଧା, କୋଷାଧ୍ୟକ୍ଷ କୁଳଧର ପ୍ରଧାନ ଓ ପରାମର୍ଶଦାତା ଦେବେନ୍ଦ୍ର ମହାପାତ୍ର ଜିଲାପାଳଙ୍କ ସହିତ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

# ପରିବେଶ ସୁରକ୍ଷାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକ ସମାରୋହରେ କୃତୀ ପ୍ରତିଯୋଗୀଙ୍କ ସହ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୧୫।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଯୁବ ତଥା ସବୁଜ ବାହିନୀର ବାର୍ଷିକ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସମ୍ମାନର ଆୟୋଜନ କରାଯାଇଥିଲା। ଏଥିରେ ଜାତୀୟ ଯୁବ ତଥା ସବୁଜ ବାହିନୀ ସଦସ୍ୟ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ପାଇଁ ଯୁବପୀଢ଼ିର ଦାୟିତ୍ୱ ଆଧାରିତ ଭିତ୍ତିପତ୍ର ଉପସ୍ଥାପନ କରି ଆଲୋଚନା କରିଥିଲେ । ଏଥିରେ ବରିଷ୍ଠ ବିଭାଗରେ ରୁଦ୍ରାଂଶୁ ପରିଡ଼ା, ପ୍ରିୟାଂଶା ପ୍ରଧାନ ଓ ତୃଷ୍ଣା ତୁଷାରିକା ବାରିକ ଏବଂ କନିଷ୍ଠ ବିଭାଗରେ ଚାନ୍ଦିନୀ ଶର୍ମା, ପାୟଲ ସିଂ ଓ ପ୍ରିୟା ଯାଦବ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ

**ଜାତୀୟ ଯୁବ ତଥା ସବୁଜ ବାହିନୀର ବାର୍ଷିକ ସମାରୋହ**

ଅବସରପ୍ରାପ୍ତ ଶିକ୍ଷକ ଉଦୀତ ଚନ୍ଦ୍ର ପାଟଯୋଶୀ ଯୋଗଦାନ କରି ପରିବେଷ ସୁରକ୍ଷା ନେଇ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା ଦିଗରେ ଯୁବପିଢିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଂପାନର ବିଚାରକଭାବେ ଶିକ୍ଷକ ତନୟ କୁମାର ପ୍ରଧାନ, ଜ୍ଞାନେଶ୍ୱର କର ଓ ଶିକ୍ଷୟିତ୍ରୀ ସୁନୀତି ଧର କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ,ଜୟନ୍ତୀ ହୋତା, ଅପର୍ଣ୍ଣା ପଣ୍ଡା, ଶିକ୍ଷକ ପ୍ରଦୀପ କୁମାର ସାହୁ, ଭୋଲାନାଥ ବିଷୋୟୀ ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୫।୨(ପ୍ରମୋଦ ବହିଦାର)

ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ(ଏନ୍ଏସ୍‌ସିବି) ପରିସରରେ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଯୋଗିତାରେ ମହାବିଦ୍ୟାଳୟ ଏନ୍ଏସ୍ଏସ୍ ଶାଖା, ମନସ୍ତତ୍ତ୍ୱ ବିଭାଗ ଓ ନମଃ ଫାଉଣ୍ଡେଶନ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନମଃ ଫାଉଣ୍ଡେଶନର ଧୀରେନ୍ଦ୍ର କୁମାର ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ସୁନିଲ ମାଝୀ ଯୋଗ ଦେଇଥିଲେ। ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ସନ୍ଧ୍ୟାରାଣୀ କୁଅଁର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ଇତିହାସ ବିଭାଗ ମୁଖ୍ୟ ଦୁର୍ଲଭ କୁମାର ସା ଓ ଇଂଲିଶ ବିଭାଗ ମୁଖ୍ୟ ଡ. ହରିହର ମଲ୍ଲିକ ନିଶାର କୁପ୍ରଭାବ ଓ ଏହାର ନିରାକରଣ ନିମନ୍ତେ ବିଭିନ୍ନ ପଦକ୍ଷେପ ଓ ଉପାୟ ଉପରେ ଆଲୋଚନା କରିଥିଲେ। ଏନ୍ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଶିବାଲି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳ ବିଭାଜିକା ଯାତ୍ରା ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପଜିଲାପାଳ ଗୌରବମୟ ପ୍ରଧାନଙ୍କ ସହ ଅନ୍ୟମାନେ।

କୁଚିଣ୍ଡା,୧୫।୨(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଶନିବାର କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କୁଚିଣ୍ଡା ବ୍ଲକର ଉନସନାଡିହି ଓ ଗୋଛରାରେ ଜଳ ବିଭାଜିକା ଯାତ୍ରା ଓ ଲୋକାର୍ପଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବୁର୍ଲା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଳ ବିଭାଜିକା ଯାତ୍ରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଜଳବିଭାଜିକା ଓ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଚାଷୀମାନେ ଉପକୃତ ହେବାସହ ଜୀବିକା ଉନ୍ନତିକରଣ ହୋଇପାରିବ। କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ମନ୍ତ୍ରୀ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ଟାଇଁସର ସରପଞ୍ଚ ରାଜେନ୍ଦ୍ର କିଷାନ, ଗୋଛରା ସରପଞ୍ଚ ଥନେଶ୍ୱର ନାଏକ, ବାଙ୍କେ ସମିତି ସଭ୍ୟ ସମୀର କଉଡି, ଟାଇଁସର ସମିତି ସଭ୍ୟ ଖଗେଶ୍ୱର କିଷାନ, ଆକାଶବାଣୀ କଳାକାର ସୁରଥ ଚନ୍ଦ୍ର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଳୟ ବେହେରା ସଭା ପରିଚାଳନା କରିଥିଲେ। ଏଥିରେ ତେଲିତିଲେଇମାଲ, ଟାଇଁସର, କୁନ୍ତରା, ବାଙ୍କେ ଓ ଗୋଛରା ପଞ୍ଚାୟତ ଅଧିନ ଜଳବିଭାଜିକା କମିଟି କର୍ମକର୍ତ୍ତାଙ୍କ ସହ ହିତାଧିକାରୀମାନେ ଯୋଗଦେଇଥିଲେ। ପରେ ମୁଖ୍ୟଅତିଥି ଉପଜିଲାପାଳ ପ୍ରଧାନ ଜଳବିଭାଜିକା ସଚେତନତା ଭ୍ରାମ୍ୟମାଣ ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ହୋଇଥିବା ସାଧାରଣଜ୍ଞାନ ପରୀକ୍ଷାର କୃତୀ ଛାତ୍ରୀଛାତ୍ର ଓ ଜଳବିଭାଜିକା ଯୋଦ୍ଧାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଏସ୍ଏଚ୍‌ଜି ମାନଙ୍କ ଦ୍ୱାରା ବିଭିନ୍ନ ଉତ୍ପାଦିତ ସାମଗ୍ରୀ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ କୁଚିଣ୍ଡା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶିକା ସତ୍ୟଭାମା ଧାନ, ବ୍ଲକ କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ସହକାରୀ କୃଷି ଅଧିକାରୀ ସସ୍ମିତା କିରୋ, ସହକାରୀ ମୁଖ୍ୟ ଅଧିକାରୀ କୋଶଲ୍ୟା ରୋହିଦାସ, କୁଚିଣ୍ଡା ଗୋଷ୍ଠୀ ପ୍ରାଣୀଧନ ଅଧିକାରୀ ଅବିନାଶ ପ୍ରଧାନ ଉପସ୍ଥିତ ରହି ବିଭାଗୀୟ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଥିଲେ। କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗର ପିଆଇ ସୁଦୀପ୍ତ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସଚେତନତାଭିତ୍ତିକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା।

## ବିଦ୍ୟାଳୟରେ ତାଲା, ଗେଟ୍ ବାହାରେ ଛାତ୍ରୀଛାତ୍ର

ସମ୍ବଲପୁର,୧୫।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଭାଡିମରା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଶିକ୍ଷକ ନିଯୁକ୍ତି ଦାବି କରି ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ବିଦ୍ୟାଳୟରେ ଶିକ୍ଷକ ଅଭାବ କାରଣରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଦାବି ପରେ ବି ଶିକ୍ଷକ ନିଯୁକ୍ତି ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବିଦ୍ୟାଳୟରେ ଅଭିଭାବକମାନେ ତାଲା ପକାଇ ପ୍ରତିବାଦ କରିଥିଲେ। ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାହାରେ ପାଠ ପଢୁଥିବା ଦେଖିବାକୁ ମିଳିଥିଲା । ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଆନ୍ତଜିଲା ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ସମ୍ବଲପୁର,୧୫।୨(ଭବାନୀ ଶଙ୍କର ଭୋଇ)

ଜିଲା ବର୍ଷିଆନ କ୍ରୀଡା ସଂଘ ସମ୍ବଲପୁର ଆନୁକୂଲ୍ୟରେ ଦ୍ୱିତିୟ ବିଜୟ ବାହାଦୂର ସିଂହ ଓ ଭୀମସେନ ଛତର ପଶ୍ଚିମ ଓଡ଼ିଶା ଆନ୍ତଜିଲା ଫୁଟବଲ ପ୍ରତିଯୋଗିତା ଶନିବାର ଉଦଘାଟିତ ହୋଇଯାଇଛି । ସଂଘ ସଭାପତି ଗୋକୁଳ ଚନ୍ଦ୍ର ଦର୍ଜିଙ୍କ ସଭାପତିତ୍ୱରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡା ସଂଘ ସମ୍ପାଦକ ସୁନିଲ କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ଏବଂ ସଂଘ ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ମୋହନ ପୁରୋହିତ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ଫୁଟବଲ ଖେଳାଳି ରଞ୍ଜିତ କୁମାର ରାଉତଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ସମ୍ବଲପୁର ଏକାଦଶ ୫-୦ ଗୋଲରେ ବୌଦ୍ଧ ଏକାଦଶକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲା।

# ନୂତନ ଶିକ୍ଷାନୀତି ସଫଳ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ ଓ ଅତିଥି।

ପଡିଆବାହାଲ,୧୫।୨(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକର ୧୮ଟି ହାଇସ୍କୁଲପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଚଉଦ ତମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆୟୋଜକ ପଧାନପାଲି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୁଲେନ୍ଦୁ କୁମାର ସାହୁ ବୈଠକର ଉଦ୍ଦେଶ୍ୟ ଉପରେ ସୂଚନା ଦେଇ ଶିକ୍ଷାର ଉନ୍ନତି ନିମନ୍ତେ ଶିକ୍ଷକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଜୟରାମ ଖମାରି ଗତ ବୈଠକର ବିବରଣୀ ଉପରେ ନିଆଯାଇଥିବା ପଦକ୍ଷେପ ଉପରେ କହିଥିଲେ। ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡରେ ପ୍ରଭେଦ ଥିଲେ ସଂଶୋଧନ କରାଇ ଆପାର ଆଇଡି ସୃଷ୍ଟି ପାଇଁ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପାତ୍ର, ଶିକ୍ଷକ ନିର୍ମଳ ଚରଣ ଭୋଇ, ମୁଖ୍ୟ ଅତିଥି

**ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ**

ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ମିଶ୍ର, ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ ନୂତନ ଶିକ୍ଷାନୀତି ଅନ୍ତର୍ଗତ ଜିଜ୍ଞାସା, ଆକାଂକ୍ଷା, ମୁଖ୍ୟମନ୍ତ୍ରୀ ପୁରସ୍କାର ଯୋଜନା, ଗଣିତ, ଭାଷାଜ୍ଞାନ ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଉନ୍ନତି ନିମନ୍ତେ ଏଲଇପି ଉତ୍କର୍ଷ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବିଇଓ ଉଜାଗର ପ୍ରଧାନ ବ୍ଲକ ଅଞ୍ଚଳରେ ଖୋଲିବାକୁ ଥିବା ତିନୋଟି ଗୋଦାବରୀଶ ମିଶ୍ର ମଡେଲ ସ୍କୁଲ ଓ ପରୀକ୍ଷା କେନ୍ଦ୍ର ଉପରେ ବୈଠକରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍କୁଲରେ ସମ୍ମୁଖୀନ ହେଉଥିବା ଅସୁବିଧା ଉପସ୍ଥାପନ କରି ପ୍ରତିକାର ଦାବି କରିଥିଲେ । ଆଶୁ ସମାଧାନ ପାଇଁ ବିଇଓ ଏବଂ ବିଡ଼ିଓ ପ୍ରତି ମାସିକ ବୈଠକରେ ନିଜେ କିମ୍ବା ପ୍ରତିନିଧି ପଠାଇ ଉପସ୍ଥିତ ରହିବାକୁ ଶିକ୍ଷକ ଲୁଲେନ୍ଦୁ ସାହୁ ମତ ରଖିଥିଲେ ।

# ପ୍ରଧାନଶିକ୍ଷକ ସମ୍ମିଳନୀ ଶୈକ୍ଷିକ ବିକାଶରେ ସହାୟକ ହେବ

ସମ୍ବଲପୁର, ୧୫।୨(ପ୍ରମୋଦ ବହିଦାର)



ପ୍ରଧାନଶିକ୍ଷକ ସମ୍ମିଳନୀରେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ।

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ବଡେମୁରାସ୍ଥିତ ଗୋକୁଳାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାସିକ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକୀର ଚରଣ ପ୍ରଧାନ ଏଭଳି ବୈଠକ ଶୈକ୍ଷିକ ବିକାଶରେ ସହାୟକ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ବଳାରଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବୈଠକରେ ଶିକ୍ଷାର ଉତ୍କର୍ଷତା, ଅପାର ଆଇଡି ପ୍ରସ୍ତୁତି, ଖାନ୍ ଏକାଡେମୀ ଗଣିତ ଅଭିବୃଦ୍ଧି ଯୋଜନା, ପଞ୍ଚସଖା ସେତୁ ଅଭିଯାନ ଅନ୍ତର୍ଗତ ବିଭିନ୍ନ ଯୋଜନା, ମୁକ୍ତ ବିଦ୍ୟାଳୟରେ ନାମଲେଖା, ସମଗ୍ର ଶିକ୍ଷା ଯୋଜନାରେ ଆର୍ଥିକ ଅନୁଦାନର ସୁବିନିଯୋଗ ଉପରେ ବିସ୍ତୃତ ଭାବେ ଆଲୋଚନା ହେଇଥିଲା। ଆଲୋଚନାରେ ୧୯ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରାକେଶ କୁମାର ସାହୁ, ଶିକ୍ଷୟିତ୍ରୀ ରିଙ୍କି ଭୋଇଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ବୈଠକ ଆୟୋଜନରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ସମ୍ପତ୍ତି

ସମ୍ବଲପୁର,୧୫।୨(ଭବାନୀ ଶଙ୍କର ଭୋଇ)

**ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କବରାପାଲି ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପରୀକ୍ଷା ନେଇ ବିଦ୍ୟାଳୟ ପକ୍ଷରୁ ଶୁଭକାମନା ଜଣାଯାଇଥିଲା। ପରୀକ୍ଷାରେ କେଉଁ ସବୁ ବିଷୟ ପ୍ରତି ଧ୍ୟାନ ଦେବାକୁ ହେ ସେ ବିଷୟରେ ଶିକ୍ଷୟିତ୍ରୀଶିକ୍ଷକ ମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ପ୍ରଶ୍ନକୁ ଠିକ୍ ଭାବରେ ବୁଝିବା ପରେ ତାର ଯଥାର୍ଥ ଉତ୍ତର ଗୁଡିକୁ ଲେଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ବେହେରା ବକ୍ତବ୍ୟ ରଖି କହିଥିଲେ, ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ସମ୍ପତ୍ତି। ସେମାନଙ୍କର ପ୍ରତିଭାର ଉପଯୋଗ ବିଦ୍ୟାଳୟ ପାଇଁ ଗୌରବର ବିଷୟ। ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀର ପରୀକ୍ଷାର୍ଥୀମାନଙ୍କ ପାଇଁ ମଙ୍ଗଳ କାମନା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ସ୍ମୃତିମୟୀ ଦାସ, ଶୁଭ୍ରକାନ୍ତି ନାଥ, ମମତା କୁମାରୀ ପ୍ରସାଦ, ମୌସୁମୀ ଦେବୀ, ଶିକ୍ଷକ ବିଜୟ କୁମାର କିସାନ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।



ବିଦାୟ ସମ୍ବର୍ଦ୍ଧନା ସଭାରେ ଦଶମଶ୍ରେଣୀ ଛାତ୍ରୀଛାତ୍ର।

# ବିଫଳତା ହିଁ ସଫଳତାର ଚାବିକାଠି

କୁଚିଣ୍ଡା,୧୫।୨(ବିରଞ୍ଚି ଦର୍କା)




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ପତ୍ରାପାଲି ପ୍ରାଥମିକ ସ୍କୁଲ ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପତ୍ରାପାଲି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାଏକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଭଲ ପାଠପଢି ଭବିଷ୍ୟତ ଗଠନ ପାଇଁ ପିଲାଙ୍କୁ ଉତ୍ସାହିତ କରିଥିଲେ। ଖବରଦାତା ବିରଞ୍ଚି ନାରାୟଣ ଦର୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ବିଫଳତା ହିଁ ସଫଳତାର ଚାବିକାଠି ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସୁବାସିନୀ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ମୋହନ ପୃଷେଠ, ବ୍ରଜମୋହନ ଦେହୁରୀ, ଶିକ୍ଷୟିତ୍ରୀ ସୁଜାତା ନାଏକ, ବାସନ୍ତୀ ବାରିକ, ଦେବଗଡ ସମବାୟ ବିଭାଗ ସହକାରୀ ନିବନ୍ଧକ ଭବାନୀ ଶଙ୍କର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭକ୍ତବନ୍ଧୁ ପୃଷେଠ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ସହ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନନ୍ତ କିଷାନ ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ କଲ୍ୟାଣୀ ବାଘ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ନନ୍ଦ, ଭଗବତୀ ମାଝି, ଶିକ୍ଷକ ଲଳିନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଅଟୋଚାଳକଙ୍କ ସହ ଝଗଡ଼ା, ପୂର୍ବତନ ବିଧାୟକ ମୃତ

**ବେଙ୍ଗାଲୁରୁ, ୧୫।୨**

ଜଣେ ଅଟୋଚାଳକଙ୍କ ସହ ଝଗଡ଼ା ଏବଂ ଚାପୁଡ଼ା ମରାମରି ପରେ ଗୋଆର ପୂର୍ବତନ ବିଧାୟକ ଲାଭୋ ସୂରୟାଜୀ ମାମ୍ଲେଦରଙ୍କ ମୃତ୍ୟୁ ଘଟିଛି। କର୍ଣାଟକର ବେଲାଗାଭିରେ ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଘଟିଛି ଏହି ଘଟଣା। ୬୮ ବର୍ଷୀୟ ଲାଭୋ ୨୦୧୨ରେ ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି ଟିକେଟ୍‌ରେ ଗୋଆର ପୋଣ୍ଡା ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପୋଲିସ ଅଭିଯୁକ୍ତ ଅଟୋଚାଳକ ମୁଜାହିଦ୍ ସାନଦିଙ୍କୁ ଗିରଫ କରି ତଦନ୍ତ ଚଳାଇଛି।



ଲାଭୋ ସୂରୟାଜୀ ମାମ୍ଲେଦର

ମିଳିଥିବା ସୂଚନା ଅନୁଯାୟୀ ଲାଭୋ ବେଲାଗାଭିର ଖାଡ଼େ ବଜାରରେ ଥିବା ଶ୍ରୀନିବାସ ଲଜ୍‌ର ରୁମ୍ ବୁକ୍ କରିଥିଲେ। ସେ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ହୋଟେଲ ରୁମ୍‌କୁ ଯିବାବେଳେ ତାଙ୍କ କାର୍ ଅଣଓସାରିଆ ରାସ୍ତାରେ ଅଭିଯୁକ୍ତ ସାନଦିଙ୍କ ଅଟୋକୁ ଧକ୍କା ଦେଇଥିଲା। ଏହାପରେ ଲାଭୋ ଏବଂ ସାନଦିଙ୍କ ମଧ୍ୟରେ ବଚସା ହୋଇଥିଲା। ସିସିଟିଭି ଫୁଟେଜ୍ ତଥ୍ୟ ଅନୁଯାୟୀ, ଲାଭୋ ସାନଦିଙ୍କୁ ଚାପୁଡ଼ା ମାରିଥିଲେ। ସାନଦି ମଧ୍ୟ ଲାଭୋଙ୍କୁ ଚାପୁଡ଼ା ମାରିଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେଉଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ସାନଦି ପୁଣିଥରେ ଲାଭୋଙ୍କୁ ଚାପୁଡ଼ା ମାରିଥିଲେ। ଲୋକଙ୍କ ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ସାନଦି ସେଠାରୁ ପଳାଇ ଯାଇଥିଲେ। ହେଲେ ଲାଭୋ ହୋଟେଲ ରୁମ୍‌କୁ ଯିବା ପାଇଁ ଶିଡ଼ି ଚଢ଼ୁଥିବାବେଳେ ଟଳି ପଡ଼ିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୋଟେଲ ଏବଂ ଘଟଣାସ୍ଥଳର ସିସିଟିଭି ଫୁଟେଜ୍‌କୁ ସ୍ଥାନୀୟ ପୋଲିସ ଯାଞ୍ଚ କରିବା ସହ ତଦନ୍ତ ଆଗକୁ ବଢ଼ାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବେଲାଗାଭି ଡିସିପି ଜଗଦୀଶ ରୋହନ କହିଛନ୍ତି।

୨୦୧୨ରୁ ୨୦୧୭ ଯାଏ ବିଧାୟକ ଥିବା ଲାଭୋ ୨୦୨୨ ଜାନୁୟାରୀରେ କଂଗ୍ରେସରେ ଯୋଗଦେଇଛନ୍ତି। ଏହାପୂର୍ବରୁ ସେ ୩ ମାସ ପାଇଁ ତୃଣମୂଳ କଂଗ୍ରେସର ସଦସ୍ୟ ଥିଲେ।

## ଇଟାଭାଟି ନିକଟରୁ ଯୁବକଙ୍କ ମୃତଦେହ ଜବତ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର

**ରାଇଘର, ୧୫।୨ (କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ବିଜୁ ପଟ୍ଟନାୟକ ମଡର୍ନ ସ୍କୁଲ ପାଖ ଏକ ଇଟାଭାଟି ନିକଟରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ରାଇଘର ବ୍ଲକ୍ ମାରଙ୍ଗପାଲି ଗ୍ରାମର ପବିତ୍ର ହରିଜନ(୨୮)। ମୃତବ୍ୟକ୍ତିଙ୍କ ମୁହଁରେ ଲଙ୍କା ଗୁଣ୍ଡ ଲଗାଯାଇଛି। ଘଟଣାସ୍ଥଳରୁ ମଦ ବୋତଲ ସହ ଲଙ୍କାଗୁଣ୍ଡ ପ୍ୟାକେଟ ମିଳିଛି। ପାରିପାର୍ଶ୍ୱିକ ଅବସ୍ଥା ଦେଖି ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି।

ସୂଚନାନୁଯାୟୀ, ପବିତ୍ର ବାହାରେ ଦାଦନ ଖଟିବାକୁ ଯାଆନ୍ତି। ସେ ପ୍ରାୟ ୨ ମାସ ହେବ ଗାଁକୁ ଫେରିଥିଲେ। ଶୁକ୍ରବାର ସକାଳେ ଘରୁ ବାହାରିଥିଲେ। ସେ ଦିନରେ ମା'ଙ୍କ ସହ ଫୋନ୍‌ରେ କଥା ମଧ୍ୟ ହୋଇଥିଲେ। ଦିନବେଳା ରାଇଘର ହାଟରେ ପବିତ୍ର ବୁଲୁଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। କିନ୍ତୁ ସନ୍ଧ୍ୟାରେ ତାଙ୍କ ମା' ପବିତ୍ରଙ୍କୁ ଫୋନ୍ ଲଗାଇଥିଲେ ମଧ୍ୟ ତାହା ଲାଗି ନ ଥିଲା। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶନିବାର ସକାଳେ କେତେଜଣ ଲୋକ ଇଟାଭାଟି ରାସ୍ତା ଦେଇ ଯାଉଥିବାବେଳେ ପବିତ୍ରଙ୍କ ମୃତଦେହ ଦେଖିଥିଲେ। ସେମାନେ ରାଇଘର ପୋଲିସ ଓ ପବିତ୍ରଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଉମରକୋଟ ଭାରପ୍ରାପ୍ତ ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ରାଇଘର ଥାନାଧିକାରୀ ରଘୁନାଥ ମାଝୀ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପୁଅଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ମା' ରାଇଘର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୩୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ପିଇଓଙ୍କଠାରୁ ୮ଲକ୍ଷ ୫୯ ହଜାର ଲୁଟି ନେଲେ ୬ ଦୁର୍ବୃତ୍ତ

**ବୋରିଗୁମ୍ମା, ୧୫।୨ (ବିଜୟ ସାହୁ)**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ବି.ସିଂହପୁର ଥାନା ଅଞ୍ଚଳରେ ବୋଡିଗାଁ ପିଇଓ ଅର୍ଜୁନ ପାତ୍ରଙ୍କଠାରୁ ଲୁଟ୍ ହୋଇଛି। ରତାଲି-ବୋଡିଗାଁ ରାସ୍ତା ମଝିରେ ଛୁରି ଦେଖାଇ ୬ ଦୁର୍ବୃତ୍ତ ତାଙ୍କଠାରୁ ୮ଲକ୍ଷ ୫୯ ହଜାର ଟଙ୍କା ଲୁଟି ନେଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ସକାଳେ ଅର୍ଜୁନ ବ୍ୟାଙ୍କରୁ ଲୋକଙ୍କ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଉଠାଇ ବାଇକ୍‌ରେ ପଞ୍ଚାୟତକୁ ଯାଉଥିବା ବେଳେ ଲୁଟ୍ ହୋଇଥିଲା। ଦୁର୍ବୃତ୍ତମାନେ ୩ଟି ବାଇକ୍‌ରେ ଆସି ପିଇଓ ଅର୍ଜୁନଙ୍କୁ ଅଟକାଇ ଛୁରିରେ ଆକ୍ରମଣ କରି ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ତାଙ୍କ ମୋବାଇଲ ଛଡାଇ ଦୂରକୁ ଫୋପାଡି ଦେଇଥିଲେ। ଏ ନେଇ ପିଇଓ ପାତ୍ର ବି. ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବଜାରରେ ମାରଣାସ୍ତ୍ରରେ ସ୍ତ୍ରୀଙ୍କୁ ଆକ୍ରମଣ

**ସ୍ୱାମୀଙ୍କୁ ନିସ୍ତୁକ ପିଟିଲେ ଲୋକେ**

**ବାହାନଗା, ୧୫।୨ (ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଜନଗହଳିପୂର୍ଣ୍ଣ ବଜାର ଉପରେ ଶନିବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାରଣାସ୍ତ୍ରରେ ଆକ୍ରମଣ କରି ଗୁରୁତର କରିପକାଇଥିଲେ। ଏଭଳି ଆକ୍ରମଣ ଦେଖି ସ୍ଥାନୀୟ ଲୋକେ ଓ ବ୍ୟବସାୟୀମାନେ ଆକ୍ରମଣକାରୀ ସ୍ୱାମୀଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ।

ନୀଳଗିରି ଥାନା ମଧୁକରଖୁଣ୍ଟା ଗ୍ରାମର କୈଳାସ ଚନ୍ଦ୍ର ନାୟକ ୨୦୧୪ରେ ଜଳଖଟୁଆ ଗ୍ରାମର ରବୀନ୍ଦ୍ର ମହାରଣାଙ୍କ ଝିଅ ସନ୍ଧ୍ୟାରାଣୀଙ୍କୁ ବିବାହ କରିଥିଲେ। କିଛି ବର୍ଷ ପରେ ପାରିବାରିକ କଳହ ପାଇଁ ସାନ୍ଧ୍ୟାରାଣୀ ଶାଶୁ ଘର ଛାଡ଼ି ଆସି ଗୋପାଳପୁରଠାରେ ଥିବା ଏକ ଟ୍ୟୁଟୋରିଆଲରେ ଚାକିରି କରି ରହିଆସୁଛନ୍ତି। ଶନିବାର ତାଙ୍କ ସ୍ୱାମୀ କୈଳାସ ଗୋପାଳପୁର ବଜାରକୁ ଆସିଥିବାବେଳେ ସାନ୍ଧ୍ୟାରାଣୀଙ୍କୁ ଦେଖିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଏହା ପରେ ଉଗ୍ରରୂପ ଧାରଣ କରିଥିଲା। ଫଳରେ ସ୍ୱାମୀ କୈଳାସ ଏକ ମାରଣାସ୍ତ୍ରରେ ସନ୍ଧ୍ୟାରାଣୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ପଡିଥିଲେ ଏହାଦେଖି ସ୍ଥାନୀୟ ଲୋକେ ଓ କିଛି ଦୋକାନୀ ମହିଳାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଖବର ପାଇ ଗୋପାଳପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ଲୋକେ କୈଳାସଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଖନ୍ତାପଡ଼ା ଓ ଗୋପାଳପୁର ଥାନା ଦାୟିତ୍ୱରେ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ମହିଳାଜଣକ ଗୋପାଳପୁର ଥାନାରେ ସ୍ୱାମୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

# ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗଠାରୁ ମୂର୍ତ୍ତି ଉଦ୍ଧାର

- ପୂର୍ବରୁ ଗିରଫ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଘଟଣା ଜଣାପଡ଼ିଲା
- ସୁବର୍ଣ୍ଣପୁର, ବୌଦ୍ଧ ଓ କନ୍ଧମାଳ ଜିଲାର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିଲା



ଖବରଦାତା ସମ୍ମିଳନୀରେ ପୋଲିସ ଜବତ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ କରୁଛି।

**ଅମରପାଲି, ୧୫।୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପୋଲିସ ଏକ ଆନ୍ତଃ ଜିଲା ମୂର୍ତ୍ତି ଲୁଟେରା ଗ୍ୟାଙ୍ଗଠାରୁ ବିପୁଳ ପରିମାଣର ବିରଳ ଧାତୁନିର୍ମିତ ମୂର୍ତ୍ତି, ମନ୍ଦିରର ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଆକ୍ରମଣ କରି ବାଇକ ଓ ଟଙ୍କା ଲୁଟ୍ ଘଟଣାରେ ଗିରଫ ୪ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ପୋଲିସ ମୂର୍ତ୍ତି ଚୋରି ରାକେଟର ପର୍ଦ୍ଦାଫାଶ କରିଛି। ଖୁବ୍‌ଶୀଘ୍ର ଚୋରିରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କୁ ଗିରଫ କରାଯିବ। ଏନେଇ ଶନିବାର ବୀରମହାରାଜପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ, ଗତ ୧୮ ତାରିଖ ବୀରମହାରାଜପୁର ଥାନା ସୁନାପାଲି ନିକଟରେ କେତେକ ଲୁଟେରା ଉଫୁଲା ଗ୍ରାମର କୁବେର କର୍ମୀଙ୍କୁ ଆକ୍ରମଣ କରି ତାଙ୍କ ବାଇକ ସହିତ ଟଙ୍କା ଲୁଟ୍ କରିଥିଲେ। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁହୋଇଥିଲା। ଏହା ସହିତ ସେହି ସମାନ ଦିନରେ କେଉଟିବାହାଲି ଗ୍ରାମର ମନୋରଞ୍ଜନ ବେହେରାଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ଏତଲା ଆଧାରରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ବୀରମହାରାଜପୁର ଥାନା ପଣ୍ଡିଆପାଲିର ମୂଳ ଅଧିବାସୀ ତଥା ବର୍ତ୍ତମାନ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ଖଇରମାଳ(ରକ୍ସା)ର ରଞ୍ଜନ ରାଜହଂସ(୩୯), ତରଭା ଥାନା ଚାରନିପାଲିର ଶିବ ସରଭଙ୍ଗ(୩୭) ଏବଂ ଉକ୍ତ ଥାନା ଅନ୍ତର୍ଗତ ଅର୍ଡ଼ାର ଜୟକୃଷ୍ଣ ବାରିକ(୨୫) ଓ ହରି ବାରିକ(୩୭)ଙ୍କୁ ଗିରଫ କରିଥିଲା। ଏହି ଲୁଟେରାମାନଙ୍କୁ ପୋଲିସ ରିମାଣ୍ଡରେ ଆଣି ଅଧିକ ତଦନ୍ତ ପରେ ମୂର୍ତ୍ତି ଚୋରି ରାକେଟର ପର୍ଦ୍ଦାଫାଶ ହୋଇଛି। ଏସ୍‌ପିଙ୍କ ସୂଚନା ଅନୁଯାୟୀ ପୋଲିସ ଦୁଇଟି ଟିମ୍ ଗଠନ କରିଥିଲା। ସୁବର୍ଣ୍ଣପୁର ଅତିରିକ୍ତ ଅଧୀକ୍ଷକ କେ. ହରିପ୍ରସାଦଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ଜିଲା ଓ ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆଙ୍କ ନେତୃତ୍ୱରେ ଗଠିତ ଟିମ ସବ୍‌ଡିଭିଜନସ୍ତରରେ ତଦନ୍ତ କରିଥିଲା। ଉକ୍ତ ଲୁଟେରା ଗ୍ୟାଙ୍ଗରେ ସମୁଦାୟ ୬ ଜଣ ଥିବା ବେଳେ ଏମାନେ ଦୁଇଟି ଦଳରେ ବିଭକ୍ତ ହେଉଥିଲେ। ଗୋଟିଏ ଦଳ ବିଭିନ୍ନ ମନ୍ଦିରରୁ ଧାତୁ ନିର୍ମିତ ମୂର୍ତ୍ତି, ଅନ୍ୟାନ୍ୟ ସାମଗ୍ରୀ ଓ ବାଇକ ଚୋରି କରୁଥିଲେ। ଅନ୍ୟ ଦଳଟି ବିଭିନ୍ନ ସ୍ଥାନରେ ଲୋକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ କରୁଥିଲା। ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ଜଣ ଏବେ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ସାହୁ କହିଛନ୍ତି। ଲକ୍ଷାଧିକ ଟଙ୍କାର ମୂର୍ତ୍ତି, ୪ଟି ବାଇକ, ୯ଟି ଏଟିଏମ, ୬ଟି ଟାବ୍‌ଲେଟ, ଗୋଟିଏ ସ୍ମାର୍ଟବୋର୍ଡ ଜବତ ହୋଇଛି। ଜବତ ସ୍ମାର୍ଟବୋର୍ଡ ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ୟୁପି ସ୍କୁଲର ହୋଇଥିବା ବେଳେ ତାହା ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଲୁଟେରାମାନେ ରାଜ୍ୟର ବିଭିନ୍ନ ଜିଲାରେ ଲୁଟ୍ କରୁଥିବା ବେଳେ ସେମାନଙ୍କ ନାମରେ ବିଭିନ୍ନ ଥାନାରେ ୩୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର ମୂର୍ତ୍ତିଗୁଡ଼ିକ ମଧ୍ୟରୁ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ର, ଗୋଧନେଶ୍ୱର ଶିବ ମନ୍ଦିର, ବରଗଡ ଜିଲା ଗୋଡଭଗାର ଏକ ମନ୍ଦିର ସହ ବୌଦ୍ଧ ଓ କନ୍ଧମାଳ ଜିଲାର କେତେକ ମନ୍ଦିରର ହୋଇଥିବା ସୂଚନା ଦିଆଯାଇଛି। ଅନ୍ୟ ଜିଲାର ପୋଲିସ ମଧ୍ୟ ଗିରଫ ଲୁଟେରାଙ୍କୁ ରିମାଣ୍ଡରେ ନେବା ପାଇଁ ବୀରମହାରାଜପୁର ଏସ୍‌ଡିଜେଏମ୍‌ଙ୍କ ନିକଟରେ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ. ହରି ପ୍ରସାଦ, ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ଥାନା ଅଧିକାରୀ ଶୋଭାକର ସେଠ ଓ ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

# ମୋ ବସ୍ ଦୁର୍ଘଟଣା ଚିନ୍ତା ବଢ଼ାଇଛି, କ୍ରୁଟ୍‌ର ତଦନ୍ତ

**ଜୀବନ ନେଇଥିବା ଡ୍ରାଇଭର ଗିରଫ**

**ଭୁବନେଶ୍ୱର, ୧୫।୨ (ସୂର୍ଯ୍ୟକାନ୍ତ ବେହେରା)**

ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ପାଇଁ କ୍ରୁଟ୍ ପରିଚାଳିତ 'ମୋ ବସ୍' ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଏଥିପାଇଁ ଜୀବନ ପରେ ଜୀବନ ଯାଉଥିବାରୁ ଚିନ୍ତା ବଢ଼ିଛି। ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡା ଓଭରବ୍ରିଜ୍ ନିକଟ ନିର୍ମାଣାଧୀନ ଫୁଟ୍ ଓଭରବ୍ରିଜ ପାଖରେ ଶୁକ୍ରବାର ରାତିର ଘଟିଥିବା ଛାତିଥରା ଦୁର୍ଘଟଣା ରାଜଧାନୀବାସୀଙ୍କ ସୁରକ୍ଷିତ ଯାତାୟାତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଲୋକଙ୍କ ଉପରକୁ ମୋ ବସ୍ ମାଡ଼ିଯିବାରୁ ନନ୍ଦିନୀ ପ୍ରଧାନ(୫୦) ନାମୀ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଭାଇଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ନନ୍ଦିନୀଙ୍କ ଘର ଫୁଲବାଣୀରେ ହୋଇଥିବା ବେଳେ ସେ କଳିଙ୍ଗବିହାରରେ ରହୁଥିଲେ। ତେବେ ତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜୀବନ ନେଇଥିବା ମୋ ବସ୍ ଚାଳକ ପ୍ରଶାନ୍ତ ଛୋଟରାୟଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏହାସହ ଦୁର୍ଘଟଣା ଘଟାଇଥିବା ମୋ ବସ୍ ଓ ଦୁର୍ଘଟଣାଗ୍ରସ୍ତ ୨ ଗାଡି ଜବତ କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଅନ୍ୟପଟେ ଏହି ଘଟଣାରେ କ୍ରୁଟ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ଡ୍ରାଇଭର ନିଶାସକ୍ତ ଥିଲେ ନା ଆଉ କେଉଁ ଅବସ୍ଥାରେ ଗାଡ଼ି ଚଳାଉଥିଲେ, ଏସବୁ ବିଭିନ୍ନ ଦିଗ ଏବଂ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲିଥିବା ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ନନ୍ଦିନୀ, ମା' ରାଜକୁମାରୀ ଓ ଭାଇ ବିଦ୍ୟାସାଗର ପ୍ରଧାନ ଦୁଇଟି ସ୍କୁଟି ଯୋଗେ ଡିଏନ୍ ରେଗାଲିଆ ନିକଟ ବସ୍ ରହଣି ସ୍ଥଳ ପାଖରେ ବସ୍‌କୁ ଅପେକ୍ଷା କରିଥିଲେ। ସେଠାରେ ଅନ୍ୟଜଣେ ମହିଳା ଆଞ୍ଜେଲିନା ନାୟକ, ସ୍ୱାମୀ ସତ୍ୟବାନ ନାୟକ ଏବଂ ତାଙ୍କ ଡ୍ରାଇଁ ସିକେନ୍ଦ୍ର ପରିଡ଼ା ଛିଡ଼ା ହୋଇଥିଲେ। ଏହି ସମୟରେ ରୁଟ୍ ନଂ.୩୩ (ଭୁବନେଶ୍ୱର ରେଳଷ୍ଟେଶନରୁ ପିପିଲି)ରେ ଚଳାଚଳ କରୁଥିବା ଓଡି୦୨୮ଜେ୯୪୧୦ ନମ୍ବର ବିଶିଷ୍ଟ ମୋ ବସ୍‌ଟି ପାତ୍ରପଡ଼ା ଡିପୋକୁ ଦ୍ରୁତଗତିରେ ଫେରୁଥିବାବେଳେ ସେମାନଙ୍କ ଉପରକୁ ମାଡି ଯାଇଥିଲା। କେତେଜଣଙ୍କୁ ଧକ୍କା ଦେବା ସହ ଆଉ କେତେଜଣଙ୍କ ଉପରେ ଚଢ଼ିଯାଇଥିଲା। ନନ୍ଦିନୀ ଓ ତାଙ୍କ ଭାଇ ବିଦ୍ୟାସାଗରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯିବା ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟମାନଙ୍କୁ ଏମ୍‌ସକୁ ନିଆଯାଇଥିଲା। ହେଲେ ନନ୍ଦିନୀଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ରାସ୍ତାରେ ଆଙ୍ଗୁଠି ମଧ୍ୟ ଛିଡ଼ିକି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ଦୁର୍ଘଟଣା ଘଟାଇବା ପରେ ଅଭିଯୁକ୍ତ ଚାଳକ ପ୍ରଶାନ୍ତ ମୋ ବସ୍ ନେଇ ଖୋର୍ଦ୍ଧା ଅଭିମୁଖେ ଖସି ପଳାଉଥିଲେ। ଏହି ସମୟରେ ରାସ୍ତାରେ ଏକାଧିକ ଗାଡ଼ିକୁ ଧକ୍କା ଦେଇଥିଲା। କେତେଜଣ ଲୋକ ପିଛା କରି ବସ୍‌କୁ ଅଟକାଇବା ସହ ଡ୍ରାଇଭର ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଏଥିସହ ବସ୍ କାଚକୁ ବାଡେଇ ଭାଙ୍ଗି ଦେଇଥିଲେ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡଗର ପଠେଇ ଆଣିବେ ଧରି,**
**ମାଡ଼ ମରେଇବେ ଯନ୍ତାରେ ଭରି।**

ଇଂରେଜ ଶାସନ କାଳରେ ଓଡ଼ିଶାର ପ୍ରଜାଙ୍କ ଅବସ୍ଥା ଦୟନୀୟ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ସେ କାଳରେ ସବୁ ଅନ୍ୟାୟ ଅନୀତିକୁ ଆଖିବୁଜି ସହିଯିବାକୁ ପଡୁଥିଲା। ରାଜା ପିଆଦା ପଠାଇ ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡର କାହାକୁ, ଭୟ କାହାକୁ,**
**ଠାକୁରେ ଅଛନ୍ତି ଚଉବାହାକୁ।**

ଈଶ୍ୱର ସର୍ବତ୍ର ବିଦ୍ୟମାନ। ଈଶ୍ୱରଙ୍କଠାରେ ଆସ୍ଥା ରଖିଥିବା ବ୍ୟକ୍ତି ତାଙ୍କର ସାନ୍ନିଧ ଓ କୃପା ଲାଭ କରୁଥିବା ବେଳେ ସେ ଆଶ୍ରିତ ପ୍ରାଣୀଙ୍କୁ ସକଳ ବିପଦରୁ ଉଦ୍ଧାର କରିଥାନ୍ତି। ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପୁତୁରା ଫାଉଡ଼ା ମାଡ଼ରେ କାକାଙ୍କ ମୃତ୍ୟୁ

**ତରଭା, ୧୫।୨ (ମାନଭଞ୍ଜନ ମିଶ୍ର)**

ଚାଷଜମିକୁ ପାଣି ମଡାଇବାକୁ କେନ୍ଦ୍ରକରି ଗୋଟିଏ ପରିବାରର ଦୁଇ ଭାଇଙ୍କ ମଧ୍ୟରେ କଳହ ହେବାରୁ ପୁତୁରା ଫାଉଡ଼ା ମାଡ଼ରେ କାକାଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ତରଭା ଥାନା ପାଣିମୁରା ନିବାସୀ ବିପିନ ମଲ୍ଲିକଙ୍କ ଚାଷଜମିରୁ ତାଙ୍କ ସାନଭାଇ ନବୀନ ପାଣି କାଟିଦେବାକୁ କେନ୍ଦ୍ରକରି ଶନିବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହି ସମୟରେ ବିପିନଙ୍କ ପୁଅ ମଣ୍ଟୁ (୨୮) ଫାଉଡ଼ା ସାହାଯ୍ୟରେ କାକା ନବୀନ ମଲ୍ଲିକ(୬୦)ଙ୍କ ମୁଣ୍ଡରେ ଆଘାତ କରିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ମୃତ ନବୀନଙ୍କ ପୁଅ ସତ୍ୟାନନ୍ଦଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୩୯/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତରଭା ଡାକ୍ତରଖାନା ଆଣିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଆଇଆଇସି ଅନିତା କିଡୋ କହିଛନ୍ତି। ବିପିନ ଓ ମଣ୍ଟୁଙ୍କୁ ପୋଲିସ ଆଣି ପଚରାଉଚରା କରୁଥିବା ଜଣାଯାଇଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ନାବାଳିକାଙ୍କୁ ବଳାତ୍କାର

**ଯୋଡ଼ା, ୧୫।୨ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳର ଜଣେ ନାବାଳିକା(୧୬)ଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ନାବାଳିକା ଏବେ ଗର୍ଭବତୀ ଥିବା ନେଇ ନାବାଳିକାଙ୍କ ମା' ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଶହୀଦନଗରର ଯୁବକ ଦିନେଶ ପାତ୍ର ଗତବର୍ଷ ଶିବରାତ୍ରିରେ ନାବାଳିକାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଏହାର ଭିଡିଓ ରେକର୍ଡ କରି ନାବାଳିକାଙ୍କୁ ଧମକାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ୫ ମାସର ଗର୍ଭବତୀ ହୋଇଛନ୍ତି। ଯୁବକ ବିବାହ କରିବାକୁ ମନା କରିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ନାବାଳିକାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ.୩୩/୨୫) ରୁଜୁ କରିବା ସହ ନାବାଳିକାଙ୍କ ଡାକ୍ତରୀ ମାଇନା କରି ତଦନ୍ତ ଆରମ୍ଭ କରିଛି।

# ୬ ଶିକାରୀ ଗିରଫ, ୩ ବନ୍ଧୁକ ଜବତ

**ବାରିପଦା, ୧୫।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ଗିରଫ ଶିକାରୀମାନେ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ସଂଯୁକ୍ତ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ୟାମେରା ଜରିଆରେ ବନ ବିଭାଗ ଶିକାରୀମାନଙ୍କୁ ଧରିବାରେ ସଫଳ ହେଉଛି। ଖଞ୍ଜାଯାଇଥିବା ଏହି କ୍ୟାମେରା ଜରିଆରେ ବନ ବିଭାଗ ୬ ଶିକାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅଧୀନ ଭୁପାଢ଼ ଗ୍ରାମର ବୁଦ୍ଧିଆ ହେମ୍ବ୍ରମ, ସୁବର୍ଣ୍ଣମଞ୍ଜରୀ ଗ୍ରାମର ରଥ ସିଂ, ବାଉଳା ସିଂ, ନୂଆଗାଁର ମିଥୁନ ହେମ୍ବ୍ରମ, ଲକ୍ଷ୍ମଣ ସୋରେନ ଓ ପ୍ରଧାନ ସୋରେନ। ସେମାନଙ୍କ ନିକଟରୁ ୩ ଦେଶୀ ବନ୍ଧୁକ, ଫାଶ ଓ ଶିକାର ସାମଗ୍ରୀ ଜବତ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରି ଏକ ଗୁରାଣ୍ଡିକୁ ଶିକାର କରିଥିବା ନେଇ ଶିକାରୀମାନେ ସ୍ୱୀକାର କରିଛନ୍ତି। ଏନେଇ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇଛି। ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ନେଇ ସେମାନଙ୍କ ବିରୋଧରେ ଅନ୍ୟ ଏକ ମାମଲା ଆର୍ମ୍ସ ଆକ୍ଟରେ ରୁଜୁ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

ପ୍ରକାଶ ଯେ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କୋର୍ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ୧୫ ଦିନ ପୂର୍ବରୁ ୬ଜଣ ଶିକାରୀ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲେ। ଜଙ୍ଗଲରେ ଲାଗିଥିବା ଏଆଇ କ୍ୟାମେରାରେ ଫଟୋ ଉତ୍ତୋଳନ ହୋଇ ବିଭାଗକୁ ସଙ୍ଗେ ସଙ୍ଗେ ଜଣାଇବା ପରେ ପାଟ୍ରୋଲିଂ କରୁଥିବା କର୍ମଚାରୀ ତଲାସି ଆରମ୍ଭ କରିଥିଲେ। ଫଟୋକୁ ନେଇ କର୍ମଚାରୀମାନେ ଗୋଇନ୍ଦା ମାଧ୍ୟମରେ ଶିକାରୀଙ୍କୁ ଠାବ କରିଥିଲେ। ଅଭିଯୁକ୍ତଙ୍କ ଘରେ ତଲାସି କରି ସେମାନଙ୍କ ନିକଟରୁ ବେଆଇନ ଦେଶୀ ବନ୍ଧୁକ ଜବତ କରିଥିଲେ। ତେବେ ଏଆଇ କ୍ୟାମେରା ସାହାଯ୍ୟରେ ଶିକାରୀମାନେ ଧରାପଡୁଥିଲେ ହେଁ ଶିମିଳିପାଳରୁ ଶିକାର ରୋକାଯାଇପାରୁନାହିଁ। ଏଆଇ କ୍ୟାମେରା, ୱାଚ୍‌ଟାୱାର, ଅଲ୍ ଟେରେନ ଗାଡ଼ି(ଏଟିଭି) ନିୟୋଜନ, ପୋଲିସ ଓ ବନ କର୍ମଚାରୀଙ୍କ କଡ଼ାପ୍ରହରା, ସ୍ନାଇପର ଡଗ୍, ଆଇନ ଅନୁଯାୟୀ ଦଣ୍ଡବିଧାନ ସତ୍ତ୍ୱେ ଶିକାରୀମାନେ ସୁରକ୍ଷାବଳୟ ଭେଦ କରି କୋର୍ ଏରିଆରେ ପଶି ଶିକାର କରିବାରେ ଲାଗିଛନ୍ତି। ଶିମିଳିପାଳକୁ ସମ୍ପୂର୍ଣ୍ଣ ଭାବେ ଶିକାରୀମୁକ୍ତ କରିବା ପାଇଁ ଖାଲି ପଡ଼ିଥିବା ପଦବୀ ପୂରଣ ସହ କଡ଼ା ଆଇନ ପ୍ରଣୟନ ଏବଂ ସଚେତନମୂଳକ କାର୍ଯ୍ୟକ୍ରମ ନିତାନ୍ତ ଆବଶ୍ୟକ ବୋଲି ପରିବେଶବିତ୍ ସଂଯୁକ୍ତା ବସା ପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୫-୨୬ ରେ ୨.୫୨ ଲକ୍ଷ କୋଟିର ଋଣ ଆକଳନ

## ଷ୍ଟେଟ କ୍ରେଡିଟ୍ ସେମିନାର-୨୦୨୫ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୨ (ଅଭୟ ଦାଶ)

ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ ବା ନାବାର୍ଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଷ୍ଟେଟ କ୍ରେଡିଟ ସେମିନାର-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏପରି କି ଭୁବନେଶ୍ୱରଠାରେ ଆୟୋଜିତ ଏହି ସେମିନାର ଅବସରରେ ନାବାର୍ଡ ପକ୍ଷରୁ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ଷ୍ଟେଟ୍ ଫୋକସ୍ ପେପର୍ ପ୍ରକାଶ ପାଇଥିଲା। ଏହି ପେପର ଆଧାରରେ ଚଳିତ ଆର୍ଥିକବର୍ଷ ପାଇଁ ଋଣ ଆକଳନ ସହ ପ୍ରାଥମିକତା କ୍ଷେତ୍ର ଅଧୀନରେ ସାମଗ୍ରିକ ଋଣ ସମ୍ଭାବନା ୨,୫୨,୦୦୦ କୋଟି ଟଙ୍କା ରହିବ ବୋଲି ଉକ୍ତ ପେପରରେ ଦର୍ଶାଯାଇଥିଲା। ସେହିଭଳି ଏହି ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା।




ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଜଣେ ସଫଳ ଉଦ୍ୟୋଗୀଙ୍କୁ ପୁରସ୍କୃତ କରୁଥିବାବେଳେ ଅନ୍ୟମାନେ ନିକଟରେ ଉପସ୍ଥିତ ଅଛନ୍ତି।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ରଙ୍କ ସମେତ ଓଡ଼ିଶା ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଏବଂ ନାବାର୍ଡର ଅଂଶୀଦାର ଓ ବିଭିନ୍ନ ଜିଲାର ନିୟନ୍ତ୍ରଣକାରୀ ବ୍ୟାଙ୍କ ମୁଖ୍ୟ, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟମାନେ ଉପସ୍ଥିତ ଥିଲେ।

ଏ ନେଇ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ଏସ୍. କେ. କେ. ମିଶ୍ରା କହିଥିଲେ, ଗ୍ରାମୀଣ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସହ ଋଣ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଉଛି। ଏପରି କି ୨୦୨୫-୨୬ ବର୍ଷ ପାଇଁ ନାର୍ବାଡ ୨,୫୨,୦୦୦ କୋଟି ଟଙ୍କାର ଋଣ ଆକଳନ କରିଛି।

ଏହି ଋଣ ଅଗ୍ରାଧିକାର କ୍ଷେତ୍ର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ନାବାର୍ଡକୁ ଋଣ ଯୋଜନା କାର୍ଯ୍ୟ ଠିକ୍ ସମୟରେ ଶେଷ କରିଥିବାରୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶାରେ ଅଗ୍ରାଧିକାର କ୍ଷେତ୍ର ପାଇଁ ବ୍ୟାଙ୍କ ଋଣ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଅପରପକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ଓଡ଼ିଶା ଦ୍ରୁତଗତିରେ ବୃଦ୍ଧି ପାଉଛି ଏବଂ ବ୍ୟାଙ୍କଗୁଡ଼ିକ ଋଣର ଗୁଣବତ୍ତାରେ ଉନ୍ନତି ଆଣିବାକୁ ପଡ଼ିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ଏସ୍‌ଏଲ୍‌ବିସି କନ୍‌ଭେନର ଗୌତମ ପାତ୍ର ରାଜ୍ୟରେ ନାବାର୍ଡର ଭୂମିକା ଓ କାର୍ଯ୍ୟକ୍ରମ ଆଦି ବିଷୟରେ କହିଥିଲେ। ପରିଶେଷରେ ସଫଳ ଚାଷୀ ଓ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା।

# ବ୍ୟବସାୟକୁ ତିନିଗୁଣ ବଢ଼ାଇବାକୁ ଲକ୍ଷ୍ୟ

ନୂଆଦିଲ୍ଲୀ,୧୫।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବୟନ ଶିଳ୍ପ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କମ୍ପାନୀ ଟ୍ରାଇଡେଣ୍ଟ ଗ୍ରୁପ୍ ଭାରତ ଟେକ୍ସ ୨୦୨୫ରେ ଉଚ୍ଚାଭିଳାଷୀ ଯୋଜନା ଘୋଷଣା କରିଛି। ଏପରି କି ୨୦୨୭ ସୁଦ୍ଧା କମ୍ପାନୀ ଭାରତରେ ତା'ର ବ୍ୟବସାୟକୁ ତିନିଗୁଣ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଘରୋଇ ବୟନ ଶିଳ୍ପ, ସୂତା ଏବଂ ଶକ୍ତି ବ୍ୟବସାୟରେ ସ୍ଥିରତା, ଆଧୁନିକୀକରଣ ଏବଂ ସମ୍ପତ୍ତି ବୃଦ୍ଧି ଉପରେ ଧ୍ୟାନ ଦେଇ ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀ ୧୦୦୦କୋଟି ଟଙ୍କାର ପୁଞ୍ଜି ବ୍ୟୟ ମାଧ୍ୟମରେ ଏହି ଅଭିବୃଦ୍ଧି ହାସଲ କରିବା ପାଇଁ ଗ୍ରୁପ ଯୋଜନା କରିଛି। ଟ୍ରାଇଡେଣ୍ଟ ଗ୍ରୁପର ଅଧ୍ୟକ୍ଷ ପଦ୍ମଶ୍ରୀ (ଡ.) ରାଜିନ୍ଦର ଗୁପ୍ତା କହିଥିଲେ, ଆମେ ନବସୃଜନ ଏବଂ ସ୍ଥାୟିତ୍ୱକୁ ସମନ୍ୱିତ କରି ବୟନ ଶିଳ୍ପର ଭବିଷ୍ୟତକୁ ରୂପ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଧୁନିକୀକରଣ, ମୂଲ୍ୟ ସୃଷ୍ଟି ଏବଂ ବିଶ୍ୱ ସମ୍ପ୍ରସାରଣ ଉପରେ ଆମର ଅତୁଟ ଧ୍ୟାନ ରହିଛି।


## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



**୰ସୁଲକ୍ଷଣା ମିଶ୍ର**
ବୀରବଳଭଦ୍ରପୁର, ଚନ୍ଦନପୁର, ପୁରୀ
ଆବିର୍ଭାବ: ୦୪।୦୨।୧୯୨୩
ତିରୋଧାନ: ୦୭।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଝିଆରୀ, ପୁତୁରା, ଅଣନାତି, ପଣନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୨୯୧୭


# ଏନ୍‌ଟିପିସି କଣିହାଁକୁ ସ୍ୱର୍ଣ୍ଣଶକ୍ତି ପୁରସ୍କାର

ତାଳଚେର,୧୫।୨(ମନୋଜ ନନ୍ଦ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିକୁ ସାମଗ୍ରିକ ଉତ୍କର୍ଷ ପୁରସ୍କାର ଏବଂ ସାମଗ୍ରିକ ସୁରକ୍ଷା (ଓଆଣ୍ଡଏମ୍) ୨୦୨୩-୨୪ ବର୍ଷ ନିମନ୍ତେ ସ୍ୱର୍ଣ୍ଣଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି। ଆଞ୍ଚଳିକ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ନ ରିଜନ-୨) ଅରିନ୍ଦମ ସିହ୍ନା, ଏନ୍‌ଟିପିସି କଣିହାଁ ପ୍ରୋଜେକ୍ଟର ମୁଖ୍ୟ ଏ.କେ. ସେହଗଲ, ସିଏମ୍‌ଡି ଗୁରୁଦୀପ ସିଂ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗୁଡିକ ଗ୍ରହଣ କରିଥିଲେ। ପ୍ରକାଶ ଯେ, ରାୟପୁରଠାରେ ଗତ ୧୩ ରୁ ୧୫ ତାରିଖ ଯାଏ ଭାରତର ସର୍ବବୃହତ୍ ଇଣ୍ଟିଗ୍ରେଟେଡ୍ ପାୱାର ୟୁଟିଲିଟି ଏନ୍‌ଟିପିସି ଲିମିଟେଡ ଏହାର ଫ୍ଲାଗଶିପ୍ ଇଭେଣ୍ଟ, ଇଣ୍ଡିଆନ ପାୱାର




ଏନ୍‌ଟିପିସି ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଷ୍ଟେଶନ୍ସ ଓଆଣ୍ଡଏମ ସମ୍ମିଳନୀ (ଆଇପିଏସ୍-୨୦୨୫) ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଚିବ (ଶକ୍ତି) ପଙ୍କଜ ଅଗ୍ରୱାଲ କହିଥିଲେ, ଏନ୍‌ଟିପିସି ସମଗ୍ର ଦେଶରେ ଥର୍ମାଲ ପାୱାର ଷ୍ଟେଶନ ଅପରେଟରମାନଙ୍କ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି। ଇତିହାସରେ ପ୍ରଥମ ଥର ପାଇଁ ଏନ୍‌ଟିପିସି ଦ୍ୱାରା ଉଲ୍ଲେଖନୀୟ ଅବଦାନ ସହିତ ୫୦ ମିଲିୟନ ଟନ୍ କୋଇଲା ଷ୍ଟକ ରକ୍ଷଣାବେକ୍ଷଣ କରାଯାଇଛି।

# ଜୟଆଲୁକ୍କାସ୍‌ରେ ସର୍ବବୃହତ୍ ଅଳଙ୍କାର ସେଲ୍

ଭୁବନେଶ୍ୱର,୧୫।୨

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ୍'ର ବହୁ ପ୍ରତୀକ୍ଷିତ ବିକ୍ରୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବର୍ଷର ସର୍ବବୃହତ୍ ଅଳଙ୍କାର ବିକ୍ରୟ (ଦି ବିଗେଷ୍ଟ ଜୁଏଲେରି ସେଲ୍ସ ଅଫ୍ ଦି ଇୟର) ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ସାଙ୍ଗକୁ ମେକିଂ ଚାର୍ଜ (ଭିଏ) ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି।





**Happy Marriage Anniversary**



**Sudhir & Sona**
May every day of your life be full of love, happiness and prosperity !
The true love and trust you share with each other make you the best couple in the world.
D-2944


# Classified Everyday
0674-2580101, 9692975378



MATRIMONIAL

## BRIDE WANTED

Handsome Karan Boy 1994, 6ft., B.Tech, MBA (NIT), serving MNC Hyderabad. "Sunasansar". 9937512659 D-76239

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକାରାତ୍ମକ; ବେଳହୁଁ ପହଞ୍ଚ ସ୍ୱାଗତଯୋଗ୍ୟ। 9437593214. D-2939

## GROOM WANTED

Beautiful Teli girl 28+ Govt. II Officer (Caste No bar). 9938199964. D-2938



REAL ESTATE

## SALE

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

One Acre NH facing commercial plot between Bhubaneswar-Cuttack, suitable for Vehicle Showroom, Hospital, available for outright sale. Contact: 9937805500. D-75595

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

**ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299.** D-76239

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-76417

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-2937

Luxury flat all amenity and newly full furnished (1350sqft) at M.J. Woods Andharua, Jagannath Prasad, Bhubaneswar, Mob- 9078280148 ready to move (no broker). D-2848

Ready to move 4BHK flat 1st floor with double parking, Saubhagya Nagar near Narula Sweets, 2049 SBA, 6500/- per sqft. Contact: 7978584549. D-75594



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630



FOR RENT

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236

Ground floor single room 200sqft with attached toilet at VSS Nagar- 7873657633. D-2864

Office/ Residence 1475 sqft. 4th Lane, Somanath Nagar, Berhampur. Ph No.- 8847842379, 9437423568. D-2929

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

By virtue of an affidavit sworn before Executive Magistrate, Bhadrak, dated 07.02.2025, I, Rajesh Das (24yrs), S/o- Amina Das, Address: Vill./P.O.- Rambhila, P.S.- Bhadrak (R), Dist.- Bhadrak, Odisha, PIN- 756111 declare that I have changed my name Rajesh Kumar Das to Rajesh Das. Henceforth, I shall be known as Rajesh Das for all purposes. D-2943

By virtue of an affidavit sworn before Executive Magistrate, Balasore dated 06.01.2025, I, Kartik Behera, Address: Village- Susa, P.O.- Saragan, P.S.- Sadar, Dist.- Balasore, Odisha 756002, declare that I have changed my daughter's name from Suchismita Behera to Susmita Behera. Henceforth, she shall be known as Susmita Behera for all purposes.
Kartik Behera
D-2936

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ୍ କୋର୍ଟ ନଂ.- ୪, ସ୍ଥାନ- ସରକାରୀ ଅଫିସ୍ ୟୁନିଟ୍- ୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.- ୧୩୫୧/୨୦୨୨

ପ୍ରମିଳା ରଥ ...ବାଦୀ
ବନାମ
ଦିଗାମ୍ବର ଚକ୍ରବର୍ତ୍ତୀ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍-୨୦ ମୁତାବକ

୩. ଦିଗାମ୍ବର ଚକ୍ରବର୍ତ୍ତୀ, ପିତା ଗୌରାଙ୍ଗ ଚକ୍ରବର୍ତ୍ତୀ, ସ୍ଥାନ-ଜଗଦୀଶପୁର, ଯାଜପୁର
ପ୍ରାପ୍ତେଷୁ,

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୩ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କୁ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୧।୦୪।୨୦୨୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା-ଗୋଠପାଟଣା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।
ସାବକ ଖାତା ନଂ.-୬୭, ସାବକ ପ୍ଲଟ୍ ନଂ.-୪୪୪, ଏରିଆ- ୨୬୧ଡି. ମୋଟ ସମ୍ପତ୍ତି ଏ୩.୨୫୦ଡି., ହାଲ୍ ଖାତା ନଂ.-୨୧୨, ହାଲ୍ ପ୍ଲଟ୍ ନଂ.-୨୦୦୫, ଏରିଆ- ୨୬୧ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୯୪୦

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୁନିଦ୍ରା ଜରୁରୀ

ଦିନସାରା କାର୍ଯ୍ୟବ୍ୟସ୍ତତାର ଚାପକୁ ଦୂରକରିବା ଲାଗି ପ୍ରତ୍ୟେକ ମଣିଷକୁ ଏକ ଭଲ ନିଦ୍ରା ନିହାତି ଆବଶ୍ୟକ। କାରଣ ଏହି ସମୟରେ ମସ୍ତିଷ୍କକୁ ମଧ୍ୟ ବିଶ୍ରାମ ମିଳିଥାଏ, ଯାହାଦ୍ୱାରା ଶରୀରର ଥକ୍କାପଣ ଦୂରହେବା ସହ ପୁନର୍ବାର କାର୍ଯ୍ୟ କରିବାର ଉର୍ଜା ମିଳିଥାଏ। ତେବେ ଆବଶ୍ୟକରୁ ବହୁ କମ୍ ଅର୍ଥାତ୍ ଦିନକୁ ମାତ୍ର ୨-୩ ଘଣ୍ଟା କିମ୍ବା ଆବଶ୍ୟକରୁ ଅଧିକ ଅର୍ଥାତ୍ ୮ଘଣ୍ଟାରୁ ଅଧିକ ଶୋଇବା ମଣିଷ ଜୀବନର ଗୁଣବତ୍ତା ଓ ଆୟୁକାଳ ଉଭୟକୁ ପ୍ରଭାବିତ କରିଥାଏ। କାରଣ ଏଭଳି ବ୍ୟକ୍ତିଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେବେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ନାଇଟ୍ ଡ୍ୟୁଟି କରିବା, ରାତିରେ ଅଧିକ ସମୟ ମୋବାଇଲ ବ୍ୟବହାର କିମ୍ବା ଅନ୍ୟାନ୍ୟ କାରଣରୁ କମ୍ ସମୟ ଶୋଉଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ଖାଦ୍ୟପେୟରେ ଅସନ୍ତୁଳନ ଓ ଚିନ୍ତା, ଅବସାଦ ଭଳି କେତେକ କାରଣରୁ ଅନେକେ ନିଦ୍ରାହୀନତାର ଶିକାର ବି ହେଉଛନ୍ତି। ତେଣୁ ପ୍ରତ୍ୟେକଙ୍କୁ ନିଜର ଦୈନନ୍ଦିନ ଜୀବନଶୈଳୀ ଅନୁଯାୟୀ ଶୋଇବା ପାଇଁ ସମୟ ବାହାର କରିବା ନିହାତି ଆବଶ୍ୟକ। ଆଉ ଯେଉଁମାନେ ସମୟ ଥିଲେ ସୁଦ୍ଧା କୌଣସି କାରଣରୁ ନିଦ୍ରାହୀନତାର ଶିକାର ହେଉଥାନ୍ତି ସେମାନେ ଜୀବନଶୈଳୀରେ ପରିବର୍ତ୍ତନ ସହ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶନେବା ଜରୁରୀ।







ଭଲ ଭାବେ ଶୋଇବା ମଣିଷକୁ ନୀରୋଗ ଏବଂ ମାନସିକ ସ୍ତରରେ ଖୁସି ରଖିବାରେ ବେଶ୍ ସାହାଯ୍ୟକରେ। ହେଲେ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଅସନ୍ତୁଳିତ ଖାଦ୍ୟାଭ୍ୟାସ, ନାଇଟ୍‌ଶିଫ୍ଟ ୱାର୍କ କଲ୍‌ଚର, ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍‌ର ବହୁଳ ବ୍ୟବହାର ଭିତରେ ଜୀବନଶୈଳୀ ଏତେ ମାତ୍ରାରେ ଅବ୍ୟବସ୍ଥିତ ହୋଇପଡ଼ିଛି ଯେ, ଅନେକଙ୍କ ପାଇଁ ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ସୁନିଦ୍ରା ନେବା ଯେମିତି ଏକ ସ୍ୱପ୍ନ ପାଲଟିଯାଇଛି। ଏହାଦ୍ୱାରା କେତେଜଣଙ୍କଠାରେ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ଦେଖିବାକୁ ମିଳୁଛି...

### କେମିତି ହେବ ଭଲ ନିଦ

- ଜୀବନଶୈଳୀକୁ ବ୍ୟବସ୍ଥିତ କରନ୍ତୁ। ଏଥିପାଇଁ ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ମୋବାଇଲ ବ୍ୟବହାର କରିବା, ବହି ପଢ଼ିବା ଆଦି ଅଭ୍ୟାସ ଥିଲେ ବଦଳାନ୍ତୁ। ଯଦି ନାଇଟ୍ ଡ୍ୟୁଟି କରୁଛନ୍ତି ତେବେ ଦିନରେ ପର୍ଯ୍ୟାପ୍ତ ଶୋଇବାକୁ ଚେଷ୍ଟା କରନ୍ତୁ। ଶରୀରକୁ ଫିଟ୍ ରଖିବାକୁ ହେଲେ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।
- ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। କାରଣ ମାନସିକ ଚାପ ଅବା ଅବସାଦ ନିଦ୍ରାହୀନତାର ଆଉ ଏକ ବଡ଼ କାରଣ। ତେଣୁ ସବୁବେଳେ ଟେନ୍‌ସନ ଫ୍ରି ରହିବାକୁ ଚେଷ୍ଟାକରନ୍ତୁ। ହାଲୁକା ରହିଲେ ହିଁ ଭଲ ନିଦ ହେବ।
- ତେଲ, ମସଲାଯୁକ୍ତ ଖାଦ୍ୟ ଏବଂ ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍ ଆଦି ନିଦ୍ରାହୀନତାର ଅନ୍ୟତମ କାରଣ। ତେଣୁ ଏଭଳି ଖାଦ୍ୟ ବଦଳରେ ସୁଷମ ଖାଦ୍ୟ ଖାଆନ୍ତୁ। ବିଶେଷକରି ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ଯୁକ୍ତ ଖାଦ୍ୟକୁ ସାମିଲକଲେ ମେଲାଟୋନିନ୍ ହର୍‌ମୋନ୍‌ର କ୍ଷରଣ ବୃଦ୍ଧିହେବା ସହ ନିଦ୍ରାହୀନତା ଦୂରହେବ। ରାତିରେ ଅଧିକ ଚା କିମ୍ବା କଫି ପିଇବା ଅଭ୍ୟାସଠୁ ଦୂରେଇରହନ୍ତୁ। କାରଣ ଏହା ନିଦ ହେବାରେ ବିଳମ୍ବ କରାଇଥାଏ।
- ନିଶାଦ୍ରବ୍ୟ ସେବନ ଶରୀର ଲାଗି ଆଦୌ ହିତକର ନୁହେଁ। ଏହା ବିଭିନ୍ନ ରୋଗ ସୃଷ୍ଟି କରିବା ସହ ନିଦ୍ରାହୀନତାର ମଧ୍ୟ ମୁଖ୍ୟ କାରଣ। ତେଣୁ ଏହାଠାରୁ ନିଜକୁ ଦୂରେଇରଖନ୍ତୁ।
- ପ୍ରତିଦିନ କିଛି ସମୟ ଯୋଗ, ଆସନ, ପ୍ରାଣାୟମ, ବ୍ୟାୟାମ ଆଦିର ଅଭ୍ୟାସ ରଖନ୍ତୁ। ଏହା ଶରୀରକୁ ଫିଟ୍ ରଖିବା ସହ ସୁଖନିଦରେ ସାହାଯ୍ୟ କରିବ। କିଛି ସମୟ ରିଲାକ୍ସିଂ ମ୍ୟୁଜିକ୍ ଶୁଣନ୍ତୁ, ଏହା ବି ମନକୁ ଚାପମୁକ୍ତ କରିବା ସହ ଭଲ ନିଦ ହେବାରେ ସାହାଯ୍ୟ କରିବ।



## ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ କୁପ୍ରଭାବ



ପ୍ରତି ୨୪ ଘଣ୍ଟାରେ ଆମର ଶାରୀରିକ, ମାନସିକ ସ୍ଥିତି ଓ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ। ଏହାକୁ ସିର୍‌କାଡିଆନ ରିଦିମ୍(Circadian rhythm) ବା Biological clock(ଜୈବିକ ଘଣ୍ଟା) କୁହାଯାଇଥାଏ। ଏହା ମୁଖ୍ୟତଃ ଦିନ ଓ ରାତି ଉପରେ ନିର୍ଭର କରିଥାଏ। ଏହି ଜୈବିକ ଘଣ୍ଟା ଆମର ନିଦ, ଭୋକ, ଦେହରେ ବିଭିନ୍ନ ହର୍‌ମୋନ କ୍ଷରଣକୁ ପ୍ରଭାବିତ କରିଥାଏ। ଯେଉଁମାନେ ଅଧିକ ଦିନ ପର୍ଯ୍ୟନ୍ତ ରାତିରେ ଡ୍ୟୁଟି କରିଥାନ୍ତି କିମ୍ବା ଶିଫ୍ଟରେ ଡ୍ୟୁଟି କରିଥାନ୍ତି, ଯେଉଁମାନେ ରାତିରେ ଅଧିକ ସମୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାରକରି କମ୍ ସମୟ ଶୋଇଥାନ୍ତି ସେମାନଙ୍କର ଜୈବିକ ଘଣ୍ଟାରେ ଅସମାନତା ଆସିଥାଏ। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପଡ଼ିଥାଏ। ଏଥିମଧ୍ୟରୁ ପ୍ରମୁଖ ହେଲା ଅନିଦ୍ରା, ଦିନବେଳା ନିଦ ଆସିବା, ନିଦରେ ଅଧିକ ସ୍ୱପ୍ନ ଆସିବା, ମାନସିକ ଚାପ(ଷ୍ଟ୍ରେସ୍), ଅବସାଦ ରୋଗ ଓ ଅତ୍ୟଧିକ ଚିଡ଼ିଚିଡ଼ାପଣ ଆଦି। ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ରାତିରେ ଡ୍ୟୁଟି କଲେ କିମ୍ବା ଶିଫ୍ଟରେ ଡ୍ୟୁଟି କଲେ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଯଥା- ଥକ୍କାପଣ, ହୃଦ୍‌ରୋଗ, ହାର୍ଟ ଆଟାକ୍, ଉଚ୍ଚ ରକ୍ତଚାପ,ମେଦବହୁଳତା,ଡାଇବେଟିସ୍,ପେଟରୋଗ,ବଦହଜମି ଓ ବାରମ୍ବାର ମୁଣ୍ଡବିନ୍ଧା ଦେଖାଯିବା ଆଶଙ୍କା ଅଧିକ ଥାଏ। ଏଥିସହ ସେମାନଙ୍କର ସାମାଜିକ ଓ ପାରିବାରିକ ସମ୍ପର୍କରେ ମଧ୍ୟ ଅସୁବିଧା ଦେଖା ଦେଇଥାଏ। ତେଣୁ ରାତିରେ କମ୍ ଶୋଉଥିବା ଯୁବପିଢ଼ି ନିଜର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ପ୍ରତିଦିନ ଖାଦ୍ୟପେୟ ସନ୍ତୁଳିତ ରଖିବା ସହ ଭଲ ଭାବେ ନିଦ୍ରା ଯିବା ଉଚିତ।

-**ଡା. ସତ୍ୟକାମ ମହାପାତ୍ର,** ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ- ୮୮୯୫୨୯୩୯୯୭

## ୟୁଥ୍ ଆଲର୍ଟ

# ବାରମ୍ବାର ଶପିଂ ଆଡ୍ ଆସୁଥିଲେ...

**ଅନ୍‌ଲାଇନ ଶପିଂ ବର୍ତ୍ତମାନ ବହୁ ପରିମାଣରେ ବୃଦ୍ଧି ପାଇଛି। ତେଣୁ ଯେକୌଣସି ସାଇଟ୍ ଖୋଲିଲେ ବି ବିଭିନ୍ନ ଶପିଂ ବିଜ୍ଞାପନ ଦେଖିବାକୁ ମିଳିଥାଏ, ଯାହାକି ଆମ ରୁଚି ଏବଂ ପୂର୍ବ ଶପିଂ ହିଷ୍ଟ୍ରି ଆଧାରରେ ଦେଖାଯାଇଥାଏ। ହେଲେ ବାରମ୍ବାର ଏପରି ବିଜ୍ଞାପନ ଆସିବା ଦ୍ୱାରା ଶପିଂ କରିବା ବେଳେ ଡାଟା ହ୍ୟାକ୍ ହେବା ଆଶଙ୍କା ବି ରହିଥାଏ। ତେଣୁ କିପରି ଏହି ସମସ୍ୟା ଦୂର କରାଯାଇପାରିବ ଜାଣିରଖନ୍ତୁ...**

- ଫାୟାରଫକ୍ସ ଏବଂ ବ୍ରେଭ୍ ଭଳି ବ୍ରାଉଜର ଆପଣଙ୍କ ଅନ୍‌ଲାଇନ ଗତିବିଧିକୁ ଟ୍ରାକ୍ କରିପାରେ। ଫଳରେ ବ୍ୟକ୍ତିଗତ ତଥ୍ୟ ମଧ୍ୟ ଅନ୍ୟ ହାତରେ ପଡ଼ିବା ଯୋଗୁ ଆପଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ତେଣୁ ବ୍ରାଉଜରର ପ୍ରାଇଭେସି ସେଟିଂକୁ ଯାଇ କୁକିଜ୍ ଏବଂ ଟ୍ରାକର୍ସକୁ ବ୍ଲକ୍ କରିଦେଇପାରିବେ।



- ବ୍ରାଉଜର ସେଟିଂକୁ ଯାଇ କୁକିଜ୍‌ଗୁଡିକୁ ନିୟମିତ ଅନ୍ତରାଳରେ ସଫାକରନ୍ତୁ। ଏହାଦ୍ୱାରା ୱେବ୍‌ସାଇଟ୍ ଆପଣଙ୍କ ଶପିଂ ହିଷ୍ଟ୍ରି ଟ୍ରାକ୍ ନ କରିପାରିବା ଯୋଗୁ ବାରମ୍ବାର ଆଡ୍ ଆସିବା ବି କମିଯିବ।
- ଆଡ୍ ନ ଆସିବା ପାଇଁ କାମ ନ ଥିବା ବେଳେ ଆକାଉଣ୍ଟ ଲଗ୍‌ଆଉଟ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ କୌଣସି ୱେବ୍‌ସାଇଟ୍ ଲଗ୍‌ଇନ୍ ରଖିଲେ ସେ ଆପଣଙ୍କ ଗତିବିଧି ଉପରେ ନଜର ରଖିବା ସହ ଡାଟା ଟ୍ରାକ୍ କରିପାରେ। ତେଣୁ କାମ ସରିବା ମାତ୍ରେ ଲଗ୍ ଆଉଟ୍ କରିଦିଅନ୍ତୁ, ଏହାଦ୍ୱାରା ପ୍ରାଇଭେସି ବୃଦ୍ଧିପାଇଥାଏ।
- ଡିସ୍ପୋଜେବଲ୍ ଇ-ମେଲ୍ ଆଇଡି ବ୍ୟବହାରକରି ନିଜ ପ୍ରକୃତ ଆଇଡିକୁ ୱେବ୍‌ସାଇଟ୍‌ଠାରୁ ଗୋପନ ରଖିପାରିବେ। ଏପରି କଲେ ବିଜ୍ଞାପନଦାତା ଉକ୍ତ ଇ-ମେଲ୍ ଆଇଡି ବ୍ୟବହାର କରି କୌଣସି ଆଡ୍‌ଭାର୍ଟାଇଜ୍‌ମେଣ୍ଟ ପଠାଇବେ ନାହିଁ।




## ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ ୟୁଥ୍ ପାର୍ଲାମେଣ୍ଟ ସ୍କିମ୍ ୨.୦ ....... ପକ୍ଷରୁ ଆରମ୍ଭ କରାଯାଇଛି ?
୨- ଭାରତୀୟ ସହର ......... ଠାରେ ବିଜୟ ଦୁର୍ଗ ରହିଛି ?
୩- ପିନାକ ମଲ୍ଟିପଲ୍ ରକେଟ ଲଞ୍ଚ ସିଷ୍ଟମ ........... ଦ୍ୱାରା ନିର୍ମାଣ କରାଯାଇଛି ?
୪- ଭୀମଗଡ଼ ଅଭୟାରଣ୍ୟ ............. ରାଜ୍ୟରେ ଅବସ୍ଥିତ ?
୫- ନିକଟରେ ...... ରାଜ୍ୟର ମୁଖ୍ୟମନ୍ତ୍ରୀ ବିକଶିତ ଗାଁ ସ୍କିମ୍‌ର ଶୁଭାରମ୍ଭ କରିଛନ୍ତି ?

## ଗତ ଥରର ଉତ୍ତର

୧ ମଧ୍ୟ ପ୍ରଦେଶ
୨ ଉତ୍ତର ପ୍ରଦେଶ
୩ ଫେବୃଆରୀ ୨
୪ ଚାଇନା
୫ ୟୁନାଇଟେଡ୍ ବାଏ ୟୁନିକ୍

## ଉତ୍ତରଦାତା


ଚିନ୍ତାମଣି ବିଶାଳ ବରଗଡ଼


ସ୍ମିତା ନାୟକ, ଭଞ୍ଜନଗର


ସୁଦୀପ୍ତା ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ୧୦

### ସବୁଠୁ ବଡ଼ ୟୁନିଭର୍ସିଟି-୨୦୨୫
(ଦ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଂ)



୧............................... ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ
୨............................... ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି
୩............................... ହାର୍ଭାର୍ଡ ୟୁନିଭର୍ସିଟି
୪............................... ପ୍ରିନ୍ସଟନ୍ ୟୁନିଭର୍ସିଟି
୫............................... ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍
୬............................... ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି
୭............................... କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି
୮............................... ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ବେର୍କେଲେ
୯............................... ଇମ୍ପେରିଆଲ୍ କଲେଜ ଲଣ୍ଡନ
୧୦............................. ୟାଲେ ୟୁନିଭର୍ସିଟି

## ଜାଣନ୍ତୁ ଦୁନିଆ

# ଆରିଜୋନା

**ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟ ଆରିଜୋନା ଏହାର ଗ୍ରାଣ୍ଡ କ୍ୟାନିଅନ୍ ଭଳି ବିସ୍ମୟ ସ୍ଥାନ ପାଇଁ ପୃଥିବୀ ପ୍ରସିଦ୍ଧ। ଜାଣନ୍ତୁ , ଏହି ରାଜ୍ୟ ସମ୍ପର୍କରେ କିଛି କୌତୂହଳପୂର୍ଣ୍ଣ ତଥ୍ୟ...**



- ମେକ୍ସିକାନ୍-ଆମେରିକାନ୍ ୱାର୍ ବା ଯୁଦ୍ଧ ପରେ ଆମେରିକା ମେକ୍ସିକୋର ପ୍ରାୟ ଅଧା ଭାଗ ଦଖଲ କରିନେଲା। ଫଳରେ ପ୍ରଥମେ ମେକ୍ସିକୋରେ ଥିବା ଆରିଜୋନା ୧୯୬୨ରେ ଆମେରିକାର ୪୮ତମ ରାଜ୍ୟର ମାନ୍ୟତା ପାଇଲା। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ମେକ୍ସିକୋ ପୂର୍ବରୁ ଏହି ରାଜ୍ୟ ସ୍ପେନ୍ ଅଧୀନରେ ରହିଥିଲା।
- ଏହାର ରାଜଧାନୀ ଫୋଏନିକ୍ସ ହେଉଛି ଆମେରିକାର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ରାଜଧାନୀ। ଏଠାକାର ଜନସଂଖ୍ୟା ହେଉଛି ୧.୭୬ ମିଲିଅନ। ତେବେ ଏଠାରେ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ତାପମାତ୍ରା ହାରାହାରି ୩୭.୭° ସେଲ୍‌ସିୟସ୍ କିମ୍ବା ଅଧିକ ରହିଥାଏ। ସେଥିପାଇଁ ଏହାକୁ ଆମେରିକାର ସବୁଠୁ ଉତ୍ତପ୍ତ ସହରର ମାନ୍ୟତା ମିଳିଛି।
- ଏହି ରାଜ୍ୟର ଅଧିକାଂଶ ସ୍ଥାନ ମରୁଭୂମି ଘେରା। ଫଳରେ ସେଠାରେ ଅନେକ ସମୟରେ ଜଳସଙ୍କଟ ଦେଖାଦେଇଥାଏ। ଏଠାକାର ସମସ୍ତ ଜଳ ଯୋଗାଣର ପ୍ରାୟ ୩୬% କଲରାଡୋ ନଦୀରୁ ଆସିଥାଏ।
- ଏହି ରାଜ୍ୟରେ ମରୁଭୂମି ଅଧିକ ଥିବାରୁ ଜଙ୍ଗଲ, ପାହାଡ଼ ଖୁବ୍ କମ୍ ତଥାପି ଏଠାରେ ୩୫ଟି ନ୍ୟାଶନାଲ ପାର୍କ ରହିଥିବା ବେଳେ ସେଥିମଧ୍ୟରୁ ଗ୍ରାଣ୍ଡ କାନିୟନ ନ୍ୟାଶନାଲ ପାର୍କ ହେଉଛି ଆମେରିକାର ୪ର୍ଥ ବୃହତ୍ତମ ପର୍ଯ୍ୟଟନ ସ୍ଥଳୀ। ଏଠାକୁ ପ୍ରତିବର୍ଷ ପ୍ରାୟ ୫.୯ ମିଲିଅନ ପର୍ଯ୍ୟଟକ ଆସିଥା'ନ୍ତି।
- ଏହି ରାଜ୍ୟରେ ମ୍ୟୁଜିକ୍‌କୁ ଏକ ବଡ଼ ବିଜ୍‌ନେସ୍ ଭାବେ ଗ୍ରହଣ କରାଯାଏ। କାରଣ ଏଠାରେ ଅଧିକାଂଶ ବାସିନ୍ଦା ସଙ୍ଗୀତପ୍ରେମୀ। ଏଠାରେ ଥିବା ଫୋଏନିକ୍ସଠାରେ ବିଶ୍ୱର ଏକ ବୃହତ୍ତମ ସିମ୍ଫୋନୀ ହାଉସ୍ ରହିଥିବା ବେଳେ ଶହ ଶହ ସଂଖ୍ୟାରେ ମ୍ୟୁଜିକ୍ ହାଉସ୍ ରହିଛି। ସଙ୍ଗୀତପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ସେଠାରେ ଥିବା ଫୋଏନିକ୍ସ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ ମ୍ୟୁଜିଅମ୍ ଏକ ବିଶେଷ ଆକର୍ଷଣ।
- ଶୀତଦିନେ ଏଠାକାର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରାୟ ୫ ଇଞ୍ଚ ପର୍ଯ୍ୟନ୍ତ ତୁଷାରପାତ ବା ସ୍ନୋ ଫଲ୍ ହୋଇଥାଏ, ଯାହାକି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୬ ଫେବୃଆରୀ, ୨୦୨୫ Bhubaneswar, Sunday, 16 February, 2025

# ବିଜୟ ସହ ଭାରତୀୟ ମହିଳା ଦଳର ଅଭିଯାନ



ଇଂଲଣ୍ଡ ବିପକ୍ଷ ମହିଳା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ରେ ଗୋଲ୍ ସ୍କୋର କରିବାକୁ ଉଦ୍ୟମ କରୁଛନ୍ତି ଜଣେ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)**

ଭୁବନେଶ୍ୱରକୁ ଫେରିଛି ହକି ଆକ୍ସନ। ଶନିବାରଠାରୁ ଏଠାରେ ଆରମ୍ଭ ହୋଇଛି ଏଫ୍‌ଆଇଏଚ୍ ପ୍ରୋ ଲିଗ୍। ଉଭୟ ମହିଳା ଓ ପୁରୁଷ ବିଭାଗରେ ହେଉଛି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା। ପ୍ରଥମ ଦିବସରେ ମହିଳା ବିଭାଗରେ ୨ଟି ଓ ପୁରୁଷ ବିଭାଗରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଭାରତ ପ୍ରୋ ଲିଗ୍ ୨୦୨୪-୨୫ ସିଜନ ଏହି କଳିଙ୍ଗ ଷ୍ଟାଡିୟମରୁ ହିଁ ଆରମ୍ଭ କରିଛି। ଏଫ୍‌ଆଇଏଚ୍‌ର ନିୟମ ଅନୁସାରେ ପ୍ରୋ ଲିଗ୍‌ର ବିଜେତା ସିଧାସଳଖ ୨୦୨୬ ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଘରୋଇ ପରିବେଶରେ ଏଠାରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ଭାରତୀୟ ମହିଳା ଓ ପୁରୁଷ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଘରୋଇ ଦର୍ଶକଙ୍କ ସମର୍ଥନରେ ଭାରତୀୟ ମହିଳା ଦଳ ଏଠାରେ ଆରମ୍ଭରୁ ଉତ୍ସାହ ପ୍ରଦର୍ଶନ କରିଛି। ପ୍ରଥମ ମ୍ୟାଚରେ ଇଂଲଣ୍ଡକୁ ୩-୨ ଗୋଲରେ ହରାଇ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି ଭାରତୀୟ ମହିଳା। ଫଳରେ ଭାରତ ଏହି ମ୍ୟାଚରୁ ପୂରା ୩ ପଏଣ୍ଟ ହାସଲ କରିଛି। ମ୍ୟାଚର ୬ଷ୍ଠ ମିନିଟରେ ଦଳକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଭିଥାଲ ବୈଷ୍ଣବୀ ଫାଲ୍‌କେ ଏହାକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୬ ମିନିଟ ପରେ ଅର୍ଥାତ୍ ୧୨ଶ ମିନିଟରେ ଇଂଲଣ୍ଡର ଡାର୍ସି ବୋର୍ନେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ମ୍ୟାଚ ୧-୧ ସ୍ଥିତିକୁ ଆସି ଯାଇଥିଲା। ୨୫ତମ ମିନିଟରେ ଭାରତକୁ ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦୀପିକା ଭାରତକୁ ପୁଣି ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୨-୧ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜୋରଦାର ଟକ୍କର ହୋଇଥିଲା। ବିଶେଷ କରି ୫୮ତମ ମିନିଟରେ ଇଂଲଣ୍ଡର ଫିଓନା କ୍ରାକ୍‌ଲେସ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨-୨କୁ ଚାଲି ଆସିଥିଲା ଏବଂ ଡ୍ର ସମ୍ଭାବନା ବଢ଼ିଥିଲା। ତେବେ ଶେଷ କ୍ଷଣରେ ଅର୍ଥାତ୍ ୫୯ତମ ମିନିଟରେ ଭାରତର ନଭନିତ କୌର ଏକ ଫିଲ୍ଡ ଗୋଲ କରି ଭାରତକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ନଭନିତ କୌରଙ୍କ ଗୋଲ ସହ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଖୁସିରେ ଝୁମି ଉଠିଥିଲେ। ଭାରତ ରବିବାର ପୁଣି ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ମ୍ୟାଚ ଖେଳିବ। ମ୍ୟାଚ ଶେଷରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ସୁନେଲିକା ଟପୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଆଜିର ମ୍ୟାଚ (ମହିଳା)**
ସ୍ପେନ ବନାମ ଜର୍ମାନୀ:
ସମୟ- ଅପରାହ୍ନ ୩ଟା ୧୫ ମିନିଟ।
ଭାରତ ବନାମ ଇଂଲଣ୍ଡ:
ସମୟ- ଅପରାହ୍ନ ୫ଟା ୧୫।
**ଆଜିର ମ୍ୟାଚ (ପୁରୁଷ)**
ଭାରତ ବନାମ ସ୍ପେନ୍
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ସ୍ପୋର୍ଟ୍ସ୧୮, ଷ୍ଟାର ସ୍ପୋର୍ଟ୍ସ



ଜର୍ମାନୀ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜର୍ମାନୀକୁ ହରାଇଲା ସ୍ପେନ୍

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ମହିଳା ବିଭାଗ ପ୍ରଥମ ମ୍ୟାଚରେ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ଜର୍ମାନୀକୁ ସ୍ପେନ୍ ୨-୧ ଗୋଲରେ ପରାସ୍ତ କରିଛି। ଏଫ୍‌ଆଇଏଚ୍ ର୍‍ୟାଙ୍କିଂରେ ଜର୍ମାନୀ ସମ୍ପ୍ରତି ୪ ଓ ସ୍ପେନ୍ ୮ ନମ୍ବର ସ୍ଥାନରେ ରହିଛି। ମାତ୍ର ଏଠାରେ ପ୍ରଭାବୀ ପ୍ରଦର୍ଶନ କରି ସ୍ପେନ୍ ବାଜି ମାରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରଥମ ଦୁଇ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ପ୍ରଥମାର୍ଦ୍ଧ ୦-୦ ସ୍ଥିତିରେ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୫ତମ ମିନିଟରେ ସ୍ପେନ୍‌ର ଇସ୍ତେଲ ପେଚାମି ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଅଳ୍ପ କିଛିକ୍ଷଣ ଥିବାବେଳେ ଜର୍ମାନୀର ସୋଫିଆ ସ୍ୱାବେ ୪୪ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ସ୍ୱାଭାବିକ ଭାବେ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ବେଶ୍ ରୋମାଞ୍ଚକ ରହିଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ପକ୍ଷ ଜୋରଦାର ଉଦ୍ୟମ କରିଥିବାବେଳେ ଶେଷ କ୍ଷଣରେ ଅର୍ଥାତ୍ ୫୯ତମ ମିନିଟରେ ଆଗୁଲୋ ବେର୍ଟା ଏକ ଫିଲ୍ଡ ଗୋଲ ଦେଇ ସ୍ପେନ୍‌କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ମ୍ୟାଚରେ ଜର୍ମାନୀ ଗୋଟିଏ ମାତ୍ର ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିବାବେଳେ ସ୍ପେନ୍ ୪ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଏଥିରେ ଗୋଟିଏ ହେଲେ ଗୋଲ ହୋଇପାରି ନ ଥିଲା। ୪ ମ୍ୟାଚରୁ ସ୍ପେନ୍‌ର ଏହା ପ୍ରଥମ ବିଜୟ ହୋଇଥିବାବେଳେ ଜର୍ମାନୀ ସମାନ ସଂଖ୍ୟକ ମ୍ୟାଚ ଖେଳି ଦ୍ୱିତୀୟ ପରାଜୟ ବରଣ କରିଛି।

# ଟିକେଟ ସୋଲ୍ଡ ଆଉଟ, ଗ୍ୟାଲେରି ଫାଙ୍କା

**କଳିଙ୍ଗ କର୍ନର**

**ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ହକି ଇଣ୍ଡିଆ ପକ୍ଷରୁ ଟିକେଟ ଫ୍ରି କରାଯାଇଥିଲା। ଦର୍ଶକମାନେ ଅନ୍‌ଲାଇନରେ ଟିକେଟ କିଣି ଏହାକୁ ଷ୍ଟାଡିୟମ ନିକଟରେ ଥିବା କାଉଣ୍ଟରରେ ଦେଖାଇ ଅସଲ ଟିକେଟ ଆଣି ପାରିବେ ବୋଲି କୁହାଯାଇଥିଲା। ଶନିବାର ମ୍ୟାଚ ପାଇଁ ଶୁକ୍ରବାର ଅନ୍‌ଲାଇନରେ ଟିକେଟ ସୋଲ୍ଡ ଆଉଟ ଦେଖାଇଥିଲା। ମାତ୍ର ମ୍ୟାଚ ସମୟରେ ୪ଟି ଯାକ ଗ୍ୟାଲେରିର ଅଧିକାଂଶ ଭାଗ ଫାଙ୍କା ରହିଥିବା ପରିଲକ୍ଷିତ ହୋଇଥିଲା। ଅନ୍‌ଲାଇନରେ ମାଗଣାରେ ଟିକେଟ ଉପଲବ୍ଧ ହେଉଥିବାରୁ ଦର୍ଶକମାନେ ଏକାଧିକ ଟିକେଟ କିଣି ଦେଇ ପରେ ଷ୍ଟାଡିୟମକୁ ସମ୍ଭବତଃ ଆସି ନ ଥିଲେ। ଭାରତ-ଇଂଲଣ୍ଡ ମହିଳା ହକି ମ୍ୟାଚ ବେଳେ ଇଷ୍ଟ ଗ୍ୟାଲେରିରେ କିଛି ସ୍କୁଲ ପିଲାଙ୍କୁ ଦେଖିବାକୁ ମିଳିଥିଲା। ପ୍ରଥମ ଦିବସ ହୋଇଥିବାରୁ ଅଧିକ ସଂଖ୍ୟାରେ ସ୍କୁଲ ପିଲା ସମ୍ଭବତଃ ଆସି ନ ଥିଲେ ବୋଲି ମଧ୍ୟ ଆଲୋଚନା ହେଉଥିଲା। ତେବେ ଯେତିକି ସଂଖ୍ୟାରେ ବି ଦର୍ଶକ ଉପସ୍ଥିତ ଥିଲେ ଭାରତୀୟ ଦଳର ମ୍ୟାଚକୁ ଖୁବ୍ ମନଭରି ଉପଭୋଗ କରିଥିଲେ।

# ପୁରୁଷ ଦଳ ପରାସ୍ତ

**ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)**

ଭାରତୀୟ ପୁରୁଷ ହକି ଦଳର ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ଅଭିଯାନ ଭଲରେ ଆରମ୍ଭ ହୋଇନାହିଁ। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ଭାରତ ୧-୩ ଗୋଲରେ ସ୍ପେନ୍ ନିକଟରୁ ହାରି ଯାଇଛି। ଫଳରେ ପରାଜୟ ସହ ଭାରତର ଅଭିଯାନ ଆରମ୍ଭ ହୋଇଛି। ମ୍ୟାଚ ଆରମ୍ଭରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଉପସ୍ଥିତ ଥିଲେ। ଏହି ସମୟରେ ଭାରତୀୟ ଖେଳାଳିମାନେ ଉଭୟ ଅତିଥିଙ୍କୁ ହକି ଷ୍ଟିକ୍ ଦେଇଥିଲେ। ପ୍ରଥମ ଉପମୁଖ୍ୟମନ୍ତ୍ରୀ ଓ ପରେ କ୍ରୀଡ଼ାମନ୍ତ୍ରୀ ଏହି ଷ୍ଟିକ୍ ସହାୟତାରେ ବଲ୍ ଗଡ଼ାଇଥିଲେ। ଏହାପରେ ହକି ଇଣ୍ଡିଆ ପକ୍ଷରୁ କନକ ବର୍ଦ୍ଧନ ଓ ସୂର୍ଯ୍ୟବଂଶୀଙ୍କୁ ଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା। ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଲଢ଼େଇ ଜୋରଦାର ଥିଲେ ମଧ୍ୟ କୌଣସି ଦଳର ଖେଳାଳି ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଘଟଣା ବହୁଳ ରହିଥିଲା। ୩୪ତମ ମିନିଟରେ ସୁଖଜିତ ସିଂ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ମାତ୍ର ଭାରତୀୟ ଦଳର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୩ ମିନିଟ ପରେ ୨୮ତମ ମିନିଟରେ ଭାରତୀୟ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ବୋର୍ଜା ଲାସାଲେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ପଲ୍ କୋବ୍ରେ ଭେର୍ଡେଲ ଚତୁରତାର ସହ ଲାସାଲେଙ୍କ ନିକଟକୁ ବଲ୍ ବଢ଼ାଇ ଦେଇଥିଲେ। ଲାସାଲେଙ୍କ ଷ୍ଟିକ୍ ବାଜି ବଲ୍ ଭାରତୀୟ ଗୋଲପୋଷ୍ଟରେ ପ୍ରବେଶ କରିଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷରେ ସ୍କୋର ୧-୧ ରହିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ପେନାଲ୍ଟି କର୍ନର ପାଇଥିଲେ। ମାତ୍ର ସ୍ପେନ୍‌ର ଇଗ୍ନାସିଓ କୋବୋସ ୩୮ତମ ମିନିଟରେ ଗୋଲ ଦେଇ ସ୍ପେନ୍‌କୁ ଆଗୁଆ କରିଥିଲେ। ୪୭ତମ ମିନିଟରେ ଗୋଲ ପରିଶୋଧ ପାଇଁ ବଡ଼ ସୁଯୋଗ ଆସିଥିଲା। ମାତ୍ର ପେନାଲ୍ଟି କର୍ନରରୁ ଅଧିନାୟକ ହରମନପ୍ରୀତ ସିଂ ମାରିଥିବା ଶଟ୍‌ର ଦମ୍ ନ ଥିଲା। ମ୍ୟାଚ ଶେଷ ହେବାପାଇଁ ୪ ମିନିଟ ବାକି ଥିବାବେଳେ ସ୍ପେନ୍‌କୁ ମିଳିଥିବା ପେନାଲ୍ଟି କର୍ନରକୁ ଆଭିଲା ବ୍ରୁନୋ ଗୋଲରେ ପରିଣତ କରିବାରୁ ଭାରତ ପରାଜୟ ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ଉନ୍ନତ ପ୍ରଦର୍ଶନ ପାଇଁ ସ୍ପେନର ଗେରାଡ କ୍ଲାପେସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଜାନିକ ସିନରଙ୍କୁ ୩ ମାସ ବାସନ୍ଦ

**ଲଣ୍ଡନ, ୧୫।୨(ଏପି)**

ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି (ୱାଡା) ସହିତ ଆପୋସ ବୁଝାମଣା ପରେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ଜାନିକ ସିନରଙ୍କୁ ୩ ମାସ ବାସନ୍ଦ କରାଯାଇଛି। ସିନର ଦୁଇଥର ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ସିନରଙ୍କୁ ଅତିକମ୍‌ରେ ଏକ ବର୍ଷ ବାସନ୍ଦ କରିବା ଲାଗି ୱାଡା ଚାହୁଁଥିଲା।

# ରାମେଶ୍ୱର-ବାପୁଜୀ ଫାଇନାଲ

**ଭୁବନେଶ୍ୱର, ୧୫।୨ (ବିଜୟ ରଣା)**

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୮ମ ନବ ଦାଶ ଏବଂ ୪ର୍ଥ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ଟି ସେମିଫାଇନାଲ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ଓ ବାପୁଜୀ କ୍ରିକେଟ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ସେମିଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୬୦ ରନ କରିଥିଲା। ଦଳ ପକ୍ଷରୁ ସାରାଂଶ କୁମାର ୨୧ ବଲ୍‌ରୁ ୩୧ (୩ ଚୌକା, ୧ ଛକା) କରିଥିଲେ। ବିପକ୍ଷ ଦଳର ବସନ୍ତ ମହାନ୍ତି ତାଙ୍କ ୪ ଓଭର ବୋଲିଂରେ ୨୪ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୮.୩ ଓଭରରେ ୧୨୦ ରନ କରି ଅଲଆଉଟ ହୋଇଯାଇଥିଲା। ଆୟୁଷ କୁମାର ବାରିକ ୪୧ ରନ (୨୯ ବଲ୍, ୩ ଚୌକା ୩ ଛକା) କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୫ ବଲ୍‌ରେ ୧୨ ରନ କରିବା ସହ ତାଙ୍କ ୪ ଓଭର ବୋଲିଂରେ ୨୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୨୧୬ ରନ କରିଥିଲା। ଅଧିନାୟକ ସିଦ୍ଧାନ୍ତ କୁମାର ଜେନା ୬୩ ବଲ୍‌ରୁ ୧୦୩ ରନ (୮ ଚୌକା ଓ ୯ ଛକା) କରିଥିବାବେଳେ କ୍ଷମାସାଗର ବଳ ୨୭ ବଲ୍‌ରୁ ୫୫ ରନ କରିଥିଲେ। ବିପକ୍ଷ କଟକ ୟୁନିୟନ ସ୍ପୋର୍ଟିଂ ଦଳର ଜ୍ୟୋତିରଞ୍ଜନ ଦଳାଇ ତାଙ୍କ ୪ ଓଭର ବୋଲିଂରେ ୩୩ ରନ ଦେଇ ୨ ଉଇକେଟ ନେଇଥିଲେ। ୨୧୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୦.୫ ଓଭରରେ ମାତ୍ର ୫୮ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ବିନାୟକ ସାହୁ ୧୭ ରନ କରିଥିଲେ। ବାପୁଜୀ ଦଳର ମନୋଜ କୁମାର ବାରିକ ତାଙ୍କ ୩ ଓଭର ବୋଲିଂରେ ୨୪ ରନ ଦେଇ ୩ଉଇକେଟ ନେଇଥିବା ବେଳେ ଅତୁଲ ୧.୫ ଓଭର ବୋଲିଂ କରି ମାତ୍ର ୨ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ସିଦ୍ଧାନ୍ତ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# କାନାରା ବ୍ୟାଙ୍କକୁ ହରାଇ ସାପିଏନ୍ସ ଫାଇନାଲରେ

**ଟିଲୋ କପ୍**

**ବନ୍ତ, ୧୫।୨ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ଟିଲୋ କପ୍‌ର ୯ମ ଦିନର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାନାରା ବ୍ୟାଙ୍କ ବେଙ୍ଗାଲୁରୁକୁ ହରାଇ ଗୁରୁଗାଁଓ ସାପିଏନ୍ସ ଫାଇନାଲରେ ପ୍ରବେଶ କରିଛି। ସାପିଏନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଦଳ ପକ୍ଷରୁ ଶିବା ସିଂହ ୮୦ ଓ ଶୁଭମ୍ ଗରିୱାଲ ୨୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦୀପରାଜ ଗାଁଓକର ୨ ଉଇକେଟ୍ ନେଇଥିଲେ। ୧୭୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ କାନାରା ବ୍ୟାଙ୍କ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଭରତ ଚିପଲି ୫୭ ଓ କେଭି ସିଦ୍ଧାର୍ଥ ୩୯ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ମୟାଙ୍କ ରାୱତ୍ ୨ ଉଇକେଟ ନେଇଥିଲେ। ସାପିଏନ୍ସ ୭ ରନ୍‌ରେ ବିଜୟୀ ହୋଇଥିଲା। ସାପିଏନ୍ସର ଶିବା ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ପ୍ରଶାନ୍ତ ପୃଷ୍ଟି, ଲଣ୍ଡନସ୍ଥିତ ପ୍ରବାସୀ ଭାରତୀୟ ଇଂ. ତରୁଣ ଦାସ, ଯୁବନେତା ହୃଦୟ ରଞ୍ଜନ ମହାପାତ୍ର, ଓଡ଼ଙ୍ଗ ସରପଞ୍ଚ ପ୍ରତିନିଧି ଚିନ୍ମୟ ଦାସ, ଇଂ.ପ୍ରସନ୍ନଜିତ୍ ରାଜ, ରମାକାନ୍ତ ପାଣିଗ୍ରାହୀ, ଶଙ୍କର୍ଷଣ ଧଳ ଓ ଅନିନ୍ଦିତା ଜେନା ଯୋଗ ଦେଇଥିଲେ। ଅତିଥିମାନେ ଗଣିଜାଙ୍ଗ ଏକାଡେମିକ୍ ସ୍କୁଲ ପ୍ରଦତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ଦୁବାଇରେ ଭାରତୀୟ କ୍ରିକେଟ ଦଳ

**ଚାମ୍ପିୟନ୍ସ ଟ୍ରଫି**

**ମୁମ୍ବାଇ, ୧୫।୨ (ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଶନିବାର ସ୍ଥାନୀୟ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିମାନ ଯୋଗେ ଦୁବାଇରେ ପହଞ୍ଚିଛନ୍ତି। ଅଧିନାୟକ ରୋହିତ ଶର୍ମା, ଉପଅଧିନାୟକ ଶୁବମନ ଗିଲ୍ ଏବଂ ଷ୍ଟାର ବ୍ୟାଟର ବିରାଟ କୋହଲି ଏବଂ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଦଳର ଅଧିକାଂଶ ସଦସ୍ୟ ଟିମ୍ ବସ୍ ଯୋଗେ ବିମାନ ବନ୍ଦରରେ ପହଞ୍ଚିଥିଲେ। ଦଳକୁ ବିଦାୟ ଜଣାଇବା ଲାଗି ବହୁ ଖେଳାଳି ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସେମାନଙ୍କ ପ୍ରିୟ ଖେଳାଳିଙ୍କଠାରୁ ଅଟୋଗ୍ରାଫ୍ ନେଇଥିଲେ। ଗତ ଜୁନ୍‌ରେ ଟି୨୦ ବିଶ୍ୱକପ୍ ଜିତିଥିବା ଭାରତ ଆଉ ଏକ ବିଶ୍ୱକପ୍ ଟ୍ରଫି ଜିତିବା ଲାଗି ଆଶା ରଖିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ବିନା ଭାରତ ଦୁବାଇରେ ଫେବୃଆରୀ ୨୦ରେ ବାଂଲାଦେଶକୁ ଭେଟି ଏହାର ଅଭିଯାନ ଆରମ୍ଭ କରିବ। ପରେ ଫେବୃଆରୀ ୨୩ରେ ଦଳ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ମାର୍ଚ୍ଚ ୨ରେ ଦଳ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ନିକଟରେ ଇଂଲଣ୍ଡ ବିପକ୍ଷରେ ୩-୦ରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବିଜୟ ପରେ ଭାରତର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଚାମ୍ପିୟନ୍ସ ଟ୍ରଫିରେ ଭାରତ ରୋହିତ ଓ କୋହଲିଙ୍କଠାରୁ କିଛି ରନ ଆଶା କରୁଛି। ଟେଷ୍ଟ କ୍ରିକେଟରେ ବାରମ୍ବାର ବିଫଳ ହେବାରୁ ଦୁଇ ବ୍ୟାଟରଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ତେବେ ନିକଟରେ ସେମାନେ ତାହାର ଜବାବ ଦେଇଛନ୍ତି। ଇଂଲଣ୍ଡ ବିପକ୍ଷ କଟକ ଅନ୍ତର୍ଜାତୀୟ ଦିନିକିଆରେ ରୋହିତ ୯୦ ବଲ୍‌ରୁ ଚମତ୍କାର ୧୧୯ ରନ କରିଛନ୍ତି। ଅହମଦାବାଦରେ କୋହଲି ତାଙ୍କର ୭୩ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଥିଯୋଗୁ ଦୁଇ ବ୍ୟାଟରଙ୍କୁ ହୁଏତ ସାମୟିକ ଆଶ୍ୱସ୍ତି ମିଳିଥାଇପାରେ, ହେଲେ ଚାମ୍ପିୟନ୍ସ ଟ୍ରଫିରେ ସେମାନଙ୍କ ପ୍ରଦର୍ଶନ ସେମାନଙ୍କ କ୍ରିକେଟ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ(ଚକ୍ର) ଜୁନ୍‌ରୁ ଆରମ୍ଭ ହେବ। ଏଥିରୁ ୨୦୨୭ରେ ହେବାକୁଥିବା ୫୦ ଓଭର ବିଶ୍ୱକପ୍ ପାଇଁ ଏକ ଦଳ ଗଢିବାକୁ ହେବ। ତେଣୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ ପ୍ୟାନେଲ ଦୁବାଇରେ ଏହି ଦୁଇ ଭେଟେରାନ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବ। ଅନ୍ତର୍ଜାତୀୟ ଦିନିକିଆ ଇତିହାସରେ ୧୪,୦୦୦ ରନ ପୂରଣ କରିବାରେ ତୃତୀୟ ବ୍ୟାଟର ହେବାର ଗୌରବ ଅର୍ଜନ କରିବା ଲାଗି କୋହଲି ଆଉ ମାତ୍ର ୩୭ରନ ଆବଶ୍ୟକ କରୁଛନ୍ତି। ସେହିପରି ରୋହିତ ଆଉ ମାତ୍ର ୧୨ ରନ କରିପାରିଲେ ୧୧,୦୦୦ ରନ ପୂରଣ କରିବାରେ ୧୦ମ ବ୍ୟାଟର ହେବେ। କିନ୍ତୁ ଟ୍ରଫି ହାସଲ ବିନା ଏହି ରେକର୍ଡର ମୂଲ୍ୟ ଖାସ୍ ରହିବ ନାହିଁ। ଅନ୍ୟପକ୍ଷରେ ଯୁବ ଖେଳାଳିଙ୍କ ଲାଗି ଏହି ଟୁର୍ନାମେଣ୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯୁବ ବ୍ୟାଟର ଗିଲ୍‌ଙ୍କୁ ବଡ଼ ପଦୋନ୍ନତି ଦିଆଯାଇ ତାଙ୍କୁ ଉପ ଅଧିନାୟକ କରାଯାଇଛି, ଯାହାଙ୍କର କି ଏହି ଫର୍ମାଟରେ ଆଭରେଜ ପାଖାପାଖି ୬୧ ରହିଛି। ଚାମ୍ପିୟନ୍ସ ଟ୍ରଫିରେ ତାଙ୍କ ପ୍ରଦର୍ଶନ କିପରି ରହୁଛି ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଇଞ୍ଜୁରୀ ପାଇଁ ବୁମ୍‌ରାଙ୍କ ଅନୁପସ୍ଥିତି ଅର୍ଶଦୀପ ସିଂ ଓ ହର୍ଷିତ ରାଣାଙ୍କ ଭଳି ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଦଳର ଅନ୍ୟତମ ବଡ଼ ଅସ୍ତ୍ର ବୋଲି ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ରମାଣ କରି ଦେଖାଇବାକୁ ପଡ଼ିବ।


ଦୁବାଇ ଯିବା ପୂର୍ବରୁ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ